# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ବିକାଶମୂଳକ କାର୍ଯ୍ୟର କଲେ ଉଦ୍‌ଘାଟନ |୬



ବଢ଼ପଣ ଦେଖାଇଲେ ଅନୀତା ହସନନ୍ଦିନୀ |୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୩୩ Vol. 22 No-133 12 AUGUST 2025 TUESDAY, BHUBANESWAR ମଙ୍ଗଳବାର, ୧୨ ଅଗଷ୍ଟ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

# ଲୋକଙ୍କ ସେବାରେ ସମର୍ପିତ ସରକାର



**ସରକାରଙ୍କ ପ୍ରତି ଲୋକଙ୍କ ଭରସା ବଢ଼ିଛି**

**ମୋଟ ଅଭିଯୋଗର ୮୮% ସମାଧାନ**

**୮ ମନ୍ତ୍ରୀ, ସଚିବ ଶୁଣିଲେ ଅଭିଯୋଗ**

ଭୁବନେଶ୍ୱର,୧୧।୮(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଆଜି ଥିଲା ୧୪ତମ ପାଳି। ଆଜି ଭୁବନେଶ୍ୱର ୟୁନିଟ-୨ ଠାରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ମନ୍ତ୍ରିମଣ୍ଡଳର ବରିଷ୍ଠ ମନ୍ତ୍ରୀଗଣ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିୟମିତ ଅଭିଯୋଗ ଶୁଣାଣି ଯୋଗୁ ବିଭିନ୍ନ କାରଣରୁ ସମସ୍ୟାରେ ଥିବା ଲୋକମାନେ ଆଶା ଓ ଭରସା ନେଇ ଆସୁଛନ୍ତି ଏବଂ ସେମାନଙ୍କ ସମସ୍ୟାର ସମାଧାନ ମଧ୍ୟ କରାଯାଉଛି। ଗତ ୧୩ଟି ପାଳିରେ ଗ୍ରହଣ କରାଯାଇଥିବା ୧୨,୨୫୨ଟି ଅଭିଯୋଗ ମଧ୍ୟରୁ ୧୦,୮୦୭ଟି ଅଭିଯୋଗର ସମାଧାନ କରାଯାଇଛି । ଯାହା ଶତକଡ଼ା ୮୮ ପ୍ରତିଶତ ଅଟେ । ବାକି ଅଭିଯୋଗ ଗୁଡ଼ିକ ପ୍ରକ୍ରିୟା ମଧ୍ୟରେ ରହିଛି । ଲୋକଙ୍କ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିୟମିତ ପ୍ରୟାସ ଯୋଗୁ ସରକାରଙ୍କ ପ୍ରତି ଲୋକଙ୍କ ଆସ୍ଥା ବୃଦ୍ଧି ପାଇଛି। ପ୍ରତିଥର ଭଳି ମୁଖ୍ୟମନ୍ତ୍ରୀ ପୂର୍ବାହ୍ନରେ ପ୍ରଥମେ ଆସି ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ବାହାରେ ଅପେକ୍ଷା କରିଥିବା ଦିବ୍ୟାଙ୍ଗ ଓ ଜଟିଳ ରୋଗରେ ପୀଡ଼ିତ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ • ପୃଷ୍ଠା ୫ ଦେଖନ୍ତୁ

## ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦେଉଛୁ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୧।୮(ଭାସ୍କର ନ୍ୟୁଜ): ଲୋକଙ୍କ ସେବାରେ ସମର୍ପିତ ଲୋକଙ୍କ ସରକାର । ପ୍ରଥମ ଦିନରୁ ନେଇ ଆଜି ପର୍ଯ୍ୟନ୍ତ ମୁଁ ସବୁବେଳେ ସାଧାରଣ ଲୋକଙ୍କ ସୁଖ ଦୁଃଖ ଶୁଣିବା ଏବଂ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେଇଆସୁଛି । ଆମ ସରକାରରେ ସରକାର ଓ ପ୍ରଶାସନ ଜନତାଙ୍କ ପାଇଁ ଅପହଞ୍ଚ ନୁହେଁ, ଆମେ ସରକାରଙ୍କୁ ଲୋକଙ୍କ ପାଖରେ ପହଞ୍ଚାଇଛୁ। ଗତ ୧୩ଟି ପାଳିରେ ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରୁ ଶତକଡ଼ା ୮୮ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଛି । ବାକି ଅଭିଯୋଗ ଗୁଡ଼ିକ ସମାଧାନ ପ୍ରକ୍ରିୟା ମଧ୍ୟରେ ରହିଛି । ଏହି ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ରାଜ୍ୟସ୍ତର ସହିତ ଜିଲ୍ଲାସ୍ତରରେ ମଧ୍ୟ ଅନୁଷ୍ଠିତ ହେଉଛି । ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଜରିଆରେ ଅନେକ ଲୋକଙ୍କର ବର୍ଷ ବର୍ଷ ଧରି ପଡ଼ି ରହିଥିବା ସମସ୍ୟାର ତ୍ୱରିତ ସମାଧାନ ହୋଇପାରୁଛି। ଏହି କ୍ରମରେ ଆଜି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ୧୪ତମ ପାଳିରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକମାନଙ୍କ ଅଭିଯୋଗ ଶୁଣିବା ସହ ତ୍ୱରିତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ।

## ଭୋଟ ଚୋରି ବିରୋଧରେ ବିରୋଧୀଙ୍କ ଶକ୍ତି ପ୍ରଦର୍ଶନ

# ସଂସଦରୁ ସଡ଼କ ଯାଏ ବିକ୍ଷୋଭ



**ରାହୁଲ, ପ୍ରିୟଙ୍କାଙ୍କ ସମେତ ଶତାଧିକ ନେତା ଗିରଫ**

ନୂଆଦିଲ୍ଲୀ,୧୧।୮: ଭୋଟ ଚୋରି ଅଭିଯୋଗରେ ବିରୋଧୀଙ୍କ ହଲ୍ଲାବୋଲ। ସୋମବାର ଇଣ୍ଡି ମେଣ୍ଟର ସମସ୍ତ ସହଯୋଗୀ ଦଳ ରାସ୍ତାକୁ ଓହ୍ଲାଇ ଜୋରଦାର ବିକ୍ଷୋଭ ପ୍ରଦର୍ଶନ ସହ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ବିହାରରେ ଏସଆଇଆର ବା ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ଏବଂ ୨୦୨୪ ଲୋକସଭା ନିର୍ବାଚନରେ ଭୋଟ ଚୋରି ଅଭିଯୋଗକୁ ନେଇ ଏହି ଶୋଭାଯାତ୍ରା କରାଯାଇଥିଲା। ନେତାମାନେ ଜାତୀୟ ସଂଗୀତ ଗାନ କରି ଶୋଭାଯାତ୍ରା ଆରମ୍ଭ କରିଥିଲେ। ଦେଶରେ ଏବେ ଏହି ପ୍ରସଙ୍ଗକୁ ନେଇ ରାଜନୈତିକ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି। ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ଭୋଟର ତାଲିକାରେ ଥିବା ତ୍ରୁଟିକୁ ନେଇ ଗୁରୁତର ଅଭିଯୋଗ କରିଛନ୍ତି। ସୋମବାର ବିରୋଧୀ ସାଂସଦମାନେ ସଂସଦର ମକରଦ୍ୱାରଠାରୁ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପ୍ରତିବାଦ କରିଥିଲେ। ଏହି ସମୟରେ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀଙ୍କ ସମେତ ଶତାଧିକ • ପୃଷ୍ଠା ୫ ଦେଖନ୍ତୁ

## ଭୋଟବ୍ୟାଙ୍କ ରାଜନୀତିରେ ଲିପ୍ତ କଂଗ୍ରେସ: ଧର୍ମେନ୍ଦ୍ର

ନୂଆଦିଲ୍ଲୀ,୧୧।୮: କଂଗ୍ରେସ ଦଳ ଏବଂ ଏହାର ସହଯୋଗୀମାନେ କେବଳ ଭୋଟ ବ୍ୟାଙ୍କ ରାଜନୀତିରେ ଲିପ୍ତ । ଅନୁପ୍ରବେଶକାରୀଙ୍କୁ ଭୋଟର୍ କରି ସେମାନେ ନିଜର ରାଜନୈତିକ ରୁଟି ସେକିବାକୁ ଚାହୁଁଛନ୍ତି ବୋଲି ସୋମବାର ନୂଆଦିଲ୍ଲୀ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ରାହୁଲ ଗାନ୍ଧୀ, କଂଗ୍ରେସ ଏବଂ ଇଣ୍ଡି ଗଠବନ୍ଧନ ଉପରେ କଠୋର ଜବାବ ଦେଇଛନ୍ତି ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଯେଉଁମାନେ ସମ୍ବିଧାନର ଦ୍ୱାହି ଦିଅନ୍ତି, ସେମାନେ ଆଜି ସମ୍ବିଧାନର ମୂଳ ପ୍ରତିଷ୍ଠାନଗୁଡ଼ିକୁ ଦୁର୍ବଳ କରିବାକୁ ଷଡ଼ଯନ୍ତ୍ର ରଚୁଛନ୍ତି । ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଦଳ ନିର୍ବାଚନ କମିଶନ ଭଳି ଏକ ନିରପେକ୍ଷ ସଂସ୍ଥା ଉପରେ ଭିତ୍ତିହୀନ ଅଭିଯୋଗ • ପୃଷ୍ଠା ୫ ଦେଖନ୍ତୁ




## ସଂକ୍ଷେପରେ...

### ଏୟାର ଇଣ୍ଡିଆ ବିମାନର ଜରୁରି ଅବତରଣ

ଚେନ୍ନାଇ,୧୧।୮: ଥିରୁବନନ୍ତପୁରମରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରୁଥିବା ଏୟାର ଇଣ୍ଡିଆର ଏକ ବିମାନକୁ ଚେନ୍ନାଇରେ ଜରୁରି ଅବତରଣ କରାଯାଇଛି। ଯାନ୍ତ୍ରିକ ତ୍ରୁଟି ଓ ଖରାପ ପାଗ ଯୋଗୁ ଏହି ଜରୁରି ଅବତରଣ କରାଯାଇଥିବା ସୂଚନା ମିଳିଛି। ଏହି ବିମାନଟିରେ ୫ ସାଂସଦଙ୍କ ସମେତ ୧୦୦ରୁ ଅଧିକ ଯାତ୍ରୀ ରହିଥିଲେ।

### ହାତୀ ଭାଙ୍ଗିଲେ ୪ ଘର

କରଞ୍ଜିଆ,୧୧।୮(ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଅଞ୍ଚଳରେ ୩୦ଟିକିଆ ହାତୀପଲର ଉପଦ୍ରବ ବୃଦ୍ଧି ପାଇଛି। ରବିବାର ରାତିରେ ଏହି ହାତୀପଲ ୪ଟି ଘର ଭାଙ୍ଗିବା ସହ ଏକର ଏକର ଜମିରେ ଧାନ ଫସଲ ନଷ୍ଟ କରିଛନ୍ତି। ଏ ନେଇ ଚାଷୀମାନେ ବନବିଭାଗ ନିକଟରେ ଫେରାଦ ହୋଇଛନ୍ତି।

### ପତ୍ନୀଙ୍କୁ କଟୁରୀରେ ହାଣି ହତ୍ୟା

ମୋହନା,୧୧।୮(ଭାସ୍କର ନ୍ୟୁଜ): ପାରିବାରିକ କଳହକୁ କେନ୍ଦ୍ରକରି ସୋମବାର ସକାଳେ ଗଜପତି ଜିଲ୍ଲା ମୋହନା ଥାନା କୁଙ୍କୁଣୀ ଗାଁରେ ସ୍ୱାମୀ ପତ୍ନୀଙ୍କୁ କଟୁରୀରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ସ୍ୱାମୀକୁ ଅଟକ ରଖିଛି।

### ପୁଣି ବଳଦ ଦଣ୍ଡ


କୋରାପୁଟ,୧୧।୮(ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ଚିଡ଼ିଗୁଲାସା ଗାଁରେ ସମ୍ପର୍କୀୟ ଭାଇ-ଭଉଣୀ ବିବାହ ପାଇଁ ନିଷ୍ପତ୍ତି ନେଇଥିବାରୁ ଗ୍ରାମବାସୀ ଉଭୟଙ୍କୁ ଗାଁ ଦାଣ୍ଡରେ ବଳଦ କରି ହଳ କରିଥିବା ଅଭିଯୋଗ ହୋଇଛି। ତେବେ ଗ୍ରାମବାସୀ କହିଛନ୍ତି ଯେ ଭାଇ-ଭଉଣୀ ବାହାହେବେ ବୋଲି ଶୁଦ୍ଧି ନାମରେ ସେମାନଙ୍କୁ ଏହି ଶାସ୍ତି ପ୍ରଦାନ କରାଯାଇଛି।

ସେନ୍‌ସେକ୍ସ: ୮୦,୬୦୪.୦୮

ସର୍ବାଧିକ: ୩୩.୨ ଡିଗ୍ରୀ
ସର୍ବନିମ୍ନ: ୨୭.୪ ଡିଗ୍ରୀ

**୧୧।୮।୨୦୨୫ ର ମତାମତ**

ନାରୀ ନିର୍ଯାତନା ରୋକିବା ପାଇଁ ସରକାର ଠୋସ୍ ପଦକ୍ଷେପ ନେବା ଉଚିତ୍ ନୁହେଁ କି?





**ଆଜିର ପ୍ରସଙ୍ଗ**

ବାରମ୍ବାର ଘଟୁଥିବା ନାବାଳିକା ଆତ୍ମାହୂତି ଘଟଣାକୁ ରୋକାଯାଇ ପାରିବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ଲୋକସଭାରେ ନୂତନ ଆୟକର ବିଲ୍ ପାରିତ



ନୂଆଦିଲ୍ଲୀ,୧୧।୮: ସୋମବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଲୋକସଭାରେ ଆଗତ କରାଯାଇଥିବା ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ବିନା କୌଣସି ବିତର୍କରେ ପାରିତ ହୋଇଛି। ଆୟକର ସହ ଜଡ଼ିତ ଦୁଇଟି ବିଲ୍ (ଆୟକର ସଂଖ୍ୟା-୨) ଓ ବିଧେୟକ ଏବଂ ଟିକସ ଆଇନ (ସଂଶୋଧନ) ବିଲ୍‌କୁ ପାରିତ କରାଯାଇଛି। ୬ ଦଶନ୍ଧି ଧରି ପୁରୁଣା ଆୟକର ଆଇନ ୧୯୬୧ର ସ୍ଥାନ ନେବାପାଇଁ ଏହି ବିଲ୍ ଆଗତ କରାଯାଇଥିଲା। ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗଠନ କରାଯାଇଥିବା ସଂସଦୀୟ ସିଲେକ୍ଟ କମିଟି ଏହି ନୂତନ ବିଲ୍ ଉପରେ ୨୮୫ଟି ପ୍ରସ୍ତାବ ରଖିଥିଲେ। ସମସ୍ତ ପ୍ରସ୍ତାବକୁ ଗ୍ରହଣ କରାଯାଇଛି। ୩୧ ଜଣିଆ ସିଲେକ୍ଟ କମିଟି ୪୫୭୫ ପୃଷ୍ଠାର ଡ୍ରାଫ୍ଟ ପ୍ରସ୍ତୁତ କରିଥିଲେ। ଆୟକର ସଂଖ୍ୟା-୨, ବିଧେୟକ-୨୦୨୫ ଆୟକର ଅଧିନିୟମ ୧୯୬୧ ସହ ଜଡ଼ିତ ଆଇନକୁ ଏକୀକୃତ ଓ ସଂଶୋଧିତ କରିବା ପାଇଁ ଏହା ପାରିତ ହୋଇଛି। ଅନ୍ୟପଟେ ଟିକସ ଆଇନ ସଂଶୋଧନ ବିଧେୟକ-୨୦୨୫, ଆୟକର ଅଧିନିୟମ-୧୯୬୧ ସହ ଆର୍ଥିକ ଅଧିନିୟମ-୨୦୨୫ରେ ସଂଶୋଧିତ ହୋଇଛି। ଏହି ବିଧେୟକକୁ ଧ୍ୱନି ମତରେ ପାରିତ କରାଯିବା ପରେ ଲୋକସଭାର ଗୃହକାର୍ଯ୍ୟକୁ ସ୍ଥଗିତ ରଖାଯାଇଥିଲା। ଏହି ସମୟରେ ବିରୋଧୀ ସଦସ୍ୟମାନେ ମତଦାନ ସୂଚୀରେ ସଂଶୋଧନକୁ ନେଇ ଜୋରଦାର ହଙ୍ଗାମା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ କେନ୍ଦ୍ର ସରକାର ଆୟକର ବିଲ୍-୨୦୨୫କୁ ପ୍ରତ୍ୟାହାର କରି ନେଇଥିଲେ। ୨୦୨୫ ଫେବୃଆରୀ ୧୩ ତାରିଖରେ ଲୋକସଭାରେ ୬ ଦଶନ୍ଧି ପୁରୁଣା ଆୟକର ଆଇନ ୧୯୬୧ର ସ୍ଥାନ ନେବାପାଇଁ ଏହି ବିଲ୍‌କୁ ଆଗତ କରାଯାଇଥିଲା। ନୂଆ ଆୟକର ବିଲ୍‌ର ଉଦ୍ଦେଶ୍ୟ ହେଉଛି ୨୯୮ ଧାରାର ଆୟକର ଆଇନ ୧୯୬୧କୁ ସରଳ ଭାଷାରେ ଲିଖିତ ଏକ ଆଧୁନିକ, କରଦାତା ଅନୁକୂଳ ଆଇନରେ ପରିଣତ କରିବା। ବର୍ତ୍ତମାନ ପ୍ରଚଳିତ ଆୟକର ବିଲ୍-୧୯୬୧ରେ ୨୯୮ ଧାରା, ୨୩ଟି ଚାପ୍ଟର ଏବଂ ୧୪ଟି ଅନୁସୂଚୀ ରହିଛି। ଏଥିରେ ମୋଟ ୮୮୦ ପୃଷ୍ଠା ରହିଥିଲା।

## ଆଖି ବୁଜିଲେ ଅର୍ଦ୍ଧଦଗ୍ଧ ନାବାଳିକା

# ପାରିବାରିକ କଳହ ଯୋଗୁ ଆତ୍ମହତ୍ୟା: ଆଇଜି



ବରଗଡ଼,୧୧।୮(ଭାସ୍କର ନ୍ୟୁଜ): ବରଗଡ଼ ଜିଲ୍ଲା ଗାଇସିଲଟ ଥାନା ଫିରିଙ୍ଗିମାଲରେ ସୋମବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ୧୩ ବର୍ଷୀୟା ଅଷ୍ଟମଶ୍ରେଣୀ ଛାତ୍ରୀ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବୁର୍ଲାସ୍ଥିତ ଭୀମସାରକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସମସ୍ତ ଉଦ୍ୟମ ସତ୍ତ୍ୱେ ପୀଡ଼ିତା ଆଖି ବୁଜିଛନ୍ତି। ତାଙ୍କ ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନଥିବାବେଳେ ଆଇଜି ହିମାଂଶୁ ଲାଲ କହିଛନ୍ତି ଯେ ଘଟଣାର ତଦନ୍ତ ଚାଲୁ ରହିଛି। ତେବେ ପାରିବାରିକ କଳହ ଯୋଗୁ ସେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି। ପୀଡ଼ିତାର ମାମୁ ଝିଅ ପଚରାଉଚୁରା ବେଳେ ଅସୁସ୍ଥ ହୋଇପଡ଼ିଥିବା ଶ୍ରୀ ଲାଲ ସୂଚନା ଦେଇଛନ୍ତି। ସେ କହିଛନ୍ତି, ପୀଡ଼ିତାଙ୍କ ବାପା ବାହାରେ ଦାଦନ ଖଟୁଥିବାବେଳେ ପୀଡ଼ିତା ମାମୁଘରେ ରହି ପାଠ ପଢ଼ୁଥିଲେ। ତେବେ ସ୍କୁଲ ଯିବା ଓ ମେଡ଼ିକାଲ ଯିବା ନେଇ ଘରେ ଝଗଡ଼ା ହେବା ପରେ ପୀଡ଼ିତା ଏହି ପଦକ୍ଷେପ ନେଇଥିବା ସେ କହିଛନ୍ତି। ତଥାପି ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ଶ୍ରୀ ଲାଲ ସୂଚନା ଦେଇଛନ୍ତି। ଏହି ଘଟଣାରେ ଗାଇସିଲଟ ପୋଲିସ ମୃତା ପୀଡ଼ିତାଙ୍କ ସଂପର୍କୀୟ ଅଜା ଓ ଜଣେ ଦୋକାନୀଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସୂଚନାଯୋଗ୍ୟ ଯେ ସୋମବାର ସକାଳେ ଫିରିଙ୍ଗିମାଲ ନିକଟ ଫୁଟବଲ ପଡ଼ିଆରୁ ଏହି ନାବାଳିକାଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ବରଗଡ଼ ଚିକିତ୍ସାଳୟକୁ ନିଆଯାଇଥିଲା। ତାଙ୍କ ଶରୀର ସଂପୂର୍ଣ୍ଣ ପୋଡ଼ି ଯାଇଥିଲା ଓ ଅବସ୍ଥା ସଂକଟାପନ୍ନ ମଧ୍ୟ ରହିଥିଲା। ବାଲେଶ୍ୱର, ପୁରୀର ବଳଙ୍ଗା ଓ କେନ୍ଦ୍ରାପଡ଼ାର କାଠିଆପଡ଼ା ଘଟଣା ପରେ ଏହି ନାବାଳିକାଙ୍କ ଆତ୍ମହତ୍ୟା ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି।

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ଭୋଅଟ ଚୋରିକୁ ନେଇ ହଲ୍ଲାବୁଲା
କମ୍ପୁଅଛି ଦିଲ୍ଲୀ ସହର
ଇସି ମହୋଦୟ ଖେଳ ଦେଖୁଛନ୍ତି
ଦୋଷ ଏଠି କହ କାହାର?
ବିଜେପି-କଂଗ୍ରେସ ଆହାର
ଦୁଇ ଦଳ ମଧ୍ୟେ ବିବାଦ ଲାଗିଛି
ଲୋକେ ପାଳଟନ୍ତି ମୋହର...।




ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





କେନ୍ଦୁଝର, (ଭାସ୍କର ନ୍ୟୁଜ) : ସ୍ଥାନୀୟ କଲେଜରୋଡ଼ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର, ବଣିଆପାଟରେ କେନ୍ଦୁଝର ସଂକୁଳର ଜ୍ଞାନବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି । ଉଦ୍ଘାଟନ ଉତ୍ସବକୁ ଦଧିବାମନ ମହାବିଦ୍ୟାଳୟ, ତୁରୁମୁଙ୍ଗାର ପ୍ରାଣୀ ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ପ୍ରଧାପକ ଡକ୍ଟରକୁଳମଣି ପ୍ରଧାନ ଦ୍ୱୀପପ୍ରଜ୍ୱଳନ କରି ବର୍ତ୍ତମାନ ଯୁଗରେ ବିଜ୍ଞାନର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ।ଏହି ଜ୍ଞାନବିଜ୍ଞାନମେଳାରେ କେନ୍ଦୁଝର ସଂକୁଳ ଅନ୍ତର୍ଗତ କେନ୍ଦୁଝରଗଡ, ବଣିଆପାଟ, ଝାଡବେଲ୍‌ଦା, କେମ୍ପସଡା, ଜଗମୋହନପୁର, ଶୁଆକାଟୀ, ତେଲକୋଇ ଓ ଜଂଘିରା ବିଦ୍ୟାଳୟରୁ ୨୨୬ଜଣ ଶିଶୁ ଭାଇଭଉଣୀ ଗଣିତ ପ୍ରଶ୍ନମଞ୍ଚ, ସଂସ୍କୃତି ଜ୍ଞାନ ପ୍ରଶ୍ନମଞ୍ଚ, ବିଜ୍ଞାନ ପ୍ରଶ୍ନମଞ୍ଚ, ବିଜ୍ଞାନ ପ୍ରକଳ୍ପ, ପ୍ରୟୋଗ,ପତ୍ରବାଚନ,ଗଣିତର ପ୍ରୟୋଗ ଓ ପତ୍ର ବାଚନ,ମୂର୍ତ୍ତିକଳା,ତତ୍କାଳିକ ଭାଷଣ ଓ ଗଳ୍ପ କଥନରେ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଚନ୍ଦନ କୁମାର ରାୟ, ସେମ୍ୟା ଶ୍ରୀ ଓଝା, ଶୁଭଲକ୍ଷ୍ମୀ ସାହୁ, ସଞ୍ଜିବ କୁମାର ସାହୁ, ଗୁରୁ ଗୋବିନ୍ଦ ସାହୁ, ସୌମ୍ୟରଞ୍ଜନ ମହାନ୍ତ,ବାଦଲ୍ କୁମାର ମହାନ୍ତ, ପ୍ରଶ୍ନ କୁମାର ପରମାଣିକ ଓ ସୁନୀଲ୍ କୁମାର ନାଏକ ବିଚାରକ ଭାବେ ଯୋଗ ଦେଇ କୃତି ପ୍ରତିଯୋଗୀଙ୍କୁ ମନୋନୀତ କରିଥିଲେ। ଏଥିରେ ଯେଉଁମାନେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସେମାନେ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, ଚମ୍ପୁଆ ଠାରେ ଅନୁଷ୍ଠିତ ହେବାକୁ ଥିବା ବିଭାଗ ସ୍ତରୀୟ ଜ୍ଞାନବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିବେ। ଉଦଯାପନୀ ସମାରୋହରେ ସେହି ଦଧିବାମନ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନର ପ୍ରଧାପକ ଯତୀନ୍ଦ୍ର କୁମାର ମିଶ୍ର ଓ ସଂକୁଳ ପ୍ରମୁଖ ଚିତ୍ତରଞ୍ଜନ ପଟ୍ଟନାୟକ ଯୋଗଦେଇଥିଲେ। ସମସ୍ତ ପ୍ରଧାନ ଆଚାର୍ଯ୍ୟ ଓ ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅସ୍ତରଙ୍ଗରେ ଚାଷୀଙ୍କୁ ଘାରିଛି ସାର ଚିନ୍ତା



- ଅନ୍ଧାରରେ ବାଡ଼ି ବୁଲାଉଛି କୃଷି ବିଭାଗ
- ଟାର୍ଗେଟ୍‌ର ଅଧା ସାର ବି ନାହିଁ ପ୍ୟାକ୍ସରେ
- ବଜାରରୁ ଚଢ଼ା ଦରରେ କିଣୁଛି ଚାଷୀ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ) : ଚାଷୀଙ୍କୁ ସାର, ବିହନ ଠାରୁ ଆରମ୍ଭ କରି ସବସିଡ଼ି, ସହାୟତା ଆଦି ଯୋଗାଇ ଦେବାକୁ ସରକାର ଘୋଷଣା କରିଛନ୍ତି। କୃଷି ବିଭାଗ ପକ୍ଷରୁ ବିଭିନ୍ନ ପ୍ୟାକ୍ସ ଓ ଲାଇସେନ୍ସ ପ୍ରାପ୍ତ ଦୋକାନୀଙ୍କୁ ଏହାର ଦାୟିତ୍ୱ ପ୍ରଦାନ କରାଯାଇଛି। କିନ୍ତୁ ଚାଷୀଙ୍କୁ ସାର ଯୋଗାଇବା ଏବେ ଚୁଲିକି ଗଲାଣି। ଚାଷୀ ବାହାରୁ ଚଢ଼ା ଦରରେ ସାର କିଣୁଥିଲେ ମଧ୍ୟ କୃଷି ବିଭାଗ ଦେଖଣାହାରୀ ସାଜିଛି। ଧାନ ଚାଷରେ ତର ତର ଚାଷୀ। ଜୋରସୋରରେ ଚାଲିଛି ରୁଆ, ବେଉଷଣ। ଚାଷୀ ଏବେ ଡିଏପି ଓ ପଟାସ ସାର ଲୋଡୁଥିବା ବେଳେ ସରକାରୀ ସ୍ତରରେ କିନ୍ତୁ ନିଅଣ୍ଟିଆ ସ୍ଥିତି। ପ୍ୟାକ୍ସରେ ମିଳୁନି ସାର। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ବିଭିନ୍ନ ଗ୍ରାମରେ ବାହାର ବଜାରରୁ ଚଢ଼ା ଦରରେ କିଣି ଆର୍ଥିକ ଶୋଷଣରେ ଶିକାର ହେଉଛି ଚାଷୀ। ଯାହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସାର ଯୋଗାଣରେ ସରକାରୀ ବିଫଳତାର ଜୋରଦାର ଫାଇଦା ଉଠାଇ ଚାଲିଛନ୍ତି ଲାଭଖୋର ବ୍ୟବସାୟୀ। କିଏ ବସ୍ତା ପିଛା ୨ଶହ ତ ଆଉ କିଏ ୫ଶହ ଟଙ୍କା ପର୍ଯ୍ୟନ୍ତ କଷି ଚାଲିଛି। ଧାନ ଚାଷ ପାଇଁ ସାର ଏବେ ନିତାନ୍ତ ଆବଶ୍ୟକ ଥିବାରୁ ଚାଷୀ ମୁଣ୍ଡ କାନ ଆଉଁସି ଚଢ଼ା ଦର ସତ୍ତ୍ୱେ କିଣିବାକୁ ବାଧ୍ୟ ହେଉଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତରେ ୬ହଜାର ୧ଶହ ୮୩ ହେକ୍ଟର ଜମିରେ ଖରିଫ ଧାନ ଚାଷ ହେଉଛି। ଚଳିତ ବର୍ଷ ମୌସୁମୀ ବର୍ଷା ଅନିୟମିତତା ଫଳରେ ଚାଷୀ ନିରାଶ ଥିବାବେଳେ ବର୍ଷା ସେତେ ପରିମାଣ ନଥିବାରୁ ଖୁସି ନାହିଁ। କିନ୍ତୁ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଚାଷୀ କଷ୍ଟେମଷ୍ଟେ ୭୦ପ୍ରତିଶତ ବେଉଷଣ ସାରିଲାଣି। ଏବେ ଚାଷୀ ଡିଏପି ଓ ପଟାସ ସାର ଆବଶ୍ୟକ କରୁଥିବା ବେଳେ ସରକାରୀ ସ୍ତରରେ କିନ୍ତୁ ଯୋଗାଇ ଦେବାରେ ବିଫଳ ହୋଇଛନ୍ତି। ଅସ୍ତରଙ୍ଗ ବ୍ଲକ ଆଳଙ୍ଗପୁର, ଆଳସାହି, ନଗର, ନୂଆଗଡ, ପୋଟଳ ଛକ, ନଈଗୁଆଁ, ସରିପୁର, କେନ୍ଦ୍ରାପଟି, ମାଣ୍ଡୁକି ସବୁଠି ଲାଭ ଖୋର ବ୍ୟବସାୟୀ ଚଢ଼ା ଦରରେ ସାର ବିକ୍ରି କରୁଛନ୍ତି। ଏମିତିକି ଅସ୍ତରଙ୍ଗ ଅଞ୍ଚଳରେ ଥିବା ଅନେକ ପ୍ୟାକ୍ସରେ ଆଦୌ ସାର ନାହିଁ। ଫଳରେ ଚଢ଼ା ଦର ସତ୍ତ୍ୱେ ଚାଷୀ ବାହାର ବଜାରରୁ କିଣୁଛନ୍ତି। ସରକାରୀ ସ୍ତରରେ ସାର ମିଳୁନଥିବାରୁ ଏହାର ଭରପୁର ଫାଇଦା ଉଠାଉଛନ୍ତି ଡିଲର ଓ ଚୋରା ସାର ବ୍ୟବସାୟୀ। ଜଗିବାକୁ କି କହିବାକୁ କେହି ନଥିବାରୁ ମନଇଚ୍ଛା ଦର କଷୁଛନ୍ତି ବ୍ୟବସାୟୀ। ଅସ୍ତରଙ୍ଗ ବ୍ଲକ ନୂଆଗଡ ପଂଚାୟତ ଶରତ ସାହୁ କହିଛନ୍ତି ପ୍ୟାକ୍ସକୁ ବାରମ୍ବାର ଗଲି ସାର ନାହିଁ। ସାର ନମିଳିବାରୁ ବାଧ୍ୟ ହୋଇ ବଜାରରୁ ଦେଢ଼ ଗୁଣ ଅଧିକ ଦରରେ କିଣିଲି ବୋଲି କହିଛନ୍ତି। ଏ ନେଇ ଅସ୍ତରଙ୍ଗବ୍ଲକ କୃଷି ଅଧିକାରିଣୀ ବି. ଅର୍ପିତା କହିଛନ୍ତି ଯଦି କେଉଁଠି କିଏ ଚଢ଼ା ଦରରେ ସାର ବିକ୍ରି କରୁଥାଏ, ଅଭିଯୋଗ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ରଘୁନାଥପୁରରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

# ୯୭ଟି ଅଭିଯୋଗ ଦାଖଲ



ରଘୁନାଥପୁର (ଭାସ୍କର ନ୍ୟୁଜ୍) : ଜଗତସିଂହପୁରଜିଲ୍ଲା ରଘୁନାଥପୁର ବ୍ଲକରେ ସୋମବାର ଜ୍ୟୋତି ମହାସଂଘ ସଭାଗୃହରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଏଡିଏମ୍ ଜ୍ୟୋତିଶଙ୍କର ରାୟ, ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦ୍‌ଗାତା, ତହସିଲଦାର ରାଜଲକ୍ଷ୍ମୀ ନାୟକ, ବିଡ଼ିଓ ବିରଞ୍ଚି ନାରାୟଣ ବେହେରା, ଜିଲ୍ଲାସ୍ତରୀୟ ଅଧିକାରୀ ଓ କ୍ଷତ୍ରୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକମାନଙ୍କ ଆପତ୍ତି ଅଭିଯୋଗ ଗୁଡିକୁ ଶୁଣାଣି କରିଥିଲେ। ଏହି ଶିବିରରେ ମୋଟ ୯୭ଟି ଅଭିଯୋଗ ଦାଖଲ ହୋଇଥିଲା ସେଥିମଧ୍ୟରୁ ଭତ୍ତା, ରାସନକାର୍ଡ, ସୁଭଦ୍ରା ଯୋଜନା ଜମିଜମା ଓ ଅନ୍ତଦ୍ୟୋୟ ଆବାସ ଯୋଜନା, ଆଇନ ସମ୍ବନ୍ଧୀୟ ହୋଇଥିବା ଜଣାଯାଇଛି। ତେବେ ଜଗନ୍ନାଥପୁର ବଜାର ବିଜୁ ପଟ୍ଟନାୟ ଛକର କଟକ ପାରାଦ୍ୱୀପ ରାସ୍ତାରେ ହମ୍ପସ ନିର୍ମାଣ ଓ ବଜାରରେ ଲଗାଯାଇଥିବା ଷ୍ଟିଟ୍‌ଲାଇଟ ନିମ୍ନମାନର ଯୋଗୁ ଲାଇଟ ଖରାପ ହୋଇ ବଜାର ଅନେକ ସମୟରେ ଅନ୍ଧାର ରହୁଥିବାକୁ ନେଇ ବଜାର କମିଟି ପକ୍ଷରୁ ଅଭିଯୋଗ ହୋଇଥିଲା। ସେହିପରି ଶିଶୁବିକାଶ ଯୋଜନା କାର୍ଯ୍ୟାଳୟ ପକ୍ଷରୁ ଏହି ବ୍ଲକ ଅଧିନ ଗୋପାଳପୁର ଅଙ୍ଗନୱାଡି(କ) କେନ୍ଦ୍ରର ନୂତନ କର୍ମୀ ନିଯୁକ୍ତିରେ ଜାଲିଆତି ସମ୍ପର୍କରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ବାଗସାହି ଅଙ୍ଗନୱାଡି କେନ୍ଦ୍ରର ନୂତନ ଗୃହ ନିର୍ମାଣ ପାଇଁ ଦୀର୍ଘଦିନ ହେବ ଟଙ୍କା ପଡିରହିଥିଲେ ବି ଗୃହ ନିର୍ମାଣ ହୋଇ ନ ପାରିବାକୁ ନେଇ ପ୍ରଶାସନର ଦୃଷ୍ଟିଆକର୍ଷଣ କରାଯାଇଥିଲା, ଆଇନ ଶୃଙ୍ଖଳା ରକ୍ଷା ପାଇଁ ଆଇଆଇସି ସୁଶାନ୍ତ କୁମାର ସେଠୀ ଓ ପୋଲିସ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଏଥିରେ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ ପ୍ରଦାନ କରିଥିଲେ।

## ଚଣ୍ଡିଖୋଲ ଆର୍‌ଟିଓଙ୍କ ଅନୁଗୁଳ ବଦଳି

ବଡ଼ଚଣା (ଭାସ୍କର ନ୍ୟୁଜ୍) : ଯାଜପୁର ଜିଲ୍ଲା ବଡ଼ଚଣା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ବହୁ ପୁରାତନ ନାମିତ ଆଞ୍ଚଳିକ ପରିବହନ ଚଣ୍ଡିଖୋଲ କାର୍ଯ୍ୟାଳୟର ଅଧିକାରୀ ସମ୍ବିତ୍ କୁମାରଙ୍କ ବଦଳି ହୋଇଯାଇଛି। ଖବରରୁ ପ୍ରକାଶ ଚଣ୍ଡିଖୋଲ ଆର୍‌ଟିଓଙ୍କ ଏହି କାର୍ଯ୍ୟଳୟରେ ୩ ବର୍ଷ ୫ମାସ କାର୍ଯ୍ୟ କରିଥିବା ଜଣାପଡିଛି । ନିୟମ ଅନୁଯାୟୀ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା ନଂ - ୯୬୬୭/୮/୮/୨୫ ଅନୁସାରେ ଅନୁଗୁଳ ବଦଳି କରାଯାଇ ତାଙ୍କ ବଦଳରେ ଫୁଲବାଣୀରେ କାର୍ଯ୍ୟରତ ଥିବା ଆର୍‌ଟିଓ ଶିଶିର କୁମାର ସାହୁଙ୍କୁ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଅଧିକାରୀ ଭାବେ ନିଯୁକ୍ତି କରାଯାଇଥିବା ପ୍ରକାଶ।

## ବାରଙ୍ଗ ବ୍ଲକରେ ସ୍ୱଚ୍ଛ ସର୍ବେକ୍ଷଣ ଗ୍ରାମୀଣ ସର୍ଭେ କାର୍ଯ୍ୟକ୍ରମ

ଫୁଲନଖରା (ଭାସ୍କର ନ୍ୟୁଜ୍) : ବାରଙ୍ଗ ବ୍ଲକ ଅନ୍ତର୍ଗତ ପାଟପୁର, ଅନ୍ଧୋଟୀ ଓ କୁରାଙ୍ଗ ପ୍ରଧାନ ଗ୍ରାମରେ ଭାରତ ସରକାରଙ୍କ ତରଫରୁ ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣର ସ୍ଥିତି ଅନୁଧ୍ୟାନ କରିବାକୁ ସର୍ଭେ କରାଯାଇଥିଲା। ବ୍ୟକ୍ତିଗତ ଶୌଚାଳୟ, ଗୋଷ୍ଠୀ ଶୌଚାଳୟ ବ୍ୟବହାର, କଠିନ ଓ ତରଳ ବ୍ୟଜ ବସ୍ତୁର ପରିଚାଳନା, ସ୍କୁଲ, ଅଙ୍ଗନବାଡ଼ି, ଆରୋଗ୍ୟ କେନ୍ଦ୍ର, ଗ୍ରାମପଞ୍ଚାୟତ ପରିଦର୍ଶନ କରି ସ୍ୱଚ୍ଛତା ସ୍ଥିତି ପରଖିଥିଲେ। ସର୍ଭେକ୍ଷଣ ଦଳକୁ ସରପଞ୍ଚ ରିତାଞ୍ଜଳୀ ସାମଲ, ପଦ୍ମିନୀ ପ୍ରଧାନ, ସୁରେଶ ଚନ୍ଦ୍ର ଭୋଇ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱ କେତନ ସାମଲ ଓ ସ୍ୱଚ୍ଛ ଭାରତ ସଂଯୋଜକ ମହେନ୍ଦ୍ର ବେହେରା ସହାୟତା କରିଥିଲେ। ଏହା ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା।

## ବାରଙ୍ଗ ବ୍ଲକରେ ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ




ଫୁଲନଖରା (ଭାସ୍କର ନ୍ୟୁଜ୍) : ବିଡିଓ ସ୍ୱାଗତ ଦାସଙ୍କ ନିର୍ଦ୍ଦେଶ କ୍ରମେ ବାରଙ୍ଗ ବ୍ଲକରେ ସମସ୍ତ ଗ୍ରାମ ପଞ୍ଚାୟତରେ ୮ ତାରିଖ ଠାରୁ ୧୫ ତାରିଖ ପର୍ଯ୍ୟନ୍ତ ହର ଘର ତ୍ରିରଙ୍ଗା ହର ଘର ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି। ଉପରୋକ୍ତ କାର୍ଯ୍ୟକ୍ରମ ନଗରୀ, କୋରକରା, ହରିଅନ୍ତା ଓ କୁରାଙ୍ଗ ପ୍ରଧାନ ଓ ଦାଢ଼ାପାଟଣା ଗ୍ରାମ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ସରପଞ୍ଚ ନରୋତ୍ତମ ଦାସ, ଅଶୋକ ପାତ୍ର, ପଦ୍ମିନୀ ପ୍ରଧାନ, ସୁରେଶ କୁମାର ଭୋଇ ଓ ଦିଲ୍ଲିପ କୁମାର ବେହେରା ଅଂଶଗ୍ରହଣ କରି ବ୍ୟାପକ ଜନସଚେତନା ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମକୁ ସ୍ୱଚ୍ଛ ଭାରତ ମିଶନ ସଂଯୋଜକ ମହେନ୍ଦ୍ର ବେହେରା ପରିଚାଳନା କରିଥିଲେ।

## ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲ ବିକ୍ରି କଟକଣା

# ସମସ୍ୟା ଭୋଗୁଛନ୍ତି ଗ୍ରାମାଞ୍ଚଳ ଗାଡ଼ି ଚାଳକ

ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍) : ସରକାର ପ୍ଲାଷ୍ଟିକ ବୋତଲରେ ଗ୍ରାହକଙ୍କୁ ପେଟ୍ରୋଲ ପ୍ରଦାନ କରାଯିବ ନାହିଁ ବୋଲି ନିର୍ଦ୍ଦେଶନାମା ଜାରି କରିଛନ୍ତି। ସରକାର ଏହା ଘୋଷଣା କରିବା ପରେ ମୁଖ୍ୟତଃ ବାଇକ୍ ଏବଂ କାର୍ ଚାଳକ ବହୁମାତ୍ରାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। କେବଳ ଅସୁବିଧାରେ ପଡୁନାହାନ୍ତି ବରଂ ଅନେକ ପେଟ୍ରୋଲ ପମ୍ପରେ ପେଟ୍ରୋଲ ଟାଙ୍କି କର୍ମଚାରୀ ଏବଂ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ନେବାକୁ ଆସୁଥିବା ଗ୍ରାହକଙ୍କ ମଧ୍ୟରେ କଥା କଟାକଟି ପର୍ଯ୍ୟନ୍ତ ଘଟଣା ଘଟୁଥିବା ପରିଲକ୍ଷିତ ହେଉଛି। ବଡ଼ଚଣା ବ୍ଲକ ଅନ୍ତର୍ଗତ ଗାଁ ଗହଳିରେ ସରକାରଙ୍କ ଏହି ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ବିକ୍ରି ନିଷେଧ ନିୟମକୁ ନେଇ ଏତେଟା ସମସ୍ୟା ନଥିଲେ ମଧ୍ୟ ବ୍ଲକ ଅଧୀନ ପ୍ରମୁଖ ରାସ୍ତା ପାର୍ଶ୍ୱରେ ଯେଉଁ ବ୍ୟବସାୟୀ ଖୋଲାରେ ପେଟ୍ରୋଲ ବିକ୍ରି କରୁଥିଲେ ସରକାରଙ୍କ ନୂତନ ନିର୍ଦ୍ଦେଶନାମା ଯୋଗୁଁ ଭୟରେ ସେମାନେ ପେଟ୍ରୋଲ ବିକ୍ରି ବନ୍ଦ କରି ଥିବାରୁ ରାସ୍ତାରେ ଯାତାୟାତ କରୁଥିବା ବାଇକ ଓ କାର୍ ଚାଳକ ଯାନରେ ତେଲ ଶେଷ ହେବା ପରେ ନାହିଁ ନଥିବା ସମସ୍ୟାରେ ପଡୁଛନ୍ତି। କିଛିବର୍ଷ ପୂର୍ବେ ହେଲମେଟ ପିନ୍ଧିବା ନିୟମକୁ ସରକାର କଡ଼ାକଡ଼ି କରିବା ସହିତ ହେଲମେଟ୍ ନପିନ୍ଧିଲେ ପେଟ୍ରୋଲ ଟାଙ୍କିରେ ପେଟ୍ରୋଲ ମିଳିବ ନାହିଁ ବୋଲି ନିୟମ ଧାର୍ଯ୍ୟ କରିଥିଲେ। ମାତ୍ର ଧୀରେ ଧୀରେ ଏହି ନିୟମ ହୁଗୁଳି ଗଲା। ତେଣୁ ସରକାର ଆଣିଥିବା ନୂଆ ନିୟମ ଯେପରି ସବୁଠି ପାଳନ ହେବ ସେଥିପ୍ରତି ସରକାର ଏବଂ ପ୍ରଶାସନ ନିଘା ରଖିବାକୁ ଦାବି ହୋଇଛି।

## ସରକାରୀ କାର୍ଯ୍ୟାଳୟ ଅଚଳ : ସମୂହ ଛୁଟିରେ ଅମଲା



କେନ୍ଦୁଝର (ଭାସ୍କର ନ୍ୟୁଜ୍) : ବିଭିନ୍ନ ଦାବି ନେଇ ଜିଲ୍ଲାରେ କାର୍ଯ୍ୟରତ ରାଜସ୍ୱ ଅମଲା ମାନେ ଆଜି(ତା ୧୧.୮.୨୦୨୫ ରିଖ)ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟିରେ ଅଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଜିଲ୍ଲାର ସମସ୍ତ ବ୍ଲକ, ତହସିଲ, ଆଇଟିଡିଏ ପ୍ରଭୃତି କାର୍ଯ୍ୟାଳୟର ରାଜସ୍ୱ ଅମଲାମାନେ ସମୂହ ଭାବେ ନିଜ ନିଜ କାର୍ଯ୍ୟାଳୟର ଅଧିକାରୀଙ୍କୁ ନିଜର ଛୁଟି ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଆବେଦନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜସ୍ୱ ଅମଲା ମାନେ କେନ୍ଦୁଝର ଜିଲଲାପାଳଙ୍କ କାର୍ଯ୍ୟାଳୟ ପରିସରରେ, ଆନନ୍ଦପୁର ଉପଜିଲ୍ଲାପାଳ ଓ ଚମ୍ପୁଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରାଜସ୍ୱ ଅମଲା ମାନେ ଏକତ୍ରିତ ହୋଇ ସେମାନଙ୍କର ମୁଖ୍ୟ ଦାବି ଲେଭେଲ ୯ ଓ ପଦବୀ ପୁନର୍ଗଠନ ନିମନ୍ତେ ଦାବି ଜଣାଇଛନ୍ତି।

## ଓଡ଼ିଆ ବୋହୂର କଳାରେ ମୟୂରଭଞ୍ଜ ଗର୍ବିତ



ସାରସକଣା(ଭାସ୍କର ନ୍ୟୁଜ୍): ଆଜିର ଯୁଗରେ ଝିଅମାନେ କୌଣସି ଗୁଣରେ ପୁରୁଷଙ୍କ ଠାରୁ କମ୍ ନୁହଁନ୍ତି। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଏକତା ପଣ୍ଡା। ରାଇରଙ୍ଗପୁର ନିବାସୀ ଅଧୁନା ବାରିପଦାରେ ଅବସ୍ଥାନ କରୁଥିବା ଶ୍ରୀଯୁକ୍ତ ଅଶ୍ୱିନି ପଣ୍ଡା, ଅବସରପ୍ରାପ୍ତ ବିଦ୍ୟୁତ୍ ବିଭାଗର ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର, ମାତା ଶକୁନ୍ତଳା ଦାଶ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କର ମଧ୍ୟମା କନ୍ୟା। ଏକତା ପଣ୍ଡା ଜଣେ ମିଷ୍ଟଭାଷୀ ମହିଳା ଅଟନ୍ତି। ସେ ରାଇରଙ୍ଗପୁର ବାଳିକା ବିଦ୍ୟାଳୟ ଓ ରାଇରଙ୍ଗପୁର ମହାବିଦ୍ୟାଳୟରୁ କୃତିତ୍ୱର ସହ ପାସ୍ କରିଥିଲେ। ସେ ସୂରଦାର ସୁବ୍ରତ କୁମାରଙ୍କୁ ବିବାହ କରିଥିଲେ। ଏକତା ପଣ୍ଡା ମଡର୍ଣ୍ଣ ଆର୍ଟରେ ଡିଗ୍ରୀ ହାସଲ କରି ବର୍ତ୍ତମାନ୍ କର୍ଣ୍ଣାଟକରେ ଅବସ୍ଥାପିତ। ସୁବ୍ରତ ଆଇଟି ଇଞ୍ଜିନିୟର। କଥାରେ ଅଛି, ଢିଙ୍କି ସ୍ୱର୍ଗକୁ ଗଲେ ମଧ୍ୟ ଧାନ କୁଟେ। ସେ ସୁଦୂର କର୍ଣ୍ଣାଟକରେ ରହି ମଧ୍ୟ ପିଲାମାନଙ୍କୁ କଳା ବିଷୟରେ ଶିକ୍ଷା ଦେବା ପାଇଁ ଭୁଲି ନାହାନ୍ତି। ସେ ଫେବ୍ରିକ ପେଣ୍ଟିଂରେ ମାହିର। ଦିଲ୍ଲୀରେ ଥିବା ସମୟରେ ତାଙ୍କର ସପରିବାର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରି ଜଗନ୍ନାଥଙ୍କ ଏକ ସୁନ୍ଦର ଫଟୋଚିତ୍ର ପ୍ରଦାନ କରିଥିଲେ। ସୂଚାଇ ଦେବାକୁ ଚାହୁଁଛି ଯେ ମହାମହିମ ରାଷ୍ଟ୍ରପତିଙ୍କ ସହ ତାଙ୍କର ପାରିବାରିକ ସମ୍ପର୍କ। ଫଟୋଚିତ୍ର ଗ୍ରହଣ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅତିବ ଆନନ୍ଦିତ ହୋଇଥିଲେ ଏବଂ ଆଗକୁ ବଢିବା ନିମନ୍ତେ ପରାମର୍ଶ ଦେଇଥିଲେ। ପିଲାଟି ଦିନରୁ ଏକତାଙ୍କ ନମ୍ର ସ୍ୱଭାବ, କଳା ପ୍ରତି ଆଗ୍ରହ ଦେଖି ସ୍ପଷ୍ଟ ବାରିହୋଇ ପଡୁଥିଲା ଯେ ନିଶ୍ଚିତ ଏ ଦିନେ କଳାରେ ଦିଗବିଜୟୀ ହେବେ। ଭଗବାନ ତାଙ୍କୁ ସାରା ଆଶୀର୍ବାଦ ପ୍ରଦାନ କରନ୍ତୁ ଏହା ସମସ୍ତଙ୍କର କାମନା ।

## ୨୦୦୬ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

ଜଳେଶ୍ୱର, (ଭାସ୍କର ନ୍ୟୁଜ୍) : ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତପୋବନ ଉଚ୍ଚ ବିଦ୍ୟାଳୟ, ରାୟାଁରାମଚନ୍ଦ୍ରପୁର ଆନୁକୂଲ୍ୟରେ ୨୦୦୬ ବ୍ୟାଚରେ ମାଟ୍ରିକ ପାସ କରିଥିବା ପିଲା ମାନଙ୍କ ଭିତରେ ରବିବାର ଜମାଲପୁର ବାଇପାସ ନିକଟସ୍ଥ ହୋଟେଲ୍ ନକ୍ଷତ୍ରରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଅଛି ।ଏଥିରେ ଯୋଗଦାନ କରିଥିବା ସମସ୍ତ ବନ୍ଧୁ ସେମାନଙ୍କ ଭିତରୁ ହରିଶଙ୍କର ଜେନା ହାଇସ୍କୁଲ ଶିକ୍ଷକ ହୋଇଥିବା ବେଳେ ଜଳେଶ୍ୱର ମହିଳା ମହବିଦ୍ୟାଳୟରେ ନୂଆ ପ୍ରାଧ୍ୟାପିକା ଭାବେ କରିଥିବା ସାବିତ୍ରୀ ଦଳାଇ ଏବଂ କାନପୁର ଆଇଆଇଟିର ବୈଜ୍ଞାନିକ ଅନୁସନ୍ଧାନ କରୁଥିବା ଶୁଭନ୍ କୁମାର୍ ପାଳ ଅନ୍ୟତମ। କାର୍ଯ୍ୟକ୍ରମ ତୁଲାଇଥିବା ସପନ କୁମାର ରାଉତ ଏବଂ ଅନ୍ୟ ସାଙ୍ଗ ମାନେ ଏହି ସଫଳତା ପାଇଥିବା ଯୋଗ୍ୟ ସାଙ୍ଗ ମାନଙ୍କୁ ଉତ୍ତରୀୟ ଓ ଫୁଲ ତୋଡା ଦେଇ ସମ୍ବର୍ଦ୍ଧନା କରିଥିଲେ।ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ନିଶାମଣି ସାହୁ, ବନ୍ଦନା ନାୟକ, ମଧୁସ୍ମିତା ପାଢ଼ି, ରଶ୍ମିତା ସାହୁ, ମଞ୍ଜୁରାଣୀ ଜେନା, ସୁମତି ସାହୁ, ଅଞ୍ଜୁଲତା ରାଉଳ, ସଞ୍ଜୁଲତା ମାହାନା, ଗୌରଗୋପଳ ଗିରି, ସଞ୍ଜୀବ କୁମାର ଗିରି, ପ୍ରଦୀପ କୁମାର ଘଡ଼ାଇ, ହରେକୃଷ୍ଣ ବେହେରା ଓ ସରୋଜ କୁମାର ସାହୁ ପ୍ରମୁଖ ପୁରାତନ ବନ୍ଧୁ ମାନେ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।




## ଦୁର୍ଘଟଣାରେ ବିଦ୍ୟାଳୟ କିରାଣି ମୃତ

କଣାସ (ଭାସ୍କର ନ୍ୟୁଜ) :ପୁରୀ ଜିଲ୍ଲା କଣାସ ବ୍ଲକର ଗଡସାନପୁଟ ଉଚ୍ଚ ବିଦ୍ୟାଳୟର କିରାଣି ଅଶୋକ ରଞ୍ଜନ ମଲ୍ଲିକ ନିଜ ପତ୍ନୀ ଏବଂ ପୁଅଙ୍କ ସହ ଭୁବନେଶ୍ୱରରୁ କଣାସ ଫେରୁଥିବା ସମୟରେ ଗଙ୍ଗପଡା ଠାରେ ଦୃତ ଗତିରେ ଆସୁଥିବା ଏକ ଟ୍ରକ ପଛରୁ ଧକ୍କା ଦେବାରୁ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିବା ସମୟରେ ତାଙ୍କ ପତ୍ନୀ ଓ ପୁଅର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଘଟଣା ସ୍ଥଳରେ ମୃଦୁ ଉତ୍ତେଜନା ସୃଷ୍ଟି ହୋଇଥିବା ବେଳେ ସ୍ଥାନୀୟ ପୋଲିସ ପହଞ୍ଚି ଉତେଜିତ ଲୋକଙ୍କୁ ବୁଝାସୁଝା କରିବାସହ ଟ୍ରକ ଟିକୁ ଜବତ କରିଥିଲେ।

## ଆମ ଆଦମୀ ପାର୍ଟିର ଜିଲ୍ଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ




କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ଜିଲ୍ଲା ସଭାପତି ପ୍ରେମାନନ୍ଦ ସିଂଙ୍କ ସଭାପତିତ୍ୱରେ ସ୍ଥାନୀୟ ଶହୀଦ ସଦନ ଠାରେ ଆମ୍ ଆଦମୀ ପାର୍ଟି କେନ୍ଦୁଝର ତରଫରୁ ଜିଲ୍ଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ରାଷ୍ଟ୍ରୀୟ ସ୍ତରରେ ଚାଲିଥିବା ସ୍କୁଲ ବଞ୍ଚାଅ ଅଭିଯାନର ସମୀକ୍ଷା କରାଯାଇଥିଲା। ଆସନ୍ତା ୧୪ ତାରିଖ ମଧ୍ୟରେ ଏହି ଅଭିଯାନକୁ ସଫଳ ସହିତ ସମାପ୍ତ କରିବା ନିମନ୍ତେ ଆଲୋଚନା କରାଯାଇଥିଲା। ସ୍ୱାଧୀନତା ଦିବସ ଉପରେ ପ୍ରସ୍ତୁତି ଆଲୋଚନା ହୋଇଥିଲା। ସ୍ୱାଧୀନତା ଦିବସ ଅବସରରେ ଆମ୍ ଆଦମୀ ପାର୍ଟି ତରଫରୁ ଏକ ହେଲ୍ପଲାଇନ ନମ୍ବର ଜାରିକରାଯିବ ବୋଲି ଜିଲ୍ଲା ସଭାପତି ସୂଚନା ପ୍ରଦାନ କରିଥିଲେ। ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଠାରୁ ନଭେମ୍ବର ୨୬ ପାର୍ଟି ର ପ୍ରତିଷ୍ଠା ଦିବସ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ଅଞ୍ଚଳରେ ସଚେତନତା ପଦଯାତ୍ରା କରାଯିବା ନିମନ୍ତେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ଜୈନୁଲ ଆବେଦିନ, ସାଧାରଣ ସମ୍ପାଦକ ଶୁଭଙ୍କର ମହାନ୍ତି, ଶଶାଙ୍କ ଶେଖର ସାହୁ, ଜୟକୃଷ୍ଣ ନାଏକ, ସୁଶାନ୍ତ ନାଏକ, ଖଗେଶ୍ୱର ମହାନ୍ତ, ସନାତନ ନାଏକ, ସୁଧୀର ମହାନ୍ତ, ଦିପୁ ମହାନ୍ତ, ଚିତ୍ତରଞ୍ଜନ ନାଏକ ପ୍ରମୁଖ ଯୋଗଦେଇଥିଲେ।

# ୧୨ରେ କୃମିନାଶକ ବଟିକା ଖାଇବେ ଛାତ୍ରଛାତ୍ରୀ



ଡେଲାଙ୍ଗ(ଭାସ୍କର ନ୍ୟୁଜ୍): ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶାନୁସାରେ ଆସନ୍ତା ଅଗଷ୍ଟ ୧୨ ତାରିଖ ଜାତୀୟ କୃମିନାଶକ ଦିବସରେ ୧ ବର୍ଷରୁ ୧୯ ବର୍ଷ ମଧ୍ୟରେ ଶିଶୁ ବାଟିକା ପିଲାମାନଙ୍କ ସହ ସମସ୍ତଙ୍କୁ କୃମି ନାଶ ପାଇଁ କୃମିନାଶକ ବଟିକା ସେବନ ବରିବକୁ ଦିଆଯିବକୁ ଥିବା ପରିପ୍ରେକ୍ଷୀରେ ଏକ ସଚେତନତା କର୍ମଶାଳା ଓ ଆଲୋଚନା ଚକ୍ର ଡ଼େଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଡ଼େଲାଙ୍ଗ ବାଳିକା ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡ଼େଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସ୍ନେହାଞ୍ଜଳି ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ, ସ୍ୱାସ୍ଥ୍ୟ ଓ ବ୍ଲକ୍ ଶିକ୍ଷା ବିଭାଗର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଥିରେ ଶିକ୍ଷା ବିଭାଗର ଡ଼େଲାଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ ଶତ୍ରୁଘ୍ନ ବେହେରା ସଭାପତିତ୍ୱ କରି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ନିର୍ଦ୍ଦେଶ ଓ ସେମାନଙ୍କ ସହ ଯୋଗାଯୋଗ ରଖି ଉପଯୁକ୍ତ ବିଧିରେ ଛାତ୍ର ଛାତ୍ରୀ ମାନଙ୍କୁ କୃମିନାଶକ ବଟିକା ଦେବାକୁ ସମ୍ପୃକ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମଣ୍ଡଳ ସହ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ପ୍ରଧାନ, ସୁଷମା ଦାଶ, ଆୟୁଷ ଡାକ୍ତର ତପନ ଦାଶ, ଜୟଶ୍ରୀ ହରିଚନ୍ଦନ, ଦୀପିକା ସାହୁ, ସ୍ୱାସ୍ଥ୍ୟ ବିଭାଗ ବିପିଏମ ଦିଲ୍ଲୀପ ପରିଡ଼ା ପ୍ରମୁଖ ଏଥିରେ ଯୋଗ ଦେଇ ଖାଇ ସାରିବା ପରେ ଉକ୍ତ ଦିନ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କୁ କୃମି ବଟିକା ଚୋବେଇ ସେବନ କରିବା ସୁନିଶ୍ଚିତ କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ସଭାରେ ଡ଼େଲାଙ୍ଗ ସଂଯୁକ୍ତ ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମୀନା ମଙ୍ଗରାଜ ମଞ୍ଚାସୀନ ଥିବାବେଳେ ସିଆରସିସି ତପନ କୁମାର ମଲ୍ଲିକ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଶ୍ରୀମତୀ ପଣ୍ଡା ଓ ଅନ୍ୟ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ବୃନ୍ଦ ଛାତ୍ର ଛାତ୍ରୀଙ୍କ ନିମନ୍ତେ ଉପଲବ୍ଧ ସମସ୍ତ ସୁବିଧା ସୁଯୋଗ ଓ ସଚେତନତା ଉପରେ ସୁଟିପ୍ପଣୀ ଦେଇ ରକ୍ତହୀନତା ଦୂର, ସ୍ୱାସ୍ଥ୍ୟର ବିବିଧ ଯତ୍ନ, କୃମି ନାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଅଗଷ୍ଟ ୧୨ତାରିଖ ଦିନ ଖାଦ୍ୟ ଖାଇସାରିବା ପରେ ଛାତ୍ର ଛାତ୍ରୀମାନଙ୍କୁ କୃମି ବଟିକା ସେବନ କରିବାକୁ ଦିଆଯିବାକୁ ପରାମର୍ଶ ଦିଆଯାଇଥିବା ବେଳେ ଅସୁସ୍ଥ ଥିବା ଛାତ୍ରଛାତ୍ରୀଙ୍କୁ ଡାକ୍ତର ଓ ପିତା ମାତା ସହ ଯୋଗାଯୋଗ ପରେ ହିଁ କୃମି ବଟିକା ଦିଆଯିବ କି ନ ଦିଆଯିବ ସେ ସମ୍ବନ୍ଧରେ ନିଷ୍ପତ୍ତି ନିଆଯିବା ଉଚିତ୍ ବୋଲି ସମସ୍ତେ ଅବଗତ ହୋଇଥିଲେ। ଯେଉଁ ପିଲା ଅଗଷ୍ଟ ୧୨ ତାରିଖରେ ଖାଇ ନ ଥିବେ ସେମାନେ ଚଳିତ ୧୯ ତାରିଖ ଦିନ କୃମି ବଟିକା ସେବନ କରିପାରିବେ ବୋଲି ଡ଼େଲାଙ୍ଗ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ଯୋଗ ଦେଇଥିବା ପ୍ରଧାନ ଶିକ୍ଷକ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏଥିରେ ସିଆରସିସି ଅଭିମନ୍ୟୁ ପ୍ରଧାନ ସହ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ସିଆରସିସିମାନେ ଆଲୋଚନାରେ ଅଂଶଗ୍ରହଣ କରି ନିଜ ନିଜର ସୁଚିନ୍ତିତ ମତ ରଖିଥିଲେ। ଶିକ୍ଷକ ସୁବାସ ବେହେରା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସିଆରସିସି ତପନ କୁମାର ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ରଘୁ ସାହୁଙ୍କ ଶିଶୁଗୀତ ପୁସ୍ତକ ଲୋକାର୍ପଣ




କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଅତି କୁନି କୁନି ପିଲାମାନେ ଯେଉଁ ଶିଶୁ ଗୀତକୁ ପଢ଼ି ପାରନ୍ତିନି, ହେଲେ ଆଇମା' କିମ୍ବା ଅନ୍ୟଠୁ ଶୁଣି ଶୁଣି ମନେରଖି ଖନିଖନି ପାଟିରେ ଗାଇ ପାରନ୍ତି, ସେଭଳି ଶିଶୁ ସାହିତ୍ୟକୁ ସଫଳ ସାହିତ୍ୟ ବୋଲି କୁହାଯାଇ ପାରିବ। ଶିଶୁ ସାହିତ୍ୟ ରଚନା ବେଳେ ସାହିତ୍ୟିକ ନିଜକୁ ଶିଶୁପରି ଭାବିବାକୁ ହୁଏ, ଶିଶୁ ବୁଝିଲା ପରି ଛନ୍ଦ ସୃଷ୍ଟି କରି ଶିଶୁଙ୍କ ମନଲାଖି ଶିଶୁ ଗୀତ ଗଢି ପାରିଲେ ତାହା କାଳଜୟୀ ହୋଇପାରିବ ବୋଲି ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ଶିଶୁ ସାହିତ୍ୟିକ ମାନେ ମତବ୍ୟକ୍ତ କରିଛନ୍ତି । କୁଜଙ୍ଗର ପ୍ରିୟବନ୍ଧୁ ସାହିତ୍ୟ ସଂଗଠନ ପକ୍ଷରୁ ସୂଚନା ଭବନ ଠାରେ ଡକ୍ଟର ରଘୁ ସାହୁଙ୍କ ଦୁଇଟି ଶିଶୁଗୀତ ପୁସ୍ତକ 'ଆ ସଙ୍ଗାତ ଆରେ' ଓ 'ଆମରି ଘର ସରଗପୁର' ଲୋକାର୍ପଣ ପର୍ବ ଅବସରରେ ଅତିଥିମାନେ ସାହିତ୍ୟକୁ ଶ୍ରେଷ୍ଠ ସାହିତ୍ୟ ବୋଲି କହିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କବି ପିତାମ୍ବର ତରାଇଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବରେ ସମାଜର ପୂର୍ବତନ ସମ୍ପାଦକ ତଥା ଲୋକସେବକ ମଣ୍ଡଳ ଆଜୀବନ ସଦସ୍ୟ ଡକ୍ଟର ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ଯୋଗଦେଇ ବର୍ତ୍ତମାନ ସାହିତ୍ୟରେ ଶିଶୁ କବିତାର ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। କବି ଡକ୍ଟର ସେନାପତି ପ୍ରଦ୍ୟୁମ୍ନ କେଶରୀ, ରାଜୀବ ଷଡଙ୍ଗୀ, ବ୍ରହ୍ମାନନ୍ଦ ବିଶ୍ୱାଳ, ଡକ୍ଟର ରବୀନ୍ଦ୍ର ବିହାରୀ, ହିମାଂଶୁ ଆଚାର୍ଯ୍ୟ, ସୁରଞ୍ଜନ ଲେଙ୍କା, ସୁଧାଂଶୁ ମୋହନ ଶତପଥି, ଜଗନ ମୋହନ ସାହୁ, ଡକ୍ଟର କେଶବ ଦଳେଇ, ଡକ୍ଟର ଗଙ୍ଗାଧର ସାମନ୍ତରାୟ, ବାବୁରାମ ଚୌଧୁରୀ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପୁସ୍ତକ ଉନ୍ମୋଚନ ଓ କୃତି ସାହିତ୍ୟିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପିକା ଡକ୍ଟର ରୋଜାଲିନ ଧନ୍ୟବାଦ ପ୍ରଦାନ କରିଥିଲେ। ଲୋକାର୍ପଣ ପୂର୍ବରୁ ଜିଲ୍ଲାସ୍ତରୀୟ କବିତା ପାଠ କବି ପ୍ରଭାତୀ ମାଝୀ, ଦୀପ୍ତି ଖଣ୍ଡୁଆଳ ଓ ସବିତା ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। କବି କୈଳାଶ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ କବି ସନ୍ତୋଷ ସାମଲ, ଉମାକାନ୍ତ ନାୟକ, ଗୋଲୋକ ବିହାରୀ ପଳେଇ, ଡକ୍ଟର ପ୍ରତାପ ମହାପାତ୍ର, ପିତାମ୍ବର ମହାପାତ୍ର, ଡକ୍ଟର ବିଷ୍ଣୁପ୍ରିୟା ଦାଶ, ସବିତା ମହାପାତ୍ର, ଅନଙ୍ଗ ମହାପାତ୍ର ସଂଘମିତ୍ରା ସ୍ୱାଇଁ, ନବୀନ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କବି ବାସବ ନନ୍ଦ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶତାଧିକ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। ବିଭୁତି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରିୟବନ୍ଧୁ ସଂଗଠନ ପକ୍ଷରୁ ଦୁଷ୍ମନ୍ତ ମାଝୀ, ସୁଧାକର ବିଶ୍ୱାଳ, ପ୍ରମିଳା ନନ୍ଦ, ସଞ୍ଜୟ ଓଝା, ରଂଜିତ ପଣ୍ଡା ଓ ମନୋଜ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଅନଲାଇନରେ ବିକ୍ରି ହେବ ନାହିଁ ମହାପ୍ରସାଦ । ଏହି ସୂଚନା ଦେଇଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି ବିଭିନ୍ନ ସଂସ୍ଥା ଦେଇଥିବା ପ୍ରସ୍ତାବକୁ ଶ୍ରୀମନ୍ଦିର ପ୍ରଶାସନ ଏବଂ ରାଜ୍ୟ ସରକାର ଅଗ୍ରାହ୍ୟ କରିଛନ୍ତି। ଭାରତର ଅନ୍ୟ ମନ୍ଦିର ତୁଳନାରେ ମହାପ୍ରଭୁଙ୍କ ମହାପ୍ରସାଦର ପବିତ୍ରତା ଓ ମାନ୍ୟତା ସଂପୂର୍ଣ୍ଣ ଅଲଗା। କିଛି ଦିନ ତଳେ କିଛି ସଂସ୍ଥା ମହାପ୍ରଭୁଙ୍କ ଶୁଖିଲା ଭୋଗ ଏବଂ ମହାପ୍ରସାଦ ଅନଲାଇନରେ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ମନ୍ଦିର ପ୍ରଶାସନକୁ ଅନୁରୋଧ କରିଥିଲେ। ଯଦିଓ ମହାପ୍ରସାଦ ଦେଶ ବିଦେଶରେ ଭକ୍ତଙ୍କ ପାଖରେ ପହଞ୍ଚିବା ସୁବିଧା ହେବ। କିନ୍ତୁ ମହାପ୍ରସାଦର ପବିତ୍ରତା ଦୃଷ୍ଟି କୋଣରୁ ଶ୍ରୀମନ୍ଦିର ପ୍ରଶାସନ କିମ୍ବା ରାଜ୍ୟ ସରକାର ଏ ପ୍ରସ୍ତାବରେ ରାଜି ହୋଇନାହାନ୍ତି। କାରଣ ଅନଲାଇନରେ ମହାପ୍ରସାଦ ନିଆଗଲେ, ତାର ପବିତ୍ରତା ଅକ୍ଷୁର୍ଣ୍ଣ ରଖି ପାରିବେ ନାହିଁ ବୋଲି ସନ୍ଦେହ ରହିଛି । ତେଣୁ ମନ୍ଦିର ପ୍ରଶାସନ ଏବଂ ସରକାର ଅନଲାଇନ ମହାପ୍ରସାଦ ବିକ୍ରିକୁ ନେଇ ସହମତ ନାହାନ୍ତି । ସମସ୍ତ ଭକ୍ତଙ୍କୁ ଅନୁରୋଧ, ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ ସହ ମହାପ୍ରସାଦ ପାଇବାର ସୌଭାଗ୍ୟ ପାଆନ୍ତୁ ।

# କେନ୍ଦ୍ରୀୟ ଯୋଜନାର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଏବଂ ପ୍ରଧାନମନ୍ତ୍ରୀ-କୁସୁମ ଭଳି ଶକ୍ତି ବିଭାଗର ପ୍ରମୁଖ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ସମୀକ୍ଷା କରିଛନ୍ତି। ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଯୋଜନା ଓଡ଼ିଶାର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନରେ ଅଗ୍ରଣୀ ଭୂମିକା ଗ୍ରହଣ କରିବ। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି, ଓଡ଼ିଶା ଏକ ସ୍ଥାୟୀ, ଆତ୍ମନିର୍ଭରଶୀଳ ଶକ୍ତି ଭବିଷ୍ୟତର ଲକ୍ଷ୍ୟରେ ଅଗ୍ରସର ହେଉଛି - ଯେଉଁଠାରେ ନବସୃଜନ ଅନ୍ତର୍ଭୁକ୍ତିକରଣର ସମନ୍ୱୟରେ ପ୍ରତ୍ୟେକ ପରିବାର ଏବଂ ଚାଷୀ ସଶକ୍ତ ହୁଅନ୍ତି। ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାରେ ମୋଟ ୧,୨୮,୩୩୬ ଆବେଦନ କରିଛନ୍ତି, ଯେଉଁଥିରୁ ୧,୨୭,୮୨୦ଟି ଆବେଦନ ସମ୍ଭାବ୍ୟତାକୁ ଅନୁମୋଦନ ଦିଆଯାଇଛି। ଏଯାବତ ୩୩.୬ ମେଗାୱାଟ କ୍ଷମତା ସ୍ଥାପନ କରାଯାଇଛି। ସେହିପରି, ପ୍ରଧାନମନ୍ତ୍ରୀ-କୁସୁମ ଯୋଜନାରେ, ୫୦ ମେଗାୱାଟ କ୍ଷମତାକୁ ଓଡ଼ିଶା ବିଦ୍ୟୁତ ନିୟାମକ ଦ୍ୱାରା ଅନୁମୋଦନ ପ୍ରାପ୍ତ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ବିଭାଗ ଦ୍ୱାରା ଅଭିଯୋଗଗୁଡ଼ିକର ଶୀଘ୍ର ସମାଧାନ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ, ବିଶେଷକରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବା ଅଭିଯୋଗର ତ୍ୱରିତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ନିୟମିତ ଭାବରେ ଭେଣ୍ଡରଙ୍କର କାର୍ଯ୍ୟଦକ୍ଷତା ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଠିକଭାବେ କାର୍ଯ୍ୟ କରୁନଥିବା ଭେଣ୍ଡରଙ୍କ ପଞ୍ଜିକରଣ ରଦ୍ଦ କରିବାକୁ ମଧ୍ୟ ବୈଠକରେ ଆଲୋଚନା କରାଯାଇଛି। ଶକ୍ତି ବିଭାଗ ପ୍ରମୁଖ ସଚିବ ବିଶାଳ ଦେବ, ବିତ୍ତପରାମର୍ଶଦାତା ତଥା ସ୍ୱତନ୍ତ୍ର ସଚିବ ଦେବିଦତ୍ତ ତ୍ରିପାଠି, ଅତିରିକ୍ତ ସଚିବ ସାଇଦତ୍ତ ବିପ୍ଳବ କେଶରୀ ପ୍ରଧାନ, ଓରେଡା, ଟାଟା ପାୱାର ଏବଂ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ପାଇଁ ସେମାନଙ୍କ ସୁଦୃଢ଼ ଏବଂ ରଣନୈତିକ ରୋଡମ୍ୟାପ୍ ପ୍ରଦାନ କରିଥିଲେ।



ରେଳବାଇ ଅଡିଟୋରିୟମ୍‌ରେ କମିଶନରେଟ୍ ପୋଲିସ ପକ୍ଷରୁ ଆୟୋଜିତ ଯୁବ ସଚେତନତା କାର୍ଯ୍ୟକ୍ରମ 'ଜୀବନ ଜିନ୍ଦାବାଦ୍'ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ଅନ୍ୟମାନେ

### ଆଇନମନ୍ତ୍ରୀଙ୍କୁ ବିଜେଡିର ଜବାବ

## ବିଫଳ ବ୍ୟବସ୍ଥା ନ ସଜାଡି ବିରୋଧୀଙ୍କୁ ପ୍ରଶ୍ନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବରଗଡ ନାବାଳିକା ମୃତ୍ୟୁ ଘଟଣାରେ ଆଇନମନ୍ତ୍ରୀ ଦେଇଥିବା ଦାୟିତ୍ୱହୀନ ମନ୍ତବ୍ୟକୁ ନେଇ ପ୍ରଶ୍ନ ଉଠାଇଛି ବିଜେଡି। ଆତ୍ମାହୁତି କୌଣସି ସମସ୍ୟାର ସମାଧାନ ନୁହେଁ ବୋଲି ପାଠ ପଢାଉଥିବା ଆଇନମନ୍ତ୍ରୀ ମନେ ରଖିବା ଉଚିତ, ବିଜେପି ସରକାର ଉପରେ ରାଜ୍ୟବାସୀ ଭରସା ଓ ବିଶ୍ୱାସ ହରାଇଛନ୍ତି । ଏକ ପ୍ରେସ୍ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି କହିଛନ୍ତି, ବାଲେଶ୍ୱର, ବଳଙ୍ଗା ଓ ପଟ୍ଟାମୁଣ୍ଡାଇ ଛାତ୍ରୀ ମୃତ୍ୟୁ ଘଟଣା ଲୋକଙ୍କ ମନରୁ ନଲିଭୁଣୁ ପୁଣି ବରଗଡ ଜିଲ୍ଲାରେ ଜଣେ ଛାତ୍ରୀଙ୍କ ଦୁଃଖଦ ମୃତ୍ୟୁ ସରକାରଙ୍କ ବ୍ୟବସ୍ଥାଗତ ବିଫଳତାକୁ ସୂଚାଉଛି। ପୀଡିତାମାନଙ୍କ ନିମନ୍ତେ ରାଜ୍ୟ ସରକାରଙ୍କ ସମସ୍ତ ଦ୍ୱାର ଖୋଲା ଥିବା କହୁଥିବା ଆଇନମନ୍ତ୍ରୀ ବୁଝିବା ଉଚିତ, ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ । ଶାସକ ବିଜେପି ଦଳର ଛାତ୍ର ସଂଗଠନ ଏବିଭିପିର ଜଣେ ଛାତ୍ରୀ ନ୍ୟାୟ ପାଇବା ପାଇଁ ସରକାରଙ୍କୁ ସବୁ ସ୍ତରରେ ନିବେଦନ କରି ଯଦି ନ୍ୟାୟ ପାଇପାରିଥାନ୍ତେ ତାହା ହେଲେ ଏକ ମୂଲ୍ୟବାନ ଜୀବନ ରକ୍ଷା ହୋଇପାରିଥାନ୍ତା। ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ସରକାରଙ୍କ ଏହି ବିଫଳତାକୁ ସ୍ୱୀକାର କରନ୍ତୁ। ବିରୋଧୀ ଦଳ ସରକାରଙ୍କୁ ଟାର୍ଗେଟ କରୁଛନ୍ତି ବୋଲି ଆଇନମନ୍ତ୍ରୀ କରୁଥିବା ଅଭିଯୋଗ ହାସ୍ୟାସ୍ପଦ ବୋଲି ଡ. ମହାନ୍ତି କହିବା ସହ, ସୁଶାସନର ନାରା ଦେଇ ଶାସନକୁ ଆସିଥିବା ବିଜେପି ସରକାରର ଅପାରଗତା ଲାଗି ୧୩ ମାସରେ ରାଜ୍ୟବାସୀ ଅସହାୟ ମଣୁଛନ୍ତି। ଆଗାମୀ ଦିନରେ ଠିକଣା ସମୟରେ ରାଜ୍ୟବାସୀ ଏହାର ଉଚିତ ଜବାବ ଦେବେ।

### ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲା

## ଦୁଇ ଦିନିଆ ରିମାଣ୍ଡରେ ଜିତେନ୍ ଓ ବିଜୟ

କଟକ(ଭାସ୍କର ନ୍ୟୁଜ୍): ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ କ୍ରାଇମବ୍ରାଞ୍ଚ୍ ଅଭିଯୁକ୍ତ ଜିତେନ ମହାରଣା ଓ ବିଜୟ ମିଶ୍ରଙ୍କୁ ସୋମବାରଠାରୁ ଦୁଇଦିନିଆ ରିମାଣ୍ଡରେ ନେଇଛି । ଚାରିଦିନିଆ ରିମାଣ୍ଡ ପାଇଁ କ୍ରାଇମବ୍ରାଞ୍ଚ୍ ଜେଏମ୍ଏଫ୍‌ସି-୩ କୋର୍ଟରେ ଆବେଦନ କରିଥିଲା ବେଳେ କୋର୍ଟଙ୍କ ପକ୍ଷରୁ ଦୁଇଦିନିଆ ରିମାଣ୍ଡ ପାଇଁ ଅନୁମତି ପ୍ରଦାନ କରିଛନ୍ତି । ସୋମବାର ଓ ମଙ୍ଗଳବାର ପାଇଁ କ୍ରାଇମବ୍ରାଞ୍ଚରେ ଆଣି ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲାରେ ଖୋଳତାଡ଼ ଆରମ୍ଭ କରିଛି । ଦୁଇ ଅଭିଯୁକ୍ତଙ୍କୁ ଜେଲରୁ ଆଣି ନିଜ ହେପାଜତରେ ରଖି ପଚାରଉଚରା ଆରମ୍ଭ କରିଛନ୍ତି ତଦନ୍ତକାରୀ ଅଧିକାରୀ ଦଳ। ବୋର୍ଡର ଡାଟା ଏ ଅପରେଟର ଜିତେନ ମହାରଣା ଓ ଶିକ୍ଷକ ନେତାଙ୍କୁ ଅଲଗା ଅଲଗା ଜେରା କରିବା ପରେ ମୁହାଁମୁହିଁ ଜେରା କରିବା ପାଇଁ ଯୋଜନା କରିଛି କ୍ରାଇମବ୍ରାଞ୍ଚ୍। ତେବେ କ୍ରାଇମବ୍ରାଞ୍ଚ ଜଣେ ବରିଷ୍ଠ ଅଧିକାରୀ ଏହି ଜେରାରେ ଉପସ୍ଥିତ ରହିବେ। ବିଶେଷ କରି ଗିରଫ ହୋଇଥିବା ବୋର୍ଡର ଉପସଭାପତି ନିହାର ମହାନ୍ତିଙ୍କର ଏହି ଲିକ୍ ପଛରେ କିଭଳି ରହିଥିଲା ହାତ, କେତେ ଟଙ୍କାର ହୋଇଥିଲା କାରବାର । ଏହି ଗୋଟିଏ ପରୀକ୍ଷା ଛଡ଼ା ଆଗରୁ ପ୍ରଶ୍ନପତ୍ର ଲିକ୍ ଘଟଣାରେ କିଭଳି ଉପସଭାପତିଙ୍କ ହାତ ଥିଲା । ସବୁ ଦିଗକୁ ନେଇ ତଦନ୍ତ ହେବ । ଉଭୟଙ୍କଠାରୁ ତଥ୍ୟ ହାସଲ କରି ଗିରଫ ହୋଇଥିବା ବୋର୍ଡ ଉପସଭାପତି ନିହାର ରଞ୍ଜନ ମହାନ୍ତିଙ୍କୁ କ୍ରାଇମବ୍ରାଞ୍ଚ ରିମାଣ୍ଡରେ ଆଣିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

## ୧୭୨ ଗ୍ରାମ୍ ହେରୋଇନ୍ ଜବତ, ଜଣେ ଗିରଫ

କଟକ(ଭାସ୍କର ନ୍ୟୁଜ୍): କଟକ ଅବକାରୀ ଫ୍ଲାଇଂ ସ୍କ୍ୱାର୍ଡ ନେହେରୁ ପଲ୍ଲୀ ଅଞ୍ଚଳରୁ ୧୭୨ ଗ୍ରାମ ହିରୋଇନ୍ ଜବତ କରିଛି । ଜବତ ହେରୋଇନ୍‌ର ମୂଲ୍ୟ ୧୭ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂତ୍ରରୁ ପ୍ରକାଶ । ଘଟଣାରେ ବଡସାହିର ସୌମ୍ୟରଂଜନ ଦାସଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ନିୟମିତ ନିଶା ବ୍ୟବସାୟ କରିଥାଏ ବୋଲି ତଦନ୍ତରୁ ଜଣାପଡିଛି।

## ଜଙ୍କିଆ ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଅଞ୍ଚଳର ଜାଗୃତି ରାଉଳ (ପିତା-ମାନସ କୁମାର ରାଉଳ) ଏବଂ ରେବତୀ ରାଉଳ (ସ୍ୱାମୀ-ମାନସ କୁମାର ରାଉଳ)ଙ୍କ ଏକ ଦୁଃଖଦ ଦୁର୍ଘଟଣାରେ ପ୍ରାଣହାନି ବିଷୟରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ସେମାନଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ପ୍ରତି ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

## ହୋଟେଲରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ତମାଣ୍ଡୋର ଏକ ହୋଟେଲରୁ ଜଣେ ବୃଦ୍ଧଙ୍କ ମୃତଦେହ ମିଳିଛି। ପ୍ରିନ୍ସେସ ନାମକ ଏକ ହୋଟେଲରୁ ମୃତଦେହ ଉଦ୍ଧାର ହୋଇଛି। ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ମୃତକଙ୍କ ନାଁ ବିମଳ ପ୍ରସାଦ ପାଣ୍ଡିଆ। ବୟସ ପାଖାପାଖି ୫୮ ବର୍ଷ। ଆଜି ସକାଳୁ ୨୦୩ ନମ୍ବର ରୁମ ବୁକ କରି ରହିଥିଲେ। ସେହି ରୁମରେ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି । ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଛି। ଆର୍ଥିକ ଦୁଶ୍ଚିନ୍ତାରେ ରହି ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି।

## ମଇଁଷିଖାଲ ବସ୍ତିରେ ଜଣ୍ଡିସ୍ ନିୟନ୍ତ୍ରଣାଧୀନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱର ପୌର ନିଗମ ଅନ୍ତର୍ଗତ ବି.ଜେ.ବି ନଗର ସ୍ଥିତ ମଇଁଷିଖାଲ ବସ୍ତି ରାଜୀବ ଆବାସ ଆପର୍ଟମେଣ୍ଟରେ ଜଣ୍ଡିସ ଦେଖାଦେଇଥିବା ଖବର ମିଳିବା ମାତ୍ରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଟିମ୍ ତରଫରୁ ତତକ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା । ସଂପୃକ୍ତ ବସ୍ତିରେ ହେଲଥ୍ ଟିମ୍ ପହଞ୍ଚି ସ୍ଥାନୀୟ ସ୍ୱାସ୍ଥ୍ୟ କର୍ମୀଙ୍କ ସହ ମିଳିତ ଭାବେ କ୍ଷେତ୍ରସ୍ତରୀୟ କାର୍ଯ୍ୟକ୍ରମ ଜାରି ରଖିଛନ୍ତି । ବର୍ତ୍ତମାନ ସୁଦ୍ଧା ସମୁଦାୟ ୧୦ ରୋଗୀ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଆବଶ୍ୟକୀୟ ଚିକିତ୍ସା ଓ ପରାମର୍ଶ ଦିଆଯାଇଛି। କୌଣସି ସଂକ୍ରମିତ ରୋଗୀ ଗୁରୁତର ହୋଇନାହାନ୍ତି କିମ୍ବା କେହି ହସ୍ପିଟାଲରେ ଆଡମିସନ୍ ହୋଇନାହାନ୍ତି। ପ୍ରାପ୍ତ ସୂଚନା ଅନୁସାରେ ସେହି ବସ୍ତି ଓ ଆପାର୍ଟମେଣ୍ଟର ୩ଟି ସ୍ଥାନରୁ ପାଣି ନମୁନା ଏବଂ ୫ଟି ରକ୍ତ ନମୁନା ସଂଗ୍ରହ କରାଯାଇଛି। ସଂଗୃହିତ ରକ୍ତ ନମୁନାରୁ ୪ ଟିରେ ହେପାଟାଇଟିସ୍ ଏ ଭାଇରସ୍ ଚିହ୍ନଟ କରାଯାଇଛି । ପାଣି ନମୁନା ପରୀକ୍ଷା ପାଇଁ ପଠାଯାଇଛି । ସୂଚନାଯୋଗ୍ୟ, ଗଭୀର ନଳକୂପ ପାଣି ପ୍ରକ୍ରିୟା କରଣ କରି ୱାଟକୋ ମାଧ୍ୟମରେ ଯୋଗାଇ ଦିଆଯାଏ। ପାଣି ମାଧ୍ୟମରେ ସଂକ୍ରମଣର ସମ୍ଭାବନା ବହୁତ କମ୍ । ସ୍ୱତନ୍ତ୍ର ଖାଦ୍ୟ ନିରାପତ୍ତା ଟିମ୍ ମଧ୍ୟ ବସ୍ତି ଓ ଆଖପାଖ ଅଞ୍ଚଳରେ ଯାଞ୍ଚ୍ କାମ ଜାରି ରଖିଛନ୍ତି । ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ସଚେତନତା କାର୍ଯ୍ୟକ୍ରମ ଜାରି ରଖିଛନ୍ତି । ଜଣ୍ଡିସ୍ ସଂକ୍ରମଣ ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି।

## ସମୂହ ଛୁଟିରେ ଗଲେ ରାଜ୍ୟର ୧୦ ହଜାରରୁ ଊର୍ଦ୍ଧ୍ୱ ଅମଲା

କଟକ(ଭାସ୍କର ନ୍ୟୁଜ୍): ରାଜ୍ୟରେ କାର୍ଯ୍ୟରତ ଜିଲାସ୍ତରୀୟ ରାଜସ୍ୱ ଅମଲାମାନେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ରାଜ୍ୟ ସରକାରଙ୍କୁ ଅବଗତ କରାଇ ସୋମବାରଠାରୁ ସମୂହ ଛୁଟିରେ ଯାଇଛନ୍ତି। ରାଜସ୍ୱ ଅମଲାଙ୍କ ବିଭିନ୍ନ ନ୍ୟାଯ୍ୟ ଦାବିଗୁଡ଼ିକ ପୂରଣ କରିବା ଦିଗରେ ସରକାରଙ୍କ ଟାଳଟୁଳ ନୀତି ଓ ବୈମାତୃକ ମନୋଭାବ ପ୍ରତିବାଦରେ ସମୂହ ଛୁଟିରେ ଯାଇଛନ୍ତି ବୋଲି ସଂଘର ରାଜ୍ୟ ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର ପ୍ରକାଶ କରିଛନ୍ତି। ଦାବି ଅନୁସାରେ, ଜିଲାସ୍ତରୀୟ ରାଜସ୍ୱ ଅମଲାଙ୍କ ପ୍ରବେଶକାଳୀନ ଶିକ୍ଷାଗତ ଯୋଗ୍ୟତା ୨୦୧୮ ମସିହାରୁ ସ୍ନାତକ ସହିତ କମ୍ପ୍ୟୁଟର ଜ୍ଞାନ ବାଧ୍ୟତାମୂଳକ କରାଯାଇଛି। ହେଲେ ଏପର୍ଯ୍ୟନ୍ତ ପ୍ରବେଶ କାଳୀନ ବେତନରେ କୌଣସି ଅଭିବୃଦ୍ଧି କରାଯାଇ ନାହିଁ।

## ଦାୟିତ୍ୱ ନେଲେ ଶିଶୁ ସୁରକ୍ଷା ଅଧିକାର ଆୟୋଗ ଅଧ୍ୟକ୍ଷା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ନବ ନିଯୁକ୍ତ ଶିଶୁ ସୁରକ୍ଷା ଅଧିକାର ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ପ୍ରତିକ୍ରିୟା ଦେଇ ବବିତା ପାତ୍ର କହିଛନ୍ତି ଯେ ଶିଶୁମାନଙ୍କର ବିକାଶ ପାଇଁ କାର୍ଯ୍ୟ କରିବି। ବିଗତ କେସ୍ ଗୁଡ଼ିକୁ ଅନୁଧ୍ୟାନ କରିବି ଏବଂ ରୋଡ୍‌ମ୍ୟାପ ପ୍ରସ୍ତୁତ କରିବି। ଶିଶୁ ଦେଶର ଭବିଷ୍ୟତ, ସେମାନଙ୍କର ସୁରକ୍ଷା ଜରୁରୀ। ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା କରି କାର୍ଯ୍ୟ କରିବି।

## ମହିଳା କମିଶନ ଅଧ୍ୟକ୍ଷା ଭାବେ ଦାୟିତ୍ୱ ଗ୍ରହଣ କଲେ ଶୋଭନା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଭାବେ ଶୋଭନା ମହାନ୍ତି ସୋମବାର ଦିନ ବିଧିବଦ୍ଧ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଦାୟିତ୍ୱ ଗ୍ରହଣ କରିବା ପରେ ସେ ତାଙ୍କର ପ୍ରଥମ ପ୍ରତିକ୍ରିୟାରେ କହିଛନ୍ତି ଯେ ସମାଜର ଅସହାୟ ଅବହେଳିତ ମହିଳାଙ୍କ ସୁରକ୍ଷା ଏବଂ ନ୍ୟାୟ ପାଇଁ କାମ କରିବେ । ସେ କହିଛନ୍ତି ଯେ ପ୍ରତିଟି ମହିଳା କିପରି ସୁରକ୍ଷା ପାଇବେ ତୃଣମୂଳ ସ୍ତରରେ ସେ ଦିଗରେ ଚେଷ୍ଟିତ ରହିବି । ସେମାନଙ୍କ ସମସ୍ୟାକୁ ସାମ୍ନାକୁ ଆଣିବି । ଯେଉଁ ଦାୟିତ୍ୱ ମିଳିଛି ଅଧ୍ୟକ୍ଷା ଭାବେ ମୁଁ ସର୍ବଦା ଚେଷ୍ଟା କରିବି ଯେପରି ମହିଳାମାନେ ଗୁହାରି କରି ବିଫଳ ନ ହେବେ । ମୋ ପାଖକୁ ଯେଉଁ ଅଭିଯୋଗ ଆସିବ ତାକୁ ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ନିର୍ଣ୍ଣାୟକ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି ।

## ହର ଘର ତ୍ରିରଙ୍ଗା ଯାତ୍ରାରେ ଯୋଗଦେଲେ ଏକାମ୍ର ବିଧାୟକ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୭୯ ତମ ସ୍ୱାଧୀନତା ଦିବସ ଉପଲକ୍ଷେ ସୋମବାର ଦିନ ଏକାମ୍ର ନିର୍ବାଚନ ମଣ୍ଡଳୀର ବାରଭୂଜା ମଣ୍ଡଳର ରଘୁନାଥ ନଗର ଅଟୋ ଷ୍ଟାଣ୍ଡରୁ ଆରମ୍ଭ କରି ଡୁମୁଡୁମା ମୁଖ୍ୟ ବଜାର ବାଟ ଦେଇ ବାରଭୂଜା ମଣ୍ଡଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ହର ଘର ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯୋଗଦେଇ ବିଧାୟକ ବାବୁ ସିଂ କହିଛନ୍ତି ସ୍ୱାଧୀନତାର ୭୬ ବର୍ଷ ପରେ ରାଷ୍ଟ୍ର ଜାତୀୟତାବାଦ, ଦେଶଭକ୍ତି, ଅଖଣ୍ଡତା ରକ୍ଷା ଏବଂ ଦେଶର ୧୪୦ କୋଟି ଲୋକଙ୍କୁ ଦଳମତ ଜାତି ନିର୍ବିଶେଷରେ ସମସ୍ତଙ୍କୁ ଏକଜୁଟ୍ କରିବା ଆବଶ୍ୟକ । ସମସ୍ତଙ୍କୁ ଦେଶ ମାତୃକାର ସେବା କରିବା ଓ ଭାରମାତାର ପୂଜନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏକ ପ୍ରକ୍ରିୟା ଆରମ୍ଭ ହୋଇଛି । ସମାଜର ୭୨ ଭାଗ ହେଉଛି ଯୁବ ସମାଜ ଏବଂ ଯୁବ ସମାଜ ଏଥିରେ ଅନୁପ୍ରାଣିତ ହୋଇଛନ୍ତି। ଗତ କିଛିବର୍ଷ ଧରି ପାର୍ଟିର କାର୍ଯ୍ୟକର୍ତ୍ତା ଦେଶବାସୀଙ୍କ ସହ ମିଶି ହର୍ଷୋଲ୍ଲାସ ସହ ଦେଶର ଏକତା ତଥା ଅଖଣ୍ଡତା ଉଦ୍ଦେଶ୍ୟରେ ଏକାମ୍ର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ହର ଘର ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା। ୧୫ ଅଗଷ୍ଟ ପର୍ଯ୍ୟନ୍ତ ପ୍ରତ୍ୟେକ ଘର ଓ ଅନୁଷ୍ଠାନରେ ହର ଘର ତ୍ରିରଙ୍ଗା ଉତ୍ତୋଳନ କରାଯିବା ସହ ମହାପୁରୁଷ ଏବଂ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଓ ସ୍ମାରକୀ ଉପରେ ପୁଷ୍ପାଞ୍ଜଳୀ ଅର୍ପଣ କରାଯିବ। ଏକାମ୍ରର ବିଭିନ୍ନ ସ୍ଥାନରେ ହର ଘର ତ୍ରିରଙ୍ଗା ଯାତ୍ରା କରାଯିବ। ସାଧାରଣ ଜନତା ମଧ୍ୟ ଏ ସମସ୍ତ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ବିଧାୟକ ଶ୍ରୀ ସିଂ ଏକାମ୍ରବାସୀଙ୍କୁ ନିବେଦନ କରିଛନ୍ତି । କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜିଲ୍ଲା ବିଜେପି ସଭାପତି ନିରଞ୍ଜନ ମିଶ୍ର, ବାରଭୂଜା ମଣ୍ଡଳ ସଭାପତି ଜିତୁ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ନବରଙ୍ଗପୁର ଘଟଣାରେ ପିସିସିର ତଥ୍ୟ ଅନୁଧ୍ୟାନ କମିଟି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ନର୍ସିଂ ଛାତ୍ରୀଙ୍କୁ ନିର୍ଯାତନା ଜନିତ ଆତ୍ମହତ୍ୟା ଉଦ୍ୟମ ଏବଂ ଦୀର୍ଘ ୧୪ଦିନ ଧରି ଜୀବନ ସଂଗ୍ରାମ ପରେ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଛାତ୍ରୀ ମୃତ୍ୟୁବରଣ କରିଛନ୍ତି । ଏହି ଦୁଃଖଦ ଘଟଣାର ଅନୁଧ୍ୟାନ ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏକ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି । ମନୋରଞ୍ଜନ ତ୍ରିପାଠୀ କମିଟିର ଅଧ୍ୟକ୍ଷ, ସନରାଜ ଗଣ୍ଡ, ଲିପିକା ମାଝୀ, ସୁଶ୍ରୀ ହାରାବତୀ ଗଣ୍ଡ, ମନଷା ତ୍ରିପାଠୀ, ଅଖିଳ ସାଉନ୍ତା ଓ କ୍ଷମରାଜ ବାଗ ସଭ୍ୟ ଭାବରେ ରହିଛନ୍ତି । ଉକ୍ତ କମିଟି ଘଟଣା ସ୍ଥଳକୁ ଯାଇ ପୀଡ଼ିତାଙ୍କୁ ଏବଂ ତାଙ୍କ ପରିବାରବର୍ଗଙ୍କ ସହିତ ଆଲୋଚନା କରି ଏକ ରିପୋର୍ଟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଦାଖଲ କରିବା ପାଇଁ ପିସିସି ସଭାପତି ଶ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି ।

### ସ୍ୱର୍ଗତ ଅନୀଲ ପ୍ରସାଦ ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଓ ସ୍ମୃତିସଭା

## ଅନିଲ ଥିଲେ ସ୍ୱାଭିମାନୀ: ଭକ୍ତ ଦାସ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାର ଜଣେ ପ୍ରତିଷ୍ଠିତ ଫଟୋ ସାମ୍ବାଦିକତାର ଜନକ ଭାବେ ପରିଚିତ ତଥା ଇଷ୍ଟର୍ଣ୍ଣ ପ୍ରେସ୍ ଏଜେନ୍ସି ଓ ଇପିଏର ପ୍ରତିଷ୍ଠାତା ସ୍ୱର୍ଗତ ଅନୀଲ ପ୍ରସାଦ ମିଶ୍ରଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକ ଓ ସ୍ମୃତିସଭା ସୋମବାର ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନରେ ପାଳିତ ହୋଇଯାଇଛି । ଏହି ସ୍ମୃତିସଭାରେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ କହିଲେ ଯେ, ଫଟୋ ମାଧ୍ୟମରେ ଅନେକ ବାର୍ତ୍ତା ଦେଉଥିଲେ ଅନୀଲ । ତାଙ୍କ ଫଟୋ କଥା କହୁଥିଲା । ସମାଜକୁ ସଚେତନ କରିବା ସହ ଶାସକ ଓ ବିରୋଧୀ ଦଳକୁ ବାଟ ଦେଖାଉଥିଲା ସେ ଥିଲେ ବଡ଼ ସ୍ୱାଭିମାନୀ। କାହାକୁ କେବେହେଲେ ସହଯୋଗ ମାଗି ନାହାଁନ୍ତି ବୋଲି ଶ୍ରୀଯୁକ୍ତ ଦାସ କହିଥିଲେ। ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର କହିଲେ ଯେ, ସେ ବିଜୁବାବୁଙ୍କ ନିକଟରେ ଥିଲେ। ତାଙ୍କର ଫଟୋକୁ ନେଇ ବିଜୁ ଗ୍ୟାଲେରୀ କରିଥିଲେ । ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଏକାମ୍ର ବିଧାୟକ ବାବୁ ସିଂ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, କର୍ପୋରେଟର ଆସିଆ ବେଗମ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ମହାନ୍ତି ତଥା ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଇଷ୍ଟର୍ଣ୍ଣ ପ୍ରେସର ସାମ୍ବାଦିକ ବନ୍ଧୁ ଏବଂ ବହୁ ମାନଗ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଇପିଏର ସମ୍ପାଦିକା ଅଞ୍ଜଳି ମିଶ୍ରଙ୍କ ପ୍ରତ୍ୟକ୍ଷ ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସମ୍ପାଦନା କରାଯାଇଥିଲା । ପ୍ରଥମେ ମାସୀନ ଅତିଥିବୃନ୍ଦଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା । ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା । ସମ୍ମାନୀୟ ଅତିଥିମାନେ ସ୍ୱର୍ଗତ ମିଶ୍ରଙ୍କ କାର୍ଯ୍ୟ, ନିଷ୍ଠା ଓ ବଳିଷ୍ଠ ଉଦ୍ୟମର ପ୍ରଶଂସା କରିବା ସହିତ କେଉଁଭଳି ଭାବରେ ଅନେକ ସାମ୍ବାଦିକଙ୍କ ପାଇଁ ପ୍ରେରଣା ସାଜିଛନ୍ତି, ସେ ବାବଦରେ ମତ ରଖିଥିଲେ । ଏହି ଅବସରରେ ଅନେକ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ମଂଚ ଉପରେ ସମ୍ମାନିତ କରାଯାଇଥିଲା ଏବଂ ଇପିଏ ଉଇକ୍ଲିର ସ୍ୱତନ୍ତ୍ର ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ଦାୟିତ୍ୱରେ ଥିଲେ ବରିଷ୍ଠ ସାମ୍ବାଦିକା ସୌମ୍ୟା ତ୍ରିପାଠୀ ।




## ବାର୍ତ୍ତା

ଅନ୍ତର୍ଜାତୀୟ ଯୁବ ଦିବସ ଅବସରରେ ମୁଁ ଓଡ଼ିଶାର ଯୁବପିଢ଼ିଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି । ଆମ ଯୁବପିଢ଼ି ପ୍ରଗତି, ନବସୃଜନ ଏବଂ ସାମାଜିକ ପରିବର୍ତ୍ତନର ପ୍ରମୁଖ ସ୍ତମ୍ଭ । ସୁସ୍ଥ ଯୁବପିଢ଼ି ହେଉଛନ୍ତି ଏକ ସୁନ୍ଦର ଓ ସୁରକ୍ଷିତ ଓଡ଼ିଶାର ଆଧାରଶିଳା ।
ଅନେକ ସମୟରେ ସଚେତନତା ଅଭାବରୁ ଯୁବବର୍ଗଙ୍କ ଭବିଷ୍ୟତ ଅସୁରକ୍ଷିତ ହୋଇଥାଏ । ଏଚ୍.ଆଇ.ଭି/ ଏଡସ୍ ଏବଂ ଅନ୍ୟ ସହ-ସଂକ୍ରମଣ ସମ୍ପର୍କରେ ସଚେତନତା ଓ ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ଏକ ସ୍ୱତନ୍ତ୍ର ସଚେତନତା ଅଭିଯାନର ଦ୍ୱିତୀୟ ବର୍ଷ ଆଜି ଆରମ୍ଭ ହୋଇଛି । ଯୁବପିଢ଼ିଙ୍କୁ ସଚେତନ କରିବାର ଲକ୍ଷ୍ୟ ନେଇ ଓଡ଼ିଶା ମଧ୍ୟ ଏଥିରେ ସାମିଲ ହୋଇଛି ।
ଏହି କାର୍ଯ୍ୟକ୍ରମ ଆଜିଠାରୁ ଅକ୍ଟୋବର ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅଭିଯାନରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ସହିତ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ସର୍ବାଧିକ ପ୍ରଭାବିତ ହେବାର ସମ୍ଭାବନା ଥିବା ଯୁବବର୍ଗଙ୍କ ପାଇଁ କଲେଜ ଏବଂ ସ୍କୁଲରେ ସଚେତନତା ଶିବିରମାନ ଆୟୋଜନ କରାଯାଉଛି । ଏହି ଅଭିଯାନରେ ଏଚ୍.ଆଇ.ଭି ସମ୍ପର୍କିତ ସଚେତନତା ଓ ସୁରକ୍ଷିତ ବ୍ୟବହାର ବିଷୟରେ ସଚେତନ କରାଯିବାର ଲକ୍ଷ୍ୟ ରହିଛି । ସମସ୍ତ ଶିକ୍ଷାନୁଷ୍ଠାନ, ଯୁବ ମଣ୍ଡଳ ଓ ସାମାଜିକ ସଂଗଠନମାନେ ଏଥିରେ ସକ୍ରିୟ ଭାଗ ନେବେ ବୋଲି ମୋର ଆଶା ଓ ବିଶ୍ୱାସ ।
ଏକ ସଚେତନ ଓ ସୁରକ୍ଷିତ ଯୁବପିଢ଼ି-ଏକ ଶକ୍ତିଶାଳୀ ଓଡ଼ିଶାର ଆଧାର ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DSPL-200



## ବାର୍ତ୍ତା

ଯୁବପିଢ଼ି ଆମ ରାଜ୍ୟର ମେରୁଦଣ୍ଡ ଏବଂ ଏକ ସଶକ୍ତ ତଥା ସୁସ୍ଥ ଓଡ଼ିଶା ଗଠନ ପାଇଁ ସେମାନଙ୍କ ସ୍ୱାସ୍ଥ୍ୟ, ସଚେତନତା ଏବଂ ସଶକ୍ତିକରଣରେ ବିନିଯୋଗ କରିବା ଗୁରୁତ୍ୱପୂର୍ଣ୍ଣ । ଆଜି ଅନ୍ତର୍ଜାତୀୟ ଯୁବ ଦିବସ ୨୦୨୫ ଅବସରରେ ଓଡ଼ିଶାରେ ଏକ ସ୍ୱତନ୍ତ୍ର ସଚେତନତା ଅଭିଯାନର ଦ୍ୱିତୀୟ ବର୍ଷ ଆରମ୍ଭ କରୁଛୁ । ଯାହା ଏଚ୍.ଆଇ.ଭି ନିରାକରଣ ଏବଂ ସୁସ୍ଥ ଆଚରଣ ଉପରେ ଯୁବ ନେତୃତ୍ୱଙ୍କ ସଚେତନତା ଉପରେ ପରିବେଶିତ ।
ଚଳିତ ବର୍ଷ ଅଗଷ୍ଟ ୧୨ରୁ ଅକ୍ଟୋବର ୧୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନର ଲକ୍ଷ୍ୟ ତୃଣମୂଳ ସ୍ତରରେ ସଚେତନତାକୁ ଆହୁରି ତୀବ୍ର କରିବା ଏବଂ ସଠିକ ସୂଚନା, ପରୀକ୍ଷା ଏବଂ ସମର୍ଥନ ପାଇବାକୁ ପ୍ରୋତ୍ସାହିତ କରିବା । ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟ ସାରା ରାଜ୍ୟରେ ଖୁବ୍ ଆଦୃତ ହୋଇପାରିଥିଲା । ସମସ୍ତଙ୍କ ସହଯୋଗରେ ୪ ହଜାରରୁ ଊର୍ଦ୍ଧ୍ୱ ଗ୍ରାମ ଏବଂ ୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ପାଖରେ ସିଧାସଳଖ ସଚେତନତା ବାର୍ତ୍ତା ପହଞ୍ଚାଯାଇଥିଲା । ପଞ୍ଚାୟତ ସ୍ତରରେ ସମ୍ପୃକ୍ତି ସୁନିଶ୍ଚିତ କରିବା ପାଇଁ ଗ୍ରାମସଭା ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଅଭିଯାନର ସଫଳ ରୂପାୟନ ପାଇଁ ଚଳିତ ବର୍ଷ ମଧ୍ୟ ସମସ୍ତଙ୍କ ସହଯୋଗ ଏକାନ୍ତ କାମ୍ୟ ।
ଆସନ୍ତୁ, ଆମେ ଏକାଠି ଏକ ଏଡସ୍ ମୁକ୍ତ, ସୂଚନାପ୍ରଦ ଏବଂ ଦାୟିତ୍ୱବାନ ଓଡ଼ିଶା ଗଠନ କରିବା ।

(ଡ଼. ମୁକେଶ ମହାଲିଙ୍ଗ)
ମାନ୍ୟବର ମନ୍ତ୍ରୀ,
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

OIPR 10009/13/0052/2526



"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ।"
- ମହାତ୍ମା ଗାନ୍ଧୀ



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ।"
- ଉତ୍କଳମଣି ଗୋପବନ୍ଧୁ ଦାସ

### ଟ୍ରମ୍ପଙ୍କୁ ଭାରତର ପାଲଟା ଜବାବ

# ମୋଦି-ପୁଟିନ୍ ବାର୍ତ୍ତାଳାପର ଗୁରୁତ୍ୱ

ରାଷ୍ଟ୍ରପତି ଟ୍ରମ୍ପଙ୍କ ଗୋଟିଏ ପରେ ଗୋଟିଏ ବିବାଦୀୟ ପଦକ୍ଷେପ ଏବଂ ଭାରତ ବିରୋଧୀ ମନୋଭାବ ପୋଷଣ ପରେ ଦୁଇଦେଶ ମଧ୍ୟରେ ସମ୍ପର୍କ କ୍ରମଶଃ ତିକ୍ତ ହେବାରେ ଲାଗିଛି। ବିଶେଷ କରି ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ (ଟାରିଫ୍) ଧାର୍ଯ୍ୟ ଏବଂ ଭାରତୀୟ ଅର୍ଥ ବ୍ୟବସ୍ଥାକୁ 'ମୃତ ଅର୍ଥନୀତି' ରୂପେ ଘୋଷଣା କରିବା ପରେ ଭାରତ ଏବେ ଆମେରିକା ଆଡୁ ମୁହଁ ଫେରାଇ ରୁଷ୍‌ର ନିକଟତର ହେଉଥିବାର ଲକ୍ଷ୍ୟ କରାଯାଉଛି। ବର୍ତ୍ତମାନ ଭାରତ ସମଗ୍ର ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥ ବ୍ୟବସ୍ଥା ରୂପେ ପରିଗଣିତ ହେଉଥିବା ସ୍ଥଳେ ଖୁବ୍‌ଶୀଘ୍ର ତୃତୀୟ ସ୍ଥାନରେ ପହଞ୍ଚିବା ଦିଗରେ ପ୍ରଚେଷ୍ଟା ଚଳାଇ ରଖିଛି। ଠିକ୍ ଏହି ସମୟରେ କେଉଁ ଆଧାରରେ ଟ୍ରମ୍ପ୍ ଏହାକୁ 'ମୃତ' ଆଖ୍ୟା ଦେଇ ବିଦ୍ରୁପାତ୍ମକ ମନ୍ତବ୍ୟ ଦେଲେ, ତାହା ସ୍ପଷ୍ଟ ହେଉନାହିଁ। ତେବେ ଟ୍ରମ୍ପ୍‌ଙ୍କ ଆଚରଣ ଓ ଉଚ୍ଚାରଣ ଭାରତୀୟ ନେତାମାନଙ୍କୁ ଅତ୍ୟନ୍ତ କ୍ଷୁବ୍ଧ କରିଛି ଏବଂ ପ୍ରଧାନମନ୍ତ୍ରୀ ମୋଦି ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ରବିବାର ଏହାର କଡ଼ା ପାଲଟା ଜବାବ୍ ଦେଇଛନ୍ତି। ଯେସାକୁ ତେସା ନୀତିରେ ଭାରତ ଏବେ ଜବାବୀ ଆକ୍ରମଣ ସ୍ୱରୂପ ଆମେରିକା ଉପରେ ୫୦ ପ୍ରତିଶତ ଶୁଳ୍କ (ଟାରିଫ୍) ଲଗାଇବାକୁ ପ୍ରସ୍ତୁତ ହେଉଥିବାର ଖବର ମିଳିଛି। ଏହା ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ ହେଲେ ୧୧ଲକ୍ଷ କୋଟି ଟଙ୍କାର ଦ୍ୱିପାକ୍ଷିକ ସମ୍ପର୍କ ଗୁରୁତର ଭାବରେ ପ୍ରଭାବିତ ହେବାର ଆଶଙ୍କା ବୃଦ୍ଧି ପାଇଛି। କେବଳ ସେତିକି ନୁହେଁ, ଆମେରିକାର ପ୍ରତିଦ୍ୱନ୍ଦ୍ୱୀ ରୁଷ୍ ସହିତ ବନ୍ଧୁତ୍ୱ ବଢ଼ାଇବାକୁ ଭାରତ ଜୋରସୋର ଉଦ୍ୟମ ଆରମ୍ଭ କରିଛି ଏବଂ ଗତ ସପ୍ତାହରେ ଆମ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ୍ ରାଜଧାନୀ ମସ୍କୋକୁ ଯାଇ ରାଷ୍ଟ୍ରପତି ପୁଟିନ୍‌ଙ୍କୁ ସାକ୍ଷାତ କରିଛନ୍ତି। ପ୍ରତିରକ୍ଷା, ଆର୍ଥିକ ଓ ଶକ୍ତି କ୍ଷେତ୍ରରେ ଦୁଇଦେଶ ମଧ୍ୟରେ ସହଯୋଗକୁ ନେଇ ସେମାନଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ରାଷ୍ଟ୍ରପତି ପୁଟିନ୍ ଚଳିତବର୍ଷ ଡିସେମ୍ବର ମାସରେ ଭାରତ ଆସିବାକୁ ସମ୍ମତି ଜଣାଇଛନ୍ତି। ଏହା ପୂର୍ବରୁ ଡୋଭାଲ୍ ରୁଷ୍ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ମଧ୍ୟ ଭେଟିଥିଲେ। ଦୁଇଦେଶ ମଧ୍ୟରେ ଏକ ଦୃଢ଼ ତଥା ଉତ୍ତମ ବୁଝାମଣା ରହିଛି ଏବଂ ଏହାକୁ ଆଗେଇ ନିଆଯିବ ବୋଲି ଡୋଭାଲ୍ ସୂଚନା ଦେଇଥିଲେ। ସୁରକ୍ଷା ପରାମର୍ଶଦାତାଙ୍କ ସାକ୍ଷାତ ଆଲୋଚନାର ଠିକ୍ ପରଦିନ ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୁଷ୍ ନେତାଙ୍କ ସହ ଫୋନ୍‌ରେ ବାର୍ତ୍ତାଳାପ କରିବା ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ମନେ ହେଉଛି। ଦୁଇଦେଶ ଭିତରେ ସମ୍ପର୍କକୁ ଆହୁରି ମଜବୁତ୍ କରିବା ପାଇଁ ଦୁଇ ନେତା ସେମାନଙ୍କ ପ୍ରତିବଦ୍ଧତାକୁ ଦୋହରାଇ ଥିବାର ମୋଦି ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ପରସ୍ପର ମଧ୍ୟରେ ସହଯୋଗ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ରଣନୈତିକ ସହଭାଗିତା ଆହୁରି ଦୃଢ଼ କରିବା ନେଇ ଦୁଇନେତା ସହମତ ହୋଇଥିଲେ। ଚଳିତବର୍ଷ ପୁଟିନ୍‌ଙ୍କ ପ୍ରସ୍ତାବିତ ଗସ୍ତକୁ ନେଇ "ଭାରତରେ ଆପଣଙ୍କୁ ସ୍ୱାଗତ କରିବା ଲାଗି ଆମେ ଉତ୍ସାହିତ ଅଛୁ" ବୋଲି ମୋଦି ଫୋନ୍‌ରେ ଉଲ୍ଲେଖ କରିଥିଲେ। ଗତ ୨୦୨୧ ମସିହା ଡିସେମ୍ବର ମାସରେ ପୁଟିନ୍ ଶେଷଥର ପାଇଁ ଭାରତ ଗସ୍ତରେ ଆସି ମାତ୍ର ୪ଘଣ୍ଟା ଅବସ୍ଥାନ କରିଥିଲେ। ତେବେ ୨୦୨୨ ମସିହାରେ ବିନାଶକାରୀ ରୁଷ୍-ୟୁକ୍ରେନ୍ ଯୁଦ୍ଧ ଆରମ୍ଭ ହେବା ପରେ ଏହା ହେବ ତାଙ୍କର ପ୍ରଥମ ଗସ୍ତ। ଇତିମଧ୍ୟରେ ଭାରତ-ଆମେରିକା ସମ୍ପର୍କ ବିଗିଡ଼ି ଯାଇଥିବାରୁ ପୁଟିନ୍‌ଙ୍କ ପ୍ରସ୍ତାବିତ ଗସ୍ତ ଭାରତ-ରୁଷ୍ ସମ୍ପର୍କରେ ଏକ ନୂଆ ଅଧ୍ୟାୟ ଯୋଡ଼ିବ ବୋଲି ଆଶା କରାଯାଉଛି।

## ନୀତିବାଣୀ

**ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ,**
**ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।**
**ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍,**
**ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥**

**ଭାବାର୍ଥ :** ଯେତେବେଳେ ପୃଥିବୀ ପୃଷ୍ଠରେ ଧର୍ମର ଲୋପ ହୁଏ, ଅଧର୍ମ ବଢ଼ିଯାଏ, ସେତେବେଳେ ଅଧର୍ମର ବିନାଶ ପାଇଁ ମୁଁ ପ୍ରକଟ ହୁଏ । ସାଧୁଙ୍କ ରକ୍ଷା, ଦୁଷ୍ଟଙ୍କ ବିନାଶ ପାଇଁ ଧର୍ମର ସ୍ଥାପନା ଉଦ୍ଦେଶ୍ୟରେ ମୁଁ ସବୁ ଯୁଗରେ ପ୍ରକଟ ହୁଏ ।

# ଭାରତରେ ମାଂସାହାରୀ ଦୁଗ୍ଧ ବିକ୍ରୀ କରିବାକୁ ଚାହୁଁଛି ଆମେରିକା



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ୫୦ ପ୍ରତିଶତ ଟାରିଫ ଘୋଷଣା କରି ଅଯଥାରେ ଚାପ ସୃଷ୍ଟି କରିବା ପାଇଁ ଉଦ୍ୟମ କରୁଛନ୍ତି। ଏପରିକି ଋଷ୍‌ରୁ ସେନା ଉପକରଣ ଓ ଅଶୋଧିତ ତୈଳକ୍ରୟ କରୁଥିବା ପାଇଁ ଭାରତ ଉପରେ ଜୋରିମାନା ଲାଗିବ ବୋଲି କହିଛନ୍ତି ଟ୍ରମ୍ପ। ଏସବୁ କରିବା ପଛରେ ଯେଉଁସବୁ କାରଣ ରହିଛି ତା' ମଧ୍ୟରେ ରହିଛି ଭାରତୀୟ ଦୁଗ୍ଧ ଏବଂ କୃଷି ଉତ୍ପାଦକୁ ହଡ଼ପ କରିବା। ଟ୍ରମ୍ପ ଭାବୁଛନ୍ତି ଯେ ଭାରତ ଉପରେ ଚାପ ସୃଷ୍ଟି କରି ଏସବୁ ଉତ୍ପାଦ ପାଇଁ ଭାରତୀୟ ବଜାରକୁ ଖୋଲିଦେବା। ଭାରତ ଠିକ୍ ଭାବରେ ଜାଣିଛି ଯେ ଆମେରିକାର ଶସ୍ତା ଖାଦ୍ୟ ଶସ୍ୟ, ପଶୁ ଚାରା ଏବଂ ମାଂସାହାରୀ ଜିନିଷ (ଛେନା ଓ କ୍ଷୀର) ପାଇଁ ଭାରତୀୟ ବଜାରକୁ ଯଦି ଖୋଲିଦିଆଯିବ ତେବେ ଭାରତୀୟ କୃଷକଙ୍କ ଦୁର୍ଗତି ଅବଶ୍ୟମ୍ଭାବୀ। ଏଥିସହ ଭାରତର ଶାକାହାରୀ ସଂସ୍କୃତି ମଧ୍ୟ ବିଲୋପ ପାଇଯିବ। ଏଥିସହ ଭାରତ ସରକାର ଯେଉଁ ପ୍ରାଥମିକ କୃଷି ସହକାରୀ ସମିତି (ପେକ୍ସ) ମାନଙ୍କୁ ପ୍ରୋତ୍ସାହିତ କରି କୃଷି ଏବଂ ଦୁଗ୍ଧ ଉତ୍ପାଦକୁ ବିଶ୍ୱ ବଜାରକୁ ନେବା ପାଇଁ ପୃଷ୍ଠଭୂମି ପ୍ରସ୍ତୁତ କରୁଛନ୍ତି ସେ କଥା ମଧ୍ୟ କଥାରେ ରହିଯିବ। ଏଣୁ ଭାରତ ସରକାର ସ୍ପଷ୍ଟ ଭାବରେ କହିଛନ୍ତି ଯେ ଏସବୁ କ୍ଷେତ୍ରରେ ବାହାରର ହସ୍ତକ୍ଷେପକୁ ସ୍ୱୀକାର କରାଯାଇ ପାରିବ ନାହିଁ। କିନ୍ତୁ ଗୋଟିଏ କଥା ସ୍ପଷ୍ଟ ଯେ ଏକତରଫା ଗ୍ଲୋବାଲାଇଜେସନରେ ଦୁନିଆର କିଛି ଭଲ ହେବ ନାହିଁ। ଏଣୁ ସ୍ୱଦେଶୀ ଉତ୍ପାଦକୁ ଗୁରୁତ୍ୱଦେଇ ଆତ୍ମନିର୍ଭର ରହିବା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ।

ଭାରତ ଏବେ ଦୁଗ୍ଧ ଉତ୍ପାଦ ଆତ୍ମନିର୍ଭର ହେବା ଦିଗରେ ଆଗେଇ ଚାଲିଛି। ଭାରତରେ ଗାଇକୁ ମାତା ବୋଲି କୁହାଯାଏ। ଭାରତୀୟ ଋଷିମୂନୀ ମାନେ କହିଯାଇଛନ୍ତି ଯେ ଗାଇର ଦୁଗ୍ଧରେ ଏମିତି ପୋଷକ ତତ୍ତ୍ୱ ରହିଛି ଯାହା ଶରୀର ଏବଂ ମସ୍ତିଷ୍କକୁ ସୁସ୍ଥ ରଖିଥାଏ। ଦୁଗ୍ଧରୁ ଦହି, ଲହୁଣୀ, ଛେନା ଭଳି ଅନେକ ପ୍ରକାରର ଉତ୍ପାଦ ପ୍ରସ୍ତୁତ କରାଯାଇଥାଏ। ଦୁଗ୍ଧ ଉତ୍ପାଦ ମିଠା ଦୋକାନ ଠାରୁ ଡାଏରୀ ଉଦ୍ୟୋଗ ମାଧ୍ୟମରେ କୋଟି କୋଟି ଲୋକଙ୍କର ରୋଜଗାରର ମାଧ୍ୟମ ପାଲଟିଥାଏ। ପ୍ରାକ୍ କାଳରୁ ଅଦ୍ୟାବଧି ଗାଇ ଜନ୍ମ ଦେଉଥିବା ବାଛୁରୀ (ବଳଦ) ଉପରେ ହିଁ ଭାରତୀୟ କୃଷି ଓ କୃଷକ ନିର୍ଭରଶୀଳ। ଦେଶର ଜିଡିପିରେ କୃଷିର ଭାଗିଦାରୀ ମଧ୍ୟ ୨୪ ପ୍ରତିଶତ ଅଟେ। ଦୁଗ୍ଧ ଉତ୍ପାଦନ ଏବଂ ଦୁଗ୍ଧ ପିଇବା ପ୍ରସଙ୍ଗରେ ସାରା ବିଶ୍ୱରେ ଭାରତ ମଧ୍ୟ ପ୍ରଥମ ସ୍ଥାନରେ ରହିଛି। ବିଶ୍ୱର ଅନ୍ୟ ଦେଶର ଲୋକଙ୍କ ଅପେକ୍ଷା ଭାରତର ଲୋକେ ଅଧିକ ପରିମାଣ ଦୁଗ୍ଧ ପାନ କରିଥାନ୍ତି। ଏଣୁ ଏହି ଦୁଗ୍ଧ ବଜାରକୁ ଆମେରିକା କବ୍‌ଜା କରିବାକୁ ଚାହୁଁଛି ଏବଂ ଆମେରିକାରେ ଉତ୍ପାଦିତ ମାଂସାହାରୀ ଦୁଗ୍ଧ ଉତ୍ପାଦ ଏବଂ ପଶୁ ଚାରା ଭାରତରେ ବିକ୍ରୀ କରିବାକୁ ଚାହୁଁଛି।

ୟୁରୋପୀୟ ଦେଶ ମାନଙ୍କର ନଜର ମଧ୍ୟ ଏହି ଦୁଗ୍ଧ ବ୍ୟବସାୟ ଉପରେ ରହିଛି। ମାଂସାହାରୀ ଦୁଗ୍ଧ ଓ ପଶୁଚାରା ପ୍ରସଙ୍ଗରେ ଆମେରିକା ଓ ଭାରତ ମଧ୍ୟରେ ବ୍ୟବସାୟିକ ବୁଝାବଣା ପାଇଁ ଦୁଇ ଦେଶ ମଧ୍ୟରେ ଆଲୋଚନା ମଧ୍ୟ ଚାଲିଛି। କିନ୍ତୁ ଭାରତ ସରକାର ଆମେରିକା ସହ ଏହି ବ୍ୟବସାୟିକ ବୁଝାବଣା ପାଇଁ ପ୍ରସ୍ତୁତ ନୁହଁନ୍ତି। ଆମେରିକା ମାଂସଯୁକ୍ତ ଛେନା (ପନିର) ଓ ଅନ୍ୟାନ୍ୟ ପଦାର୍ଥ ଭାରତରେ ବିକ୍ରୀ କରିବାକୁ ଇଚ୍ଛୁକ। ଏଭଳି ମାଂସାହାରୀ ଦୁଗ୍ଧ ଜାତୀୟ ପଦାର୍ଥ ପ୍ରସ୍ତୁତି ପାଇଁ ବାଛୁରୀର ଓ ଅନ୍ୟ ପଶୁମାନଙ୍କର ଅନ୍ତନାଳୀରୁ ପ୍ରସ୍ତୁତ ଏକ ପଦାର୍ଥ ବ୍ୟବହାର କରାଯାଇଥାଏ। ଏଣୁ ଭାରତର ଶାକାହାରୀ ଲୋକେ ଏହାକୁ ପସନ୍ଦ କରିବେ ନାହିଁ ନିଶ୍ଚୟ। ଏପରିକି ଗାଇକୁ ମା' ବୋଲି ଗ୍ରହଣ କରୁଥିବା ଲୋକେ (ଭାରତୀୟ ସମାଜ) ଏହାକୁ ଗ୍ରହଣ କରିବ କେମିତି ? ଆମେରିକାରେ ଗାଇକୁ ମାଂସଯୁକ୍ତ ଚାରା ଖାଇବାକୁ ଦିଆଯାଇଥାଏ ଯେଉଁଥିପାଇଁ ସେମାନେ ଅଧିକ ଦୁଗ୍ଧ ଦେଇଥାନ୍ତି। କିନ୍ତୁ ଭାରତରେ ଏଭଳି କରାଯାଏ ନାହିଁ। ଏହି କାରଣରୁ ଭାରତ ସରକାର ଆମେରିକା ସହ ମାଂସାହାରୀ ଦୁଗ୍ଧ ଜାତୀୟ ପଦାର୍ଥ ବିକ୍ରୀ ପାଇଁ ଆମେରିକା ସହ ଚୁକ୍ତି କରି ପାରୁ ନାହାଁନ୍ତି।

ଆମଦେଶରେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ୯୬ ହଜାରରୁ ଅଧିକ ସମବାୟ ସଂସ୍ଥା ଜଡିତ। ଦେଶର ୧୪ ରାଜ୍ୟରେ ରାଜ୍ୟ ସରକାରଙ୍କର ନିଜସ୍ୱ ଦୁଗ୍ଧ ସମବାୟ ସମିତି ରହିଛି। ଦେଶରେ ସମୁଦାୟ କୃଷି ଖାଦ୍ୟ ଉତ୍ପାଦ ଓ ଦୁଗ୍ଧ ସହ ଜଡିତ ପ୍ରସଂସ୍କରଣ ସୁବିଧା ମାତ୍ର ୨ ପ୍ରତିଶତ କିନ୍ତୁ ଦୁଗ୍ଧର ଅଧିକ ପ୍ରସଂସ୍କରଣ/ଶୀତଳୀକରଣ କରାଯାଇ ଦହି, ଛେନା, ଘିଅ, ଲହୁଣୀ ଆଦି ପ୍ରସ୍ତୁତ କରାଯାଇଥାଏ। ସବୁଠାରୁ ମୁଖ୍ୟ ହେଉଛି ଏହି ଉତ୍ପାଦର ପ୍ରସ୍ତୁତି, ବିକ୍ରୀ କରି ୮କୋଟିରୁ ଅଧିକ ଲୋକ ଗୁଜୁରାଣ ମେଣ୍ଟାଉଛନ୍ତି। ପାଖାପାଖି ଦେଢ଼କୋଟି ଲୋକ ଦୁଗ୍ଧ ସମବାୟ ସମିତି ଓ ପ୍ରସଂସ୍କରଣ ସଂସ୍ଥା ସହ ଜଡିତ। ଗ୍ରାମାଞ୍ଚଳରେ ମଧ୍ୟ ଦୁଗ୍ଧ ଉତ୍ପାଦନ ଗୁଜୁରାଣ ମେଣ୍ଟାଇବାର ଏକ ମାଧ୍ୟମ ଅଟେ। ଗ୍ରାମାଞ୍ଚଳରେ ଉତ୍ପାଦିତ ଦୁଗ୍ଧ ମଧ୍ୟ ସହରକୁ ଆସିଥାଏ। ଭାରତ ସରକାର ଏବେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ଭାରତୀୟ ଷ୍ଟେଟ ବ୍ୟାଙ୍କର ଏକ ବିଶ୍ଳେଷଣ ଅନୁସାରେ ଯଦି ଭାରତ ସରକାର ଆମେରିକା ସହ ମାଂସାହାରୀ ଦୁଗ୍ଧ ବ୍ୟବସାୟ ପାଇଁ ବୁଝାମଣା କରିବେ ତେବେ ଭାରତୀୟ ଦୁଗ୍ଧ ଉତ୍ପାଦନକାରୀ ବର୍ତ୍ତମାନର ମୂଲ୍ୟଠାରୁ ୧୫ ପ୍ରତିଶତ କମ୍ ମୂଲ୍ୟରେ ଦୁଗ୍ଧ ଓ ଦୁଗ୍ଧ ଜାତ ଦ୍ରବ୍ୟକୁ ବିକ୍ରି କରିବାକୁ ବାଧ୍ୟ ହେବେ ଓ ଏହାଦ୍ୱାରା ଦୁଗ୍ଧ ଉତ୍ପାଦକ ମାନଙ୍କୁ ବାର୍ଷିକ ୧.୦୩ ଲକ୍ଷ କୋଟି କ୍ଷତି ସହିବାକୁ ପଡିବ।

# ଖୋଲାମେଲାରେ ଅପରାଧର ରାଜୁତି




ଗଙ୍ଗାଧର ସାମଲ
ଆଇନଜୀବୀ, ଓଡ଼ିଶା ହାଇକୋର୍ଟ
କଟକ, ମୋ : ୯୪୩୭୨୨୬୬୪୭

ରାତି ପାହିଲେ କେବଳ ଖବରକାଗଜର ପୃଷ୍ଠା ଖେଳେଇଲେ ନୁହେଁ, ଆଖପାଖର କ୍ଷେତ୍ର, ନିତିଦିନିଆ ଜୀବନ ଚିତ୍ର, କୋର୍ଟ କଚେରୀ ସବୁଠି ଦେଖନ୍ତୁ ଅପରାଧିକ କାୟା ବିସ୍ତାରିତ ଓ ବିକଟାଳ। ଜନ୍ମକଲା ବାପ ପୁଅକୁ, ପ୍ରେମ କରି ସଂସାର କରିଥିବା ପୁରୁଷଟି ନିଜ ସ୍ତ୍ରୀକୁ, ଭାଇ ଭଉଣୀକୁ, ଚାକର ମାଲିକକୁ ସବୁ କ୍ଷେତ୍ରରେ ଯଦିଓ ସବୁଠି ନୁହେଁ ଅନେକ କ୍ଷେତ୍ରରେ ଏହି ଅପରାଧର ଧାରା କହିବାକୁଗଲେ ଏକ ସାଧାରଣ ଘଟଣା ହୋଇଗଲାଣି। ଅପରାଧ ସଂଗଠିତ କରୁଥିବା ଲୋକଟି ସବୁପ୍ରକାର ପାରିବାରିକ ଓ ଭାବଗତ ସମ୍ପର୍କକୁ ପଛ କରି ଦେଇ ହତ୍ୟାକୁ ଶ୍ରେଷ୍ଠ ଓ ଶେଷତମ ମାର୍ଗ ଭାବେ ବାଛୁଛି। ସମାଜରେ ଆତଙ୍କ ଖେଳାଉ ଥିବା ଆମ ଆଲୋଚନାର ଅପରାଧୀମାନଙ୍କ ବୟସକୁ ଦେଖିଲେ ଜଣାଯାଏ ବୟସର ସୀମା ଆଉ ସୀମିତ ହୋଇ ରହିନାହିଁ। ଏବେ ଛଅରୁ ଆଠ ବର୍ଷର କଅଁଳ ଛୁଆଟିଏ କେତେବେଳେ ଅପରାଧୀ ସାଜିଲାଣି ତ କେତେବେଳେ ଅଶୀ ତ ତା'ପରରୁ ଊର୍ଦ୍ଧ୍ୱ ଲୋକଟି ହତ୍ୟା କରିବାକୁ ପଛାଉ ନାହିଁ। କେଉଁଠି ଦଶଟଙ୍କା ପାଇଁ, କେଉଁଠି ପାଣି ମୁନ୍ଦାଏ ପାଇଁ, କେଉଁଠି ବିସ୍କୁଟ ପ୍ୟାକେଟଟି ପାଇଁ, କେଉଁଠି ଖାଦ୍ୟ ମୁଠାଏ ପାଇଁ ଜଣେ ଅନ୍ୟଜଣଙ୍କ ଜୀବନ ନେବାକୁ ପଛାଉ ନାହିଁ। ଅନେକ ନଜିର ରହିଛି ଜାମିନ ମଞ୍ଜୁର କରୁଥିବା ସ୍ୱୟଂ ନ୍ୟାୟବତାର ବିଚାରପତିମାନେ କେତେକ କ୍ଷେତ୍ରରେ ସଂପୃକ୍ତ ଜେଲ୍ ଫେରନ୍ତା ଅଭିଯୁକ୍ତର ଅପରାଧର ଶିକାର ହେଉଛନ୍ତି।

ସମସ୍ତଙ୍କ ଭିତରେ ପ୍ରଶ୍ନଉଠେ ଯେ ସମାଜରେ ଏଭଳି କ୍ରୂରତା, ହିଂସା, ହତ୍ୟା, ରକ୍ତପାତର କାରଣ ସବୁ କ'ଣ ? କେବଳ ନିଶା ନୁହଁ କ୍ଷମତାର ଅହଂକାର, ବାହୁବଳର ସାମର୍ଥ୍ୟ, ଅଖଣ୍ଡ ପ୍ରଭାବ ଓ ଅର୍ଥ ଅନେକଙ୍କୁ ହିତାହିତ ଜ୍ଞାନ ଭୁଲାଇ ଦେଉଛି। ସରକାରଙ୍କ ରାଜସ୍ୱ ଲୁଟ କରି ଦାନୀ ଦେଖେଇ ହେବାର ଚରିତ୍ର ଆମ ମାନଙ୍କ ଭିତରେ ଅନେକ ରହିଛନ୍ତି। ସମାଜରେ ବଢ଼ି ଚାଲିଥିବା ଅପରାଧପ୍ରବଣତା ପଛର ଆଉ ଏକ କାରଣ ହେଉଛି ସାମାଜିକ ଗଣମାଧ୍ୟମର ଉଚ୍ଚାଟ ଓ ଅତିଶୟୋକ୍ତି ଖବର ପ୍ରସାରଣ। ସୁଖ, ସ୍ୱାଚ୍ଛନ୍ଦ୍ୟ, ବିଳାସପୂର୍ଣ୍ଣ, ଚାକଚକ୍ୟ ଭରା ଯେଉଁ ଦୁନିଆର ଅବତାରଣା ଗଣମାଧ୍ୟମରେ ହେଉଛି ସେଥିରୁ ସମାଜରେ ଏକ ହୀନମନ୍ୟତା ଭାବ ଜନ୍ମ ନେଇଛି। ଅବହେଳିତ ଓ ବଞ୍ଚିତ ବର୍ଗ ନିଜକୁ ତଥାକଥିତ ଆଭିଜାତ୍ୟ ବର୍ଗ ସହିତ ତୁଳନା କରି ହତୋତ୍ସାହିତ ଓ ଅବସାଦଗ୍ରସ୍ତ ହେଉଛି। ଯେନତେନ ପ୍ରକାରେଣ, ରାତାରାତି ସେହି ମାୟାଦୁନିଆକୁ ଛୁଇଁବାର ଉଚ୍ଚାକାଂକ୍ଷା ଛୋଟ ଅଥଚ ଜଟିଳ ରାସ୍ତାଟିଏ ଆବିଷ୍କାର କରୁଛି, ଯେଉଁଠାରେ ଅପରାଧ ହିଁ ସିଢ଼ି ବା ମାଧ୍ୟମ ହେଉଛି। ବସ୍ତିରେ ରହୁଥିବା ଅବହେଳିତ ବର୍ଗରୁ ଉଚ୍ଚଶିକ୍ଷିତ ଯୁବବର୍ଗ ଏହି ପଥର ଯାତ୍ରୀ ହୋଇସାରିଛନ୍ତି।

ସମାଜର ଏହି ଅଭାବନୀୟ ଦୃଶ୍ୟ ଦେଖିଲା ବେଳକୁ ଯେକେହି ଲୋକର ଛାତି ଭିତର ଅତ୍ୟନ୍ତ କଷ୍ଟ, ନୈରାଶ୍ୟ ଓ ବିଷାଦ ଭିତରେ ବୁଡ଼ି ଯାଉଛି। ଏବେ ଏଠାରେ ପ୍ରଶ୍ନ ଉଠୁଛି ପରିବେଶ ସୁଧୁରିବ କେମିତି ଓ ସୁଧାରିବ କିଏ ? ଅପରାଧ ପଛର କାରଣ ଯେହେତୁ ବହୁମୁଖୀ ଏହାର ନିରାକରଣ ମଧ୍ୟ ସମାବେଶୀ ହେବା ଆବଶ୍ୟକ। କଠୋର ଦଣ୍ଡ ବିଧାନ, ସୁଧାର ଗୃହ, ଆଇନ କାନୁନ କେବଳ ଏହାର ସମାଧାନ ନୁହେଁ। ବରଂ ଆଜିକାଲିର ବ୍ୟବସ୍ଥା ଯାହା, ସେଥିରେ ବସ୍ତିରେ ରହୁଥିବା ବା ରାସ୍ତାଘାଟରେ ଖରା, ବର୍ଷା, ଶୀତରେ ରାତି କାଟୁଥିବା ନିରାଶ୍ରୟ ବ୍ୟକ୍ତିଟିଏ ଅପରାଧଟିଏ ଭିଆଇ ଦେଇ କାରାଗାରର ଚାରିକାନ୍ଥ ଓ ଛାତ ତଳେ କିଛି ମାସ ପର୍ଯ୍ୟନ୍ତ ସରକାରୀ ଖର୍ଚ୍ଚରେ ଖାଇପିଇ ଜୀବନ କାଟିବାକୁ ଶ୍ରେୟ ମଣୁଛି। ଏପରିକି ହାଜତ ମୃତ୍ୟୁ ଭଳି ବିବାଦ ଓ ମାମଲାରୁ ନିଜକୁ ଯଥା ସମ୍ଭବ ଦୂରେଇ ରଖିବା ମାନସିକତାରେ ବିଚାରାଧୀନ ନିଶାସକ୍ତ କଏଦୀମାନଙ୍କୁ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଡାକ୍ତରୀ ପରାମର୍ଶକ୍ରମେ ପ୍ରତିଦିନ ଅନୁମୋଦିତ ପରିମାଣରେ ମଦ ଓ ଡ୍ରଗ୍ସ ଯୋଗାଇ ଦେବାର ବ୍ୟବସ୍ଥା ମଧ୍ୟ କାର୍ଯ୍ୟକାରୀ ହେଉଛି। ଏଭଳି ପରିସ୍ଥିତିରେ ଅପରାଧ ହ୍ରାସ ପାଇବା ବଦଳରେ ବଢ଼ିବା ବିଚିତ୍ର କିମ୍ବା ଅସ୍ୱାଭାବିକ ନୁହେଁ। ଏହାଛଡ଼ା ଆମ ଲୋକ ସଂଖ୍ୟା ତୁଳନାରେ ଆରକ୍ଷୀ ବଳ ଅନୁପାତ ନୈରାଶ୍ୟଜନକ। ଏହାସତ୍ତ୍ୱେ ଯେଉଁଠାରେ ପ୍ରତିଦିନ ବିଭିନ୍ନ ସ୍ଥାନରେ ଏକାଧିକ ନେତା, ମନ୍ତ୍ରୀ, ଭିଆଇପିଙ୍କ ଗସ୍ତ ଓ ସଭାସମିତି ପାଇଁ ମାଳମାଳ ଆରକ୍ଷୀ ବଳ ନିୟୋଜିତ, ସେଠାରେ ଅପରାଧ ଓ ଅପରାଧୀଙ୍କ ମନରେ ଭୟ ସଞ୍ଚାର କରିବ କିଏ ? ଆଉ କିଛିଦିନ ପରେ ସ୍ୱାଧୀନତା ଦିବସ ଆସୁଛି। ଏକଦା ଗାନ୍ଧିଜୀ ତାଙ୍କ ସ୍ୱପ୍ନର ସ୍ୱାଧୀନ ଭାରତର ସଂଜ୍ଞା ଦେବାକୁ ଯାଇ କହିଥିଲେ ଯେ - 'ଯେ ଯାଏଁ ଜଣେ ମହିଳା ଏକୁଟିଆ ରାତିରେ ରାଜରାସ୍ତାରେ ସୁରକ୍ଷିତ ଭାବେ ଯାଇ ଘରକୁ ଫେରିପାରୁଥିବ ତାହାହେଲେ ମୁଁ ଭାବିବି ଭାରତ ତାର ଅସଲ ସ୍ୱାଧୀନତା ପାଇଛି।' ଆଜିର ସମୟକୁ ଦେଖିଲେ ରାତି ତ ଦୂରର କଥା ଦିନ ଅଧରେ ସୁସ୍ଥ ସବଳ ଯୁବକ ଜଣଙ୍କ ପାଇଁ ମଧ୍ୟ ଘରୁ ପାଦ କାଢ଼ି ପୁଣି ନିରାପଦରେ ଘରକୁ ଫେରିବା ନିଶ୍ଚିତ ହୋଇପାରିନାହିଁ। ରାତାରାତି ସମାଜରୁ ଅପରାଧ ଚେତନାର ମୂଳ ଲୋପ କରିବା ସମ୍ଭବ ନୁହେଁ। ଏଥିପାଇଁ ଘରର କ୍ଷେତ୍ର ସର୍ବପ୍ରଥମ ଦାୟୀ। ପିଲାଟି କୋମଳମତୀ ଥିବା ଅବସ୍ଥାରେ ପରିବାର ଓ ପାରିପାର୍ଶ୍ୱିକ ଘଟଣାଚକ୍ର ତାକୁ ସୁଖଦ ବା ଦୁଃଖଦ କରିଥାଏ। ସେହିପରି ସରକାରୀ ଓ ବେସରକାରୀ, ସାମାଜିକ, ପାରିବାରିକ ଓ ସମନ୍ୱିତ ସବୁ ଦିଗରୁ ଏ କ୍ଷେତ୍ରରେ ଏକ ଉତ୍ତରଦାୟ ଗୁରୁ ଦାୟିତ୍ୱ ରହିଛି। ଏ କ୍ଷେତ୍ରରେ କେବଳ ପ୍ରଶାସନ, ନ୍ୟାୟ ବ୍ୟବସ୍ଥା, ପୋଲିସ ବ୍ୟବସ୍ଥାକୁ ଦାୟିତ୍ୱ ଛାଡ଼ି ଦେଇ ନିଜ ଉତ୍ତରଦାୟିତ୍ୱରୁ କେହି ମୁକୁଳିବାକୁ ପ୍ରୟାସ କରିବା ଅନୁଚିତ। ଆମ ସମସ୍ତଙ୍କର ଯେଉଁ ଗୁରୁଦାୟିତ୍ୱ ରହିଛି ଏହାକୁ ଆସନ୍ତୁ ନିର୍ବାହ କରିବା।

# ସତରେ ଆମେ ସ୍ୱାଧୀନ ?



ସରିତା ସିଂ ମହାନ୍ତି
ଗୁଡିଆନାଳି, ଢେଙ୍କାନାଳ
ମୋ: ୭୦୦୮୧୭୩୪୮୭

ପରାଧୀନ ଥିଲୁ ଦୁଇଶହ ବର୍ଷ। ସ୍ୱାଧୀନତା ପାଇବାକୁ ହୋଇଥିଲା ଅନେକ ସଂଘର୍ଷ। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ କେତେ ଆଶା କେତେ ଆନନ୍ଦ ଭରିଦିଏ ସମ୍ପୂର୍ଣ୍ଣ ଭାରତବର୍ଷର ଆବାଳବୃଦ୍ଧ ବନିତାଙ୍କ ହୃଦୟରେ। ଏହା କେବଳ ଏକ ତାରିଖ ନୁହେଁ, ଅନେକ ସଂଘର୍ଷ, ତ୍ୟାଗ, ବଳିଦାନ, ଲହୁ ଲୁହର ପରିଣାମ। ଦିଲ୍ଲୀର ଲାଲକିଲ୍ଲା ଠାରୁ ଆରମ୍ଭ କରି ଦେଶର ପ୍ରତ୍ୟେକ ଛୋଟ ବଡ଼ ସରକାରୀ କାର୍ଯ୍ୟାଳୟ, ଅଙ୍ଗନବାଡ଼ି ଠାରୁ ଆରମ୍ଭକରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ, ଏମିତିକି କିଛିବର୍ଷ ହେଲା ଘରେ ଘରେ ତ୍ରିରଙ୍ଗା ପତାକା ଉତ୍ତୋଳନ ବଡ଼ ଉଲ୍ଲାସର ସହ ପାଳନ ହୋଇ ଆସୁଛି। ସ୍ୱାଧୀନତା ସଂଗ୍ରାମୀ, ସହିଦ ଜବାନଙ୍କ ସ୍ମୃତି ସ୍ତମ୍ଭରେ ଫୁଲମାଳ, ପୁଷ୍ପଗୁଚ୍ଛ ସମର୍ପଣ କରି ଅନେକ କୃତଜ୍ଞତା ଜ୍ଞାପନ କରୁ। ସୁନ୍ଦର ଭାଷଣରେ ସଭା ସ୍ଥାନ ପ୍ରକମ୍ପିତ ହୋଇଥାଏ। ବର୍ତ୍ତମାନର ଯୁବପିଢି ଏସବୁ ଦେଖି ଶୁଣି ଗୋଟିଏ ଦିନ ପାଇଁ ଖୁବ୍ ଆତ୍ମହରା। ଆହା କେତେ ମହାନ୍ ଆମ ପୂର୍ବଜ। କାହାଣୀ, ପ୍ରବନ୍ଧ, କବିତା ମନକୁ ସତେ ଯେମିତି ସଂକଳ୍ପ କରିବାକୁ ବାଧ୍ୟ କରାଏ ଯେ, ମୁଁ ମଧ୍ୟ ମୋ ମା ମାଟି ନିମନ୍ତେ ବହୁତ୍ କିଛି କରିବି। ତ୍ରିରଙ୍ଗା ପତାକାର ତିନି ରଙ୍ଗକୁ ନିଜ ପୋଷାକ, ଖାଦ୍ୟ ଓ ଅନେକ ସୌନ୍ଦର୍ଯ୍ୟ ଭରା ପୋଷ୍ଟରରେ ସଜେଇ ସତେକି ସମଗ୍ର ଦେଶକୁ ଏହି ତିନି ରଙ୍ଗରେ ସଜେଇ ଦେଇଥାଉ। ଦେଶାତ୍ମକବୋଧ ସଙ୍ଗୀତର ସ୍ୱରରେ ମନପ୍ରାଣ ସତେ ଯେମିତି ଉତ୍ସର୍ଗୀକୃତ ହୋଇଉଠେ ଦେଶ ତଥା ଦେଶବାସୀଙ୍କ ନିମନ୍ତେ କିଛି କରିବା ପାଇଁ। ଗୋଟିଏ ଦିନର ସ୍ୱାଧୀନତା ପାଳନ, ପରଦିନ ମନରେ ପ୍ରଶ୍ନ ଆସେ ସତରେ କ'ଣ ଆମେ ସ୍ୱାଧୀନ ? ତେବେ ଜନସଂଖ୍ୟା ବଢିବା ସତ୍ତ୍ୱେ ମୁଁ ପଢୁଥିବା ସ୍କୁଲରେ ଆଜି ଛାତ୍ରଛାତ୍ରୀଙ୍କ ସହିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସଂଖ୍ୟା କମିଲା କାହିଁକି ? ମୋ ଭାଷା ଆଜି ଅନ୍ୟ ଭାଷାଠାରୁ ପଛରେ କାହିଁକି ? ଡାକ୍ତରଖାନା ବଢିବା ସହିତ ରୋଗୀ ଓ ରୋଗ ସଂଖ୍ୟା ବଢୁଛି କେମିତି ? ପ୍ରାକୃତିକ ସମ୍ପଦରେ ଭରପୁର ମୋ ଦେଶର ମାଟି, ପାଣି, ପବନ ଆଜି ପ୍ରଦୂଷିତ କାହିଁକି ? ରାସ୍ତା ନିର୍ମାଣ ବହୁତ୍ ହୋଇଛି ତଥାପି ପ୍ରତିଦିନ ଦୁର୍ଘଟଣାରେ ମୁଣ୍ଡ ଗଡୁଛି କାହିଁକି ? ହଜିଛି ଚାଳ ଛପର, ପକ୍କାଗୃହ ନିର୍ମାଣ ବଢୁଛି ହେଲେ ଆତ୍ମୀୟ ସମ୍ପର୍କୀୟଙ୍କ ଠାରୁ ଏତେ ଦୂରରେ କାହିଁକି ? ପିତାମାତା ଏକାଧିକ ସନ୍ତାନ ଗୋଟିଏ ଘରେ ସ୍ୱଳ୍ପ ରୋଜଗାର ତିନି ପୀଢ଼ି ସହ ବନ୍ଧୁବାନ୍ଧବ ସମ୍ଭାଳିଥିଲେ, ଆମ ରୋଜଗାର ଆମକୁ ନିଅଣ୍ଟ, ପିତାମାତା ବୃଦ୍ଧାଶ୍ରମରେ ହନ୍ତସନ୍ତ କାହିଁକି ? ଲୁଗା କେଇ ଖଣ୍ଡ ପେରି ପୁଟୁଳିରେ ରହୁଥିଲା। ନାରୀର ଲଜ୍ଜା, ସମ୍ମାନ ଥିଲା। ଆଜି ଶାଢ଼ୀ ପୋଷାକ ସଂଖ୍ୟା ଆଲମାରୀରେ ବଢିବା ସହିତ ନାରୀ ସଶକ୍ତିକରଣ ନାମରେ ସାରା ବିଶ୍ୱରେ ଜାଗରଣ ଚାଲିଛି। ତଥାପି ମଧ୍ୟ କନ୍ୟା ଅପହରଣ, ନାରୀହତ୍ୟା, ଆତ୍ମାହୁତି, ଗଣଦୁଷ୍କର୍ମ ଖବରକାଗଜର ଶିରୋନାମ କାହିଁକି ? ବଢୁଛି ଶିକ୍ଷାର ମାନ ତେବେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା, ବେକାରୀ ସମସ୍ୟା, ପରୀକ୍ଷାରେ ସ୍କାମ କର୍ଣ୍ଣ ଶୁଣୁଛି କାହିଁକି ? ଯେଉଁ ବୀରପୁରୁଷ ବା ନାରୀ ଆମ ପାଇଁ ଜୀବନ ଦେଲେ, ଯେଉଁ ସ୍ୱାଧୀନତା ସଂଗ୍ରାମୀ ନିଜ ଜୀବନକୁ ସୁନ୍ଦର ସ୍ୱାଧୀନ ଭାରତର ଗଠନ ପାଇଁ ଅଗଣିତ ବଳିଦାନ ଦେଇଗଲେ, ଧର୍ମ ନାମରେ ରାଜନୀତି କରୁଥିବା ମଣିଷ କ'ଣ ଭୁଲି ଯାଉଛନ୍ତି ଯେ ଏ ଦେଶର ମିଶାଇଲ ମ୍ୟାନ ଦେଶର ସର୍ବୋଚ୍ଚ ପଦବୀରେ ଥିବା ବେଳେ କେବେ ନିଜ ଧର୍ମକୁ ନେଇ କାର୍ଯ୍ୟ କ୍ଷେତ୍ର ସହ ସାମିଲ କରିନଥିଲେ। ଧର୍ମ ନିରପେକ୍ଷ ରାଷ୍ଟ୍ର ନାମରେ ପ୍ରତ୍ୟେକ ଦିନ ଧର୍ମକୁ ନେଇ ହେଉଥିବା ରାଜନୀତିରେ ଭୋଟ ଦେଇଥିବା ସାଧାରଣ ଜନତା ଆଜି ଅତିଷ୍ଠ। ବିଦେଶୀ ବର୍ଜନ କରି ସ୍ୱଦେଶୀ ଆପଣର କରି ଆମକୁ ଯେଉଁ ସ୍ୱାଧୀନତା ମିଳିଥିଲା ତାହା ମଧ୍ୟ ଆଜି ଭୁଲି ଯାଇଛୁ। ଘରେ ଘରେ ବିଦେଶୀ ଖାଦ୍ୟ, ପାନୀୟ, ପୋଷାକ, ପୁସ୍ତକ, ଯାନବାହାନ ତଥା ଯେକୌଣସି ଘରକରଣା ଜିନିଷରେ ଯଦି ବିଦେଶୀ ନାମ ନାହିଁ ତେବେ ଆଜି ସମାଜରେ ଆମର ଷ୍ଟାଟସ୍ ନାହିଁ। ତେବେ ସ୍ୱାଧୀନତାର ମାନେ ମୋତେ ମଧ୍ୟ ଆଜି ବୁଝା ପଡୁନାହିଁ। ଆଜି ଭୁଲ୍ କୁ ଭୁଲ୍ କହିବାର ସାହସ ମୋହର ନାହିଁ। ସବୁ ଜାଣି ବୁଝି ନିଜ ବଡିମା ପାଇଁ କି ସତ୍ୟ ଠାରୁ ଯାଏ ଦୂରେଇ। କାରଣ ବର୍ତ୍ତମାନ ସ୍ୱାଧୀନତାର ସଂଜ୍ଞା କେବଳ ନିଜ ପାଇଁ ବଞ୍ଚିବା ।

# ମହାପ୍ରସାଦ

କବୀର କୁମାର ଜେନା
କଟକ, ମୋ : ୮୯୧୭୩୭୭୯୮୭

ମହାପ୍ରସାଦ ମୁଖ୍ୟତଃ ଦୁଇ ପ୍ରକାରର ଶୁଖିଲି ଭୋଗ, ନିଃସଙ୍ଖୁଡ଼ି ଭୋଗ। ଅନ୍ନ ମହାପ୍ରସାଦକୁ ନବାଡ଼ି ଭୋଜନ କରିବା ବିଧି ଥିବାରୁ ଏହାକୁ ସ୍ଥାନୀୟ ଅଧିବାସୀମାନଙ୍କ ମଧ୍ୟରେ ଅବଢ଼ା ମଧ୍ୟ କୁହାଯାଇଥାଏ। ବ୍ରାହ୍ମଣ, ଶୂଦ୍ର ଏକତ୍ର ବସି ମହାପ୍ରସାଦ ସେବନ କରିବାର ବିଧି ରହିଛି। ତେଣୁ ମହାପ୍ରସାଦ ସ୍ପର୍ଶାସ୍ପର୍ଶ ଦୋଷ ବର୍ଜିତ।

ଏହି ଦିବ୍ୟ ମହାପ୍ରସାଦ ସମଗ୍ର ଭାରତବର୍ଷର ବିଭିନ୍ନ ଧର୍ମାଚାର୍ଯ୍ୟ ମାନଙ୍କର ମାନ୍ୟତା ପାଇବା ସଙ୍ଗେ ସଙ୍ଗେ ସର୍ବ ସଂପ୍ରଦାୟର ସମନ୍ୱୟ ଓ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମ୍ମାନ ଲାଭ କରିଛି। ଏହାର କାରଣ ମୁଖ୍ୟତଃ ଛଅ ଭାଗରେ ବିଭକ୍ତ ଯଥା ମହାଲକ୍ଷ୍ମୀଙ୍କ ଦ୍ୱାରା ବୈଷ୍ଣବାଗ୍ନିରେ ଅନ୍ନାଦି ପାଚିତ ହେଉଛି। ଏ ସଂପର୍କରେ 'ନୀଳାଦ୍ରିମହୋଦୟ' ଗ୍ରନ୍ଥରେ କୁହାଯାଇଛି ଯେ - 'ଯଚ୍ଚାନ୍ନଂ ପଚତେଲକ୍ଷ୍ମୀ-ର୍ଭୋକ୍ତା ଚ ପୁରୁଷୋତ୍ତମଃ। ତତ୍ତୁ ଯତ୍ନେନ ଭୋକ୍ତବ୍ୟଂ ନାତ୍ରକାର୍ଯ୍ୟା ବିଚାରଣା।।' ଅର୍ଥାତ୍ ଯେଉଁ ଅନ୍ନ ସ୍ୱୟଂ ମହାଲକ୍ଷ୍ମୀ ରନ୍ଧନ କରନ୍ତି ଓ ଭୋକ୍ତା ସ୍ୱୟଂ ପୁରୁଷୋତ୍ତମ ଜଗଦୀଶ ସେହି ମହାପ୍ରସାଦକୁ କାଳ ବିଚାର ନରଖି ଯତ୍ନର ସହ ଭୋଜନ କରିବା ବିଧେୟ।

ସେହିପରି ବ୍ରହ୍ମାଣ୍ଡ ପୁରାଣର ବାକ୍ୟ ଅନୁଯାୟୀ- 'ଅତ୍ର ପାଚୟତେ-ଲକ୍ଷ୍ମୀ-ର୍ଭୋକ୍ତାହଂ ଯଜ୍ଞଭୁକ୍ ସ୍ୱୟଂ। ଭୋକ୍ତବ୍ୟଂ ମୁନିଭି-ର୍ବିପ୍ରୈର୍ଯତ୍ର କାର୍ଯ୍ୟା ବିଚାରଣା ॥' ଅର୍ଥାତ୍ ସ୍ୱୟଂ ଲକ୍ଷ୍ମୀ ଏହା ରନ୍ଧନ କରନ୍ତି, ମୁଁ ସ୍ୱୟଂ ତାହା ଭୋଜନ କରେ। ସୁତରାଂ ମୁନି ଓ ବ୍ରାହ୍ମଣଗଣ ଅବଶ୍ୟ ନିର୍ବିଚାରରେ ଏହା ଭୋଜନ କରିବେ। ଶ୍ରୀଯନ୍ତ୍ର ରୂପକ ଠାଆ ବା ମୁରୁଜ ଉପରେ ନୈବେଦ୍ୟ ନିମନ୍ତେ ସ୍ୱର୍ଣ୍ଣମୟ ପାତ୍ରରେ ପରିବେଷିତ। ମନ୍ତ୍ରରାଜ ବା ଦ୍ୱାବିଂଶାକ୍ଷରୀ ନୃସିଂହତାପନୀୟ ପାତାଳ ନୃସିଂହ ମନ୍ତ୍ରରେ ପ୍ରେକ୍ଷିତ ହେଉଛି। ଗୋବିନ୍ଦଙ୍କ ଅଷ୍ଟଦଶାକ୍ଷର ଗୋପାଳ ମନ୍ତ୍ରରେ ନୈବେଦ୍ୟ ହେଉଛି। ଭୈରବୀ ଚକ୍ରର ଉଚ୍ଛିଷ୍ଟ ଭୈରବୀ ବିମଳାଙ୍କୁ ସମର୍ପଣ କରାଯାଉଛି। ଅଷ୍ଟ ସାତ୍ତ୍ୱିକ ବୈଷ୍ଣବମାନଙ୍କୁ ଅବଶେଷାନ୍ନ ବଳି ଦିଆଯାଉଛି।

ଏହାକୁ ମହାପ୍ରସାଦର ଷଡ଼ଙ୍ଗ ସଂସ୍କାର କୁହାଯାଏ। ଉଲ୍ଲେଖଯୋଗ୍ୟ ଯେ, ଶ୍ରୀଯନ୍ତ୍ର କାରିକାରେ ଶ୍ରୀଚକ୍ର ବା ତ୍ରିପୁର ଭୈରବୀ ଯନ୍ତ୍ର ସଂପର୍କରେ ଆସିଲେ ଚଣ୍ଡାଳ ମଧ୍ୟ ଦ୍ୱିଜତ୍ୱ ପ୍ରାପ୍ତ ହୋଇଥାନ୍ତି। ତେଣୁ ଏହି ଯନ୍ତ୍ର ଉପରେ ନୈବେଦ୍ୟ



ବଢ଼ାଯାଉଥିବାରୁ ଏଠାରେ ଅନ୍ନ ହିଁ ବ୍ରହ୍ମ ପଦବାଚ୍ୟ ହୋଇଥାଏ।

ପ୍ରାଚୀନ ଉତ୍କଳ ଇତିହାସ ପୁସ୍ତକରେ ବର୍ଣ୍ଣିତ ତଥ୍ୟ ଅନୁଯାୟୀ ପରଂବ୍ରହ୍ମଙ୍କର ନୀତିକୁ ବର୍ଦ୍ଧିତ କରି ସୋମାବଂଶୀୟ ରାଜାମାନେ ପଣ୍ଡା, ଗରାବଡୁ, ପତ୍ରିବଡୁ, ସୁଆର, ମହାସୁଆର, ଅଖଣ୍ଡ ମେକାପ, ପ୍ରତିହାରୀ, ଭଣ୍ଡାର ମେକାପ, ଦେଉଳକରଣ, ଚୂନରା ପ୍ରଭୃତି ସେବକଙ୍କୁ ନିଯୁକ୍ତ କଲେ। ଏମାନଙ୍କ ରାଜତ୍ୱ ସମୟରେ ପରମେଶ୍ୱରଙ୍କର ତିନୋଟି ଧୂପରେ ଅନ୍ନ ମହାପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ଏଥି ପୂର୍ବରୁ ସତ୍ୟଯୁଗରେ ନୀଳମାଧବଙ୍କ ନିକଟରେ ସ୍ୱର୍ଗରୁ ଦେବତାମାନେ ସହସ୍ର ଉପଚାରରେ ଦିବ୍ୟ ଅନ୍ନ ମହାପ୍ରସାଦ ନୈବେଦ୍ୟ ପୂର୍ବକ ନାନାଦି ପୁଷ୍ପମାଲ୍ୟ ଓ ଅଳଙ୍କାର ଦ୍ୱାରା ବେଶ କରାଉଥିବା ପୁରାଣମାନଙ୍କ ବର୍ଣ୍ଣନାରୁ ଜଣାଯାଏ।

ମହାପ୍ରଭୁଙ୍କୁ ନିବେଦିତ 'ରାଜଭୋଗ' ମହାପ୍ରସାଦ ରୂପେ ସମଗ୍ର ଭାରତ ବର୍ଷରେ ବିଖ୍ୟାତ ହୋଇଥିଲା। ଏହି ମହାପ୍ରସାଦ ଶୁଷ୍କ ହେଉ ବା ବାସି ହେଉ 'ପ୍ରାପ୍ତି ମାତ୍ରେଣ ଭୋକ୍ତବ୍ୟମ୍'। ସେହି ହେତୁ ଶ୍ରୀମନ୍ଦିର ମହାପ୍ରସାଦର ମାହାତ୍ମ୍ୟ ଅବର୍ଣ୍ଣନୀୟ ଓ ଅନିର୍ବଚନୀୟ। ପ୍ରଚଳିତ ଜନଶ୍ରୁତି ଅନୁଯାୟୀ ଭାରତର ଚାରିଧାମ ମଧ୍ୟରୁ ଉତ୍ତରରେ ବିଷ୍ଣୁଙ୍କର ସ୍ନାନ ମୂର୍ତ୍ତି ବଦ୍ରିନାଥ, ଦକ୍ଷିଣରେ ଶୟନ ମୂର୍ତ୍ତି ରାମେଶ୍ୱର, ପଶ୍ଚିମରେ ବେଶ ମୂର୍ତ୍ତି ଦ୍ୱାରିକାନାଥ ପୂଜା ପାଉଥିବାବେଳେ ପୂର୍ବରେ ଶ୍ରୀପୁରୁଷୋତ୍ତମ ଧାମରେ ବିଷ୍ଣୁଙ୍କର ଭୋଜନ ମୂର୍ତ୍ତି ରୂପେ ମହାପ୍ରଭୁ ଶ୍ରୀଜଗନ୍ନାଥ ଆରାଧିତ ହୋଇ ଆସୁଛନ୍ତି।

ଏହି ଦିବ୍ୟ କ୍ଷେତ୍ର ବା ଶ୍ରୀଲକ୍ଷ୍ମୀଙ୍କର କ୍ଷେତ୍ର ହୋଇଥିବାରୁ ପ୍ରଭୁ ଏଠାରେ ସର୍ବଦା ଅବସ୍ଥାନ କରିଥାନ୍ତି। ସ୍ୱୟଂ ଲକ୍ଷ୍ମୀ ଠାକୁରାଣୀ ଏଠାରେ ପ୍ରଭୁଙ୍କ ନିମନ୍ତେ ଭୋଜନ ରନ୍ଧନ କରିଥାନ୍ତି। ଏହି ଦାରବ ବିଗ୍ରହ ବିଷ୍ଣୁଙ୍କୁ ଅର୍ପିତ ନୈବେଦ୍ୟରୁ କଣିକାଏ ପ୍ରାପ୍ତ କରିବା ବ୍ରାହ୍ମଣ ଓ ଦେବତାମାନଙ୍କ ପାଇଁ ଦୁର୍ଲଭ ହୋଇଉଠେ। ପଦ୍ମପୁରାଣରେ କୁହାଯାଇଛି ଯେ 'ତତ୍ରାନ୍ନ ପାଚିକା ଲକ୍ଷ୍ମୀଃ ସ୍ୱୟଂଭୋକ୍ତାଜନାର୍ଦ୍ଦନଃ। ତସ୍ମାତ୍ତଦନ୍ନଂ ବିପ୍ରର୍ଷେ ଦୈବତୈରପି ଦୁର୍ଲଭମ୍ ॥' ସେହିପରି ସ୍କନ୍ଦ ପୁରାଣରେ ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟରେ ବର୍ଣ୍ଣିତ ଅଛି ଯେ, ସ୍ୱୟଂ ଲକ୍ଷ୍ମୀ ଦେବୀ ହିଁ ପାକ କାର୍ଯ୍ୟ କରନ୍ତି ଏବଂ ମୂର୍ତ୍ତିମାନେ ସାକ୍ଷାତ ନାରାୟଣ ନିତ୍ୟ କମଳାଙ୍କ ସ୍ୱହସ୍ତ ସମ୍ପାଦିତ ଅନ୍ନ ଭୋଜନାଦି ସେବନ କରିଥାନ୍ତି। ହେ ମୁନିଗଣ! ଭଗବାନଙ୍କର ସେହି ନୈବେଦ୍ୟାନ୍ନ ଅମୃତ ସ୍ୱରୂପ, ଏହାକୁ ମସ୍ତକରେ ଧାରଣ କଲେ ସମସ୍ତ ପାପ ବିନଷ୍ଟ ହୁଏ। 'ଜଗଦ୍ଧାତ୍ର୍ୟା ହି ଯତପକ୍ୱଂ ବୈଷ୍ଣବୋଗ୍ନୌ ସୁସଂସ୍କୃତେ। ଭୁକ୍ତୋନ୍ନହଂ ଚକ୍ରପାଣିର୍ଯୁଗ ମନ୍ୱନ୍ତରାବିଷ୍ଣୁ ॥' ଅର୍ଥାତ୍ ଜଗଦ୍ଧାତ୍ରୀ ଲକ୍ଷ୍ମୀ ଦେବୀ ସ୍ୱୟଂ ସୁସଂସ୍କୃତ ବୈଷ୍ଣବାଗ୍ନିରେ ଏହା ପାକ କରନ୍ତି ଏବଂ ସ୍ୱୟଂ ଭଗବାନ ଚକ୍ରପାଣି ବହୁ ମନ୍ୱନ୍ତର ଓ ଯୁଗାଯୁଗାନ୍ତରୁ ଆଜି ପର୍ଯ୍ୟନ୍ତ ଭୋଜନ କରି ଆସୁଛନ୍ତି ଯାହାକି ଶ୍ରୀମହାପ୍ରାସଦ ରୂପେ ସୁପରିଚିତ ଅଟେ।

ସମଗ୍ର ଭାରତ ଭୂଖଣ୍ଡରେ ସୁପ୍ରତିଷ୍ଠିତ ବିଭିନ୍ନ ବିଷ୍ଣୁମନ୍ଦିରମାନଙ୍କର ନୈବେଦ୍ୟ ଭୋଗ ପ୍ରସାଦକୁ ନେଇ ଯେଉଁ ପ୍ରସିଦ୍ଧି ରହିଛି, ତନ୍ମଧ୍ୟରୁ ଶ୍ରୀପୁରୁଷୋତ୍ତମ କ୍ଷେତ୍ରସ୍ଥ ଦାରୁବ୍ରହ୍ମରୂପୀ ଶ୍ରୀଜଗନ୍ନାଥାଦି ବିଗ୍ରହ ମାନଙ୍କର ମହାପ୍ରସାଦର ମହତ୍ୱ ସର୍ବଶ୍ରେଷ୍ଠ। ବିଭିନ୍ନ ପୁରାଣ ଶାସ୍ତ୍ର ମାନଙ୍କରେ ମହାପ୍ରସାଦର ମାହାତ୍ମ୍ୟ ବର୍ଣ୍ଣନା ଦେଖିବାକୁ ମିଳେ।

ଏ ସମ୍ବନ୍ଧରେ 'ବୃହଦ୍‌ବିଷ୍ଣୁପୁରାଣ'ରେ ବର୍ଣ୍ଣିତ ତଥ୍ୟ ପ୍ରକାରେ- 'ନୈବେଦ୍ୟ ଜଗଦୀଶସ୍ୟ ଅନ୍ନପାନାଦିକଞ୍ଚ ଯତ୍। ଭକ୍ଷ୍ୟାଭକ୍ଷ୍ୟ ବିଚାରସ୍ତୁ ନାସ୍ତି ତଦଭକ୍ଷଣେ ଦ୍ୱିଜଃ। ବ୍ରହ୍ମ ନିର୍ବିକାରଂ ହି ଯଥା ବ୍ରହ୍ମ ତଥୈବ ତତ୍। ବିକାରଂ ଯେ ପ୍ରକୁର୍ବନ୍ତି ଭକ୍ଷଣେ ତୁ ଦ୍ୱିଜାତୟଃ ॥' ବ୍ରହ୍ମବୈବର୍ତ୍ତ ପୁରାଣ'ରେ ଉଲ୍ଲେଖ ଅଛି - 'ବିଷ୍ଣ୍ୱାଳୟଗତଂ ତଦ୍ଧି ନିର୍ମାଲଂ ପ୍ରତିପାଦୟଃ। ସ୍ପୃଶନ୍ତି ଚେନ୍ନ ଦୁଷ୍ଟଂ ତଦ୍ୟଥା ବିଷ୍ଣୁସ୍ତଥୈବ ତତ୍। ପୁନଃ ନୈବେଦ୍ୟଂ ବାସୁଦେବସ୍ୟ ମହାଭୟ ନବାରଣମ୍ ॥' ସେହିଭଳି ସ୍କନ୍ଦ ପୁରାଣରେ 'ନାଭିମାନଂ ପ୍ରକୁର୍ବୀରନ୍ ନିର୍ମାଲ୍ୟସ୍ୟୈବ ଭକ୍ଷଣେ। ଭକ୍ତ୍ୟା ଲୋଭାତ୍ କୌତୁକାଦ୍ୱା କ୍ଷୁଧାସଂଯମନୋପି ବା।'



କାକଟପୁର(ଭାସ୍କର ନ୍ୟୁଜ): ଖୁଦୁରୁକୁଣୀ ଓଷା ଓଡ଼ିଶାର ଏକ ପାରମ୍ପାରିକ ଓଷା । ଏହା ଭାଲୁକୁଣି ଓଷା ଓ ଡିଙ୍କି ଓଷା ଭାବେ ପରିଚିତ । ଏହାକୁ କୁଆଁରୀ ଓଡ଼ିଆ ଝିଅମାନେ ପାଳନ କରିଥାନ୍ତି । ଏଥିରେ ଖୁଦୁରୁକୁଣୀଙ୍କର ପୂଜାର୍ଚ୍ଚନା କରାଯାଇଥାଏ । ଓଡ଼ିଶାରେ ସାଧବ ପୁଅମାନେ ସୁଦୂର ଅତୀତରେ ଦେଶବିଦେଶକୁ ବଣିଜ କରିବା ନିମନ୍ତେ ଯାଉଥିଲେ । ସେହିପରି ଏକ ସାତ ସାଧବ ଭାଇ ଓ ସେମାନଙ୍କ ଅଲିଅଳି ଭଉଣୀ ତଅପୋଇକୁ ଭାଉଜମାନେ ଯାତନା ଦେବା ଓ ଖୁଦୁରୁକୁଣୀଙ୍କୁ ପୂଜି ସେଥିରୁ ମୁକ୍ତି ମିଳିବାକୁ ନେଇ ଏହି ଓଷାର ଆରମ୍ଭ । ଏହା ଭାଦ୍ରବ ମାସର ରବିବାରରେ ପଡ଼ିଥାଏ । ଚତୁର୍ଥ ରବିବାର ପର୍ଯ୍ୟନ୍ତ ଏହି ଓଷା ପାଳନ କରାଯାଇଥାଏ । ସକାଳୁ କୁଆଁରୀ ଝିଅମାନେ ନଈ କିମ୍ବା ପୋଖରୀ ତୁଠରେ ସାରୁଗଛ, ବାଉଁଶ ପତ୍ର ଆଦି ଡାଳ ପୋତି ମାଟିରେ ଭାଲକୁଣ୍ଡି ତିଆରି କରି ବାଲୁକା ପୂଜା ପରେ ସଞ୍ଜରେ ଖୁଦୁରୁକୁଣୀଙ୍କୁ ଖୁଦ ଭଜା ଆଦି ଭୋଗ ଅର୍ପଣ କରିଥାନ୍ତି । ଖୁଦଭଜା ଠାକୁରାଣିଙ୍କ ସବୁଠୁ ପ୍ରିୟ ବୋଲି ମନେ କରାଯାଇଥାଏ ଓ ତାଙ୍କୁ ଖୁଦରକୁଣି ବା ଖୁଦ ପାଇଁ ବାଉ ବୋଲି ଶ୍ରଦ୍ଧାରେ କୁହାଯାଇଥାଏ । ଝିଅମାନେ ଗାଧୋଇ ଫୁଲ ତୋଳି ଛୋଟ ଦେଉଳ ତୋଳି ଫୁଲରେ ସଜାଇ ଠାକୁରାଣିଙ୍କୁ ଅଧିଷ୍ଠିତ କରାଇ ପୂଜା କରିଥାନ୍ତି । ଖୁଦୁରୁକୁଣୀଙ୍କୁ ଢିଙ୍କିଶାଳରେ ପୂଜା କରାଯାଇଥାଏ । ଜାଗାକୁ ଗୋବରରେ ଲିପାପୋଛା କରି ଦେବୀଙ୍କୁ ଅଧିଷ୍ଠିତ କରାଯାଇଥାଏ । ରଙ୍ଗବେରଙ୍ଗର ମୁରୁଜରେ ଝୋଟି ଚିତା ପକାଯାଇଥାଏ । ଫୁଲରେ ତୋରଣ ସବୁ ତିଆରି କରାଯାଇଥାଏ । ଦିନ ସାରା ଏହି ସଜାଣିରେ ସମୟ ବିତିବା ପରେ ସଞ୍ଜବେଳରେ ପୂଜା ଆରମ୍ଭ ହୋଇଥାଏ । ଏଥିରେ ଝିଅମାନେ ତଅପୋଇ ଗୀତ ଗାଇଥାନ୍ତି । ପିଢ଼ି ପରେ ପିଢ଼ି ଏହି ଗୀତ ଲୋକ ସାହିତ୍ୟ ଭାବରେ ଲୋକମୁଖରେ ଆଜି ଯାଏଁ ଚଳିଆସୁଅଛି । ଏହି ଖୁଦୁରୁକୁଣୀ ଓଷା ଶେଷ ପାଳିରେ ଉଦ୍‌ଯାପିତ ହୋଇଥାଏ ।

## ୧୦ ଦଫା ଦାବି ପୂରଣ ନେଇ ରାଜସ୍ୱ ଅମଲା କର୍ମଚାରୀଙ୍କ ଧାରଣା



କେନ୍ଦ୍ରାପଡା(ଭାସ୍କର ନ୍ୟୁଜ): ବହୁ ପ୍ରତୀକ୍ଷିତ ୧୦ ଦଫା ଦାବି ପୂରଣ କରିବାରେ ରାଜ୍ୟ ସରକାରଙ୍କ ସହ ଆଲୋଚନା ବିଫଳ ହେବା ପରେ ରାଜ୍ୟ ସଂଘର ପୂର୍ବନିର୍ଦ୍ଧାରିତ ନିଷ୍ପତ୍ତି ପ୍ରକାରେ ୧୧ ଅଗଷ୍ଟରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ରାଜସ୍ୱ ଅମଲାମାନେ ସାମୁହିକ ଛୁଟିରେ ରହିବା ପରିପେକ୍ଷିରେ ସୋମବାର କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା ମଧ୍ୟ ସାମୁହିକ ଛୁଟିରେ ଅଛନ୍ତି । ପ୍ରକାଶ ଥାଉକି ଗତ ୮ ତାରିଖ ଦିନ ରାଜସ୍ୱ ଅମଲାମାନେ ନିଜ ନିଜ ଅଧିକାରୀଙ୍କୁ ସମୂହ ଛୁଟି ଦରଖାସ୍ତ ପ୍ରଦାନ କରିଥିଲେ । ଯେତେ ଦିନ ପର୍ଯ୍ୟନ୍ତ ରାଜ୍ୟ ସରକାର ଦାବି ପୂରଣ କରି ବିଜ୍ଞପ୍ତି ପ୍ରକାଶ କରିବେ ନାହିଁ, ସେତେଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଜିଲ୍ଲାର ସଭାପତି ସୁକାନ୍ତ କୁମାର ଜେନା, ସମ୍ପାଦକ ଶୈଳେନ୍ଦ୍ର ନାରାୟଣ ପଧାନ ଓ ସମସ୍ତ ରାଜସ୍ୱ ଅମଲାମାନେ ମତ ପ୍ରକାଶ କରିଛନ୍ତି । ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ୧୦ ଦଫା ଦାବି ପୂରଣ କରିବା ନିମିତ୍ତ ରାଜ୍ୟ ସରକାରଙ୍କୁ ବାରମ୍ବାର ନିବେଦନ କରିବା ପରେ ରାଜ୍ୟ ସରକାର ଗତ ଜୁଲାଇ ୯ ତାରିଖରେ ପ୍ରାୟ ଅଢ଼େଇ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ରାଜସ୍ୱ ଅମଲା ସଂଘର ଶୀର୍ଷ ନେତୃବୃନ୍ଦଙ୍କ ସହିତ ଆଲୋଚନା କରି ଅତିଶୀଘ୍ର ଅର୍ଥାତ୍ ୭ ରୁ ୧୫ ଦିନ ଭିତରେ ଦାବିଗୁଡ଼ିକୁ ପୂରଣ ହେବ ବୋଲି ପ୍ରତିଶୃତି ଦେଇଥିଲେ । ଫଳ ସ୍ୱରୂପ ୧୪ ଜୁଲାଇକୁ ହେବାକୁ ଥିବା ରାଜସ୍ୱ ଅମଲାମାନଙ୍କ ତରଫରୁ ରାଜ୍ୟବ୍ୟାପୀ ପ୍ରସ୍ତାବିତ ଆନ୍ଦୋଳନ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିବା ପାଇଁ ରାଜ୍ୟ ସଂଘ ନିଷ୍ପତ୍ତି ନେଇଥିଲା । କିନ୍ତୁ ଅଗଷ୍ଟ ୧୦ ତାରିଖ ସୁଦ୍ଧା ରାଜ୍ୟ ସରକାର ରାଜସ୍ୱ ଅମଲା ମାନଙ୍କର ଦାବିଗୁଡ଼ିକୁ ପୂରଣ କରିବା ତ ଦୂରର କଥା, ସେମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରିବା ସହ ସେମାନଙ୍କୁ ପ୍ରବଳ ଆଘାତ ଦେବା ଭଳି ରାଜସ୍ୱ ସେବା ପଦ୍ଧତିରେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ପଦୋନ୍ନତିକୁ ୪୦% ରୁ ୩୩% କରିବା ସହ ଲେବେଲ-୯ ରେ ଜଣେ ଜିଲ୍ଲା ସ୍ତରୀୟ ରାଜସ୍ୱ କର୍ମଚାରୀ ୬ ବର୍ଷ ଦରମା ପାଇଲେ ଯୋଗ୍ୟ ହେବ ବୋଲି ନିର୍ଦ୍ଦେଶନାମା ଜାରି କରିଥିଲେ । ଯାହା ଫଳରେ ସମସ୍ତ ରାଜସ୍ୱ ଅମଲାମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଥିଲା । ପ୍ରକାଶ ଥାଉକି, ଜିଲ୍ଲା ସ୍ତରୀୟ ରାଜସ୍ୱ ଅମଲାଙ୍କ ପଦବୀ ପୁନର୍ଗଠନ ଆଳରେ ବର୍ଷ ବର୍ଷ ଧରି ସାଧାରଣ ପଦୋନ୍ନତିକୁ ଅଟକାଇ ରଖାଯିବା ଫଳରେ ସେମାନଙ୍କ ମଧ୍ୟରୁ ଅନେକ ପଦୋନ୍ନତି ପୂର୍ବରୁ ଅବସର ଗ୍ରହଣ କରିସାରିଛନ୍ତି । ସେମାନେ ତାଙ୍କର ନାର୍ଯ୍ୟ ପ୍ରାପ୍ତିରୁ ସବୁଦିନ ପାଇଁ ବଞ୍ଚିତ ହୋଇଗଲେ । ଜିଲ୍ଲା ସ୍ତରୀୟ ରାଜସ୍ୱ ଅମଲା ମାନେ ଦକ୍ଷତାର ସହ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଜନହିତକର ଯୋଜନା ତୃଣମୂଳ ସ୍ତରରେ ଲୋକମାନଙ୍କ ପାଖରେ ପହଞ୍ଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ସିମୀତ ସମୟ ସୀମାରେ ତାଙ୍କର କାର୍ଯ୍ୟଗୁଡ଼ିକୁ କରି ଯୋଗାଇ ଦେଇ ଆସୁଥିଲେ ମଧ୍ୟ ସରକାର ସେମାନଙ୍କୁ ଅଣଦେଖା କରି ଆସୁଛନ୍ତି । ସେମାନଙ୍କର ଦାବି ଗୁଡିକ ମଧ୍ୟରେ ପ୍ରମୁଖ ଦାବିଗୁଡିକ ହେଲା, ଜିଲ୍ଲା ସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାଙ୍କ ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ମୂଳ ଦରମା ୨୦୧୭ ନିୟମ ଅନୁଯାଇ ଲେବେଲ- ୯ କୁ ବୃଦ୍ଧି କରାଇବା, ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗର ସଂକଳ୍ପ ପତ୍ର ସଂଖ୍ୟା :- ୮୮୯୮ ତାରିଖ- ୧୫-୦୩-୨୪ ଅନୁଯାୟୀ ତଥା ସମସ୍ତ ୩୦ ଗୋଟି ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରାଯିବା, ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ଲାଗୁ କରାଯିବା, ୧୯୯୦ରେ ଲାଗୁ କରାଯାଇଥିବା ନିୟମାବଳୀ ଅନୁଯାଇ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ କରାଯିବା, ସରକାରୀ କର୍ମଚାରୀଙ୍କୁ ପୁରାତନ ପେନସନ୍ ଯୋଜନାରେ ଅନ୍ତର୍ଭୁକ୍ତ ଇତ୍ୟାଦି ।

## ଦୂଷିତ ପାଣି ପିଇ ଜଣ୍ଡିସ୍‌ରେ ଆକ୍ରାନ୍ତ ଛାତ୍ରଛାତ୍ରୀ, ପହଞ୍ଚିଲା ମେଡିକାଲ୍ ଟିମ୍



ଆଳି(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଗୋପାଳପୁର ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଗତ କିଛି ଦିନ ମଧ୍ୟରେ ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟରେ ଥିବା ନଳକୂଅର ଦୂଷିତ ପାନୀୟ ଜଳକୁ ବ୍ୟବହାର କରିବା ଦ୍ୱାରା ଜଣ୍ଡିସ୍ ରୋଗରେ ପୀଡିତ ହୋଇଛନ୍ତି । ଯାହାକୁ ନେଇ ଗତକାଲି ଅଭିଭାବକ ମାନେ ଅଭିଯୋଗ କରିବା ପରେ ସୋମବାର ପ୍ରଶାସନ ପକ୍ଷରୁ ଆଳି ମେଡିକାଲର ଏକ ଟିମ୍ ତତ୍‌ସହିତ ଜଳ ପରିମଳ ଓ ଯୋଗାଣ ବିଭାଗର ଏକ ଟିମ ଘଟଣା ସ୍ଥଳରେ ପହଞ୍ଚିଛନ୍ତି । ସୂଚନା ସୂତ୍ରରୁ ପ୍ରକାଶ ଯେ ଉକ୍ତ ବିଦ୍ୟାଳୟ ରେ ପଢୁଥିବା ଗୋପାଳପୁର ଏବଂ ପତ୍ରପୁର ଗ୍ରାମ ପିଲାମାନେ ଜଳଜନିତ ରୋଗ ଯଥା ହଇଜା, ବାନ୍ତି, ପେଟ ସମସ୍ୟା ଦେଖାଯାଇଥିବା ଜଣାପଡିଛି । ସେମାନଙ୍କ ମଧ୍ୟରୁ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଦ୍ୱାରା ୬ ଛାତ୍ରଛାତ୍ରୀ ସୌଭାଗ୍ୟ ସେଠି, ଅଂଶୁମାନ ନାୟକ, ପାୟଲ ଦାସ, ଝରଣା ଜେନା, ସୋନାଲି ଜେନା, ଜୟଶ୍ରୀ ନାଥଙ୍କ ରକ୍ତ ନମୁନାରେ ତାଙ୍କୁ ଜଣ୍ଡିସ ହୋଇଥିବା ଜଣାପଡିଛି । ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ ବିଦ୍ୟାଳୟରେ ୨୫୦ ରୁ ଉର୍ଦ୍ଧ୍ୱ ପିଲା ପାଠ ପଢୁଥିବା ବେଳେ ନଳକୂଅଟି ଦୀର୍ଘଦିନ ହେବ ଖରାପ ହୋଇ ସେଥିରୁ କଳଙ୍କି ପାଣି, ଗୋଳିଆ ଓ ଦୁର୍ଗନ୍ଧଯୁକ୍ତ ପାଣି ବାହାରୁଥିବା ନେଇ ବାରମ୍ବାର ଅଭିଯୋଗ ହେବା ପରେ ବିଦ୍ୟାଳୟରେ ଏକ ଆକ୍ୱାଗାର୍ଡ ଲାଗିଥିଲା । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହି ଆକ୍ୱାଗାର୍ଡଟି ଖରାପ ହୋଇ ଯିବାରୁ କୌଣସି ବିକଳ୍ପ ନ ଥାଇ ପିଲାମାନେ ଏହି ନଳକୂଅରେ ପାଣିକୁ ପାନୀୟ ଜଳ ବ୍ୟବହାର କରିବା ସହିତ ମଧ୍ୟାହ୍ନ ଭୋଜନ ପାଇଁ ମଧ୍ୟ ଏହି ନଳକୂଅରେ ଜଳ ବ୍ୟବହାର ହେଉଛି । ଯାହାକୁ ବ୍ୟବହାର କରିବା ଫଳରେ ପିଲାମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରେ ଲାଗିଛି । ପିଲାମାନଙ୍କ ଆଖି ହଳଦିଆ ପଡିବା, ବାନ୍ତି ହେବା, ଆଂଶିକ ଜ୍ୱର ହେବା ଆଦି ଲକ୍ଷଣ ଦେଖା ଦେଉଥିବା ୫ ଛାତ୍ରଛାତ୍ରୀଙ୍କଠାରୁ ରକ୍ତ ନମୁନା ସଂଗ୍ରହ ହୋଇଥିଲା । ତତ୍‌ସହିତ ବିଦ୍ୟାଳୟର ଏବଂ ଗ୍ରାମରେ ଥିବା ଅଙ୍ଗନବାଡ଼ି ଓ ଅନ୍ୟ ୪ଟି ସ୍ଥାନରୁ ପିଏଚଇଓ ରଶ୍ମି ରଞ୍ଜନ ବାରିକଙ୍କ ଦ୍ୱାରା ପାଣି ନମୁନା ସଂଗ୍ରହ କରାଯାଇଥିବା ନେଇ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା ପ୍ରଣବ ଶୁକ୍ଳ ସୂଚନା ଦେଇଛନ୍ତି । ଏଥି ସହିତ ମୋଟ ୩୫ଜଣଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇଥିବା ନେଇ ମଧ୍ୟ ସୂଚନା ଦେଇଛନ୍ତି । ଅନ୍ୟପକ୍ଷେ ଖୁବ୍‌ଶୀଘ୍ର ବିଡିଓ ଅବିନାଶ ବିଶ୍ୱଜିତ ସେଠିଙ୍କ ସହ ଆଲୋଚନା କରାଯାଇ ଏହି ଅଞ୍ଚଳର ପାନୀୟଜଳ ସମସ୍ୟାର ଦୂରୀକରଣ ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବା ନେଇ ଜଳ ପରିମଳ ଓ ଯୋଗାଣ ବିଭାଗର ଯନ୍ତ୍ରୀ ଅଶୋକ ସାହୁ ସୂଚନା ଦେଇଛନ୍ତି ।

## ଗଁଦିଆରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି




ଢେଙ୍କାନାଳ(ଭାସ୍କର ନ୍ୟୁଜ): ଗଁଦିଆ ପଂଚାୟତ ସମିତି ସଭାଗୃହଠାରେ ଏକ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି କ୍ଷ ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଜନଅଭିଯୋଗ ଶୁଣାଣି ଶିବିରରେ ଅରକ୍ଷୀ ଅଧିକ୍ଷକ ଅଭିନ୍ନ ସୋନକର, ଜିଲ୍ଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀ, ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସଞ୍ଜୟ କୁମାର ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ । ଉକ୍ତ ଶିବିରରେ ମୋଟ ୧୦୮ ଅଭିଯୋଗ ଦାଖଲ ହୋଇଥିଲା । ସେଥି ମଧ୍ୟରୁ ୯୯ଗୋଟି ବ୍ୟକ୍ତିଗତ, ୫ ଗୋଟି ଗ୍ରାମ୍ୟ ଥିବା ସ୍ଥଳେ ମୁଖ୍ୟ ମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଜଣଙ୍କୁ, ରେଡ୍‌କ୍ରସରୁ ୨ଜଣଙ୍କୁ ୪୦,୦୦୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ଯେଉଁ ଅଭିଯୋଗ ଗୁଡିକ ଆସିଛି ତାକୁ ବିଭିନ୍ନ ବିଭାଗୀୟ ଅଧିକାରୀ ତୁରନ୍ତ ଏଗୁଡିକର ସମାଧାନ କରିବାକୁ ଜିଲ୍ଲପାଳ ନିର୍ଦ୍ଦେଶ କରିଛନ୍ତି । ଉକ୍ତ ଶିବିରରେ ଗଁଦିଆ ଗୋଷ୍ଠି ଉନ୍ନୟନ ଅଧିକାରୀ ପବିତ୍ର କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ଓ ବ୍ଲକର ସମସ୍ତ ବିଭାଗର ପ୍ରମୁଖ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ଅଧିକାରୀଙ୍କ ବଦଳି ପରେ ନିଶାବେପାରୀଙ୍କ ଆନନ୍ଦ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ନିଶାବେପାର ବେଳକୁ ବେଳ ବଢ଼ି ଚାଲିଛି । ପାଟପୁରରୁ ଅରିଷଣ୍ଡ ନାଳବନ୍ଧ ରାସ୍ତା ଧାରରେ ଥିବା ଇଶାନେଶ୍ୱର ମନ୍ଦିର ପ୍ରାଙ୍ଗଣରେ କେତେକ ଅସାମାଜିକ ଯୁବକ ନିଶା ସେବନ କରିବା ସହ ଧଳାଜହର ବ୍ୟବସାୟ କରୁଛନ୍ତି । ପୂର୍ବରୁ ନିମାପଡ଼ା ଅବକାରୀ ବିଭାଗ ଅଧିକାରୀ ଭାବେ ନାରାୟଣ ବେହେରା କାର୍ଯ୍ୟ ନିର୍ବାହ କରୁଥିବା ବେଳେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ନିଶା ବେପାରୀଙ୍କୁ ଧରିବାରେ ସକ୍ଷମ ହୋଇଥିଲେ । ଅଚାନକ୍ ଶ୍ରୀ ବେହେରାଙ୍କ ବ୍ରହ୍ମଗିରି ସାତପଡ଼ାକୁ ବଦଳି ହୋଇଯିବା ପରେ ନିଶା ବ୍ୟବସାୟୀଙ୍କ ସୁଯୋଗ ପାଲଟିଛି । ଶ୍ରୀ ବେହେରା ନିମାପଡ଼ା, ଖେଲାର, ବଳଙ୍ଗା, ତୁଳସୀପୁର, ଚାରିଛକ, କାକଟପୁର, ଅସ୍ତରଙ୍ଗ ଆଦି ଅଞ୍ଚଳରେ ଚଢ଼ଉ କରି ବ୍ୟାପକ ପରିମାଣରେ ନିଶା ଦ୍ରବ୍ୟ ଜବତ କରିବା ସହ ନିଶା ବେପାରୀଙ୍କୁ ଗିରଫ କରୁଥିଲେ । ଯାହାପାଇଁ ବେପାରୀଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି ହୋଇଥିଲା । ଅଚାନକ ଜିଲ୍ଲା ପ୍ରଶାସନ ଶ୍ରୀ ବେହେରାଙ୍କୁ ବ୍ରହ୍ମଗିରି ସାତପଡ଼ାକୁ ବଦଳି କରିବା ପରେ ବେପାରୀଙ୍କ ମଧ୍ୟରେ ଆନନ୍ଦ ଖେଳି ଯାଇଛି । ଯାହାପାଇଁ ଏବେ ନିଶାଡ଼ିଙ୍କ କବଳରେ ନିମାପଡ଼ା ରହିଛି । ପ୍ରତ୍ୟେକ ଦିନ ଡ଼େଣୁଅଁ ଠାରୁ କୁଶଭଦ୍ରା ନଦୀବନ୍ଧ ରାସ୍ତା, ତ୍ରିନାଥ ମାର୍ଗ ଠାରୁ ବାମଝାଟିପାଟଣା, ପାଟପୁର ଠାରୁ ଅରିଷଣ୍ଡ ନାଳବନ୍ଧ ରାସ୍ତା, ବାଘସାହି ରାସ୍ତା, ଜେଲ ରୋଡ଼ ଆଦି ଅଞ୍ଚଳରେ ଅବାଧରେ ଏବେ ନିଶା କାରବାର ବଢ଼ିବାରେ ଲାଗିଛି । ତୁରନ୍ତ ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି ।

## କଂଗ୍ରେସ ଜିଲ୍ଲା କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ଓ କୃଷକ ସାଙ୍ଗଠନିକ ସଭା

ଆସିକା(ଭାସ୍କର ନ୍ୟୁଜ): କୃଷକ ଆମଦେଶର ମେରୁଦଣ୍ଡ । କୃଷକ ହସିଲେ ଦେଶ ହସିବ । ହେଲେ କେନ୍ଦ୍ର ଓ ରାଜ୍ୟ ସରକାର କୃଷକ ଉନ୍ନତି ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି । ଫଳରେ କୃଷକ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ଚାଷୀଙ୍କ ପ୍ରତି ସରକାରଙ୍କ ବୈମାତୃକ ମନଭାବକୁ ବିରୋଧକରି ଚାଷୀଙ୍କୁ ସଂଗଠିତ କରିବା ଲାଗି କଂଗ୍ରେସ ଦଳ ଆରମ୍ଭ କରିଛି ପ୍ରୟାସ । ଚାଷୀଙ୍କୁ ଏକଜୁଟ ସହ ସରକାରଙ୍କ ବିରୋଧରେ କରିଛି ସ୍ୱର ଉତ୍ତୋଳନ । ଏହି ଅବସରରେ ଗଞ୍ଜାମ ଜିଲ୍ଲା ଆସିକା ସହର ଖମ୍ବେଶ୍ୱରୀ ପାଟଣା ଗଞ୍ଜାମ ଜିଲ୍ଲା ପଶ୍ଚିମ କଂଗ୍ରେସ କମିଟି କାର୍ଯ୍ୟାଳୟରେ ଏକ ସମ୍ବର୍ଦ୍ଧନା ଓ କୃଷକ ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପଶ୍ଚିମ କଂଗ୍ରେସ କମିଟି ସଂଯୋଜକ ଦେବକାନ୍ତ ଶର୍ମାଙ୍କ ପରିଚାଳନାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି କିସାନ ସେଲ ସଭାପତି ଅଭୟ କୁମାର ସାହୁ ଯୋଗ ଦେଇଥିଲେ । ଏହି ଅବସରରେ ଦଳର ବହୁ ଆଗଧାଡିର ନେତା ସାମିଲ ହୋଇଥିବା ବେଳେ ବହୁ ଚାଷୀ ଯୋଗ ଦେଇଥିଲେ । ଚାଷୀ ଭୋଗୁଥିବା ସମସ୍ୟାର ଆଗାମୀ ଦିନରେ ସରକାର ସମାଧାନ ନକଲେ ଚାଷୀଙ୍କୁ ସାଙ୍ଗରେ ନେଇ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି ମଞ୍ଚାସିନ ଅତିଥି । ଅନ୍ୟମାନଙ୍କ ମଧ୍ୟରେ ସତ୍‌କାନ୍ତ ମାହାନ୍ତି, ତପନ ମିଶ୍ର, ରତନ ନାୟକ ଉପସ୍ଥିତ ଥିଲେ ।

## ପ୍ରକଳ୍ପ ନିର୍ମାଣରେ ଜାଲିଆତି ଅଭିଯୋଗ



ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ତରଫରୁ ଜାଲିଆତି ଓ ଚଞ୍ଚକତା କରାଯାଇ କିପରି ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ଲୁଟି ନିଆଯାଉଛି ତାହାର ଏକ ନଗ୍ନ ନମୂନା ଫଗୋଳ ଗ୍ରାମପଞ୍ଚାୟତରେ ଦେଖିବାକୁ ମିଳିଛି । ଏହି ଦୁର୍ନୀତି ସମ୍ପର୍କରେ ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଖୋଦ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ଜଣେ ବିଜେପି ଯୁବନେତା କଟକ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଫଗୋଳ ଗ୍ରାମପଞ୍ଚାୟତର ପାଇକରାପୁର ଗାଁ ପ୍ଲଟ ନଂ ୬୭୮ ଖାତା ନଂ ୧୦୫ ମୌଜା-ପାଇକରାପୁର, ରାଜସ୍ୱ ସର୍କଲ ଜିଗ୍ନିପୁର, ତହସିଲ- ନିଶ୍ଚିନ୍ତକୋଇଲି ଜମି ମାଲିକ ଗଙ୍ଗାଧର ମିଶ୍ର ଓ ଅନ୍ୟମାନେ ଥିଲା ବେଳେ ପୂର୍ବରୁ ଏହି ଜମି ଉପରେ ଲକ୍ଷ ଲକ୍ଷ ଟଙ୍କାର ସରକାରୀ ଅନୁଦାନରେ ଗୃହ ନିର୍ମାଣ କରାଯାଇଥିଲା । ଏହି ପୁରୁଣା ଗୃହକୁ କାଗଜ କଲମରେ ଦର୍ଶାଯାଇ ଗତ ୨୦୨୪ ମସିହା ଫେବ୍ରୁଆରୀ ୭ ତାରିଖ ଦିନ ଆମ ଓଡିଶା ନବୀନ ଓଡିଶା ପ୍ରକଳ୍ପ ଭାଉଚର ନମ୍ବର ଏଓଏନଏ/୨୦୨୩-୨୪/ପି/୧୬ରେ ୩ଲକ୍ଷ ୫ହଜାର ୮୮ଟଙ୍କା ବିଲ କରିନିଆଯାଇଥିବାର ଅଭିଯୋଗ ହୋଇଛି । ସୂଚନା ଥାଉକି ପୂର୍ବରୁ ଏହି ଜମିର ମାଲିକ ନୃସିଂହ ଚରଣ ମିଶ୍ର ଏହି ପ୍ଲଟ ଉପରେ ଏକ ଗୃହ ନିର୍ମାଣ କରିଥିଲେ । ସମ୍ପ୍ରତି ଶ୍ରୀ ମିଶ୍ର ନିଶ୍ଚିନ୍ତକୋଇଲି ପଂଚାୟତ ସମିତିର ଉପାଧ୍ୟକ୍ଷ ରହିଛନ୍ତି । ଶ୍ରୀ ମିଶ୍ର ଉପାଧ୍ୟକ୍ଷ ରହିଥିବାରୁ କ୍ଷମତାର ଅପବ୍ୟବହାର ଓ ଚାପ ପ୍ରୟୋଗ କରି ବିଲ୍ କରି ନେଇଥିବାର ଅଭିଯୋଗ ହୋଇଛି । ଏହି ପ୍ରକଳ୍ପ ପାଇଁ ୪ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଥିଲା ବେଳେ ଅବଶିଷ୍ଟ ୯୫ହଜାର ଟଙ୍କା ଉଠାଇ ନେବା ନିମନ୍ତେ ମସୁଧା ଚାଲିଥିବାର ଅଭିଯୋଗ ହୋଇଛି । ଏନେଇ କଟକ ଜିଲ୍ଲାପାଳଙ୍କୁ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ବିଜେପିର ପ୍ରାକ୍ତନ ମଣ୍ଡଳ ସଭାପତି ପ୍ରଣବ କୁମାର ବେହେରା ଲିଖିତ ଅଭିଯୋଗ କରିବା ସହ ଆମ ଓଡିଶା ନବୀନ ଓଡିଶା ପ୍ରକଳ୍ପରେ ହୋଇଥିବା ଦୁର୍ନୀତିକୁ ସାର୍ବଜନୀନ କରାଇବା ନିମନ୍ତେ ଦୃଢ ଦାବି କରିଛନ୍ତି । ତେବେ ଏହି ଘଟଣାରେ ବିଡିଓ ,ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଅସାଧୁ ମେଂଟ କରି ସରକାରୀ ରାଜକୋଷରୁ ଏହି ଟଙ୍କା ଉଠାଇ ନେଇଥିବାର ଅଭିଯୋଗ ହୋଇଛି । ତେବେ ଏହି ବ୍ଲକରେ ଅନୁରୂପ ଭାବେ କୋଟି କୋଟି ଟଙ୍କାର ମିଥ୍ୟାବିଲ କରାଯାଇ ଆତ୍ମସାତ କରାଯାଇଥିବା ଘଟଣା କାହାରିକୁ ଅଛପା ନାହିଁ । କଟକ ଜିଲ୍ଲାପାଳ ଏହି ଅଭିଯୋଗର ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହୋଇଛି ।

## ଭଙ୍ଗା ଚାଳଘରେ ଦୁଇଭାଇଙ୍କ ଜୀବନ, ସହାୟତା ଦାବି



ଧାମନଗର(ଭାସ୍କର ନ୍ୟୁଜ): ସରକାର ପରେ ସରକାର ବଦଳୁଛନ୍ତି, ନେତାଙ୍କ ଭାଗ୍ୟ ବଦଳୁଛି ହେଲେ ଗରିବ ଲୋକଙ୍କ ଭାଗ୍ୟ ବଦଳିନି । ସରକାର କହୁଛନ୍ତି କେହି ବି ଗରିବ ଲୋକ ଚାଳ ଘରେ ରହିବେ ନାହିଁ ସେମାନଙ୍କୁ ପକା ଘର ଦିଆଯିବ । ହେଲେ ଗରିବ ଲୋକ ଏବେ ବି ଭଙ୍ଗା ଘରେ ଜୀବନ ବିତାଉଛନ୍ତି । ସ୍ୱାଧୀନତା ପରେ ବି ଏ ମାନେ ପରାଧୀନ ହୋଇ ରହିଛନ୍ତି । ଏମିତି ଏକ ଭଙ୍ଗା ଘରେ ରହି ଜୀବନ ବିତାଉଥିବା ଦିନ ମଜୁରିଆ ଦୁଇ ଭାଇଙ୍କ ତଥ୍ୟ ନଜରକୁ ଆସିଛି । ଧାମନଗର ବ୍ଲକ ମୁସ୍ତଫାପୁର ପଞ୍ଚାୟତ ରଘୁନାଥପୁର ଗାଁର ଦି ଭାଇ ରବୀନ୍ଦ୍ର ନାୟକ ଓ ପ୍ରଫୁଲ୍ଲ ନାୟକ । ଦିନ ମଜୁରିଆ, ବୟସ ପାଖପାଖି ୬୫ ରୁ ୭୦ ହେବ । ଭଙ୍ଗା ଦଦରା ଘର ଯୋଗୁଁ ଦୁଇଟି ପରିବାର ଭାରି ଦୁର୍ଦ୍ଦିନରେ ରହୁଛନ୍ତି । ସ୍ତ୍ରୀ, ପିଲାଙ୍କୁ ମିଶାଇ ୪ ଜଣ ପରିବାରରେ ରବୀନ୍ଦ୍ର ଏକା ରୋଜଗାରିଆ । ଦିନକୁ ୩୦୦ ଟଙ୍କା ମଜୁରୀ । ସେମିତି ପ୍ରଫୁଲ୍ଲ ନାୟକଙ୍କ ପରିବାର କହିଲେ ୫ ଜଣ । ମୂଲ ଲାଗନ୍ତି ନ ହେଲେ ମାଗିଯାଚି ଚଳନ୍ତି । ବର୍ଷା ଦିନେ ବିଲ କାମ ଛାଡ଼ିଦେଲେ ଆଉ କିଛି କାମ ମିଳେନି । ପୁଣି ବାର୍ଦ୍ଧକ୍ୟକୁ ଦୁର୍ବଳ ଶରୀର ଯୋଗୁଁ ବିଲର ପାଣି କାଦୁଅର କାମ କରିହେଉନି । ଏଥିପାଇଁ ଦି ଭାଇ ବର୍ଷାଦିନେ ବିଲକୁ ଯାଇ ପାରୁନାହାନ୍ତି । ବର୍ଷାମାସରେ କାମ ନଥିବାରୁ ଘରର ଅବସ୍ଥା ଖରାପ । ଗୁହାଳ ଭଳି ଦିଟି ଝାଟିମାଟି ଘରେ ଦି ଭାଇଙ୍କ ପରିବାର ଆଶ୍ରୟ ନେଇଛି । ବର୍ଷା ଅସରାଏ ହେଲେ ଘର ଭିତରେ ପାଣି ପଶୁଛି । ପଇସା ଅଭାବ ଯୋଗୁଁ ଏଥର ଛପର କରିପାରିଲେନି । ଏଣୁ ପଲିଥିନ ହିଁ ଏକମାତ୍ର ସାହା ଭରଷା । ସେପଟେ ସରକାରୀ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇବାକୁ ଦୁଇ ଭାଇ କେତେ ଯେ ଗୁହାରି କରିଛନ୍ତି ତାର ହିସାବ ନାହିଁ । ତାଙ୍କ ଆଖି ଆଗରେ ଇନ୍ଦିରା ଆବାସ ଯୋଜନା, ବିଜୁ ପକ୍କା ଘର, ମୋ କୁଡ଼ିଆ, ନିର୍ମାଣ ଶ୍ରମିକ ଆବାସ, ପ୍ରଧାନମନ୍ତ୍ରୀ ଆବାସ ଆଉ ଅନ୍ତ୍ୟୋଦୟ ଗୃହ ଯୋଜନା ପ୍ରଚଳନ ହୋଇଛି । ହେଲେ କୌଣସି ଯୋଜନା ଯାଙ୍କୁ ଛୁଇଁ ପାରିଲାନି । ସବୁଥର ନିର୍ବାଚନ ପୂର୍ବରୁ ସରପଞ୍ଚ, ସମିତି ସଭ୍ୟ, ବିଧାୟକ ଓ ଅନ୍ୟ କର୍ମୀ ପ୍ରତିଶ୍ରୁତି ଦିଅନ୍ତି ଘରଟିଏ ଦେବାକୁ ହେଲେ ଆଜି ପର୍ଯ୍ୟନ୍ତ ତାଙ୍କୁ ଘର ମିଳି ପାରିଲାନି । ହେଲେ ତାଙ୍କ ଆର୍ଥିକ ଅବସ୍ଥାରେ ପରିବର୍ତ୍ତନ ଆସିଲାନି । ସରକାରୀ ଆବାସ ଯୋଜନାରେ ଘର ଯୋଗାଇଦେବା ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ କହିଛନ୍ତି ଯେ, ସର୍ଭେ ହେଲେ ସେମାନଙ୍କ ନାମ ଦିଆଯିବ, ଉକ୍ତ ପଞ୍ଚାୟତରେ ୯୫୦ ଘର ସର୍ଭେ ହେବ, ସେମାନଙ୍କୁ ଘର ଯୋଗାଇ ଦିଆଯିବ ବୋଲି ଅଧିକାରି କହିଛନ୍ତି ।

## ଯୁବତୀଙ୍କୁ ଯୁବକର ଅଶ୍ଳୀଳ ଇଙ୍ଗିତ ଅଭିଯୋଗ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବ୍ଲକ୍ ଚାରିଛକରେ ଦୋକାନରେ ପଶି ଜଣେ ଯୁବକ ଉନ୍ମତ୍ତ କାଣ୍ଡ ଭିଆଇଛି । ଦୋକାନ ଭିତରେ ଦୋକାନୀଙ୍କ ଝିଅକୁ ଅଶ୍ଳୀଳ ଇଙ୍ଗିତ କରିବା ସହ ଟଣା ଓଟରା କରିଥିବା ଘଟଣାକୁ ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ସଂପୃକ୍ତ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ଅନୁଯାୟୀ, ଗତ ରବିବାର ସଂଧ୍ୟାରେ ଗଡ଼ଇଟାପୋଖରୀ ଗ୍ରାମର ଆଶିଷ ପାତ୍ର ନାମକ ଯୁବକ ଭେରାଇଟ୍ ଷ୍ଟୋର ଭିତରେ ପଶି ଷ୍ଟୋରର ମାଲିକକୁ ଧମକ ଦେବା ସହ ସେଠାରେ ଥିବା ଦୋକାନ ମାଲିକଙ୍କ ଝିଅକୁ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରିଥିଲା । ଜୀବନରେ ମାରି ଦେବାକୁ ମଧ୍ୟ ଧମକ ଦେଇଥିଲା । ଏ ସଂପର୍କରେ ଦୋକାନୀଙ୍କ ଝିଅ ଚାରିଛକ ଥାନାରେ ଅଭିଯୋଗ କରିବାରୁ ଥାନାଧିକାରୀ ମମତା ବିଶ୍ୱାଳଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ଇନ୍ଦୁଲତା ମିଶ୍ର ଗଡ଼ଇଟାପୋଖରୀ ଗ୍ରାମରେ ଚଢ଼ାଉ କରି ସଂପୃକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲଣ କରିଛନ୍ତି । ଜାମିନ୍ ନାମଞ୍ଜୁର ପରେ ଅଭିଯୁକ୍ତ ବିଚାର ବିଭାଗୀୟ ହାଜତକୁ ଯାଇଥିବା ଜଣାପଡ଼ିଛି । ଏପରି ଅସାମାଜିକ ଯୁବକମାନେ ବାରମ୍ବାର ବିଭିନ୍ନ କାଣ୍ଡ ଭିଆଇ ଚାଲିଛନ୍ତି । ଯାହାପାଇଁ ରାଜ୍ୟରେ ଏହା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ।

## ତ୍ରିରଙ୍ଗା ଶୋଭାଯାତ୍ରାରେ ବିଜେପି ନେତା ସାମିଲ୍



ରାଜନଗର(ଭାସ୍କର ନ୍ୟୁଜ): ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ୩୨ନମ୍ବର ଜୋନ ତାଲଚୁଆରେ ବିଜେପି ନେତା ଲଳିତ ବେହେରାଙ୍କ ନେତୃତ୍ୱରେ ଏକ ବିଶାଳ ତ୍ରୀରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରା ଟିକାୟତନଗରରୁ ବାହାରି ଗଙ୍ଗା ମନ୍ଦିର ନିକଟରେ ପହଞ୍ଚି ଥିଲେ । ଅଞ୍ଚଳର ସବୁବର୍ଗର ଜନସାଧାରଣ ହାତରେ ତ୍ରୀରଙ୍ଗା ପତକା ଧରି ଭାରତ ମାତାକି ଜୟ ନାରାରେ ଗଗନ ପବନ ପ୍ରକମ୍ପିତ ହେଉଥିଲା । ଲୋକମାନେ ରାଷ୍ଟ୍ରୀୟ ଭାବନା ସହିତ ଅଭୁତ ପୂର୍ବ ସଫଳତା ସହିତ ଏହି ଶୋଭାଯାତ୍ରାରେ ସାମିଲି ହୋଇଥିଲେ । ସମାଜରେ ଲୋକମାନେ କିପରି ଦେଶ ପ୍ରେମ ଓ ଦେଶ ଭକ୍ତିରେ ନିଜକୁ ସାମିଲି କରିବେ ଏବଂ ସମସ୍ତଙ୍କ ମନରେ ରାଷ୍ଟ୍ର ପ୍ରେମର ଭାବନା ଜାଗ୍ରତ କରିବା ଏହି ତ୍ରୀରଙ୍ଗା ଶୋଭାଯାତ୍ରାର ମୁଖ୍ୟ ଲକ୍ଷ ଥିଲା । ଜାତୀୟ ପତାକା ପ୍ରତ୍ୟେକ ଭାରତୀୟଙ୍କ ଗର୍ବ ଗୌରବ ଓ ସ୍ୱାଭିମାନର ପ୍ରତିକ । ଦେଶ ସ୍ୱାଧୀନତା ପାଇଁ ଏହି ପତାକା ତଳେ ମଧ ବହୁ ଲୋକ ପ୍ରାଣବଳି ଦେବାକୁ ପଛାଇ ନଥିଲେ, ତେଣୁ ଏହା ଆମର ଚିର ସ୍ମରଣୀୟ ଭାରତମାତା । ଏହି କାର୍ଯ୍ୟକ୍ରମରେ ସୁଜିତ ମାଇତି, ମହେଶ୍ୱର ମଣ୍ଡଳ, ଆଲୋକ ମଣ୍ଡଳ, ବିଶ୍ୱନାଥ ପଣ୍ଡା, ଗୋପିନାଥ ପାହାଡ, ଶିବ କୁମାର ସେଠୀ, ଅଦିତ୍ୟ ପାତ୍ର, ଗୁରୁପଦ କଣ୍ଡା, ଶାନ୍ତନୁ ପାହାଡ, ମାଣିକ ମଣ୍ଡଳ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ ।

## ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ପୁରୀ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣୀ ସୋମବାର ବ୍ରହ୍ମଗିରି ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଦିବ୍ୟ ରଞ୍ଜନ ପରିଡା ଏଥିରେ ଅଧକ୍ଷତା କରିଥିଲେ । ଏଥିରେ ମୋଟ ୬୯ ଗୋଟି ଅଭିଯୋଗ ମିଳିଥିଲା । ସେଥିରୁ ୬୫ ଗୋଟି ବ୍ୟକ୍ତିଗତ, ୪ଗୋଟି ଗ୍ରାମ ସମ୍ବନ୍ଧୀୟ ଓ ୩ ଗୋଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ ରହିଥିଲା । ତତକ୍ଷଣାତ ୩ ଗୋଟିର ସମାଧାନ କରାଯାଇଥିଲା । ଅନ୍ୟ ଅଭିଯୋଗ ଗୁଡିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା । ଏହି ଶୁଣାଣୀରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ବ୍ରହ୍ମଗିରି ବିଡିଓ ଅମୀୟ କୁମାର ପଣ୍ଡା, ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ, ଭାରପ୍ରାପ୍ତ ଅଭିଯୋଗ ଶୁଣାଣୀ ଅଧିକାରୀ ପଞ୍ଚାନନ ପରିଜା ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଅଗଷ୍ଟ ୧୮ ତାରିଖରେ ସତ୍ୟବାଦୀ ବ୍ଲକ ସମ୍ମିଳନୀ କକ୍ଷରେ ଓ ଅଗଷ୍ଟ ୨୫ ତାରିଖରେ ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ଦିବା ୧୦ ଘଟିକା ସମୟରେ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ଅଭିଯୋଗ ପ୍ରକୋଷ୍ଠ ସୂତ୍ରରୁ ପ୍ରକାଶ ।

## ଭୋଟ ଚୋରିକୁ ନେଇ କଂଗ୍ରେସର ସାମ୍ବାଦିକ ସମ୍ମିଳନୀ




ଜଗତସିଂହପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ସର୍କିଟ ହାଉସଠାରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ରାହୁଲ ଗାନ୍ଧୀଙ୍କ ଦ୍ୱାରା ପର୍ଦ୍ଦାଫାସ କରାଯାଇଥିବା ଭୋଟ ଚୋରି ସମ୍ପର୍କିତ ୨ଟି ଭିଡିଓ ପ୍ରଦର୍ଶିତ ହୋଇଥିଲା । ଜିଲ୍ଲା କଂଗ୍ରେସ ସଂଯୋଜକ ନଟବର ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ପ୍ରଦେଶ କଂଗ୍ରେସ କମିଟିର ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗର ଉପାଧ୍ୟକ୍ଷ ଅମୀୟ ପାଣ୍ଡବ ଯୋଗଦେଇ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ସାରା ଦେଶରେ ଆରମ୍ଭ ହୋଇଥିବା ମହାଅଭିଯାନରେ ସମସ୍ତେ ଯୋଗ ଦେବାକୁ ନିବେଦନ କରିଥିଲେ । ନିର୍ବାଚନ କମିଶନଙ୍କ କାର୍ଯ୍ୟ କଳାପରେ ସ୍ୱଚ୍ଛତା ଓ ସ୍ୱଷ୍ଟତା ଆଣିବାକୁ ହେଲେ ପ୍ରତିଟି ଦେଶପ୍ରେମୀ ଏହି ଗଣ ଆନ୍ଦୋଳନରେ ସାମିଲ ହେବା ଆଜିର ଆହ୍ୱାନ ଓ ଆବଶ୍ୟକତା ବୋଲି ଶ୍ରୀ ପାଣ୍ଡବ ପ୍ରକାଶ କରିଥିଲେ । ରାହୁଲ ଗାନ୍ଧୀ ନିଜସ୍ୱ ଅନୁସନ୍ଧାନ ଦ୍ୱାରା ଲୋକ ଲୋଚନକୁ ଆଣିଥିବା ଭୋଟ ଚୋରିର ୫ଟି କୁଖ୍ୟାତ କୌଶଳ ସମ୍ପର୍କରେ ଜନଗଣଙ୍କୁ ଅବଗତ କରାଇବା ସହ ଭୋଟ ଚୋରିକୁ ରୋକିବାକୁ ସମସ୍ତେ ଆଗେଇ ଆସିବାକୁ ଦଳ ପକ୍ଷରୁ ଅନୁରୋଧ କରାଯାଇଥିଲା । ସେହିପରି ୯୬୫୦୦୦୩୪୨୦ ନମ୍ବରରେ ମିସ୍ କଲ ଦେଇ କିମ୍ବା ଦଳ ପକ୍ଷରୁ ପ୍ରକାଶିତ କ୍ୟୁଆର କୋଡ଼ ସ୍କାନକରି ରାହୁଲ ଗାନ୍ଧୀଙ୍କ ଏହି ଗଣତନ୍ତ୍ର ବଞ୍ଚାଅ ମହାସଂଗ୍ରାମରେ ସାମିଲ ହେବାକୁ ଦଳ ପକ୍ଷରୁ ଅନୁରୋଧ କରାଯାଉଛି । ନିର୍ବାଚନ ଗଣତନ୍ତ୍ରର ମୂଳଦୁଆ ହୋଇଥିବାରୁ ଏହାର ସୁରକ୍ଷା ଓ ସୁଦୃଢ଼ୀକରଣ ପାଇଁ ଏହି ଆନ୍ଦୋଳନର ପ୍ରଚାର ପ୍ରସାର ପାଇଁ ଗଣମାଧ୍ୟମର ସହଯୋଗ କାମନା କରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ବାଲିକୁଦା ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ଇଂ ନଳିନୀ କୁମାର ସ୍ୱାଇଁ, ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ନିରଞ୍ଜନ ନାୟକ, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଜିଲ୍ଲା କଂଗ୍ରେସ କମିଟିର ପୂର୍ବତନ ଉପସଭାପତି ସର୍ବେଶ୍ୱର ପଣ୍ଡା, ମହନୀ ଚରଣ ରାଉତ, ବାଲିକୁଦା ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ବିକ୍ରମ ପରିଡା, ତିର୍ତ୍ତୋଲ ବ୍ଲକ କଂଗ୍ରେସର ପୂର୍ବତନ ସଭାପତି ନିହାର ରଞ୍ଜନ ନାୟକ, ଜଗତସିଂହପୁର ନଗର କଂଗ୍ରେସ କମିଟିର ପୂର୍ବତନ ସଭାପତି ଅଭୟ ମହାନ୍ତି, ଜଗତସିଂହପୁର ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ମାନସ କୁମାର ରଥ, ପାରାଦ୍ୱୀପ ନଗର କଂଗ୍ରେସ କମିଟିର ପୂର୍ବତନ ସଭାପତି କେଦାର ବିଶ୍ୱାଳ, ଯୁବ ଆଇଏନଟିୟୁସିର ଜିଲ୍ଲା ସଭାପତି ଇଂ ବେଦଦ୍ୟୁତି ପୃଷ୍ଟି, ଜିଲ୍ଲା କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଡ଼ାକ୍ତର ଜଗଦାନନ୍ଦ ବେହେରା, ଜିଲ୍ଲା ସଂଖ୍ୟାଲଘୁ ସେଲର ସଭାପତି ଇମତିଆଜ ଅହମ୍ମଦ ଖନ୍, ଛାତ୍ରନେତା କୃଷ୍ଣଚନ୍ଦ୍ର ପ୍ରଧାନ, ଯୁବ ନେତା ପ୍ରିତମ ପରିଜା, ଆର୍ଶୀବାଦ ତ୍ରିପାଠୀ, ମିର୍ଜା ସାମସୁଦ୍ଦିନ ବେଗ, ସେଖ ହେଦାୟିତ ଅଲ୍ଲୀ, ସୁଧୀର ରାଉତ, ସ୍ମୃତି ରଞ୍ଜନ ମହାନ୍ତି, ପବିତ୍ର ପ୍ରଧାନ, ଅବନୀକାନ୍ତ ମହାରଣା ଓ ଚିତ୍ରସେନ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

## ଭୋଟ ଚୋରି କରି ନିର୍ବାଚନ ଜିତୁଛି ବିଜେପି: କଂଗ୍ରେସ



ଯାଜପୁର(ଭାସ୍କର ନ୍ୟୁଜ): ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ଯାଜପୁର ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ମନୋଜ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ବିଜେପିର ଭୋଟ ଚୋରିକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପିସିସି କମିଟିର ସଂପାଦିକା ଡ. ଦେବସ୍ମିତା ଶର୍ମା ଯାଜପୁର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଯୋଗଦେଇ ସାମ୍ବାଦିକଙ୍କୁ ଭୋଟ ଚୋରି ପ୍ରସଙ୍ଗରେ ସମ୍ବୋଧିତ କରିଥିଲେ । ପ୍ରକାଶଥାଉ କି ଗତ ୭ରେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରର ବିଜେପି ନେତୃତ୍ୱ ମୋଦୀ ସରକାର ଭାରତର ନିର୍ବାଚନ ଆୟୋଗକୁ ହାତବାରିଶ କରି ଭୋଟ ଚୋରି କରି ଅନ୍ୟୁନ ଶହେ ସିଟରେ ସ୍ୱତନ୍ତ୍ର ଭାବେ କଳ, ବଳ ଓ କୌଶଳ ଆପଣାଇ ପ୍ରାୟ ୨୫ ସିଟରେ ନିର୍ବାଚନ ଜିତିବା ଭାରତୀୟ ଗଣତନ୍ତ୍ର ଓ ସମ୍ବିଧାନ ପ୍ରତି ଏକ କଳଙ୍କ । ଏହି ପରିପ୍ରେକ୍ଷୀରେ କର୍ଣ୍ଣାଟକ ରାଜ୍ୟର ବାଙ୍ଗାଲୋର ସଂସଦୀୟ କ୍ଷେତ୍ରକୁ ଦୀର୍ଘ ୬ ମାସ ଧରି ସ୍ୱତନ୍ତ୍ର ଭାବେ ତନତନ କରି ପରୀକ୍ଷା ମୂଳକ ଭାବେ ଜାଣିବାକୁ ପାଇଲେ ଯେ ଫର୍ମ ୬ରେ ୩୩ ହଜାର ୬୯୨ ଖଣ୍ଡ ଭୋଟର, ଅଯୋଗ୍ୟ ଭୋଟର ୪୧୩୨, ଗୋଟିଏ ଠିକଣାରେ ୧୦୪୫୨ ଭୋଟର, ଫେକ ଠିକଣାରେ ୪୦ ୦୦୯ ଭୋଟର, ୧୧୯୬୫ ଡୁପ୍ଲିକେଟ ଭୋଟର, ଯେଉଁମାନଙ୍କ ନାମ ବାରମ୍ବାର ତାଲିକାରେ ସାମିଲ ହେବା, ଅର୍ଥାତ ସମୁଦାୟ ୧ଲକ୍ଷ ୨୫୦ ଜଣଙ୍କ ଭୋଟ ଚୋରି କରି ନିର୍ବାଚନ ଜିତିବା ଗଣତନ୍ତ୍ର ଓ ସମ୍ବିଧାନକୁ ହତ୍ୟା କରିବା କରିବା ପରି ଗମ୍ଭୀର ଆରୋପ ଲଗାଇଥିଲେ । ମହାଦେବପୁରା ବିଧାନସଭାକୁ ବି ଶ୍ରୀ ଗାନ୍ଧୀ ଭୋଟ ଚୋରି ହେବା ଦର୍ଶାଇଥିଲେ । ବାଙ୍ଗାଲୋରର କଂଗ୍ରେସ ସାଂସଦ ପ୍ରାର୍ଥୀ ମାତ୍ର ୩୨୭୦୭ ଭୋଟରେ ପରାଜିତ ହେଲେ । ମହାଦେବପୁର ବିଧାନସଭାରେ ୧,୧୪,୦୪୬ ଖଣ୍ଡ ଭୋଟରେ କଂଗ୍ରେସ ପ୍ରାର୍ଥୀ ହାରିବା ଅତ୍ୟନ୍ତ ହାସ୍ୟାସ୍ପଦ । ଏହା କେବଳ ଇସିଆଇର ସହଯୋଗରେ ବିଜେପି ଦଳକୁ ସହଯୋଗ କରିବା ଉଚିତ ନୁହଁ । ଏପରିକି ଡିଜିଟାଲ ଭୋଟ ତାଲିକାକୁ ପ୍ରକାଶ ନକରିବା, ସିସି ଟିଭି ଫୁଟେଜକୁ ସାର୍ବଜନୀନ ନକରିବା, ରାହୁଲ ଗାନ୍ଧୀଙ୍କ କଡା ଅଭିଯୋଗ ଓ ଆଭିମୁଖ୍ୟକୁ ଗୁରୁତ୍ୱ ନଦେଇ କର୍ଣ୍ଣାଟକ, ମଧ୍ୟ ପ୍ରଦେଶ ଓ ମହାରାଷ୍ଟ୍ରର ନିର୍ବାଚନ ସାଇଟକୁ ବନ୍ଦ କରିବା ଇସିଆଇ ମୋଦୀ ସରକାରଙ୍କ ଦ୍ୱାରା ପ୍ରଭାବିତ ହୋଇ ସରକାର ଗଠନରେ ସହାୟତା କରୁଥିବା ପ୍ରମାଣିତ ହୋଇଛି । ଗୋଟିଏ ଭୋଟର ଗୋଟିଏ ଭୋଟ ଦେବା ଭଳି ଅଧିକାର ଓ ନିର୍ବାଚନ ସ୍ୱଚ୍ଛ ଓ ନିରପେକ୍ଷ କରିବା ବଦଳରେ ଏପରି ହୀନ ପ୍ରୟାସ ଭାରତ ପାଇଁ କଳଙ୍କିତ ଇତିହାସ ରଚିଛି । ଏଆଇସିସି ପକ୍ଷରୁ ୪ ଗୋଟି ପତ୍ର ଇସିଆଇକୁ ଦିଆଯାଇଥିବା ସତ୍ତ୍ୱେ ଏହାର ଉତ୍ତର ନଦେଇ ରାହୁଲ ଗାନ୍ଧୀଙ୍କୁ କାରଣ ଦର୍ଶାଅ ଜାରି କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଡ.ଶର୍ମା ସାମ୍ବାଦିକ ସମ୍ମିଳନୀରେ ବ୍ୟକ୍ତ କରିଥିଲେ । ଏକ ପ୍ରଜେକ୍ଟର ମାଧ୍ୟମରେ ରାହୁଲ ଗାନ୍ଧୀଙ୍କ ବାର୍ତା ଥିବା ଭୋଟ ଚୋରିର ଭିଡିଓକୁ ପ୍ରଦର୍ଶିତ କରାଯାଇଥିଲା । ଆଗାମୀ ବିହାର ରାଜ୍ୟ ନିର୍ବାଚନ ଅନୁଷ୍ଠିତ ହେବା ପୂର୍ବରୁ ଏହାକୁ ସଠିକ କରି ପ୍ରତ୍ୟକ ରାଜ୍ୟ ଓ ସାଧାରଣ ନିର୍ବାଚନର ଡିଜିଟାଲ ଭୋଟରେ ଲିଷ୍ଟ ଜାରି କରିବାକୁ ପିସିସି ମୁଖପାତ୍ର ପଦ୍ମାକର ଗୁରୁ ଦାବି କରିଥିଲେ । ସମ୍ମିଳନୀରେ ସନ୍ତୋଷ କୁମାର ନନ୍ଦ, ସୁଦିପ କୁମାର କର, ନାରାୟଣ ଚନ୍ଦ୍ର ସାମନ୍ତ, ଦୁର୍ଯ୍ୟୋଧନ ବେହେରା, ଦିଲିପ ଦାଶ, ଗଦାଧର ଦାସ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହିଥିଲେ ।

ଓଡ଼ିଶା ଭାସ୍କର

ରାଜ୍ୟ ଖବର





କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝରର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଇନ୍ଦ୍ରଧନୁ ପ୍ରସ୍ତୁତ ଅନୁସନ୍ଧାନର-୩ ର ଉଦଯାପନୀ ଦିବସ ଗତ ରବିବାର ଅଗଷ୍ଟ ୧୦ ରେ ଶେଷ ହୋଇ ଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଅଗଷ୍ଟ ୮ ତାରିଖରୁ ଅଗଷ୍ଟ ୧୦ ତାରିଖ ତିନି ଦିନ ଧରି ଜିଲ୍ଲା ସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ , ଅନୁସନ୍ଧାନ-୩ ଚାଲିଥିଲା, ଜିଲ୍ଲାର ବିଭିନ୍ନ ଅଗ୍ରଣୀ ଶିକ୍ଷାନୁଷ୍ଠାନର ପାଖାପାଖି ୭୦୦ ଛାତ୍ର ଛାତ୍ରୀ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବିଭିନ୍ନ ବିଭାଗରେ କୃତିତ୍ୱ ଲାଭ କରିଛନ୍ତି । ୨୦୨୩ ରୁ ଆରମ୍ଭ ଏହି ପ୍ରତିଯୋଗିତା ପୂର୍ଣ୍ଣ କାର୍ଯ୍ୟକ୍ରମର ଏହା ହେଉଛି ତୃତୀୟ ସଂସ୍କରଣ । ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ରବୀନ୍ଦ୍ର ବିଦ୍ୟା ନିକେତନ, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଡି ଏ ଭି ସ୍କୁଲ, ନିର୍ମଳା କନଭେଣ୍ଟ ସ୍କୁଲ, ଡି ଏନ ହାଇସ୍କୁଲ, ପୋଲିସ ହାଇସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଏସ୍ ବି ଇଣ୍ଟରନେସନଲ ସ୍କୁଲ ଏମିତି ଅନେକ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ ମାନେ ଭାଗ ନେଇଥିଲେ । ଅନୁସନ୍ଧାନ ୩ ରେ ବକ୍ତୃତା, ସାଧାରଣ ଜ୍ଞାନ, ରଚନା, କୁଇଜ୍ , ନୃତ୍ୟ, ସଙ୍ଗୀତ, ଡ୍ରଇଂ ଏବଂ ଫେନ୍ସି ଡ୍ରେସ୍ ଭଳି ୮ ଟି ପ୍ରତିଯୋଗିତାର ଆୟୋଜନ କରିଥିଲା ଇନ୍ଦ୍ରଧନୁ । ୨୦୨୨ ରଜ କୁଇନ ବିଜେତା ତନିଷ୍କା ଏବଂ ସୁଦୂର ଭୁବନେଶ୍ୱରରୁ ଆସିଥିବା ଓଡ଼ିଶୀ ନୃତ୍ୟ ଗୁରୁ ତେଜସ୍ୱିନି ପଲେଇ ତଥା ସଙ୍ଗୀତରେ ହର ହର ଶମ୍ଭୁର ଫେମ୍ ଜିତୁ ଶର୍ମା ଅତିଥି ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ଉଦଯାପନୀ ସନ୍ଧ୍ୟାର ଅତିଥିଭାବେ ଇନ୍ଦ୍ରଧନୁ ଅନୁଷ୍ଠାନ ମାର୍ଗ ଦର୍ଶକ ମଣ୍ଡଳୀ ଅମ୍ବିକା ମହାପାତ୍ର ସିଂ, ଅଜୟ କୁମାର ଦାସ, ସୁଶାନ୍ତ କୁମାର ପାତ୍ର, ଅମିୟ ନାୟକ ଏବଂ ସମାଜସେବୀ ଅଜୟ କୁମାର ପଟ୍ଟନାୟକ ଅତିଥିଭାବେ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ ।

# ଆମେରିକା ଶୁଳ୍କ ବୃଦ୍ଧିର ପ୍ରଭାବ, ଗ୍ରାମାଞ୍ଚଳରେ ଚିଙ୍ଗୁଡ଼ି ଶସ୍ତା



ବୋଲଗଡ଼, (ଭାସ୍କର ନ୍ୟୁଜ୍) : ଶ୍ରାବଣ ମାସ ବ୍ରତ ସରିବାକୁ ମାତ୍ର ଗୋଟିଏ ଦିନ ରହିଲା । ଶେଷ ଶ୍ରାବଣର ଶେଷ ସୋମବାର ପରେ ମଙ୍ଗଳବାର ଠାରୁ ପ୍ରତି ଓଡିଆ ଥାଳିରେ ଆମିଷ ନିଶ୍ଚିତ ଆସିବ । ବୋଲଗଡ ଅଞ୍ଚଳବାସୀ ଚିଲିକା ମାଛ ଓ ଶୁଖୁଆ ଖାଇବା ପ୍ରିୟ ଅଟନ୍ତି । ସେଥିପାଇଁ ଏଠାକାର ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଆମିଷ ଜିନିଷର ବିକ୍ରି ବଢ଼ିବା ଅନୁମାନ କରାଯାଉଛି । ଓଡ଼ିଶାର ବଡ଼ବଡ ଶୁଖୁଆ ବଜାର ମଧ୍ୟରେ ବୋଲଗଡ ବ୍ଲକର ରାଜସୁନାଖଳା, ତଳ ବଜାର ଶୁଖୁଆ ବଜାର ଯାହା ଜାତୀୟ ରାଜପଥ ୫୭ଉପରେ ବହୁ ପୁରୁଣା କାଳରୁ ଗଢ଼ି ଉଠିଛି । ଏହା ମଧ୍ୟରେ ଚିଲିକା, ସୋରଣ, କାଳୁପଡା ଘାଟ ଅଞ୍ଚଳ ପ୍ରତିଦିନ ଶହ ସଂଖ୍ୟାରେ ବେପାରୀମାନେ ବିଶେଷ କରି ଚିଙ୍ଗୁଡ଼ି ଧରି ଏହି ଅଞ୍ଚଳକୁ ଛୁଟି ଆସନ୍ତି । ତେବେ କିଛି ବର୍ଷ ଧରି ବୋଲଗଡ ବ୍ଲକ ପିଚୁକୁଳି, ଧଳାପଥର, ବୋଲଗଡ, ଭିମପଡା, ରାଜସୁନାଖଳା ଓ ବାଙ୍କୋଇ ବଜାର ମାନଙ୍କରେ ସ୍ୱାଦଯୁକ୍ତ ଚିଙ୍ଗୁଡ଼ି ପାନ୍ଥ, ମରଡା, କଣ୍ଟାଳ, ବାଗଦା ଓ ଗଇଁତା ଚିଙ୍ଗୁଡ଼ି ପରି ଅଳ୍ପ ପରିମାଣ ମିଳୁଥିଲା । ଯାହା ଆକାଶ ଛୁଆଁ ଦର ଥିଲା । ବାଧ୍ୟରେ ଲୋକେ ଚାଷ ଚିଙ୍ଗୁଡ଼ିକୁ ଅଳ୍ପ ଟଙ୍କାରେ କିଣି ଖାଉଥିଲେ । ତେବେ ଶୁକ୍ରବାର ବୋଲଗଡ ଅଞ୍ଚଳକୁ ବହୁ ପରିମାଣ ଚିଲିକା ଚିଙ୍ଗୁଡ଼ି ଆସିଥିବା ଦେଖାଯାଇଛି । ଏହା ମଧ୍ୟ ଅଧା ଦରରେ ବିକ୍ରି ହେଉଛି । ଏପରିକି ସବୁଠାରୁ ଭଲ ଚିଙ୍ଗୁଡ଼ି ଯାହାର ବିଦେଶୀ ରପ୍ତାନି ନାମ ବ୍ଲାକ ଟାଇଗର (ବାଗଦା) ୨ଶହ ଟଙ୍କାରେ ମିଳୁଥିବା ଦେଖାଯାଉଛି । ଆମେରିକା ଦେଶ ଭାରତ ଉପରେ ୫୦ ପ୍ରତିଶତ ଅଧିକ ଶୁଳ୍କ ବୃଦ୍ଧି ପାଇଁ ରପ୍ତାନିର ଅନ୍ୟ ଜିନିଷ ମଧ୍ୟରେ ଓଡିଶାର ଚିଙ୍ଗୁଡ଼ି ରପ୍ତାନି ପ୍ରଭାବିତ ହୋଇଛି । ଏହା ଦ୍ୱାରା ଆର୍ଥିକ କ୍ଷତି ଘଟାଇଛି । ଏପରି ଆଗକୁ ସମ୍ପୂର୍ଣ୍ଣ ରପ୍ତାନି ବନ୍ଦ ହେବାର ଆଶଙ୍କା ରହିଛି । ବେପାରୀ ମାନଙ୍କ ସୂଚନା ଅନୁଯାୟୀ ଅଧିକ ଶୁଳ୍କ ବଢ଼ିବା ଯୋଗୁଁ ଅଧିକ ଦରରେ ଆମ ଚିଙ୍ଗୁଡ଼ିକୁ ଆମେରିକା ଅଧିବାସୀ ଗ୍ରହଣ ନକରି ଇଣ୍ଡୋନେସିଆ ଓ ଭିଏତନାମା ଦେଶର ଚିଙ୍ଗୁଡ଼ି କିଣିବେ । କାରଣ ତାଙ୍କର ଶୁଳ୍କ ବୃଦ୍ଧି ଘଟିନି । ଫଳରେ ଚିଙ୍ଗୁଡ଼ି ରପ୍ତାନୀ କମ୍ପାନୀ କମ୍ଦରରେ ମାଛ କିଣିବା ପାଇଁ ବାଧ୍ୟ ହେଉଥିବା ସୂଚନା ରହିଛି । ଅନ୍ୟ ବିଦେଶୀ ରପ୍ତାନି ଜିନିଷ ସହ ମାଛ ଦର ଅହେତୁକ ଭାବେ କମିଯାଉଥିବା ଦେଖାଯାଇଛି । କିଛି ଦିନ ଧରି କୁକୁଡ଼ାଙ୍କୁ ରୋଗ ପାଇଁ ସରକାରଙ୍କ ନିର୍ଦ୍ଦେଶରେ ବହୁ ଫାର୍ମରୁ କୁକୁଡା ଗୁଡ଼ିକୁ ମାରି ପୋତିବା ପରେ ଶ୍ରାବଣ ପରେ କୁକୁଡ଼ା ମାଂସ ଦର ଆକାଶଛୁଆଁ ସମ୍ଭାବନା ଥିଲା । ଏହାର ପ୍ରଭାବରେ ମାଛ ଦର ମଧ୍ୟ ବଢ଼ିବା ସମ୍ଭାବନାରେ ରୋକ ଲାଗିଛି । ତେବେ ଆମେରିକା ମାଛ ରପ୍ତାନି କମ ହେଲେ ମଧ୍ୟ ଭାରତର ବହୁ ରାଜ୍ୟ ସହ ଚିନ ଦେଶ ଓଡ଼ିଶାର ସାମୁଦ୍ରିକ ମାଛ କିଣିବାକୁ ରାଜି ଥିବାରୁ ଏହା ଉପରେ ଜୀବିକା ନିର୍ବାହ କରୁଥିବା ଲୋକ ମାନଙ୍କ ଉପରେ ସେତେଟା ପ୍ରଭାବ ପଡ଼ିବନି ବୋଲି ଅଭିଜ୍ଞ ବ୍ୟବସାୟୀ ମାନେ ସୂଚନା ଦେଇଛନ୍ତି ।

# ୧୦ ପେନସନ ସମ୍ବନ୍ଧୀୟ ଅଭିଯୋଗର ସମାଧାନ



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ସୋମବାର ଖଇରପୁଟ ବ୍ଲକ କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଓ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ । ଆଜି ମୋଟ ୧୦୩ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା । ସେଥିମଧ୍ୟରୁ ୫୮ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୪୫ ଗୋଟି ସାମୁହିକ ଅଭିଯୋଗ ରହିଥିଲା । ଏଥି ମଧ୍ୟରୁ ୧୦ ଗୋଟି ପେନସନ ସମ୍ବନ୍ଧୀୟ ଅଭିଯୋଗର ତତ୍କ୍ଷଣାତ ସମାଧାନ କରାଯାଇଥିଲା । ଆଜି ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତା ଘାଟ ସମସ୍ୟା, ପେନସନ, ଆବାସ ସମସ୍ୟା ଓ ରାସନ୍ କାର୍ଡ ସମସ୍ୟା ଆଦି ପ୍ରମୁଖ ରହିଥିଲା । ଆଜିର ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ଉପ ଜିଲ୍ଲାପାଳ ଅଶ୍ୱିନି ଏଏଲ୍, ବନଖଣ୍ଡ ଅଧିକାରୀ ସାଇ କିରଣ ଓ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଉପସ୍ଥିତ ଥିଲେ । ଖଇରପୁଟ ବିଡିଓ ଉମା ଶଙ୍କର କୋୟା, ଅତିରିକ୍ତ ଜିଲ୍ଲାପାଳ ନିର୍ବାଚନ ଅଶୋକ ଚକ୍ରବର୍ତ୍ତୀଙ୍କ ସମେତ ଜିଲ୍ଲାର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ । ଏହି ଶୁଣାଣୀରେ ରାସନ୍ କାର୍ଡ, ପେନସନ୍ ଓ ଆବାସ ସମ୍ବନ୍ଧୀୟ ସମସ୍ୟାର ତୁରନ୍ତ ସମାଧାନ ପାଇଁ କ୍ୟାମ୍ପ କରାଯାଇ ଅନଲାଇନ୍ ସେବା ଯୋଗାଇ ଦିଆଯାଇଥିଲା ।

# ଟଙ୍କା ଲୁଟି ଯୁବକ ଗିରଫ



କଣାସ, (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା କଣାସ ଥାନା ଅନ୍ତର୍ଗତ ଗଡ଼ବଡପୁଟ ଗ୍ରାମର ଲୋକନାଥ ସେନାପତି ତାଙ୍କ ନିଜ ଟ୍ରାକ୍ଟର ଅନ୍ୟମାନଙ୍କ ବିଲରେ ହଳ କରିଥିବାରୁ ସେହି ଭଡ଼ା ଟଙ୍କା ଲୋକମାନଙ୍କ ଠାରୁ ଆଦାୟ କରି ଆଣି ଘରକୁ ଫେରୁଥିବା ବେଳେ ସେହି ଗ୍ରାମର ପ୍ରକାଶ ବଳବନ୍ତରାୟ ଗାଁ ମୁଣ୍ଡରେ ତାଙ୍କୁ ଅଟକାଇ ଜୋରଜବରଦସ୍ତ ଧକ୍କା ମାରି ଲୋକନାଥଙ୍କ ଠାରୁ ଟଙ୍କା ଛଡ଼ାଇ ନେଇଯାଇଥିଲା । ଏନେଇ ଲୋକନାଥ କଣାସ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ କଣାସ ଥାନା ଏସଆଇ ଦେବୀ ପ୍ରସାଦ ଲେଙ୍କା ଅଭିଯୁକ୍ତ ପ୍ରକାଶ ବଳବନ୍ତରାୟଙ୍କୁ ଗିରଫ କରି ଟଙ୍କା ଜବତ କରିଥିବା ବେଳେ । ଏନେଇ ୧୮୧/୨୦୨୫ ରେ ଏକ ମାମଲା ରୁଜୁ କରି ତାକୁ କୋର୍ଟଚାଲାଣ କରାଯାଇଛି । ପୂର୍ବରୁ ଅଭିଯୁକ୍ତ ନାମରେ କଣାସ ଥାନାରେ ଦାଦାବଟି ଓ ଅନ୍ୟାନ କେସ୍ ଥିବା ଥାନା ଅଧିକାରୀ ପ୍ରଶନ୍ନ କୁମାର ନାୟକ ସୂଚନା ଦେଇଛନ୍ତି ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା



ବାଲିମେଳା, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ବାଲିମେଳା ଏନ ଏ ସି ଅଧିନସ୍ଥ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆଜି ସଂକୁଳ ସ୍ଥରୀୟ ଜ୍ଞାନ ବିଜ୍ଞାନ ମେଳା ଆରମ୍ଭ ହୋଇଯାଇଛି । ମୋଟ ୫ଟି ବିଦ୍ୟାଳୟକୁ ନେଇ ଯଥା ବାଲିମେଳା, କୋରୁକୋଣ୍ଡା, ଚିତ୍ରକୋଣ୍ଡା, କିଚିପାଲି, ଖାଇରପୁଟ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ର ଛାତ୍ରୀ ଏହି କାର୍ଯ୍ୟକ୍ରମରେ ଭାଗନେଇଥିଲେ । ମୋଟ ୧୨୭ ଛାତ୍ରଛାତ୍ରୀଙ୍କୁ ନେଇ ଏହି ଜ୍ଞାନବିଜ୍ଞାନ ମେଳା କରାଯାଇଥିବା ବେଳେ ବିଜ୍ଞାନ ପ୍ରକଳ୍ପ -୪୨ଟି, ଗଣିତ ପ୍ରକଳ୍ପ-୬ଗୋଟି, ଗଣିତ ପ୍ରୟୋଗ -୪ଗୋଟି, ଏଥିସହିତ ଗଣିତ ପତ୍ର ବାଚନ, ଗଣିତ ପ୍ରଶ୍ନମଞ୍ଚ, ବିଜ୍ଞାନ ପ୍ରଶ୍ନମଞ୍ଚ ଓ ସଂସ୍କୃତିଜ୍ଞାନ ପ୍ରଶ୍ନମଞ୍ଚ ବିଭାଗରେ ଛାତ୍ର ଛାତ୍ରୀ ମାନେ ଭାଗ ନେଇଥିଲେ । ଏହି ଜ୍ଞାନ ବିଜ୍ଞାନ ମେଳାକୁ ୨ଟି ବିଭାଗରେ ବିଭାଗୀକରଣ ଯଥା ଶିଶୁ ବର୍ଗ ଓ ବାଲ ବର୍ଗରେ ଭାଗ କରାଯାଇଥିଲା । କାର୍ଯ୍ୟକ୍ରମ ଆରମ୍ଭରେ ବାଲିମେଳା ଶିଶୁ ମନ୍ଦିର ସଭାପତି ସୂର୍ଯ୍ୟକାନ୍ତ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଚିତ୍ତ ରଞ୍ଜନ ନାୟକ ଓ ସମ୍ମାନିତ ଅତିଥି ଭାବରେ ସହ ଜିଲ୍ଲା ପ୍ରମୁଖ ଶରତ କୁମାର ବେହେରା ସ୍ଥାନୀୟ ବିଦ୍ୟାଳୟ ସମ୍ପାଦକ ରଞ୍ଜିତ କୁମାର ଦାସ ଯୋଗ ଦେଇଥିଲେ । ଶିଶୁଙ୍କ ମୂଲ୍ୟାଙ୍କନରେ ପ୍ରଦୀପ କୁମାର ଦାସ, ବିଷ୍ଣୁ ପ୍ରସାଦ ଅତିବୁଦ୍ଧି, ଲିପ୍ସା ଗମାଙ୍ଗ, ସୁଧାଂଶୁ ପଣ୍ଡା ପ୍ରମୁଖ ରହିଥିଲେ । ଏହି ଜ୍ଞାନବିଜ୍ଞାନ ମେଳାରେ ବାଲ ବର୍ଗରେ କୃତି ଛାତ୍ରଛାତ୍ରୀ ମାନେ ଆଗାମୀ ଦିନରେ ଶାରଦା ବିହାର ଜୟପୁର, ମୁଖୀଗୁଡା, ନବରଙ୍ଗପୁର, ବିଦ୍ୟାଳୟକୁ ଯିବେ ବୋଲି ସୂଚନା ମିଳିଛି ସମସ୍ତ କାର୍ଯ୍ୟକୁ ପରିଚାଳନାରେ ସାହାଯ୍ୟ କରିଥିଲେ ବାଲିମେଳା ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ରଜନୀକାନ୍ତ ନାୟକ, ନରସିଂହ କୋପେ, ଶର୍ମିଷ୍ଠା କୁଅଁର, ତ୍ରିନାଥ ପୂଜାରୀ ଓ ସମସ୍ତ ଗୁରୁଜୀ ଗୁରୁମା ବୃନ୍ଦ ।

# କୁଦୁରୁସାହିକୁ ଯିବା ପାଇଁ ନାହିଁ ସବୁଦିନିଆ ରାସ୍ତା



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ୩ନମ୍ବର ୱାର୍ଡ କୁଦୁରୁସାହିକୁ ଯିବା ପାଇଁ ସବୁଦିନିଆ ରାସ୍ତା ଟିଏ ନାହିଁ । ଏହି ସାହିରେ ୧୦ଟି ପରିବାର ରହିଥିବାବେଳେ ହାରାହାରି ଜନସଂଖ୍ୟା ୫୦ରୁ ଅଧିକ । ପକ୍କା ରାସ୍ତାଟିଏ ନଥିବାରୁ ଗମନା ଗମନ କ୍ଷେତ୍ରରେ ଗାଁ ଲୋକେ ନାହିଁ ନଥିବା ଅସୁବିଧା ଭଗୁଛନ୍ତି । ବିଲ ହିଡ ଦେଇ ରେଳ ଲାଇନ ପୋଲ ଅତିକ୍ରମ ପରେ ୪ଶହ ମିଟର ଗଲେ ମୁଖ୍ୟ ରାସ୍ତା ରେ ପହଞ୍ଚିବାକୁ ପଡୁଛି । ବର୍ଷାଦିନରେ କଷ୍ଟ ନାହିଁ ନଥିବା ହେଉଛି । ରାସ୍ତା କାଦୁଅ ପୋଚପୋଚ ହୋଇ ଯାଉଥିବାବେଳେ ଚଲାପାଦରେ ଯିବା ଆସିବାକୁ ଭାରି ଅସୁବିଧା । କାହାରି ଦେହ ଖରାପ କିମ୍ବା ଗୁରୁତର ରୋଗୀଙ୍କୁ ମେଡ଼ିକାଲ ନେବାକୁ ୧୦୮ ଡାକିଲେ ସାହି ଭିତରକୁ ଆସିପାରୁନାହିଁ । ପଞ୍ଚାୟତକୁ ରାସନ ଭଳି କୌଣସି କାମରେ ଯିବାକୁ କୁଣ୍ଠେମଟ ହେବାକୁ ପଡୁଛି । ଅନେକ ଥର ଅଭିଯୋଗ ହୋଇ ଆସୁଥିଲେହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ରାତ୍ରୀକାଳୀନ ଯାଆସ ପାଇଁ ଗାଁ ଗାଁରେ ସୌର ଚଳିତ ଲାଇଟ ଲଗାଯାଇଛି । ମାତ୍ର ଏଠାରେ ଲାଇଟ୍ ସୁବିଧା ମଧ୍ୟ ପହଞ୍ଚିନି । ସଂନ୍ଧ୍ୟା ହେଲେ ରାସ୍ତାଘାଟ କିଟିମିଟି ଅନ୍ଧାର । ଲୋକେ ଘରୁ ପଦାକୁ ବାହାରିବାକୁ ଭୟଭିତି ହେଉଛନ୍ତି । ତୁରନ୍ତ ପ୍ରଶାସନ ଏହି ଦିଗରେ ପଦକ୍ଷେପ ନେବାକୁ ବୁଧୁ ମୁଣ୍ଡା, ଶୁକ ମୁଣ୍ଡା, ଟୁଲୁ ମୁଣ୍ଡା, ରବି ମୁଣ୍ଡା, ଶୁକ୍ରା ମୁଣ୍ଡା, ଗୁରୁଚରଣ ମୁଣ୍ଡା, ହଳ ମୁଣ୍ଡା, ବୁଢୁରାମ ମୁଣ୍ଡା, ଗଣେସ ମୁଣ୍ଡା, ବୁଦ୍ଧିଆ ମୁଣ୍ଡା, ଦିନେଶ ମୁଣ୍ଡା, ଡ଼ମ୍ବରୁ ମୁଣ୍ଡା, ଯାତ୍ର ମୁଣ୍ଡା, ଲକ୍ଷନ ମୁଣ୍ଡା, ହିଚୁ ମୁଣ୍ଡା, ଡଲ ମୁଣ୍ଡା ପ୍ରମୁଖ ଦାବି ଜଣାଇଛନ୍ତି ।

# ଦୁର୍ଘଟଣାରେ ଯୁବକ ମୃତ



ରେଢ଼ାଖୋଲ, (ଭାସ୍କର ନ୍ୟୁଜ୍) : ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ୧୫୩(ବି) ଜାତୀୟ ରାଜପଥ ଯାଇଥିବା ରେଢ଼ାଖୋଲ- ବୌଦ୍ଧ ରାସ୍ତାର ବିଶିପାଲି ଛକ ଠାରେ ଗତ ବିଳମ୍ବିତ ରାତିରେ ଦୁର୍ଘଟଣାରେ ଜଣେ ଯୁବକ ମୃତ୍ୟୁବରଣ କରିଥିବା ଜଣା ପଡିଛି । ମୃତ ଯୁବକ ଜଣକ ବିଶିପାଲି ଛକର ମାଂସ ଦୋକାନୀ ମହମ୍ମଦ ୱାରିସ ଖୁରେସି(ରାଜୁ- ୨୮) ଓ ତାଙ୍କ ପୈତୃକ ଗ୍ରାମ ଅନୁଗୁଳ ଜିଲା ମରାତିରା ଗ୍ରାମ ବୋଲି ଜଣା ପଡିଥିଲା । ବିଶିପାଲି ଗ୍ରାମରେ ଭଡା ଆକାରରେ ରହି ସେ ମାଂସ ବ୍ୟବସାୟ କରୁଥିଲେ । ଗତ ରାତିରେ କୌଣସି କାରଣରୁ ସେ ବିଶିପାଲି ଛକରେ ରାସ୍ତା କଡରେ ଛିଡା ହୋଇଥିବା ବେଳେ ବୌଦ୍ଧ ପର୍ଶ୍ୱରୁ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲା ଓ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ରାଜୁଙ୍କୁ ଉଦ୍ଧାର କରି ଏନଏଚ୍ଆଇ ଆମ୍ବୁଲାନ୍ସରେ ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠେଇ ଦେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବୌଦ୍ଧ ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବକୁ ଜବତ କରିଥିଲା । ରେଢ଼ାଖୋଲ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# ଆଇଇଡି ନିଷ୍କ୍ରିୟ କଲେ ସୁରକ୍ଷାକର୍ମୀ



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ସୁରକ୍ଷାକର୍ମୀ ଏବଂ ସାଧାରଣ ଲୋକଙ୍କୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ମାଓବାଦୀ ଖଞ୍ଜିଥିବା ଆଇଇଡି ବୋମାକୁ ସୁରକ୍ଷାକର୍ମୀମାନେ ନିଷ୍କ୍ରିୟ କରିଛନ୍ତି । ସୂଚନା ଅନୁଯାୟୀ, ଛତିଶଗଡର ନାରାୟଣପୁର ପୁଲିସକୁ ମାଓବାଦୀ ଗତିବିଧି ଖବର ମିଳିବା ପରେ ନାରାୟଣପୁର ଜିଲ୍ଲାର କୁତୁଲ ଅଞ୍ଚଳରେ ଥିବା ଆଇଟିବିପିର ୪୧, ୫୩ ବାହିନୀ ଏବଂ ବି ଡି ଏସର ମିଳିତ ଦଳ ମାଓ ଦମନ ଅଭିଯାନରେ କୋଡ଼ନାର ଗାଁ ନିକଟବର୍ତ୍ତୀ ଜଙ୍ଗଲରେ ତଲାସି କରିଥିଲେ । ଏହି ସମୟରେ ୫ଟି ଆଇଇଡି ବୋମାର ସନ୍ଧାନ ପାଇବା ପରେ ଉକ୍ତ ବୋମା ଗୁଡିକୁ ସାବଧାନ ସହ ଜବତ କରିବା ପରେ ଘଟଣାସ୍ଥଳରେ ନିଷ୍କ୍ରିୟ କରାଯାଇଥିଲା । ମାଓ ଯୋଜନାକୁ ପଣ୍ଡ କରି ସୁରକ୍ଷା କର୍ମୀମାନେ ତଲାସୀ ଜାରି ରଖିଥିବା ଜଣାପଡିଛି ।

# ବିଜ୍ଞାପିତ ଅଞ୍ଚଳ ପରିଷଦରେ ହେଉନି କାଉନସିଲ ବୋର୍ଡ଼ ବୈଠକ



ରେଢ଼ାଖୋଲ, (ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଆଜକୁ ପାଞ୍ଚମାସ ହେଲାଣୀ ହୋଇନାହିଁ କାଉନସିଲର ବୋର୍ଡର ବୈଠକ । ଏନେଇ ୱାର୍ଡ କାଉନସିଲର ସୁଧାଂଶୁ ଅମାତ, ରମେଶ ଚନ୍ଦ୍ର ପ୍ରଧାନ, ଅମରେଶ ନାଏକ ସମେତ ଅନ୍ୟ କାଉନସିଲର ରେଢ଼ାଖୋଲ ଉପଜିଲ୍ଲାପାଳଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି । ସୂଚନା ମୁତାବକ କାଉନସିଲର ମାନଙ୍କ ନିୟମିତ ପ୍ରତୀକ ମାସ ବୈଠକ ନହେବାରୁ ସେମାନେ ୱାଡର ଲୋକମାନଙ୍କ ଅଭିଯୋଗ ସମେତ ନିଜ ୱାର୍ଡର ସମସ୍ୟା ଗୁଡ଼ିକ ସମାଧାନ କରିବାରେ ଅସମର୍ଥ ତଥା ଅକ୍ଷମ ବୋଲି ସେ କହିଛନ୍ତି । ଏମିତି କି କାହିଁକି ଏହା ବନ୍ଦ କରାଗଲା ତଥା ହେଉନାହିଁ ତାହା ବିଚାର୍ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ । ଏଣିକି ଆଗଭଳିଆ ବୈଠକ ଯେମିତି ହେଉଥିଲା ସେମିତି ପ୍ରତିମାସ ହେଲେ ଆମ ୱାର୍ଡରେ ଥିବା ଜନସାଧାରଣ ଓ ସମସ୍ୟା ତ୍ୱରାନ୍ୱିତ ହୋଇ ସମସ୍ୟା ଉପରେ ଗୁରୁତ୍ୱ ଦିଆଯିବ ବୋଲି ସେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ।

# ଓକିଲ ସଙ୍ଘ ଓ ତହସିଲ ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ


ଓକିଲ ସଂଘ ଏକାଦଶ ୩-୨ ବିଜୟୀ

ଉମରକୋଟ, (ଭାସ୍କର ନ୍ୟୁଜ୍) : ସ୍ୱାଧୀନତା ଦିବସ ଉପଲକ୍ଷେ ଆଜି ଉମରକୋଟ ଡଙ୍ଗରିଗୁଡା, ଯୁଭି ୩ ନମ୍ବର ଖେଳ ପଡିଆ ଠାରେ ଓକିଲ ସଂଘ ଏକାଦଶ ଓ ତହସିଲ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱ ପୂର୍ଣ୍ଣ ଫୁଟବଲ ମ୍ୟାଚ ଅନୁଷ୍ଠିତ ହେଇଥିଲା । ଏଥିରେ ଓକିଲ ସଂଘ ଏକାଦଶ ୩-୨ ଗୋଲ ରେ ତହସିଲ ଏକାଦଶକୁ ପରାସ୍ତ କରିଛନ୍ତି । ଓକିଲ ସଂଘର ଅଧିନାୟକ ଅଶୋକ କୁମାର ପାଢ଼ୀ, ସହ ଅଧିନାୟକ ରାମ ନାୟକ ଦାୟିତ୍ୱ ନିର୍ବାହ କରିଥିବା ବେଳେ ତହସିଲ ଏକାଦଶର ଅଧିନାୟକ ମେଗବାନ ବାଗ ଥିବା ବେଳେ ସହ ଅଧିନାୟକ ଅତିରିକ୍ତ ତହସିଲଦାର ନୀଳାମ୍ବର ପୁଜାରୀ ଥିଲେ। ଓକିଲ ସଂଘର ଟିମ୍ ମ୍ୟାନେଜର ଶ୍ରୀନିବାସ ପଟ୍ଟନାୟକ ଓ ପ୍ରଶାନ୍ତ କୁମାର ସାହୁ, କୋଚ ଭାବେ ସାନ୍ତୁନୁ କୁମାର ବାହିନୀପତି, ଉପଦେଷ୍ଟା ଭାବେ ଝାଡେଶ୍ୱର ମହାନ୍ତି, ସନ୍ତୋଷ ସାହୁ, ରବି ପଟ୍ଟନାୟକ ଓ ଯୁଧିଷ୍ଠିର ଦୋଳେଇ ପ୍ରମୁଖ ଉପସ୍ଥିତ ରହି ଓକିଲ ସଂଘ ଏକାଦଶର ଖେଳାଳି ମାନଙ୍କୁ ଉତ୍ସାହିତ କରି ବିଜୟୀ କରାଇବାରେ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ବିଜୟୀ ଓକିଲ ସଂଘ ଏକାଦଶ ଟିମ୍‌କୁ ସ୍ୱାଧୀନତା ଦିବସ ଦିନ ପୁରସ୍କୃତ କରାଯିବ ।

# ବିଜେଡି ଛାଡି କଂଗ୍ରେସରେ ଯୋଗ ଦେଲେ ଶତାଧିକ କର୍ମୀ

ବାଲିମେଳା, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ବାଲିମେଳା ସହର ସ୍ଥିତ ଟାଉନ ହଲ ଠାରେ ଆଜି କଂଗ୍ରେସର ଜିଲ୍ଲାସ୍ତରୀୟ ଯୁବ ଅଧିକାର ସମାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୁବ କଂଗ୍ରେସ ପ୍ରଭାରୀ ମହେଶ ଦେଶମୁଖ୍ ଯୋଗ ଦେଇଥିବା ବେଳେ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର, କାର୍ଯ୍ୟକାରୀ ସଭାପତି କୃଷ୍ଣ ମହାନ୍ତି, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ପ୍ରମୁଖ ଯୋଗ ଦେଇଥିଲେ । ବାଲିମେଳା ଛକ ସ୍ଥିତ ଶିବ ମନ୍ଦିର ଠାରୁ ପ୍ରଥମେ ଏକ ବାଇକ ରାଲି ଯୋଗେ ଜିଲ୍ଲାର ସମସ୍ତ ବ୍ଲକରୁ ଶତାଧିକ ଯୁବକ ଏହି ରାଲିରେ ଯୋଗ ଦେବା ସହ ଜୟ କଂଗ୍ରେସ ନାରା ରେ ସମଗ୍ର ଅଞ୍ଚଳ କମ୍ପି ଉଠିଥିଲା । ଏହି ବାଇକ ରାଲିଟି ବାଲିମେଳା ସହରର ୧ ନଂ ୱାର୍ଡ ସ୍ଥିତ ମୁଖ୍ୟ ଫାଟକ ଠାରେ ପହଁଚିଲା ପରେ ବାଲିମେଳା ଯୁବ କଂଗ୍ରେସ ପକ୍ଷରୁ ସମସ୍ତ ଅତିଥିମାନଙ୍କୁ ବାଜା ବାଣ ରୋଷଣୀ ସହ ପଦଯାତ୍ରା ମାଧ୍ୟମରେ ବାଲିମେଳା ସହରକୁ ସ୍ୱାଗତ କରାଯାଇଥିଲା । ସହର ସ୍ଥିତ ଟାଉନ ହଲ ଠାରେ ଏକ ବିରାଟ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଯୁବ କଂଗ୍ରେସ ଅଧିକାର ସମାବେଶର ଏହି କାର୍ଯ୍ୟକ୍ରମରେ ଏକ ହଜାରରୁ ଊର୍ଦ୍ଧ୍ୱ ଯୁବକ ଯୋଗ ଦେଇଥିବା ବେଳେ ବିଜେପି ସରକାର ବିରୁଦ୍ଧରେ ବିଭିନ୍ନ ନାରା ଦିଆଯାଇଥିଲା ।

# ସମସ୍ୟା ଘେରରେ ଚରଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ



ବୌଦ୍ଧ, (ଭାସ୍କର ନ୍ୟୁଜ୍) : ଗ୍ରାମାଞ୍ଚଳରେ ଶିକ୍ଷାରେ ଉନ୍ନତି ପାଇଁ ସରକାର ବିଭିନ୍ନ ବିଦ୍ୟାଳୟ ପ୍ରତିଷ୍ଠା ସହ ଆନୁଷଙ୍ଗିକ ବ୍ୟବସ୍ଥା କରିଛନ୍ତି । ସରକାରୀ ବିଦ୍ୟାଳୟ ପ୍ରତି ଛାତ୍ର ଛାତ୍ରୀ କିପରି ଆକୃଷ୍ଟ ହେବେ ସେଥିପାଇଁ ମାଗଣା ପୋଷାକ, ବହି ଓ ମଧ୍ୟାହ୍ନ ଭୋଜନ ଆଦି ବ୍ୟବସ୍ଥା କରଛନ୍ତି । ତଥାପି ଶିକ୍ଷାର ଭିତ୍ତିଭୂମି, ଶ୍ରେଣୀ ଗୃହ ଅଭାବ, ଶିକ୍ଷକ ଅଭାବ ଯୋଗୁଁ ସରକାରୀ ବିଦ୍ୟାଳୟ ପ୍ରତି ଛାତ୍ର ଛାତ୍ରୀ ମାନେ ବିମୁଖ ହେଉଛନ୍ତି । ତେବେ ବୌଦ୍ଧ ଜିଲ୍ଲା ସଦର ବ୍ଲକ ପଦ୍ମନପୁର ପଂଚାୟତ ଅନ୍ତର୍ଗତ ଚରଦା ଗ୍ରାମରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବର୍ତ୍ତମାନ ନାନା ସମସ୍ୟା ଦେଇ ଗତି କରୁଥିବା ସୂଚନା ମିଳିଛି । ୧୯୫୩ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରୁ ଅନେକ କୃତି ଛାତ୍ର ବିଭିନ୍ନ କ୍ଷେତ୍ରରେ ନିଜ ସେବା ଯୋଗାଇ ନିଜର କାର୍ଯ୍ୟ ଦକ୍ଷତା ପ୍ରତିପାଦନ କରିଛନ୍ତି । ଦେଶ ସ୍ୱାଧୀନତା ର ପାଞ୍ଚ ବର୍ଷ ପରେ ପ୍ରତିଷ୍ଠା ହୋଇଥିବା ଚରଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବର୍ତ୍ତମାନ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୩୮ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଏମାନଙ୍କ ପାଇଁ ୪ ଟି ଶ୍ରେଣୀ ଗୃହ ଅଛି । ଶିକ୍ଷାଦାନ ପାଇଁ ୫ ଜଣ ଶିକ୍ଷକ ଶିକ୍ଷୟତ୍ରୀ ଅଛନ୍ତି । ଶ୍ରେଣୀ ଗୃହ ଅଭାବରୁ ଗୋଟିଏ କୋଠରୀ ରେ ୨/୩ ଶ୍ରେଣୀର ପିଲା ବସି ପାଠ ପଢୁଛନ୍ତି । ସ୍କୁଲ ଆରମ୍ଭରୁ ତିଆରି ହୋଇ ଥିବା ଘର ଏବେ ବିପଦ ସଂକୁଳ ଅବସ୍ଥାରେ ଅଛି । ଯାହାକି ବିପଦକୁ ଆମନ୍ତ୍ରଣ କରୁଛି । ବିଦ୍ୟାଳୟର ଶାରୀରିକ ଶିକ୍ଷା ପାଇଁ କୌଣସି ଖେଳ ପଡିଆ ନଥିବାରୁ ଛାତ୍ର ଛାତ୍ରୀମାନେ ଖେଳରୁ ବଞ୍ଚିତ ହେଉଛନ୍ତି । ଭଙ୍ଗା ଦଦରା ପୁରୁଣା ଘରକୁ ଭାଙ୍ଗି ନୂତନ ଶ୍ରେଣୀ ଗୃହ ନିର୍ମାଣ, ସ୍କୁଲ ନିକଟରେ ଥିବା ପଡିଆକୁ ସ୍କୁଲ ନାମରେ ରେକର୍ଡ ଭୁକ୍ତ କରିବା ଓ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ଜିଲ୍ଲା ଶିକ୍ଷା ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ସମୂହ ଛୁଟିରେ ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା

କନ୍ଧମାଳ, (ଭାସ୍କର ନ୍ୟୁଜ୍): ବହୁ ପ୍ରତୀକ୍ଷିତ ଦଶ ଦଫା ଦାବି ପୁରଣ କରିବାରେ ରାଜ୍ୟ ସରକାରଙ୍କ ସହ ଆଲୋଚନା ବିଫଳ ହେବା ପରେ ସଂଘର ପୂର୍ବନିର୍ଦ୍ଧାରିତ ନିଷ୍ପତ୍ତି ପ୍ରକାରେ ୧୧ ଅଗଷ୍ଟରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ରାଜସ୍ୱ ଅମଲାମାନେ ସାମୁହିକ ଛୁଟିରେ ରହିବା ପରିପେକ୍ଷିରେ ସୋମବାରଠାରୁ କନ୍ଧମାଳ ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା ମଧ୍ୟ ସାମୁହିକ ଛୁଟିରେ ଅଛନ୍ତି । ପ୍ରକାଶ ଥାଉକି ଗତ ୮ ତାରିଖ ଦିନ ରାଜସ୍ୱ ଅମଲା ମାନେ ନିଜ ନିଜ ଅଧିକାରୀଙ୍କୁ ସମୂହ ଛୁଟି ଦରଖାସ୍ତ ପ୍ରଦାନ କରିଥିଲେ । ଯେତେ ଦିନ ପର୍ଯ୍ୟନ୍ତ ରାଜ୍ୟ ସରକାର ଦାବି ପୂରଣ କରି ବିଜ୍ଞପ୍ତି ପ୍ରକାଶ କରିବେ ନାହିଁ ସେତେ ଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କନ୍ଧମାଳର ସଭାପତି ଗଣେଶ ନାୟକ, ସଂପାଦକ ସିମାଞ୍ଚଳ ପଣ୍ଡା ପ୍ରକାଶ କରିଛନ୍ତି । ଏହି ଆନ୍ଦୋଳନ ସମୟରେ ଜନ ସାଧାରଣଙ୍କ ଯାହା ଅସୁବିଧାର ସମ୍ମୁଖୀନ ହେବେ ସେଥିପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ସଂଘର କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି । ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ ପ୍ରକାଶ କରିଛନ୍ତି ଯେ, ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ୧୦ ଦଫା ଦାବି ପୂରଣ କରିବା ନିମିତ୍ତ ରାଜ୍ୟ ସରକାରଙ୍କୁ ବାରମ୍ବାର ନିବେଦନ କରିବା ପରେ, ମାନ୍ୟବର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଗତ ଜୁଲାଇ ୯ ତାରିଖରେ ପ୍ରାୟ ଅଢ଼େଇ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ରାଜସ୍ୱ ଅମଲା ସଂଘର ଶୀର୍ଷ ନେତୃବୃନ୍ଦଙ୍କ ସହିତ ଆଲୋଚନା କରି ଅତିଶୀଘ୍ର ଅର୍ଥାତ୍ ୭ ରୁ ୧୫ ଦିନ ଭିତରେ ଦାବିଗୁଡିକୁ ପୂରଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ, ଫଳ ସ୍ୱରୂପ ୧୪ ଜୁଲାଇକୁ ହେବାକୁ ଥିବା ରାଜସ୍ୱ ଅମଲା ମାନଙ୍କ ତରଫରୁ ରାଜ୍ୟବ୍ୟାପୀ ପ୍ରସ୍ତାବିତ ଆନ୍ଦୋଳନ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିବା ପାଇଁ ରାଜ୍ୟ ସଂଘ ନିଷ୍ପତ୍ତି ନେଇଥିଲା । କିନ୍ତୁ, ଅଗଷ୍ଟ ୧୦ ତାରିଖ ସୁଦ୍ଧା ରାଜ୍ୟ ସରକାର ରାଜସ୍ୱ ଅମଲା ମାନଙ୍କର ଦାବିଗୁଡିକୁ ପୂରଣ କରିବା ତ ଦୂରର କଥା, ସେମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରିବା ସହ ସେମାନଙ୍କୁ ପ୍ରବଳ ଆଘାତ ଦେବା ଭଳି ରାଜସ୍ୱ ସେବା ପଦ୍ଧତିରେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ପଦୋନ୍ନତିକୁ ୪୦% ରୁ ୩୩% କରିବା ସହ ଲେବେଲ-୯ ରେ ଜଣେ ଜିଲ୍ଲା ସ୍ତରୀୟ ରାଜସ୍ୱ କର୍ମଚାରୀ ୬ ବର୍ଷ ଦରମା ପାଇଲେ ଯୋଗ୍ୟ ହେବ ବୋଲି ନିର୍ଦ୍ଦେଶନାମା ଜାରି କରିଥିଲେ । ଯାହା ଫଳରେ ସମସ୍ତ ରାଜସ୍ୱ ଅମଲାମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଥିଲା । ପ୍ରକାଶ ଥାଉକି, ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲା ମାନଙ୍କ ପଦବୀ ପୁନର୍ଗଠନ ଆଳରେ ବର୍ଷ ବର୍ଷ ଧରି ସାଧାରଣ ପଦୋନ୍ନତିକୁ ଅଟକାଇ ରଖାଯିବା ଫଳରେ ସେମାନଙ୍କ ମଧ୍ୟରୁ ଅନେକ ପଦୋନ୍ନତି ପୂର୍ବରୁ ଅବସର ଗ୍ରହଣ କରିସାରିଛନ୍ତି । ସେମାନେ ତାଙ୍କର ନ୍ୟାଯ୍ୟ ପ୍ରାପ୍ତିରୁ ସବୁଦିନ ପାଇଁ ବଞ୍ଚିତ ହୋଇଗଲେ । ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲା ମାନେ ଦକ୍ଷତାର ସହ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଜନହିତକର ଯୋଜନା ତୃଣମୂଳ ସ୍ତରରେ ଲୋକମାନଙ୍କ ପାଖରେ ପହଞ୍ଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ସିମୀତ ସମୟ ସୀମାରେ ତାଙ୍କର କାର୍ଯ୍ୟଗୁଡ଼ିକୁ କରି ଯୋଗାଇ ଦେଇ ଆସୁଥିଲେ ମଧ୍ୟ ସରକାର ସେମାନଙ୍କୁ ଅଣଦେଖା କରି ଆସୁଛନ୍ତି । ଜନସାଧାରଣ ଏହି ଆନ୍ଦୋଳନ ଫଳରେ ସରକାରୀ ସେବା ପାଇବା ପାଇଁ ଯେଉଁ ଅସୁବିଧାର ସମ୍ମୁଖୀନ ହେବେ ସେଥିପାଇଁ ସେ ଜନସାଧାରଣଙ୍କୁ କ୍ଷମା ପ୍ରାର୍ଥନା କରିଛନ୍ତି । କନ୍ଧମାଳ ଜିଲ୍ଲାରେ ଫୁଲବାଣୀ ସଦର ମହକୁମା ଓ ବାଲିଗୁଡା ସଦର ମହକୁମା ଦୁଇଟି ଧାରଣା ସ୍ଥଳୀରେ ଜିଲ୍ଲାର ପ୍ରାୟ ୨୬୮ ଜଣ ରାଜସ୍ୱ ଅମଲା ଆନ୍ଦୋଳନରେ ସାମିଲ ହୋଇଛନ୍ତି ।



ପୁରୀ (ଭାସ୍କର ନ୍ୟୁଜ) : ବୃକ୍ଷ ଆମର ମା' ଏବଂ ବୃକ୍ଷର ସୁରକ୍ଷା ଆମ ପରିବେଶର ସୁରକ୍ଷା ଏଭଳି କିଛି ସ୍ଲୋଗାନ ଦେଇ ଜାତୀୟ ସ୍ୱେଚ୍ଛାସେବୀ ସବ୍ୟସାଚୀ ସେନାପତିଙ୍କ ନେତୃତ୍ୱରେ ରକ୍ଷା ବନ୍ଧନକୁ ଅଭିନବ ଉପାୟରେ ପାଳିଲେ ଡେଲାଙ୍ଗ ବ୍ଲକ୍ ଅନ୍ତର୍ଗତ ଇନ୍ଦିପୁରର ଗ୍ରାମର ବାବା କୁମାରେଶ୍ୱର ଯୁବକ ସଂଘର ସ୍ୱେଚ୍ଛାସେବୀ। ଗ୍ରାମର ବିଭିନ୍ନ ରାସ୍ତା ପାର୍ଶ୍ୱ ଏବଂ ଗୋଚର ଜମି ତଥା ଖେଳ ପଡିଆ ପାର୍ଶ୍ୱରେ ୪୦ରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରିଥିଲେ। ପ୍ରକୃତି ବନ୍ଧୁ ପ୍ରଦୀପ ଦଳାଇ ସ୍ୱେଚ୍ଛାସେବୀ ମାନଙ୍କୁ ପ୍ରେରଣା ଦେଇଥଲେ। ଗ୍ରାମର ସରପଞ୍ଚ ରାଜେଶ ସେନାପତି, ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ନାୟକ, ଡାକ୍ତର ତପନ ଭୂୟାଁ ଯୋଗଦେବା ସହ ସ୍ୱେଚ୍ଛାସେବୀ ମାନଙ୍କୁ ଅଧିକ ଚାରାରୋପଣ ପାଇଁ ଉତ୍ସାହିତ କରିଥିଲେ। ଯୁବ ସମାଜସେବୀ ତଥା ପରୋପକାରୀ ପ୍ରସାଦ କୁମାର ପରିଡ଼ା ସ୍ୱେଚ୍ଛାସେବୀ ମାନଙ୍କୁ ମାର୍ଗ ଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱରଂଜନ ସେନାପତି, ନୀଳାମ୍ବର ପରିଡ଼ା, ବିଶ୍ୱରଂଜନ ପରିଡ଼ା, ସୂର୍ଯ୍ୟକାନ୍ତ ପରିଡ଼ା, ମାନସ ବାରିକ, ସତ୍ୟବର୍ତ୍ତ ଜେନା, ଜଗଦୀଶ ଜେନା, ଉମାକାନ୍ତ ବାରିକ, ଲକ୍ଷ୍ମୀଧର ପରିଡ଼ା, ସୌମ୍ୟ ରଂଜନ ଜେନା, ଚିନ୍ମୟ ନାୟକ, ଶୁଭମ ଜେନା, ଦିପ୍ତିରଞ୍ଜନ ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ। ଭବିଷ୍ୟତରେ ଗ୍ରାମକୁ ସବୁଜ ସୁନ୍ଦର କରିବା ପାଇଁ ଗ୍ରାମବାସୀ ଶପଥ ନେଇଥିଲେ।

# ୧୦ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଲା ଅମଲା ସଂଘ



ଛତ୍ରପୁର (ଭାସ୍କର ନ୍ୟୁଜ୍) : ୧୦ ଦଫା ଦାବି ନେଇ ଆଜି ଆନ୍ଦୋଳନକୁ ଓହ୍ଲାଇଛି ଓଡ଼ିଶା ରାଜ୍ୟ ଅମଲା ସଂଘ। ଗଞ୍ଜାମ ଜିଲ୍ଲା ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୬୦୦ରୁ ଉର୍ଦ୍ଧ୍ୱ ଅମଲା ମାନେ ଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସରକାର ନିୟମ କରିଥିଲେ ଯାହାର ବୈଷୟିକ ଜ୍ଞାନ ସହ ଗ୍ରାଜୁଏସନ ରହିଛି ସେମାନଙ୍କୁ ଲେବେଲ ୯ ତଥା ଗ୍ରେଡ଼ ପେ ୪୨୦୦ ଟଙ୍କା ପ୍ରଦାନ କରାଯିବ। ସରକାରୀ ନିୟମ ଅନୁସାରେ ସମସ୍ତ ଅମଲା ମାନଙ୍କ ବୈଷୟିକ ଜ୍ଞାନ ସହ ଗ୍ରାଜୁଏସନ ରହିଛି ତଥାପି ମଧ୍ୟ ଗ୍ରେଡ଼ପେ ୪୨୦୦ ଲାଗୁ କରାଯାଉ ନାହିଁ। ଲେବେଲ ୯କୁ ଲାଗୁ କରାଯିବା, ପଦବୀ ପୁର୍ନଗଠନ, ସ୍ୱାସ୍ଥ୍ୟବୀମା ସହ ମୋଟ ୧୦ଟି ଦାବିକୁ ନେଇ ଅମଲା ସଂଘ ଆନ୍ଦୋଳନ କରୁଛି। ଏହି ଦାବିକୁ ନେଇ ଗତ ୨୦୧୭ ମସିହାରେ ପୂର୍ବତନ ସରକାରଙ୍କ ନିକଟରେ ଦ୍ୱାରସ୍ଥ ହେବା ସହ ଆନ୍ଦୋଳନ କରାଯାଇଥିଲା । ସେହି ସମୟରେ ସରକାର ପ୍ରତିଶ୍ରୁତି ଦେଇଥିଲେ ଦାବି ପୂରଣ ପାଇଁ କିନ୍ତୁ ତାହା ହୋଇପାରିନଥିଲା। ବର୍ତ୍ତମାନ ନୂଆ ସରକାର ଆସିବା ପରେ ଗତ କିଛିମାସ ପୂର୍ବରୁ ଦାବି ସମ୍ପର୍କରେ ବିଜେପି ସରକାରଙ୍କୁ ଜଣାଇଥିଲେ ସୁଦ୍ଧା ଦାବି ପ୍ରତି କର୍ଣ୍ଣପାତ କରିନାହାନ୍ତି। ଯାହାଫଳରେ ଆଜି ଠାରୁ ଗଞ୍ଜାମ ଜିଲ୍ଲାର ପ୍ରାୟ ୬୦୦ରୁ ଉର୍ଦ୍ଧ୍ୱ ଅମଲା କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଦ୍ୱାରା ଜିଲ୍ଲାପାଳ, ଉପ-ଜିଲ୍ଲାପାଳ, ବ୍ଲକ, ତହସିଲ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟରେ ସରକାରୀ ଯୋଜନା ବନ୍ଦ ହେବା ସହିତ ଲୋକଙ୍କ କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଛି। ଯେତେଦିନ ପର୍ଯ୍ୟନ୍ତ ସରକାର ଦାବି ପୂରଣ କରିନାହାନ୍ତି ସେତେଦିନ ପର୍ଯ୍ୟନ୍ତ ଏଭଳି ଆନ୍ଦୋଳନ ଚାଲୁ ରହିବ ବୋଲି ଅମଲାମାନେ କହିଛନ୍ତି ।

# ପାରାଦୀପରେ ବିଶାଳ ଐତିହାସିକ ତ୍ରିରଙ୍ଗା ଶୋଭାଯାତ୍ରା

## ସାମିଲ ହେଲେ ଶିକ୍ଷମନ୍ତ୍ରୀ, 'ଭାରତ ମାତା କି ଜୟ' ଧ୍ୱନିରେ ପ୍ରକମ୍ପିତ ହେଲା ବନ୍ଦର ନଗରୀ






ପାରାଦୀପ (ଭାସ୍କର ନ୍ୟୁଜ୍) : ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ପରିପ୍ରେକ୍ଷୀରେ ସ୍ୱାଧୀନତା ସଂଗ୍ରାମୀ ଓ ସେନାକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଅଗଷ୍ଟ କ୍ରାନ୍ତି ମାସରେ ସମଗ୍ର ଦେଶରେ ତ୍ରିରଙ୍ଗା ଯାତ୍ରା ଆୟୋଜିତ ହେଉଛି। ଏହି ଅବସରରେ ପାରାଦୀପ ପୌରପାଳିକା ପକ୍ଷରୁ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ପାରାଦୀପ ମହାବିଦ୍ୟାଳୟ ଠାରୁ ବାହାରି ବଡ଼ପଡ଼ିଆ ମୁଖ୍ୟ ରାସ୍ତା ଦେଇ ବସ୍‌ଷ୍ଟାଣ୍ଡ ନିକଟସ୍ଥ ନେତାଜୀ ପ୍ରତିମୂର୍ତ୍ତି ନିକଟରେ ସମାପ୍ତ ହୋଇଥିଲା। ଏହି ଯାତ୍ରାରେ ପାରାଦୀପର ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ, ପୌରାଞ୍ଚଳର ବିଭିନ୍ନ ୱାର୍ଡରୁ ହଜାର ହଜାର ସଂଖ୍ୟାରେ ମହିଳା, ପୁରୁଷ, ସରକାରୀ ଅଧିକାରୀ ଓ କର୍ମଚାରୀ ଯୋଗଦେବା ସହିତ ଦେଶ ମାତୃକା ପାଇଁ ବଳିଦାନ ଦେଇଥିବା ସେହି ମହାନ ପୁରୁଷ ଓ ସହୀଦ ମାନଙ୍କ ଜୟ ଜୟକାର କରିବା ସହିତ ଭାରତ ମାତା କି ଜୟ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସମଗ୍ର ବନ୍ଦରନଗରୀ। ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜିତ ଏହି ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଶେଷରେ ବସ୍‌ଷ୍ଟାଣ୍ଡ ଛକରେ ଆୟୋଜିତ ସଭାରେ ପାରାଦୀପ ବିଧାୟକ ତଥା ଶିକ୍ଷମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ପାରାଦୀପରେ ଆୟୋଜିତ ଶୋଭାଯାତ୍ରା ଏକ ଐତିହାସିକ ସଫଳତା ବୋଲି ଅବିହିତ କରି ସମସ୍ତ ପାରାଦୀପ ଅନ୍ତେବାସୀଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇବା ସହିତ ତ୍ରିରଙ୍ଗା ହେଉଛି ସାହସ, ବୀରତ୍ୱ, ସତ୍ୟ, ଶାନ୍ତି, ଭାତୃତ୍ୱ ଏବଂ ପ୍ରଗତିର ପ୍ରତୀକ। ସମସ୍ତଙ୍କ ମଧ୍ୟରେ ଦେଶପ୍ରେମ ତଥା ଜାତୀୟତା ଭାବ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ହେଉଥିବା ଏହି ତ୍ରିରଙ୍ଗା ଶୋଭାଯାତ୍ରା, ଆମର ସାମୂହିକ ପରିଚୟର ଏକ ମହାନ ଉତ୍ସବ ଏବଂ ବିକଶିତ ଭାରତ ପାଇଁ ଆମ ପ୍ରତିବଦ୍ଧତାର ଅନନ୍ୟ ନିଦର୍ଶନ। ବର୍ତ୍ତମାନ ସମୟରେ ଆତ୍ମନିର୍ଭର ଏବଂ ବିକଶିତ ଭାରତ ଭଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକୁ ବାସ୍ତବ ରୂପ ଦେବା ତଥା ବିଶ୍ୱରେ ଭାରତର ପରିଚୟକୁ ଏକ ନମ୍ବର କରିବାକୁ ହେଲେ ସମସ୍ତଙ୍କୁ ଏକତ୍ରିତ ହୋଇ ଜାତି-ଧର୍ମ-ବର୍ଣ୍ଣ-ଉଚ୍ଚ-ନୀଚ ଭେଦଭାବ ନିର୍ବିଶେଷରେ ସମସ୍ତ ଭାରତୀୟ ଯେତେବେଳେ ତ୍ରିରଙ୍ଗା ତଳେ ଏକଜୁଟ୍ ହେବେ, ସେତେବେଳେ ବିଶ୍ୱର କୌଣସି ଶକ୍ତି ଆମକୁ ପ୍ରତିହତ କରିପାରିବ ନାହିଁ କିମ୍ବା ଆମକୁ ବିଶ୍ୱଗୁରୁ ହେବାରୁ କେହି ଅଟକାଇ ପାରିବେ ନାହିଁ ବୋଲି କହିଥିଲେ ଶିକ୍ଷମନ୍ତ୍ରୀ ସମ୍ପଦ ସ୍ୱାଇଁ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବଡ଼ପଡ଼ିଆ ୧୫ ନମ୍ବର ୱାର୍ଡ ରେ ପୌରପାଳିକାର ଗୋଷ୍ଠୀଗୃହ ଓ ପାର୍କିଂଜୋନ୍ ଦୁଇଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ସେହିପରି ବଡ଼ପଡ଼ିଆ ବଣିକ ସଙ୍ଘ ପରିସରରେ ଏକ ଏଟିଏମ ସେବାକେନ୍ଦ୍ରକୁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ବଣିକ ସଂଘର ମୁଖ୍ୟ ଉପଦେଷ୍ଟା ପ୍ରକାଶ ତ୍ରିପାଠୀ, ସଭାପତି କ୍ଷୀରୋଦ ସ୍ୱାଇଁ, ସମ୍ପାଦକ ଅମୀୟ ପାଣି, କାର୍ଯ୍ୟକାରୀ ସଭାପତି ଗୋଲେଖ ସାହୁ, କୋଷାଧକ୍ଷ ଶମ୍ଭୁନାଥ ଖୁଣ୍ଟିଆ, ଉପସଭାପତି ପ୍ରୀତିରଞ୍ଜନ ମହାପାତ୍ର ଓ ଶିଶିର ନାୟକଙ୍କ ସମେତ ବହୁ କର୍ମକର୍ତ୍ତା ଓ ବ୍ୟବସାୟୀ ଏହି ଏଟିଏମ ସେବାକେନ୍ଦ୍ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ବଢୁଛି ଚୋରି, ବ୍ୟବସାୟୀ ମହଲରେ ଅସନ୍ତୋଷ

ଧାମନଗର (ଭାସ୍କର ନ୍ୟୁଜ୍) : ଧାମନଗର ଅଞ୍ଚଳରେ ଦିନକୁ ଦିନ ଚୋରି ବୃଦ୍ଧି ପାଉଛି। ଧଳା ଜହର ଓ ଚୋରା ମଦ ଏ ଚୋରିର ମୁଖ୍ୟକାରଣ। ମଠ ମନ୍ଦିରରେ ଚୋରମାନେ ଚୋରିକରି ପୋଲିସ ଦ୍ୱାରା ଗିରଫ ହୋଇ ଥିବାବେଳେ ପୁଣି ଏହି ଥାନା ଦୋବଲ ବଜାରରେ ଥିବା ଉବିରୁଦ୍ଦିନ ଖାନଙ୍କ ତେଜରାତି ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୋମବାର ସକାଳେ ଉବିରୁଦ୍ଦିନ ଦୋକାନ ଖୋଲିବା ପାଇଁ ଆସି ଦେଖିବା ବେଳକୁ ତାଙ୍କ ଦୋକାନର ପଛପଟ ଝରକା ଓ ମଝିରେ ଥିବା କବାଟ ତାଲା ଭଙ୍ଗା ଯାଇଛି। ଦୋକାନରେ ଥିବା ତେଜରାତି ସଉଦା ସହିତ ବାକ୍ସରେ ଥିବା ନଗଦ ୧୦ ହଜାର ଟଙ୍କା ଚୋରି ହୋଇଛି। ଏ ସମ୍ପର୍କରେ ଉବିରୁଦ୍ଦିନ ଥାନାରେ ଅଭିଯୋଗ କରିବା ପରେ ପୁଲିସ, ବୈଷୟିକ ଦଳ ଓ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ କରିଛନ୍ତି। ପ୍ରକାଶ ଥାଉ କି ଧାମନଗର ଥାନା ଅଞ୍ଚଳରେ ମଠ, ମନ୍ଦିର, ଦୋକାନ ଓ ଘରୁ ଚୋରି ବଢ଼ିବାରେ ଲାଗିଛି। ଅସାମାଜିକ କାର୍ଯ୍ୟ କଳାପ ମଧ୍ୟ ବୃଦ୍ଧି ପାଇଛି। ଲୋକମାନେ ଓ ବ୍ୟବସାୟୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଧାମନଗର ଥାନା କେସ୍ ନମ୍ବର ୨୮୮/୨୫ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି।

# ବାପା ଛେଉଣ୍ଡ ପରିବାରକୁ କଳିଙ୍ଗ ଆବାସିକ ବିଦ୍ୟାଳୟ ପକ୍ଷରୁ ସହାୟତା

ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ବାଲିଆ ପଞ୍ଚାୟତ ଅର୍ନ୍ତଗତ ଦରବୋଲ ଗ୍ରାମର ରତ୍ନାକର ସାମଲଙ୍କ (୬୬)ଙ୍କର ୨ ତାରିଖ ଶନିବାର ଦିନ ଏଣ୍ଡର ହଳଦିଆ ହାଟକୁ ପରିବା କିଣିବାକୁ ଯାଇ ଆଉ ରାତିରେ ଘରକୁ ଫେରିନଥିଲେ। ତା'ପରଦିନ ଅର୍ଥାତ ୩ ତାରିଖ ରବିବାର ଦିନ ସକାଳୁ ନରସିଂହପୁର ପଞ୍ଚାୟତ ଅନ୍ତର୍ଗତ ତିଲଙ୍ଗ ନିକଟରେ ତାଙ୍କ କ୍ଷତବିକ୍ଷତ ମୃତଦେହ ମିଳିଥିଲା । ରତ୍ନାକରଙ୍କ ମୃତ୍ୟୁରେ ତାଙ୍କ ପରିବାରେ ଥିବା ଛୋଟଛୋଟ ୫ ଝିଅ ଓ ବିଧବା ପତ୍ନୀ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। ଦୈନିକ ମଜୁରୀ ଲାଗି ଓ ଅନ୍ୟ ଚାଷଜମି ଭାଗରେ ଆଣି ୬ ପ୍ରାଣୀ କୁଟୁମ୍ବ ପ୍ରତିପୋଷଣ କରୁଥିବା ଏକମାତ୍ର ରୋଜଗାରକ୍ଷମ ରତ୍ନାକରଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ତାଙ୍କ ଅନ୍ତ୍ୟେଷ୍ଟି କ୍ରିୟା ଓ ଶୁଦ୍ଧିକ୍ରିୟା କରିବା ନିମନ୍ତେ ଅକ୍ଷମ ହୋଇପଡ଼ିଥିଲା। ଏହି ଦୁଃଖଦ ଓ ହୃଦୟବିଦାରକ ଖବର ପାଇ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁରସ୍ଥିତ କଳିଙ୍ଗ ଆବାସିକ ବିଦ୍ୟାଳୟର ଚେୟାରମ୍ୟାନ ମନୋଜ କୁମାର ପ୍ରଧାନ ବିପନ୍ନ ପରିବାର ନିକଟରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଶ୍ରୀ ପ୍ରଧାନଙ୍କ ସହିତ କଳିଙ୍ଗ ଆବାସିକ ବିଦ୍ୟାଳୟର ଶିକ୍ଷକ ରମେଶ ମହାକୁଳ, ଦୁର୍ଗା ପ୍ରସାଦ ପଣ୍ଡା, ଅବିନାଶ ପଲେଇ ପ୍ରମୁଖ ଉପସ୍ଥିତ ରହିଥିଲେ।

## ବନ୍ଧୁଗାଁ ବ୍ଲକ ଚିଡିବାଲସା ଗାଁରେ ଅମାନବୀୟ ଦଣ୍ଡ

# ପ୍ରେମୀଯୁଗଳଙ୍କୁ ଟଣାଇଲେ ଲଙ୍ଗଳ



ବନ୍ଧୁଗାଁ (ଭାସ୍କର ନ୍ୟୁଜ୍) : କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ଆଲମଣ୍ଡା ପଞ୍ଚାୟତ ଆନ୍ଧ୍ର ଓ ଓଡ଼ିଶା ସୀମାନ୍ତ ଚିଡିବାଲସା ଗାଁରେ ଦୁଇଜଣ ଏକା ବଂଶର ସମ୍ପର୍କୀୟ ପ୍ରେମୀ ଯୁଗଳଙ୍କୁ ଅମାନବୀୟ ଦଣ୍ଡ ମଧ୍ୟରେ ଗାଁ ଦାଣ୍ଡରେ ଲଙ୍ଗଳ ଦେଇ ବୁଲାଇଛନ୍ତି। ଚଳିତ ବର୍ଷ ରାୟଗଡ଼ା କଞ୍ଚାମଯୋଡ଼ି, କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ ପେଦାଇଟିକି ଏବେ ବନ୍ଧୁଗାଁ ବ୍ଲକ ଆଲମଣ୍ଡା ପଞ୍ଚାୟତ ଚିଡିବାଲସା ଗାଁରେ ସମାନ ଦୃଶ୍ୟ ନିଜ ଏକା ବଂଶର ପ୍ରେମୀଯୁଗଳ ଅର୍ଥାତ ସମ୍ପର୍କୀୟ ଭାଇ ଭଉଣୀ ଭଲପାଇ ପୁଅ ଘରକୁ ଚାଲି ଆସିଥିଲେ। ଆଦିବାସୀଙ୍କ ପରମ୍ପରା ଅନୁଯାୟୀ କୌଣସି କାରଣରୁ ପ୍ରେମୀ ଯୁଗଳ ଭାଇ ଭଉଣୀ କିମ୍ବା ଏକା ବଂଶର ସମ୍ପର୍କୀୟ ଭାଇ ଭଉଣୀ ଭଲ ପାଇ ବିବାହ କଲେ କିଛି ନୀତି ନିୟମ ଗାଁର ମୁଖ୍ୟଙ୍କ ତରଫରୁ ପାଳନ କରାଯାଇ ଥାଏ। ମଣିଷ ବୁଦ୍ଧିମାନ ଅଟନ୍ତି, ଏମାନେ ଗାଈ ଗୋରୁ ନୁହନ୍ତି, ପ୍ରେମୀ ଯୁଗଳ ପରସ୍ପର ଭଲ ପାଇବା ଆଗରୁ ଉଭୟେ କେଉଁ ବଂଶର ଅଟନ୍ତି ଜାଣିଥାନ୍ତି। ଏହି ପ୍ରକାର ଭାବରେ ଭଲପାଇ ପ୍ରେମୀ ଯୁଗଳ ଘର ସଂସାର କରି ଜୀବନ ଯାପନ କରିବା ନିଜ ଆଦିବାସୀ ସମାଜ ପ୍ରତି ଲଜ୍ଜାକର ବ୍ୟବସ୍ଥା। ପରମ୍ପରା ଅନୁଯାୟୀ ଗାଁରେ ଏହି ପ୍ରକାର ବହୁବର୍ଷ ତଳେ ୪ ଜଣଙ୍କ ଦ୍ୱାରା ଘଟଣା ଘଟିଥିଲା। ଆମେ ସେମାନଙ୍କୁ ମଧ୍ୟ ଯୁଆଳି ବେକରେ ଦେଇ ବୁଲାଇ ଥିଲୁ। ଯାହାଫଳରେ ବର୍ତ୍ତମାନର ଯୁବକଯୁବତୀ ଜାଣିବେ ଓ ଏହି ପ୍ରକାର ଏକା ବଂଶର ପୁଅ ଝିଅ ବିବାହ କରିବେ ନାହିଁ। ଏହା ଆମ ପରମ୍ପରା ଆମକୁ ଶିକ୍ଷା ଦେଉଥିବା କଥା ଗାଁ ଲୋକେ କହିଛନ୍ତି। ଏଥିପାଇଁ ରବିବାର ସକାଳ ୯ ଘଣ୍ଟା ସମୟରେ ଗାଁର ମୁଖିଆ ଜାନି ଓ ଗାଁ ମୁଖିଆ ସବୁ ଉପସ୍ଥିତ ରହି, ଉଭୟ ପ୍ରେମୀ ଯୁଗଳ ପରମ୍ପରା ଭାଙ୍ଗିଥିବାରୁ ଗାଁ ଦାଣ୍ଡରେ ଥିବା ବେରମମଣ୍ଡାରେ ହଳ ଲଙ୍ଗଳ ସ୍ୱାମୀ-ସ୍ତ୍ରୀଙ୍କୁ ଟଣାଇ ଦଣ୍ଡ ଦେଇଥିଲେ। ଆଜି ଦିନରୁ ପ୍ରେମୀ ଯୁଗଳ ଘରେ ସ୍ୱାମୀ-ସ୍ତ୍ରୀ ହୋଇ ରହି ବିନା ବାଧାବିଘ୍ନରେ ସମାଜରେ ରହିପାରିବେ। ସବୁ କାର୍ଯ୍ୟ ଗାଁର ଜାନି ପ୍ରେମୀଯୁଗଳଙ୍କୁ ଗାଁ ଦାଣ୍ଡରେ ଥିବା ବେରମମଣ୍ଡା ନିକଟରେ ଲଙ୍ଗଳକୁ ପ୍ରେମିକଙ୍କ ଦ୍ୱାରା ଟାଣିବା ପରେ ପ୍ରେମିକା ଲଙ୍ଗଳ ଧରି ଲଙ୍ଗଳରେ ପାଣି ପକାଇ ଥାଏ, ଏହି ପରି ତିନି ଥର ଲଙ୍ଗଳ ଯୁଆଳି ବୁଲାଇବା ପରେ ଗାଁର ମୁଖିଆ ମାନେ ପୁଅ ଘରକୁ ନେଇ ଛାଡ଼ି ଥାନ୍ତି। ଆଜି ଠାରୁ ଭଲରେ ସ୍ୱାମୀ ସ୍ତ୍ରୀ ହୋଇ କାମ ଦାମ କରି ବଞ୍ଚିବା ପାଇଁ ଉପଦେଶ ଦେଇଥାନ୍ତି। ଗାଁ ଲୋକେ ପ୍ରେମୀ ଯୁଗଳଙ୍କୁ ଅମାନବୀୟ ଦଣ୍ଡ ଦେଇଥିବା ଖବର ଗଣମାଧ୍ୟମରେ ପ୍ରସାରିତ ହେବା ପରେ ସ୍ଥାନୀୟ ତହସିଲଦାର ସୋନାଲି ପାତ୍ର, ଆଇଆଇସି ପ୍ରସନ୍ନ କୁମାର ମିଶ୍ର, ବ୍ଲକ ଅଧକ୍ଷା ଲକ୍ଷ୍ମୀ ମିଣିଆକା, ବିଡିଓ ମିନତୀ ଜଗଦେବ, ସିଡିପିଓ ଗୀତାଞ୍ଜଳି ମହାରଣା ଓ ସରପଞ୍ଚ ଗୌରୀ ମେଲେକା ଗାଁରେ ପହଞ୍ଚିଥିଲେ। ଗାଁରେ ଥିବା ପ୍ରେମୀ ଯୁଗଳ, ୱାର୍ଡ ମେମ୍ବର ବାଙ୍ଗୁରୁ କଲେକା, ଭଦ୍ରବ୍ୟକ୍ତି ବିନ୍ଦା ମାଣ୍ଡିଙ୍ଗି ଓ ଗାଁର ପୁରୁଷ ଓ ମହିଳାଙ୍କୁ ନେଇ ପରମ୍ପରା ଅନୁଯାୟୀ ଏହି ପ୍ରକାର ଦଣ୍ଡ ଦେବା ଆଇନ ଅନୁସାରେ ଦଣ୍ଡନୀୟ ଅପରାଧ ଅଟେ। ଭବିଷ୍ୟତ ଆଉ କେବେ ଏହି ପ୍ରକାର ଗାଁରେ କିମ୍ବା ଆଖପାଖରେ ଯେପରି ଘଟିବ ନାହିଁ ସଚେତନ କରିଥିଲେ। ପ୍ରେମୀ ଯୁଗଳ ଉଭୟ ପ୍ରାପ୍ତ ବୟସ୍କ ହୋଇଥିବା ଝିଅ ପାଲେକା ମେରୀ ୨୨ବର୍ଷ ପେଦାୱାଲଡ଼ା ଗାଁ ଥିବା ବେଳେ ପୁଅ ସୀତାରାମ କଲେକା ୨୫ ବର୍ଷ ଚିଡିବାଲସା ଗ୍ରାମର ଅଟନ୍ତି। ପୋଲିସ ଥାନା ତରଫରୁ କେସ୍ ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ଆମ ପ୍ରତିନିଧିଙ୍କୁ ଜଣାଇଛନ୍ତି।

## ସାମୂହିକ ଛୁଟିରେ ଅମଲା

# ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ୯ଦଫା ଦାବି ପୂରଣ ଦାବିରେ ରାଜ୍ୟରେ ଅମଲା ମାନେ ଓଡ଼ିଶା ରାଜସ୍ୱ ଅମଲା ସଙ୍ଘ ସୋମବାର ଠାରୁ ସମୂହ ଛୁଟିରେ ଯାଇଛନ୍ତି। ପୂର୍ବରୁ କଳା ବ୍ୟାଚ ପରିଧାନ କରି ପ୍ରତିବାଦ ପ୍ରଦର୍ଶନ କରିଥିଲେ। ୮ତାରିଖ ସୁଦ୍ଧା ସରକାର କୌଣସି ପ୍ରକାରର ପଦକ୍ଷେପ ଗ୍ରହଣ ନକରନ୍ତି ତେବେ ୧୧ତାରିଖରୁ ସମଗ୍ର ରାଜ୍ୟର ଅମଲାମାନେ ସମୂହ ଛୁଟିରେ ଯାଇ ପ୍ରତିବାଦ କରିବେ ବୋଲି ସୂଚନା ଦେଇଥିଲେ। ଏହି ପରିପ୍ରେକ୍ଷୀରେ ପୁରୀ ଜିଲ୍ଲା ଅସ୍ତରଙ୍ଗରେ ତହସିଲ, ବ୍ଲକ, ସମନ୍ୱିତ ଶିଶୁ ବିକାଶ ଯୋଜନା ପ୍ରକଳ୍ପ କାର୍ଯ୍ୟାଳୟରେ କାର୍ଯ୍ୟରତ ଅମଲାମାନେ ଛୁଟିରେ ସୋମବାର ଠାରୁ ଯାଇଛନ୍ତି। ତେଣୁ ରାଜସ୍ୱ ଅମଲା ସଙ୍ଘ ସଦସ୍ୟଙ୍କ ଅନୁପସ୍ଥିତରେ ସମସ୍ତ କାର୍ଯ୍ୟାଳୟ ଦୈନନ୍ଦିନ କାର୍ଯ୍ୟ ଠପ୍ ହୋଇଯାଇଛି। କାର୍ଯ୍ୟାଳୟରେ ଫାଙ୍କା ପଡିଛି ଚୌକି। ଏହାଦ୍ୱାରା ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ରାଜ୍ୟ ସରକାର ସେମାନଙ୍କ ଦାବି ସମ୍ପର୍କରେ ଆଲୋଚନା କରି ବିହିତ ପଦକ୍ଷେପ ନେବାକୁ ସାଧାରଣ ଜନତା ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି। ଦାବି ଗୁଡିକ ମଧ୍ୟରେ ଅମଲାଙ୍କ ଦରମା ଲେଭେଲ ୯କୁ ବୃଦ୍ଧି, ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ଅଭିଯୋଗ ଜିଲ୍ଲାପାଳଙ୍କ ସୁପାରିଶକୁ ଭିତ୍ତିକରି ନୂତନ ପଦ ସୃଷ୍ଟି ଓ ପୁର୍ନଗଠନ କରିବା, କନିଷ୍ଠ ଅମଲାମାନଙ୍କ ରେସିଡେନ୍ସି ୬ବର୍ଷ ସ୍ଥାନରେ ୪ବର୍ଷ କରିବା, ରାଜ୍ୟ ସରକାରୀ କର୍ମଚାରୀ ଓ ସେମାନଙ୍କ ପରିବାର ପାଇଁ ବାର୍ଷିକ ୨୦ଲକ୍ଷ ସ୍ୱାସ୍ଥ୍ୟ ବୀମା ଲାଗୁ, ୨୦୨୨ପରିବର୍ତ୍ତେ ୧୯୯୦ନିୟମ ଅନୁଯାୟୀ ପୁନଃ ଥଇଥାନ କରିବା ଓ ନୂତନ ପେନସନ ଯୋଜନା ପରିବର୍ତ୍ତେ ପୁରାତନ ପେନସନ ଲାଗୁ କରିବା ପ୍ରଭୃତି ରହିଛି।

# ଶାନ୍ତିଲତା ଗ୍ରୁପ ପକ୍ଷରୁ ନୂତନ ଶୋରୁମ୍ ଉଦ୍‌ଘାଟିତ



ବଡ଼ଚଣା (ଭାସ୍କର ନ୍ୟୁଜ୍) : ଚଣ୍ଡିଖୋଲ ସ୍ଥିତ ଶାନ୍ତିଲତା ଟାୱାର ନିକଟରେ ଶାନ୍ତିଲତା ଗ୍ରୁପ ପକ୍ଷରୁ ନୂତନ ଅଶୋକ ଲିଲଣ୍ଡ ଓ ମହିନ୍ଦ୍ରା ଟ୍ରାକ୍ଟର ନୂତନ ଶୋରୁମ ଆଜି ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏଲସିଭି ର ବ୍ୟବସାୟିକ ମୁଖ୍ୟ ବିପ୍ଳବ ସାହା ଯୋଗଦେଇ ଚଣ୍ଡିଖୋଲ ଭାରତର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ। ତିନୋଟି ଜାତୀୟ ରାଜପଥ ସଙ୍ଗମସ୍ଥଳ ହୋଇଥିବାରୁ ଏହି ବାଟ ଦେଇ ଦୈନିକ ଶହ ଶହ ଗାଡିମଟର ଚଳାଚଳ କରିଥାନ୍ତି। ଗ୍ରାହକମାନଙ୍କୁ ଉତ୍ତମ ସେବା ଯୋଗାଇ ଦେବା ସହ ସେମାନଙ୍କ ଆର୍ଥିକ ଅଭିବୃଦ୍ଧିରେ ଅଶୋକ ଲିଲେଣ୍ଡ୍ କମ୍ପାନୀ ସାହାଯ୍ୟ କରିବ ବୋଲି କହିଥିଲେ। ଉଦ୍ଘାଟନ ଭାବେ ଶାନ୍ତିଲତା ଗ୍ରୁପ ଅଫ୍ କମ୍ପାନୀର ଆଇକନ ଶାନ୍ତିଲତା ଚୌଧୁରୀ, ସମ୍ମାନିତ ଅତିଥି ଭାବେ କେନ୍ଦ୍ରୀୟ ଜୋନ୍‌ର ଜୋନାଲ ମ୍ୟାନେଜର ଅତୁଲ କ୍ଷୀରସାଗର, ବିଶିଷ୍ଟ ଅତିଥି ଭାବରେ ଓଡ଼ିଶା ଛତିଶଗଡର ଆଞ୍ଚଳିକ ପ୍ରବନ୍ଧକ ଯତୀନ ଥପଲ୍ୟାଲ, ସେଣ୍ଟ୍ରାଲ ଜୋନ୍‌ର ସେବା ପ୍ରବନ୍ଧକ ଗିରିଶ ବକ୍ସି ସେବା ପ୍ରବନ୍ଧକ ଆରାଧା ବାରିକ, ବିକ୍ରୟ ପ୍ରବନ୍ଧକ ସତ୍ୟରଞ୍ଜନ ବେହେରା ପ୍ରମୁଖ ଯୋଗଦେଇଥିବା ବେଳେ ଶାନ୍ତିଲତା ଗ୍ରୁପ୍‌ର ଅଧକ୍ଷ ଦିଲ୍ଲୀପ କୁମାର ଚୌଧୁରୀ, ଶାନ୍ତିଲତା ଗ୍ରୁପ ର ମ୍ୟାନେଜିଂ ପାର୍ଟନର ସନ୍ଧ୍ୟା ରାଣୀ ଚୌଧୁରୀ, ଶାନ୍ତିଲତା କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର ସନ୍ଦୀପ ଚୌଧୁରୀ, ଶାନ୍ତିଲତା ଗ୍ରୁପ ଅଫ କମ୍ପାନୀର ସି ଇ ଓ ଦୀପକ କୁମାର ଚୌଧୁରୀ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ଚଣ୍ଡିଖୋଲ ଅଞ୍ଚଳର ଦୁଇ ବରିଷ୍ଠ ଗାଡ଼ି ବ୍ୟବସାୟୀ ଶେଷଦେବ ନାୟକ ଓ ଶୈଳେନ୍ଦ୍ର ନାୟକଙ୍କୁ ପରିବହନବନ୍ଧୁ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହିତ ୨୦ଜଣ ନୂତନ ଗାଡ଼ି ମାଲିକଙ୍କୁ ସମ୍ମାନିତ କରାଯାଇଥିଲା। ଶାନ୍ତିଲତା କମ୍ପାନୀ ପକ୍ଷରୁ ଯାଜପୁର, କେନ୍ଦୁଝର ଜିଲ୍ଲା ପାଇଁ ଅଶୋକ ଲିଲେଣ୍ଡର ହାଲୁକା ଯାନ ବିକ୍ରୟ ପାଇଁ ଅନୁମତି ପ୍ରାପ୍ତ ହୋଇଛି। ଏହି ଉଦ୍ଘାଟନ ଉତ୍ସବରେ ସ୍ଥାନୀୟ ଅଞ୍ଚଳରୁ ଶତାଧିକ ଗାଡି ମାଲିକ ଯୋଗ ଦେଇଥିଲେ।

# ରୁଙ୍ଗଟା ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ





କୋଇଡା (ଭାସ୍କର ନ୍ୟୁଜ୍) : କୋଇଡା ମାଇନିଂ ସେକ୍ଟର ଅନ୍ତର୍ଗତ ବିଭିନ୍ନ ଗ୍ରାମାଞ୍ଚଳରେ ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡ୍ ଓରାଘାଟ ଲୌହ ଖଣି ତରଫରୁ ଔଦାଗିକ ସାମାଜିକ ଦାୟିତ୍ୱ ବୋଧ ଯୋଜନାରେ ବିଭିନ୍ନ ଗ୍ରାମରେ ଯଥା ଓରାଘାଟ, ଗୋପିସାହି, ଜଡିପଦା ପ୍ରଭୃତି ଗ୍ରାମରେ ବିଭିନ୍ନ ରୋଗ ଯଥା ମ୍ୟାଲେରିଆ, ଡେଙ୍ଗୁ, ଡାଏରିଆ ଓ କାମଳ (ଜଣ୍ଡିସ) ରୋଗ ସମ୍ବନ୍ଧରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଚାରିଗୋଟି ରୋଗର ଲକ୍ଷଣ, ପ୍ରତିକାର ଓ ଚିକିତ୍ସା ସମ୍ବନ୍ଧରେ ଡାକ୍ତର ମୁକ୍ତିକାନ୍ତ ମହାନ୍ତି ଲୋକମାନଙ୍କୁ ସଚେତନ କରିଥିଲେ ଓ ସମସ୍ତଙ୍କୁ ସୁସ୍ଥ ରହିବା ପାଇଁ ପରାମର୍ଶ ଦେଇଥିଲେ। ଏହା ସହିତ ନିଜ ପରିବେଶକୁ ନିର୍ମଳ ଓ ସଫାସୁତୁରା ରଖିବା ସହିତ ନିଜ ପରିବାର ଓ ଅନ୍ୟମାନଙ୍କୁ ସଚେତନ କରିବା ପାଇଁ ସିଏସଆର ବିଭାଗର ମୁଖ୍ୟ ଡ଼. ଅଞ୍ଜନ କୁମାର ଲେଙ୍କା କହିଥିଲେ। ଏହି କାର୍ଯ୍ୟକ୍ରମ ଖଣି ପରିଚାଳକ ସୁଭାଷ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓରାଘାଟ ଖଣି ତରଫରୁ ସମିରଞ୍ଜନ ଦାସ, ରାମେଶ୍ୱର ପାଇକରାୟ, ଅରୁଣ କୁମାର ବାଲାଙ୍କ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କମ୍ପାନୀର ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଥିଲା।

# ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ପାଠ୍ୟୋପକରଣ ପ୍ରଦାନ

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଚାନ୍ଦୋଳ ସ୍ଥିତ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉ ଟ୍ରଷ୍ଟର ପ୍ରଥମ ଜନ୍ମ ବାର୍ଷିକ ଅବସରରେ ଏହାର କର୍ମକର୍ତ୍ତାମାନେ ନିକଟସ୍ଥ ଅସୁରେଶ୍ୱରର ମଦର ଟେରେସା ମୁକବଧିର ସ୍କୁଲର ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରିବା ସହିତ ସେମାନଙ୍କୁ ପଢ଼ିବା ପାଇଁ ଖାତା ଡଟ୍‌ପେନ୍ ପ୍ରଦାନ କରିଥିଲେ । ପରେ ଦିବ୍ୟାଙ୍ଗ ପିଲାମାନଙ୍କ ହାତରେ ରଖି ବାନ୍ଧିଥିଲେ। ଏଥିସହିତ ଅପରାହ୍ନରେ କର୍ମକର୍ତାମାନେ ରାସ୍ତାରେ ବୁଲୁଥିବା ଗାଈଗୋରୁ ମାନଙ୍କୁ ଦୁର୍ଘଟଣାରୁ ରକ୍ଷା କରିବା ପାଇଁ ସେମାନଙ୍କ ବେକରେ ରେଡିୟମ ବ୍ୟାଣ୍ଡ ବାନ୍ଧିଥିଲେ।

# ରାଶିଫଳ


**ମଙ୍ଗଳବାର, ୧୨ ଅଗଷ୍ଟ ୨୦୨୫**



**ମେଷ:** କାର୍ଯ୍ୟକ୍ଷେତ୍ରରେ ଏକ ଉତ୍ତମ ପରିବେଶରେ ବାସ କରି ବହୁତ ଖୁସି ହେବେ। ଚାକିରିରେ ପଦୋନ୍ନତିର ସମ୍ଭାବନା ରହିଛି। କାର୍ଯ୍ୟାଳୟର ଉଚ୍ଚ ପଦାଧିକାରୀମାନେ ଆପଣଙ୍କ କାର୍ଯ୍ୟକୁ ପ୍ରଶଂସା କରିବେ। ପରିବାରରେ ଆନନ୍ଦର ବାତାବରଣ ରହିବ। ମା'ଙ୍କ ଠାରୁ ଲାଭ ମିଳିବ।



**ବୃଷ:** ଆଜି ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଅନେକ ଥକ୍କା ଏବଂ ଅଳସୁଆ ଅନୁଭବ କରିବେ। ଯେଉଁଥିପାଇଁ ଉତ୍ସାହର ଅଭାବ ରହିବ। ଏହାର ପ୍ରଭାବ ବାଣିଜ୍ୟିକ କ୍ଷେତ୍ରରେ ଦେଖାଯିବ ଏବଂ ଏହା ସମସ୍ୟା ସୃଷ୍ଟି କରିପାରେ। ଉଚ୍ଚ ପଦାଧିକାରୀଙ୍କ ଆଚରଣ ଆପଣଙ୍କ ପ୍ରତି ନକାରାତ୍ମକ ହେବ।




**ମିଥୁନ:** ଆଜି ଆପଣଙ୍କୁ କୌଣସି ନୂତନ କାର୍ଯ୍ୟ ଆରମ୍ଭ ନ କରିବାକୁ ଏବଂ ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ପ୍ରତିକ୍ରିୟାଶୀଳ ହେବାକୁ ପରାମର୍ଶ ଦିଆଯାଇଛି। କଫ ଏବଂ ପେଟ ସମ୍ବନ୍ଧୀୟ ରୋଗ ଆପଣଙ୍କୁ କଷ୍ଟ ଦେଇପାରେ। ଜଳ କ୍ଷେତ୍ରଠାରୁ ଦୂରରେ ରୁହନ୍ତୁ।




**କର୍କଟ:** ଆଜି ଦୈନନ୍ଦିନ କାର୍ଯ୍ୟ ସହିତ, ଆପଣ ମନୋରଞ୍ଜନ ଏବଂ ସଭାରେ ସମୟ ବିତାଇବେ। ଆପଣ ସ୍ୱାଦିଷ୍ଟ ଖାଦ୍ୟ ପାଇବେ ଏବଂ ସାଙ୍ଗମାନଙ୍କ ସହିତ ବୁଲିବାକୁ ଯିବେ। ଆପଣ ବିପରୀତ ଲିଙ୍ଗ ସାଙ୍ଗମାନଙ୍କ ସହିତ ଏକ ଭଲ ସମୟ ଅତିବାହିତ କରିବେ। ଶକ୍ତିଶାଳୀ ଧନ ହେଉଛି ଲାଭର ପରିମାଣ। ଆପଣଙ୍କର ବ୍ୟବସାୟ ବଢିବ।



**ସିଂହ:** କାର୍ଯ୍ୟରେ ସଫଳତା ପାଇବା ପାଇଁ ଆଜି ସର୍ବୋତ୍ତମ ଦିନ। ଆପଣ କରିଥିବା କାର୍ଯ୍ୟ ଦ୍ୱାରା ଆପଣ ଖ୍ୟାତି ପାଇବେ। ପରିବାରରେ ଏକ ଆନ୍ତରିକ ପରିବେଶ ରହିବ। ଶରୀର ଏବଂ ମନ ସହିତ ତୁମେ ସତେଜତା ଏବଂ ଆନନ୍ଦ ଅନୁଭବ କରିବ।




**କନ୍ୟା:** ଆଜି ଆପଣଙ୍କର କଳ୍ପନା ଶକ୍ତି ପୁରା ଭଲ ରହିବ। ସାହିତ୍ୟ ସୃଷ୍ଟି ପାଇଁ ଆଜି ଏକ ଭଲ ଦିନ। ଛାତ୍ରମାନେ ଶିକ୍ଷଣରେ ଭଲ ପ୍ରଦର୍ଶନ କରିବାକୁ ସମର୍ଥ ହେବେ। ଭାବପ୍ରବଣତା ଏବଂ ଯୌନତା ଆପଣଙ୍କ ପ୍ରକୃତିରେ ଅଧିକ ରହିବ। ପେଟ ଯନ୍ତ୍ରଣା ହେବାର ସମ୍ଭାବନା ଅଛି। ମନରେ ଭୟ ରହିବ। ମାନସିକ ସନ୍ତୁଳନ ବଜାୟ ରଖନ୍ତୁ।



**ତୁଳା:** ଆଜି ଆପଣଙ୍କର ବହୁତ ଭାବନା ରହିବ, ଯେଉଁ କାରଣରୁ କାହାର ଶବ୍ଦ କିମ୍ବା ଆଚରଣ ଦ୍ୱାରା ଆଘାତ ପାଇପାରନ୍ତି। ମାତାର ସ୍ୱାସ୍ଥ୍ୟ ଖରାପ ହେତୁ ବହୁତ ବିବ୍ରତ ହେବେ। ଆପଣଙ୍କର ଆତ୍ମ ସମ୍ମାନ ଆଘାତ ପାଇପାରେ। ଦୋଷତ୍ରୁଟି ଅନୁଭବ କରିବେ।



**ବିଛା:** ଆଜି ବହୁତ ଭାବପ୍ରବଣ ଏବଂ ସମ୍ବେଦନଶୀଳ ହେବ, ଯେଉଁଥିପାଇଁ ତୁମର କଳ୍ପନା ଏବଂ ସୃଜନଶୀଳତା ଉତ୍ପନ୍ନ ହେବ। ଆପଣ ଆଜି ସାହିତ୍ୟ ଲେଖା ଏବଂ କଳା କ୍ଷେତ୍ରରେ ସହଯୋଗ କରିବାକୁ ସମର୍ଥ ହେବେ। ପରିବାର ସଦସ୍ୟ ବିଶେଷ କରି ମା ସହିତ ସମ୍ପର୍କ ବୃଦ୍ଧି ପାଇବ। ସେଠାରେ ଛୋଟ ଯାତ୍ରା କିମ୍ବା ଭ୍ରମଣ ହୋଇପାରେ। ଆର୍ଥିକ ବିଷୟ ଉପରେ ଧ୍ୟାନ ଦେବେ।




**ଧନୁ:** ଆଜି ପ୍ରାରମ୍ଭରେ ଅସୁବିଧା ହୋଇପାରେ, ଆପଣଙ୍କର ନିର୍ଦ୍ଧାରିତ କାର୍ଯ୍ୟ ସମାପ୍ତ ହେବ ଏବଂ ଯାହା ବହୁତ ଖୁସି କରିବ। ଆର୍ଥିକ ଯୋଜନା ହେତୁ, ଆପଣଙ୍କର ଅନେକ ଅସୁବିଧା କମିବା ଆରମ୍ଭ କରିବ। ଚାକିରି ବ୍ୟବସାୟରେ ଆପଣଙ୍କର ସହକର୍ମୀମାନେ ସମର୍ଥିତ ହେବେ। ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ସାକ୍ଷାତ କରିବା ଆପଣଙ୍କ ଖୁସି ବଢାଇବ।



**ମକର:** ଆଜି ଆପଣଙ୍କର ବନ୍ଧୁ, ପରିବାର ସହିତ ଆପଣଙ୍କ ଦିନ ବହୁତ ଭଲ ହେବ। ସେମାନଙ୍କଠାରୁ ଉପହାର ଆପଣଙ୍କ ଖୁସିକୁ ଦ୍ୱିଗୁଣିତ କରିବ। ଭ୍ରମଣ ପାଇଁ ଏକ କାର୍ଯ୍ୟକ୍ରମ ହେବ ଏବଂ ସ୍ୱାଦିଷ୍ଟ ଖାଦ୍ୟ ପାଇବାର ସୁଯୋଗ ମିଳିବ। ଆଜି ଭଲ ଖବର ପାଇବେ ଏବଂ ଆର୍ଥିକ ଲାଭ ମଧ୍ୟ ଉପଲବ୍ଧ ହେବ। ନିଜ ସାଥୀଙ୍କ ସହିତ ଭଲ ସମୟ ଅତିବାହିତ କରନ୍ତୁ।



**କୁମ୍ଭ:** ଆଜି ଆପଣଙ୍କୁ କୋର୍ଟ ମାମଲା ଠାରୁ ଦୂରରେ ରହିବାକୁ ପରାମର୍ଶ ଦିଆଯାଇଛି। ମନରେ ଅସ୍ଥିରତା ରହିବ ଏବଂ ବିଭିନ୍ନ ଚିନ୍ତା ସୃଷ୍ଟି କରିବ। ସ୍ୱାସ୍ଥ୍ୟ ଖରାପ ହୋଇପାରେ। ବକ୍ତବ୍ୟ ଏବଂ ଆଚରଣରେ ନିଜକୁ ସଂଯମ କରିବା ଆବଶ୍ୟକ, ନଚେତ୍ କାହା ସହିତ କଳହ ହୋଇପାରେ। ଆଜି ଆପଣ ବହୁତ ଭାବପ୍ରବଣ ହେବେ। ଖର୍ଚ୍ଚ ପରିମାଣ ଅଧିକ ହେବ।



**ମୀନ:** ଆଜି, ଆପଣ ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଏବଂ ଲାଭ ପାଇବେ। ଲକ୍ଷ୍ମୀଜୀଙ୍କ ଆଶୀର୍ବାଦ ଆପଣଙ୍କ ଉପରେ ରହିବ। ପୁରୁଣା ସାଙ୍ଗମାନଙ୍କ ସହିତ ଆପଣ ଦିନକୁ ଉପଭୋଗ କରିବେ। ଏକ ଭ୍ରମଣ ଯାଇପାରନ୍ତି। ଆଜି ପତ୍ନୀ ଏବଂ ପିଲାମାନଙ୍କ ସହିତ ଭଲ ସମୟ କଟାନ୍ତୁ। ଆପଣ ବିବାହିତ ଜୀବନରେ ଆନନ୍ଦ ପାଇବେ।



ପ୍ରସ୍ତୁତି
ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ, (ଭାସ୍କର ନ୍ୟୁଜ): ଉମରକୋଟ ବ୍ଲକ ଅନ୍ତର୍ଗତ ବୁର୍ଜା । ଠାରେ ଥିବା ଯୁବକ ସଂଘ କାର୍ଯ୍ୟାଳୟ ଠାରେ ଆମ ଓଡ଼ିଶା ଓ ସ୍ୱେଚ୍ଛା ସେବୀ ଅନୁଷ୍ଠାନ ସାହାରା ର ମିଳିତ ଆନୁକୁଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରକୁ ବୁର୍ଜା ସରପଞ୍ଚ ନିରେନ୍ଦ୍ର ମାଝି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ହିରାଲାଲ ମାଝି, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ତଥା ସମାଜ ସେବୀ ଅଶୋକ କୁମାର ପ୍ରଧାନ, ସାହାରା ର ସମ୍ପାଦକ ମନୋଜ କୁମାର ଧଳ, ପୂର୍ବତନ ସରପଞ୍ଚ ବିରସିଂ ମାଝି, ଆମ ଓଡ଼ିଶା ସଦସ୍ୟ ଗଣେଶ ପ୍ରାସାଦ ରଣା । ପ୍ରମୁଖ ଯୋଗ ଦେଇଥିଲେ । ରକ୍ତ ସଂଗ୍ରହ ରେ ଉମରକୋଟ ବ୍ଲଡ ବ୍ୟାଙ୍କ ରୁ ଡକ୍ଟର ଉତ୍ସବ ମିଶ୍ର, ଲେବ ଟେକ୍ନିସିୟାନ ରାହୁଲ ଦେବ ବାରୋଇ, ନର୍ସିଂ ଅଫିସର ଶଶୀକାନ୍ତ ପଲେଇ, ଆଟେଣ୍ଡେଣ୍ଟ କୈଳାଶ ଭତ୍ର । ସହଯୋଗ କରିଥିଲେ । ରକ୍ତ ଦାତାଙ୍କ ନାମ - ଅଧ୍ୟାପକ ସାହାରା ରମେଶ ଚନ୍ଦ୍ର ପଟ୍ଟନାୟକ, ଶିକ୍ଷକ ଗଣେଶ ପ୍ରାସାଦ ରଣା, ସମିତି ସଭ୍ୟ ହିରାଲାଲ ମାଝି, ରାମଲାଲ ଗଣ୍ଡ, ଅରୁଣ ନାୟକ, ଲଖନ ମାଝି, ମହେଶ ଗୌଡ଼, । ଆଦ୍ରମ ଶଗଡ଼ିଆ, ବସନ୍ତ ଗଣ୍ଡ, ସମାଦାସ ପଜଣା, ରମେଶ ମାଝି, ଟୁନା କଲାର, ଲକ୍ଷିନାଥ ମାଝି, ରଂଜନ ବିଶାଳ, ସଦନ। ଗାଣ୍ଡା, ରମେଶ ଗଣ୍ଡ, । ଗଣେଶ ମାଝି, ଅମର ହରିଜନ, ଭଜ ଗଣ୍ଡ, ଜଗଦୀଶ ଗଣ୍ଡ, ଫୁଲସିଂ କଲାର, ପୁରେନ ମାଝି ଓ ବିକ୍ରମ ମାଝି । ଏହି ସମସ୍ତ କାର୍ଯ୍ୟକ୍ରମରେ ଆମ ଓଡ଼ିଶା ସଦସ୍ୟ ଗଣେଶ ପ୍ରାସାଦ ରଣା, ଶୁବରାଜ ଗଣ୍ଡ ପ୍ରମୁଖ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

## କୋଡିଙ୍ଗା ଏମ୍‌ଡିଙ୍କ ବିରୁଦ୍ଧରେ ଉପମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



କୋଷାଗୁମୁଡା, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ କୋଡୀଙ୍ଗା ଲ୍ୟାମ୍ପରେ କାର୍ଯ୍ୟରତ ଏମଡିଙ୍କ ମନୋମୁଖୀ ତଥା ଏକଚାଟିଆ କାର୍ଯ୍ୟ କଳାପରେ ଅତିଷ୍ଠ ହୋଇ ମଦେଇଗାଁ, କର୍ଚ୍ଚାମାଳ ଓ ଚିରିମା ଗ୍ରାମ ପଞ୍ଚାୟତର ଚାଷୀମାନେ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ସୋମବାର ଉପ ମୁଖ୍ୟମନ୍ତ୍ରୀପ୍ରଭାତୀ ପରିଡାଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ଯେଉଁଥିରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି କି, ଏମଡି ମହାଶୟ ଦୀର୍ଘ ୧୫ବର୍ଷ ହେବ କୋଡୀଙ୍ଗା ଲ୍ୟାମ୍ପରେ କାର୍ଯ୍ୟରତ ରହି ରାଜ କରିବା ସହିତ ବେଆଇନ ତଥା ମନୋମୁଖୀ କାର୍ଯ୍ୟ କାର୍ଯ୍ୟ କରୁଛନ୍ତି । ଚାଷୀମାନଙ୍କ ଆବଶ୍ୟକତା ଓ ସମସ୍ୟାକୁ ଭ୍ରୁକ୍ଷେପ ନ କରି ଏକଚାଟିଆ କାର୍ଯ୍ୟରେ ଲିପ୍ତ ରହିଛନ୍ତି । ଏମଡିଙ୍କ ବିରୁଦ୍ଧରେ ପୂର୍ବରୁ ମଧ୍ୟ ମୁଖ୍ୟମନ୍ତ୍ରୀ ଓ ଡିଆରସିଏସଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଇଥିଲା । ହେଲେ ଉପରିସ୍ଥ ଅଧିକାରୀ ଓ ତଳସ୍ତରର ଅଧିକାରୀମାନଙ୍କ ମଧ୍ୟରେ ଲିଆଗୁଡର ସମ୍ପର୍କ ତଥା ମଧୁ ଚନ୍ଦ୍ରିକା ଯୋଗୁଁ ଏମ ଡିଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଗଲା ନାହିଁ । କେବଳ ଲୋକଦେଖାଣିଆ ପାଇଁ ଡିଆରସିଏସ ଏଆରସିଏସ ଓ ଏଆରସିଏସ ଏସଏଆରସିଏସଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲା । ଏସଏଆରସିଏସ କୋଡୀଙ୍ଗା ଲ୍ୟାମ୍ପରେ ତଦନ୍ତ କରି ଏମଡିଙ୍କୁ ଦୋଷୀ ପାଇବା ପରେ ମଧ୍ୟ ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ । ତେଣୁ ଉଚିତ ନ୍ୟାୟ ପ୍ରଦାନ ଓ ଅଞ୍ଚଳକୁ ଭ୍ରଷ୍ଟାଚାର ମୁକ୍ତ ପାଇଁ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କୁ ନିବେଦନ କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ସୁବ୍ରତ ମହାପାତ୍ର, ବିମଳ ବିଶୋଇ, ସିମନ ବିଶୋଇ,ଯୁଧିଷ୍ଠିର ମାଳି, ସୂର୍ଯ୍ୟ ମାଳି,ମନୋଜ ବିଶୋଇଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଚାଷୀମାନେ ଉପସ୍ଥିତ ରହିଥିଲେ ।

### ଛେଳି ଟଙ୍କା ପାଇଁ ଗଲା ଜୀବନ
## ହତ୍ୟାକାରୀ ୨ ଭାଇ କୋର୍ଟଚାଲାଣ



ନୂଆପଡା, (ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖଡ଼ିଆଳ ଥାନା ଅନ୍ତର୍ଗତ ଚିଚେର ଗ୍ରାମର ଏକ ଚାଷ ଜମିରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣାରେ ଦୁଇ ହତ୍ୟା କାରି ଭାଇଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ । ପୁଲିସ ସୂତ୍ରରୁ ପ୍ରକାଶ ଯେ ଶୁକ୍ରବାର ଦିନ ଅଭିଯୁକ୍ତ ସଦାଶିବ ବୈଠାରୁ (୩୦), ଦିନ ପାନ (୪୫) ଛେଳି କିଣିବା ପାଇଁ ନେହେନା ଗ୍ରାମର ପ୍ରେମ ସୁନାନୀଙ୍କ ପାଖକୁ ଯାଇଥିଲେ । ଉଭୟଙ୍କ ମଧ୍ୟରେ ଛେଳି କିଣା ବିକା ମୂଲଚାଲ ନହେବାରୁ ଉଭେୟ ସଦାଶିବ ବୈଠାରୁଙ୍କ ଚିଚେର ସ୍ଥିତ ଭଡା ଘରକୁ ଆସି ଖିଆ ପିଆ ସରିବା ପରେ ମୃତକ ଦିନ ପାନଙ୍କୁ ରାତ୍ର ଦଶ ଘଣ୍ଟା ସମୟରେ ମଣ୍ଡୋସିଲ ଗ୍ରାମକୁ ଛାଡି ନେବାକୁ କହି ଚିଚେର ଝରଣା ପାଖରେ ଥିବା ସବୁଆନ ବଣରେ ସଦାଶିବ ବୈଥରୁ (୩୦) ଓ ଭାଇ କାର୍ତ୍ତିକ ବୈଠାରୁ (୧୯) ଦିନ ପାନ ଧରିଥିବା ଗାମୁଛାରେ ଦିନ ପାନର ବେକକୁ ଚିପି ହତ୍ୟା କରିଥିଲେ । ହତ୍ୟାର କାରଣ ହେଉଛି ଦିନ ପାନ ଛେଳି କିଣିବା ପାଇଁ ଧରିଥିବା ଟଙ୍କାକୁ ଲୁଟ କରିବା । ସଦାଶିବ ଗାମୁଚାରେ ବେକକୁ ଚିପିଥିବା ବେଳେ କାର୍ତ୍ତିକ ବୈଠାରୁ ଗୋଡ ଦୁଇଟିକୁ ଜାବୁଡି ଧରୁଥିଲେ । ଘଟଣାସ୍ଥଳରେ ଅଳ୍ପ ସମୟ ମଧ୍ୟରେ ଦିନ ପାନଙ୍କ ମୃତ୍ୟୁ ହୋଇଯାଇଥିଲା । ସାବୁଆନ ବଣରେ ହତ୍ୟା କରି ଶବକୁ ନେଇ ଗୋଟିଏ ଚାଷ ଜମିରେ ଫିଙ୍ଗି ଦେଇଥିଲେ । ଦିନ ପାନଙ୍କ ବାଇକକୁ ନିକଟରେ ଥିବା ପୋଖରୀରେ ଫିଙ୍ଗି ଦେଇଥିଲେ । ହତ୍ୟାକାରୀ ଦୁଇ ଭାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରି ଥିବା ଖଡ଼ିଆଳ ଆଇ,ଆଇ,ସି,ଦିଲୀପ କୁମାର ସାହୁ ପ୍ରକାଶ କରିଛନ୍ତି । ଦୁଇ ହତ୍ୟା କାରି ଖଡ଼ିଆଳ ସହରର ବ୍ରାହ୍ମଣ ପଡାର ବୋଲି ପୁଲିସ ସୂତ୍ରରୁ ପ୍ରକାଶ କରିଥିଲେ ।

## ବିଜେପିର ସଫେଇ କାର୍ଯ୍ୟକ୍ରମ



ଉମରକୋଟ, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଉମରକୋଟ ଭାଜପା ତରଫରୁ ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ନଗର ମଣ୍ଡଳର ବିଭିନ୍ନ ସ୍ଥାନରେ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ନେଇ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା । କେନ୍ଦ୍ରର ନିଷ୍ପତ୍ତି ଓ ନିର୍ଦ୍ଦେଶ କ୍ରମେ ଅଗଷ୍ଟ ମାସ କ୍ରାନ୍ତି ମାସରେ ସ୍ୱାଧୀନତା ଦିବସ ଥିବା ହେତୁ ୧୦ ତାରିଖ ଠାରୁ ୧୪ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ରଖାଯାଇଛି, ଯଥା ସ୍ୱଚ୍ଛ ଭାରତ, ତ୍ରିରଂଗା ଯାତ୍ରା, ହର ଘର ତ୍ରିରଂଗା ଓ ବିଭାଜନର ବିଭୀଷିକା । ଏହି ସମସ୍ତ କାର୍ଯ୍ୟକ୍ରମ ଗୁଡିକୁ ରାଜ୍ୟ, ଜିଲ୍ଲା,ବିଧାନସଭା କ୍ଷେତ୍ରର ପ୍ରତି ମଣ୍ଡଳରେ ପାଳନ କରିବାକୁ ନିର୍ଦ୍ଦେଶ ରହିଛି ।ଏହି ଅବସରରେ ନଗର ମଣ୍ଡଳ ତରଫରୁ ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡଙ୍କ ଉପସ୍ଥିତିରେ ଉମରକୋଟ ନଗରରେ ଥିବା ପ୍ରତ୍ୟେକ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଥିବା ସ୍ଥାନ ମାନଙ୍କରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମାନ୍ୟବର ମନ୍ତ୍ରୀ ଙ୍କ ସହ ରାଜ୍ୟ ସଂପାଦକ ଶ୍ରୀ ଯୁକ୍ତ ରମେଶ ଚନ୍ଦ୍ର ସାହୁ, ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢୀ, ସାଂସଦ ପ୍ରତିନିଧି ରାମ ନାୟକ, ନଗର ସଭାପତି ସନ୍ତୋଷ ଶର୍ମା, ନଗର ସାଧାରଣ ସମ୍ପାଦକ ପ୍ରଭାତ କୁମାର ନାୟକ, ଜିଲ୍ଲା ମହିଳା ସାଧାରଣ ସମ୍ପାଦିକା ମନ୍ଦିରା ନାୟକ,ପ୍ରଦୀପ ମିଶ୍ର, ସନ୍ତୋଷ ସରକାର, ଦୁକାଲୁ ମେହେର, ରାମ ଗଣ୍ଡ, ଲକ୍ଷ୍ମୀ କାନ୍ତ ପଟନାୟକ, ଶଂକର ମେସ୍ତ୍ରି, ଅକ୍ଷୟ ସାହୁ, ଅଜୟ ପାଣି ,ଜଟି ପଟନାୟକ, ସିଦ୍ଧାର୍ଥ ପଟନାୟକ, ଶୁକେସ ସରକାର, ଅଭିରାମ ଦାସ,ମିଲୁ ପଣ୍ଡା, ସତ୍ୟ ବେହେରା,ଶ୍ରୀନିବାସୀ ମୂର୍ତ୍ତି, ଟିଙ୍କୁ ଭାଇ, ହର ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ନଗର ମଣ୍ଡଳର ବହୁ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

### ଏକତରଫା ପ୍ରେମରୁ ଛାତ୍ରୀ ମୃତ୍ୟୁ ଘଟଣା
## ବିଜେଡିର ୧୨ ଘଣ୍ଟିଆ ବନ୍ଦ ପାଳନ



ରାଇଘର, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ଛାତ୍ରୀଙ୍କୁ ଏକତରଫା ପ୍ରେମ ଘଟଣାରେ ଦୁଇ ଅଭିଯୁକ୍ତକୁ ଜେରା ପରେ କୋର୍ଟ ଫରୱାର୍ଡ କରିଥିବା ପୋଲିସ ଏକ ସାମ୍ବାଦିକ ସମ୍ମିଳନୀରେ ଜଣାଇଛନ୍ତି । । ରାଇଘର ଅଞ୍ଚଳର ଝିଅ ଜୟପୁର ଠାରେ ଏକ କଲେଜରେ ବିଏସସି ନର୍ସିଂ ଦ୍ୱିତୀୟ ବର୍ଷର ଛାତ୍ରୀ ଥିଲେ । ହଷ୍ଟେଲ ରହି ଭଲ ପାଠ ପଢୁଥିଲେ, ଝିଅର ପଡ଼ୋଶୀ ଗ୍ରାମର ପୁଅ (ସତ୍ୟଜିତ ସରକାର)କୃଷି ବିଜ୍ଞାନ ଛାତ୍ର ପୀଡିତା ଛାତ୍ରୀକୁ ଏକ ତରଫା ପ୍ରେମ କରୁଥିଲେ । ପୀଡିତାଙ୍କୁ ଏଥିପାଇଁ ବାରମ୍ବାର ହଇରାଣ କରୁଥିଲେ । ଗତ ଜୁଲାଇ ୧୩ ତାରିଖ ଦିନ ଜୟପୁର ସହର ରେ ଛାତ୍ରୀ ଜଣକ ବଜାରକୁ ସଉଦା କିଣିବାକୁ ଯାଇଥିବା ବେଳେ ଏକ ତୋରଫା ପ୍ରେମ କରୁଥିବା ସତ୍ୟଜିତ ବିଚ ବଜାରରେ ଛାତ୍ରୀଙ୍କୁ ମାରପିଟ କରିଥିଲେ । ସତ୍ୟଜିତ ଛାତ୍ରୀଙ୍କୁ ଏତେ ମାଡ଼ ମାରିଥିଲେ ଆଖି ଓ ମୁହଁ ଫୁଲି ଯାଇଥିଲା ଯାହା ଜୟପୁର ଟାଉନ ଥାନା ପର୍ଯ୍ୟନ୍ତ କଥା ଗଲା କିନ୍ତୁ ପୋଲିସ ଉଭୟଙ୍କୁ ବୁଝାସୁଝା କରି ଛାଡିଦେଇଥିଲେ । ୧୫ ଜୁଲାଇରେ ଜୟପୁର ଟାଉନ ଥାନାରେ ପୀଡିତା ନିଜ ତରଫରୁ ଏକ ଏଫଆଇଆର ଦେଇଥିଲେ ଓ ନିଜ ଅଭିଭାବକଙ୍କ ସହ ଘରକୁ ଫେରି ଆସିଥିଲେ, ଜୟପୁର ପୋଲିସ କିନ୍ତୁ ଘଟଣାକୁ ଅତି ହାଲକାରେ ନେଇଥିଲେ । ସତ୍ୟଜିତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲେ । ଅନ୍ୟ ପଟେ ସତ୍ୟଜିତ ପୀଡିତା ଓ ତାଙ୍କ ପୁରୁଷ ବନ୍ଧୁଙ୍କ କିଛି ଫୋଟ ଓ ଭିଡିଓ ସୋସିଆଲ ମିଡ଼ିଆ ରେ ଭାଇରଲ କରିଥିଲେ । ଏଥିରେ ପୀଡିତା ଲୋକାଲଜ୍ଜା ସହି ନ ପାରି ୧୭ ଜୁଲାଇ ରେ ଘରେ ଥିବା ଘାସମରା ବିଷ ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ଘର ଲୋକ ଘାସମରା ବିଷ ଖାଇବା ଜାଣି ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର, କୋଣ୍ଡାଗାଁ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ଓ ଅବସ୍ଥା ଗୁରୁତର ହେବାରୁ ରାୟପୁର ନେଇଥିଲେ କିନ୍ତୁ ସ୍ୱାସ୍ଥ୍ୟବସ୍ଥାରେ କୌଣସି ଉନ୍ନତି ନ ହେବା ଯୋଗୁଁ ୨୧ ଜୁଲାଇରେ ଚିକିତ୍ସାଳୟ ପକ୍ଷରୁ ଘରକୁ ନେଇଯିବା ପାଇଁ ପରାମର୍ଶ ଦେଇଥିଲେ । ଏହା ନେଇ ମାତୃ ଆଶ୍ରମ ର ଅଧ୍ୟକ୍ଷା କାଦମ୍ବିନି ତ୍ରିପାଠୀ ସାମ୍ବାଦିକ ସମ୍ମିଳନୀ କରି ଦିଲ୍ଲୀ ଏମ୍ସ କୁ ଏୟାର ଲିଫ୍ଟ କରି ନେବାକୁ ଦାବି କରିଥିଲେ । ଝିଅର ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାକୁ ଭୁବନେଶ୍ୱର ଏମସ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଝିଅ ଅବସ୍ଥା ସଙ୍କଟାପନ୍ନ ଥିବା ଖବର ମିଳିଥିଲା । ଏମ୍ସ ମେଡ଼ିକାଲରେ ଚିକିତ୍ସାଧିନ ଅବସ୍ଥାରେ ଛାତ୍ରୀର ମୃତ୍ୟୁ ହୋଇଥିବା ସୂଚନା ମିଳିଥିଲା । ସୋମବାର ସକାଳ ୩ ଟା ସମୟରେ ନିଜ ଗାଁ ରେ ଶବ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଶବ ପହଞ୍ଚିବା ପରେ କାଦମ୍ବିନି ତ୍ରିପାଠୀଙ୍କ ସମେତ ବିଜେଡ଼ିର ପୂର୍ବତନ ସାଂସଦ ରମେଶ ମାଝୀ, ପୂର୍ବତନ ସାଂସଦ ପ୍ରଦିପ ମାଝୀ ପହଞ୍ଚି ଆଶ୍ୱାସନା ଦେବା ସହ ବିଜେଡି ବାର ଘଣ୍ଟିଆ ରାଇଘର ବନ୍ଦ ଡାକରା ଦେଇଛି । ଏହି ବନ୍ଦ ଡାକରା ରେ ବିଜେଡ଼ିର ପୂର୍ବତନ ସାଂସଦ ରମେଶ ମାଝୀ, ପ୍ରଦିପ ମାଝୀ, ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ଉପେନ୍ଦ୍ର ଗଣ୍ଡ, ସୁକଦେବ ଗଣ୍ଡ , ପୂର୍ବତନ ବ୍ଲକ ଅଧକ୍ଷ ଚିତ ଗଣ୍ଡ, ରାଇସିଂ ଗଣ୍ଡ ସମେତ ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଭ୍ୟ ତଥା କର୍ମୀ ଉପସ୍ଥିତ ଥିଲେ । ବେସରକାରୀ ଅନୁଷ୍ଠାନ ଶହ ଦୋକାନ ବଜାର ଏବଂ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା । ଦୁଇ ଅଭିଯୁକ୍ତ ସତ୍ୟଜିତ ସରକାରକୁ ଦଶପଲ୍ଲୀ ରୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ବନ୍ଧୁ ଉଦ୍ଧବ ନାୟକ ଜୟପୁର ମୁଖ୍ୟ ଚିକିତ୍ସାଳୟରେ ସୁରକ୍ଷା ଭାବେ କାମକରୁଥିବା ବେଳେ ସେଠାରୁ ତାକୁ ଗିରଫ କରି ରାଇଘର ଆଣିଥିଲେ ।

## ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା



ବୌଦ୍ଧ (ଭାସ୍କର ନ୍ୟୁଜ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବୌଦ୍ଧରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଅଛି । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପଶୁଧନ ଚିକିତ୍ସକ ଡ଼. ପ୍ରିୟବ୍ରତ ବେହେରା ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଏହା ସହ ସଙ୍କୁଳ ପ୍ରମୁଖ ଦଶରଥ ମେହେର , ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀବତ୍ସ ମିଶ୍ର ମଞ୍ଚରେ ଉପସ୍ଥିତ ଥିଲେ । ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଅଶୋକ କୁମାର ପୁରୋହିତ ଅତିଥି ପରିଚୟ ପ୍ରଦାନ କରିଥିଲେ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଫେଲ୍ ର ସଂଜ୍ଞା ବ୍ୟାଖ୍ୟା କରିବା ସହ ବିଜ୍ଞାନକୁ ମାନବ କଲ୍ୟାଣ ରେ ବିନିଯୋଗ କରିବା ପାଇଁ କୁନି ବିଜ୍ଞାନୀମାନଙ୍କୁ ଉତ୍ସାହିତ କରିଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟର ପୁରାତନ ଆଚାର୍ଯ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ ଜ୍ଞାନ ଦୀପ ପ୍ରଜ୍ୱଳିତ କରିଥିଲେ । ପରିଚାଳନା କମିଟି ର ସଦସ୍ୟା ପୁଷ୍ପାଞ୍ଜଳି ନାୟକ ଓ ତୃପ୍ତିମୟୀ ପଟ୍ଟନାୟକ ଉପସ୍ଥିତ ଥିଲେ । ବିଚାରକ ଭାବରେ ଦିଲ୍ଲୀପ ସାହୁ, ନବନିତା ବେହେରା , କାତ୍ୟାୟନୀ ପାଢ଼ୀ, ପ୍ରଫୁଲ୍ଲ ପ୍ରଧାନ, ଲକ୍ଷ୍ମୀ ନାରାୟଣ ପୁରୋହିତ, ଅନ୍ତର୍ଯ୍ୟାମୀ ନାୟକ, ଗୋପାଳ ଅମାତ, ଗୋବର୍ଦ୍ଧନ ପ୍ରଧାନ, ଦେବଦତ୍ତ ମହାପାତ୍ର , ସୁଦର୍ଶନ ମେହେର ଓ ସୌମିତ୍ରୀ ବାରିକ ଦାୟିତ୍ୱ ନିର୍ବାହ କରିଥିଲେ । ଉକ୍ତ ଜ୍ଞାନ ବିଜ୍ଞାନ ମେଳା ,ଶିଶୁ, ବାଲ୍ ଓ କିଶୋର ବର୍ଗରେ ବିଜ୍ଞାନ ଓ ଗଣିତ ବିଭାଗରେ ୨୪୦ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ମୁଖ୍ୟ ଅତିଥି ଲକ୍ଷ୍ମୀ ନାରାୟଣ ପୁରୋହିତ ଶିଶୁ ଭାଇ ଭଉଣୀ ମାନଙ୍କୁ ବିଜ୍ଞାନ ଓ ଗଣିତର ଗୁରୁତ୍ୱ ସହ ଭବିଷ୍ୟତରେ କିଭଳି ଜଣେ ଜଣେ ବୈଜ୍ଞାନିକ ହେବେ ଉତ୍ସାହିତ କରିଥିଲେ । ବିଦ୍ୟାଳୟ ସ୍ତରରେ ଚୟନ ହୋଇଥିବା ଶିଶୁ ଭାଇ ଭଉଣୀ ବିଭାଗ ସ୍ତରୀୟ ଜ୍ଞାନବିଜ୍ଞାନ ମେଳା ରେ ଯୋଗଦାନ କରିବେ । ଶେଷରେ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଙ୍କୁଳର ସମସ୍ତ ପ୍ରଧାନଆଚାର୍ଯ୍ୟ , ଅଭିଜ୍ଞ ଗୁରୁଜୀ ଗୁରୁମା, ସେବକ ସେବିକା ସହଯୋଗ କରିଥିଲେ ।

## ପଦ୍ମଶ୍ରୀ ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ୯୪ତମ ଜୟନ୍ତୀ ପାଳିତ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ): ପାରଳାଖେମୁଣ୍ଡି ଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଂଗୀତ ନାଟକ ଏକାଡେମୀ, ଭୁବନେଶ୍ୱର ଏବଂ ଭକ୍ତି ନୈବେଦ୍ୟ ସାଂସ୍କୃତିକ ଅନୁଷ୍ଠାନ, ପାରଳାଖେମୁଣ୍ଡିର ମିଳିତ ସହଯୋଗରେ ପଦ୍ମଶ୍ରୀ ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ୯୪ତମ ଜୟନ୍ତୀ ଉତ୍ସବ ମହା ଆଡମ୍ବରରେ ପାଳନ କରାଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ଗଜପତି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ହେମେନ୍ଦ୍ର ହନାଗା ଯୋଗ ଦେଇ କାର୍ଯ୍ୟକ୍ରମ କୁ ଉଦ୍ ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ପୌରାଧକ୍ଷା ଶ୍ରୀମତୀ ନିର୍ମଳା ସେଠୀ , ଓଡିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ତଥା ସଦସ୍ୟ ପଣ୍ଡିତ ରଘୁନାଥ ପାତ୍ର , ସୁଶ୍ରୀ ଅର୍ଜନା ମଙ୍ଗରାଜ, ଜିଲ୍ଲା ସଂସ୍କୃତି ଅଧିକାରୀ ଯୋଗ ଦେଇପଦ୍ମଶ୍ରୀ ପଣ୍ଡିତ ରଘୁନାଥଙ୍କ ସଙ୍ଗୀତ କଳା କୃତି ସମ୍ପର୍କ ରେ ଉଦବୋଧନ ଦେଇଥିଲେ । ଉକ୍ତ ସାଂସ୍କୃତିକ ସଭାରେ ନୃସିଂହ ଚରଣ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ମଞ୍ଚ ଶିଳ୍ପୀ ଆଦର୍ଶ ଦାସ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଆକାଶବାଣୀ ଓ ଦୂରଦର୍ଶନ ସ୍ୱୀକୃତି ପ୍ରାପ୍ତ କଣ୍ଠଶିଳ୍ପୀ ଡ.ଚନ୍ଦନ ଗନ୍ତାୟତଙ୍କ ନେତୃତ୍ୱରେ ଶର୍ମିଳା ସାମନ୍ତରା , ଆଶୁତୋଷ ମିଶ୍ର , ଅଞ୍ଜଳି ପାତ୍ର ଓ ଅମୃତା ପୁରୋହିତ ପଣ୍ଡିତ ରଘୁନାଥଙ୍କ ସଙ୍ଗୀତ ଗାନ କରିଥିଲେ । ସଂଗୀତ କାର୍ଯ୍ୟକ୍ରମ ପରେ ପଦାମୃତ ନୃତ୍ୟାୟନ ଓ ଶ୍ରୀ ଜଗନ୍ନାଥ ଓଡ଼ିଶୀ କଳାକେନ୍ଦ୍ର ଅନୁଷ୍ଠାନ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ ।

## ବୃକ୍ଷ ରକ୍ଷା ବନ୍ଧନ ଉତ୍ସବ ପାଳିତ

ବୌଦ୍ଧ, (ଭାସ୍କର ନ୍ୟୁଜ): ଚାରା ରୋପଣ ପରେ ତାର ସୁରକ୍ଷା ଓ ପୂଜନ ପାଇଁ ଆରମ୍ଭ ହୋଇଥିବା ଅଭିନବ ବୃକ୍ଷ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି । ରାକ୍ଷୀ ପୂର୍ଣ୍ଣିମାରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ଓ ପ୍ଲାଣ୍ଟ ଲଭର୍ସ ଆସୋସିଏସନ୍ ତରଫରୁ ମହାବିଦ୍ୟାଳୟ ପରିସରରେ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ନୂତନ ଭାବରେ ଯୋଗ ଦେଇ ଥିବା ବୌଦ୍ଧ ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଚ୍ଛାୟତ ଯୋଗ ଦେଇ ନୂତନ ଭାବରେ ସୃଷ୍ଟି କରାଯାଇଥିବା ଜଙ୍ଗଲ ରେ ବୃକ୍ଷ ପୂଜନ କରିଥିଲେ । ତାପରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନିର୍ମାଣ ହୋଇଥିବା ବଡ଼ ବଡ଼ ରାକ୍ଷୀଗୁଡ଼ିକୁ ଗଛରେ ବାନ୍ଧି ବା ସହ ଛାତ୍ର ଛାତ୍ରୀଙ୍କୁ ବୃକ୍ଷ ସୁରକ୍ଷା ପାଇଁ ଏପରି ଉଦ୍ୟମକୁ ପ୍ରଶଂସା କରିଥିଲେ । ଅନ୍ୟାନ୍ୟ ଅତିଥି ଭାବରେ ବରିଷ୍ଠ ଓକିଲ ସୁଧୀର କୁମାର କର୍ଣ୍ଣ , ପୂର୍ବତନ ଅଧକ୍ଷ ପ୍ରଶାନ୍ତ ମହାପାତ୍ର, ପ୍ଲାଣ୍ଟ ଲଭର୍ସ ଆସୋସିଏନର ସମ୍ପାଦକ, କପିଳ ମିଶ୍ର , ଅଧ୍ୟାପକ ଅମରେଶ ସାହୁ, ସଦାନନ୍ଦ ମହର, ଆମ ଓଡ଼ିଶା ର ସଂଯୋଜକ ଜ୍ଞାନେନ୍ଦ୍ର ରଥ ଇତ୍ୟାଦି ଯୋଗଦେଇ ଗଛରେ ରାକ୍ଷୀ ଥିଲେ । ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ସବୁ ଗଛରେ ରାକ୍ଷୀ ବାନ୍ଧି ପୂଜନ କରିଥିଲେ । ମୁଖ୍ୟ ଉଦ୍ୟୋକ୍ତା । ଅଧ୍ୟାପକ ଡ଼ଃ ପ୍ରବୀର କୁମାର ଦାସ ଏହି କାର୍ଯ୍ୟକ୍ରମକୁ ଆରିଚଳନା କରିଥିଲେ । ଶେଷରେ ସମସ୍ତେ ନିଶା ନିବାରଣ ପାଇଁ ଶପଥ ନେଇଥିଲେ ।ଏଠାରେ ଉଲ୍ଲେଖଯୋଗ୍ୟ ଯେ ୧୯୯୫ ମସିହାରୁ ଏହି ଅଭିନବ ଉଦ୍ୟମ ବୌଦ୍ଧ ଜିଲ୍ଲାରୁ ପ୍ରଥମେ ଆରମ୍ଭ ହୋଇ ଇତି ମଧ୍ୟରେ ଅନ୍ୟାନ୍ୟ ବହୁ ଜିଲ୍ଲା ତଥା ବହୁ ରାଜ୍ୟକୁ ବ୍ୟାପି ଯାଇଛି ।

## ତୁକଲାରେ ଗଙ୍ଗାଧର ଜୟନ୍ତୀ ପାଳିତ




ଖଡ଼ିଆଳ (ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ତୁକଲା ଗାଁ ର ଲଳିତ ଭବନ ଠାରେ ତୁକଲା ମେହେର ସମାଜ ତରଫରୁ ସ୍ୱଭା କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି ।ଲିଙ୍ଗରାଜ ମେହେରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦେଇ ଥିବା ବେଳେ ଗଙ୍ଗାଧର ସାହିତ୍ୟ ବିଶ୍ୱର ଏକ ପ୍ରତିଷ୍ଠିତ ସାହିତ୍ୟର ମାନ୍ୟତା ପାଇବାକୁ ଯୋଗ୍ୟ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସମିତି ସଭ୍ୟ ଟଙ୍କଧର ପଟେଲ ଯୋଗଦେଇ ମେହେର ସାହିତ୍ୟର ତୁଳନା ନାହିଁ ବୋଲି ମତ ଦେଇଥିଲେ ବପାଟଣାଗଡ ମହିଳା ମହାବିଦ୍ୟାଳୟର ଓଡ଼ିଆ ଅଧାପିକା ଅନୀତା ମେହେର ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ମେହେର ସାହିତ୍ୟର ମହନୀୟତା ଉପରେ ଆଲୋକପାତ କରିଥିଲେ ।ମେହେର ସାହିତ୍ୟ ଜନଜୀବନ ର ପ୍ରତିଛବି ବୋଲି ସେ ଅବିହିତ କରିଥିଲେ । ଦେବୀ ଚରଣ ମେହେର ସଂପାଦକୀୟ ବିବରଣୀ ପାଠ କରିଥିବା ବେଳେ ସନ୍ତୋଷ ମେହେର ଧନ୍ୟବାଦ୍ ଅର୍ପଣ କରିଥିଲେ । କବିଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ସହ ଗଙ୍ଗାଧର ଭବନ ନିର୍ମାଣ ସମ୍ପୂର୍ଣ କରିବାକୁ ମେହେର ସମାଜ ତୁକଲା ତରଫରୁ ଦାବି କରାଯାଇଥିଲା ଯାହାକୁ ମୁଖ୍ୟ ଅତିଥି ଗ୍ରହଣ କରିବା ସହ ଅତିଶୀଘ୍ର ଏହା କରାଯିବ ବୋଲି କହିଥିଲେ ।ଏ ଅବସରରେ ସମାଜସେବୀ ଲାଲୁ ମେହେର ଓ ନାରୀ ଶକ୍ତି ଜାଗରଣ ମଞ୍ଚ ପାଟଣାଗଡକୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଶିବାନୀ ମେହେର ପରିଚାଳନା କରିଥିବା ବେଳେ ତୁଷାର କାନ୍ତ ମେହେର ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ହିରାଧର ମେହେର, ଶିବ ସନ୍ତୋଷ ମେହେର,ଦିଲେଶ୍ୱର୍ ମେହେର, ଯଯାତି ମେହେର, ଜଗଦୀଶ ମେହେର, ମାମିନା ମେହେର, ସଂଯୁକ୍ତା ମେହେର, ଟଙ୍କଧର ମେହେର, ଲୋକନାଥ ମେହେର, ରତ୍ନାକର ମେହେର ପ୍ରମୁଖ ସହଯୋଗ କରିଥିଲେ ।

## ସ୍ୱଭାବ କବି ଗଙ୍ଗାଧରଙ୍କ ଜୟନ୍ତୀ ପାଳିତ

ବୌଦ୍ଧ, (ଭାସ୍କର ନ୍ୟୁଜ): ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଲୋକକଳା ଗ୍ରାମ ନାରାୟଣନଗର ଗ୍ରାମ ମଝିରେ ସ୍ଥାପନ କରାଯାଇଛି ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତି । ମେହେର ସମାଜର ମଉଡମଣୀ ତଥା ସମାଜର ସମ୍ମାନକୁ ଆଗକୁ ନେବାରେ ତାଙ୍କ ଭୂମିକା ଗୁରୁତ୍ୱ ପୂର୍ଣ୍ଣ । ଆଜି ମେହେର ସମାଜ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି । ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମେହେର ସମାଜର ମୁଖିଆ କୁଶ ମେହେର ପୂଜାକାର୍ଯ୍ୟ କରିଥିବା ବେଳେ ଭଗବାନ ମେହେର ସହଯୋଗ କରିଥିଲେ । ଏଥିରେ ମେହେର ସମାଜର ଅନେକ ବ୍ୟକ୍ତି ଯୋଗଦାନ କରି କବିଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖି ଥିଲେ । ପ୍ରତେକ ବର୍ଷ ଗ୍ରାମରେ ବିଭିନ୍ନ ପର୍ବ ପର୍ବାଣୀରେ କବିଙ୍କୁ ପୂଜା କରାଯିବାକୁ ଜନସାଧାରଣ ମାନଙ୍କୁ ଅନୁରୋଧ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ମଧୁ ମେହେର ସମାଜର ବରିଷ୍ଠ ବ୍ୟକ୍ତି ବିଶେଷ ଯୋଗ ଦେଇ କବିଙ୍କ ସ୍ମୃତି ଚାରଣ କରିଥିଲେ । କାର୍ଯ୍ୟକ୍ରମରେ ଉପେନ୍ଦ୍ର ମେହେର, ମହାଦେବ ମେହେର, ଗୋବିନ୍ଦ ମେହେର, ପିତାମ୍ବର ମେହେର, କୁଶ ମେହେର, ଡମ୍ବରୁ ମେହେର, ବଇଜୁ ମେହେର, ବାବୁ ମେହେର, ନେପାଳ ମେହେର, ୱାର୍ଡ ସଭ୍ୟ ସମାରୁ ମେହେର ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ୱାର୍ଡ ସଭ୍ୟ ବିବେକା ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ



ଗୁଣପୁର, (ଭାସ୍କର ନ୍ୟୁଜ): ରାୟଗଡା ଜିଲ୍ଲା ଅମଲା ସଂଘ ତରଫରୁ ୯ ଦଫା ଦାବି ପୂରଣ ନେଇ ସୋମବାର ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି । ରାଜ୍ୟ ଅମଲା ସଂଘଙ୍କ ଆହ୍ୱାନକ୍ରମେ ଜିଲ୍ଲା ସଂଘ କାର୍ଯ୍ୟକାରୀ ସଭାପତି ସୀମାଞ୍ଚଳ ପଣ୍ଡା, ସମ୍ପାଦକ ଅଜୟ ନାହାକ, ନେତୃତ୍ୱରେ ଗୁଣପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି । ଅମଲାମାନଙ୍କ ଚାକିରୀ ପ୍ରବେଶ ମୂଳ ଦରମା ଲେବୁଲ ୯ ଅନୁଯାୟୀ ପ୍ରଦାନ, ଅମଲାମାନଙ୍କ କ୍ରେଡ଼ ଗଠନ, ପ୍ରତି ଅମଲାଙ୍କ ପରିବାରର ପ୍ରତି ସଦସ୍ୟଙ୍କ ବୀମା ପ୍ରଦାନ, ୨୦୨୦ପୂର୍ବରୁ ଥିବା ନିୟମାନୁସାରେ ପୁନଃ ଥଇଥାନ ନିୟମ ଲାଗୁ କରିବା, ପୁରୁଣା ପେନସନ ଲାଗୁ କରିବା ଆଦି ବିଭିନ୍ନ ଦାବି ସରକାର ଯଥାଶୀଘ୍ର ପୁରଣ କରିବା ନେଇ ଅମଲା ମାନେ ଦାବି କରିବା ସହ ଆନ୍ଦୋଳନ ଜାରି ରଖିଛନ୍ତି । ଗୁଣପୁରରେ ସେକ୍ସନ ଅଫିସର ମନରଞ୍ଜନ କାର୍ଜି, ଭି ଅରୁଣା, ବିଶ୍ୱନାଥ ମଣ୍ଡଳ, ମୁରାରୀ ପଟ୍ଟନାୟକ, ଏ ଭି ରାମନା, ଗୁପ୍ତ ପାଣିଗ୍ରାହୀ, ପ୍ରବୀର ପାତ୍ର, ବସନ୍ତ ବେହେରା, ମନୋଜ ପାତ୍ର, ରାଧା ସେଠି, ଘନସି ମାଳି, ନନ୍ଦିତା ଶବର, ସୁମତି ଗମାଙ୍ଗ ପ୍ରମୁଖ ଯୋଗ ଦେଇ ଥିଲେ ।

## ଜିଲ୍ଲାସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ପାଳିତ



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା ଅନ୍ତର୍ଗତ ନୂଆଗଡ ବ୍ଲକ ର ଖଜୁରୀ ପଦା ର ବାବାସାହେବ କଲେଜ ପଡିଆ ଠାରେ ଜିଲ୍ଲା ସ୍ତରୀୟ ଆଦିବାସୀ ଦିବସ ମହା ଆଡମ୍ବରରେ ପାଳିତ ହୋଇଯାଇଛି । ଏଥିରେ ସକାଳ ୧୦ ଘଣ୍ଟା ସମୟ ଜିଲ୍ଲା ସଭାପତି ନିର ଭୁୟାଁ ଅଧକ୍ଷତା ରେ ବଡଫଦା ଠାରୁ ଏକ ବିରାଟ ଶୋଭାଯାତ୍ରା ରେ ଆଦିବାସୀ ମାନେ ବାଦ୍ୟଯନ୍ତ୍ର ସହ ସହର ପରିକ୍ରମା କରି ସଭା ସ୍ଥାନ ରେ ପହଞ୍ଚିଥିଲେ । ଦିନ ୧୧ ଘଣ୍ଟା ସମୟ ରେ ସଭା କାର୍ଯ୍ୟା ଆରମ୍ଭ । ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ସଭା ସାସଂଦ ନିର୍ଜନ ବିସି , ପୂର୍ବତନ ମୂଖ୍ୟମନ୍ତ୍ରୀ ଗିରୀଦର ଗମାଙ୍ଗ, ଦାଶରଥି ଗମାଙ୍ଗ (ମୋହନା ବିଧାୟକ), ପବିତ୍ରମଣ୍ଡଳ ( ରାଜ୍ୟ ଅତିରିକ୍ତ ଇଲେସନ୍ କମିସନର) , ଅଶୋକ ଭୂୟାଁ ରିଟାର୍ଡ ଓଏଏସ୍ ଅଫିସର ମଞ୍ଚ ଉପରେ ଉପସ୍ଥିତ ଥିଲେ । ସମସ୍ତ ଅତିଥିମାନେ ଆଦିବାସୀ ମାନଙ୍କ ଉନ୍ନତି କିପରି ହେବ ତାହା ଉପରେ ଅଲକ ପାତ କରିଥିଲେ । ଜିଲ୍ଲା ସମସ୍ତ ଗ୍ରାମ ରୁ ୧୦ହଜାରୁ ଅଧିକ ସମାବେଶ ହୋଇଥିଲେ । ବ୍ଲକ୍‌ର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ନେମସ୍ପେସ ରାଇକା ଧନ୍ୟବାଦ ଅର୍ପଣ । କରିଥିଲେ ।

## ଉପମୁଖ୍ୟମନ୍ତ୍ରୀଙ୍କୁ ଖଡ଼ିଆଳ ବିକାଶ ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ



ଖଡ଼ିଆଳ, (ଭାସ୍କର ନ୍ୟୁଜ): ନୂଆପଡ଼ା ଜିଲ୍ଲାକୁ ଦୁଇଦିନିଆ ଗସ୍ତରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆସିଥିଲେ । ଖଡ଼ିଆଳ ମିଶନ ଶକ୍ତି କାଫେରେ ସ୍ୱାଗତ କରାଯାଇଥିଲା । ଏହି ଉପଲକ୍ଷେ ଖଡିଆଳ ବିକାଶ ମଞ୍ଚ ପକ୍ଷରୁ ବହୁମୁଖୀ ଯୋଜନା, ଉପରେ ଦୁଇ ଗୋଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଜିଲ୍ଲାର ଏକମାତ୍ର ମହିଳା ଡିଗ୍ରୀ କଲେଜକୁ ସରକାରୀ ମାନ୍ୟତା, ଖଡିଆଳ ମହିଳା ଡିଗ୍ରୀ କଲେଜ୍‌କୁ ୧ ଟଙ୍କା ପ୍ରିମିୟମରେ ସରକାରୀ ଜମି ପ୍ରଦାନ, ଖଡିଆଳ ଠାରେ ମହିଳା ବୈଷୟିକ ଶିକ୍ଷା କେନ୍ଦ୍ର ସ୍ଥାପନ, ମହିଳା ଉଚ୍ଚ ଶିକ୍ଷା ପାଇଁ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀବାସ, ଖଡିଆଳ ଠାରେ ମହିଳା ଙ୍କ ପାଇ ସରକାରୀ ଏଏନ୍‌ଏମ କେନ୍ଦ୍ର ସ୍ଥାପନ, ଜିଲ୍ଲାର ପାଞ୍ଚ ଗୋଟି ବ୍ଲକ୍ ରେ କୁଟୀର ଶିଳ୍ପ ବିକାଶ ସାଙ୍ଗକୁ ବୟନଶିଳ୍ପ କେନ୍ଦ୍ର ସ୍ଥାପନ, ପାଇଁ ଦାବି ଉପସ୍ଥାପନ କରିଛନ୍ତି । ଖଡିଆଳ ବିକାଶ ମଞ୍ଚ ସମ୍ପାଦକ ତପନ ଦାସ ଦାବି ଉପସ୍ଥାନ କରିଥିଲେ ।



ମାଲକାନଗିରି (ଭାସ୍କର ନ୍ୟୁଜ): ସୁକମା ଜିଲ୍ଲାର ଜାଗରଗୁଣ୍ଡା ପୋଲିସ ଦ୍ୱାରା ନକ୍ସଲ ନିପାତ ଅଭିଯାନ ସମୟରେ ଆଇଇଡି ବିସ୍ଫୋରଣରେ ଜଡିତ ୨ ଲକ୍ଷ ଟଙ୍କା ପୁରସ୍କାର ରାଶି ଥିବା ୩ ଜଣ ନକ୍ସଲଙ୍କୁ ଗିରଫ କରିବାରେ ସଫଳ ହୋଇଛି। ପୋଲିସର ସୂଚନା ଅନୁଯାୟୀ, ଜିଲ୍ଲାର ବରିଷ୍ଠ ଅଧିକାରୀଙ୍କ ନିର୍ଦ୍ଦେଶରେ ନକ୍ସଲ ନିପାତ ଅଭିଯାନ ଚାଲିଛି, ଏହି ସମ୍ପର୍କରେ ଶନିବାର ସୂଚନାଦାତାଙ୍କ ସୂଚନା ପାଇ ଜାଗରଗୁଣ୍ଡା ପୋଲିସ ଷ୍ଟେସନରୁ ଜିଲ୍ଲା ଫୋର୍ସ ଏବଂ ୧୫୦ ବାଟାଲିୟନ ସିଆରପିଏଫର ଏକ ମିଳିତ ଦଳ କ୍ୟାମ୍ପ ସିଲଗର ୧୫୦ ବାଟାଲିୟନ ସିଆରପିଏଫ ବାହିନୀକୁ ଆଲିଗୁଡ଼ା ଗ୍ରାମ, ଜୋନାଗୁଡ଼ା ଏବଂ ନିକଟବର୍ତ୍ତୀ ଅଞ୍ଚଳକୁ ନକ୍ସଲ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପଠାଯାଇଥିଲା। ଅପରେସନ୍ ସମୟରେ, ପୋଲିସ ଷ୍ଟେସନ ଜାଗରଗୁଣ୍ଡା ମାମଲାରେ ଆଲିଗୁଡେମ୍ ଏବଂ ଜୋନାଗୁଡ଼ା ଗ୍ରାମରୁ ପଳାୟନ କରିଥିବା ୩ଜଣ ନକ୍ସଲବାଦୀ,ସୋଡି ନନ୍ଦୁ ଓରଫ ଭୀମା (୨ ଲକ୍ଷ ଟଙ୍କା ପୁରସ୍କାର ସହିତ ମିଲିସିଆ କମାଣ୍ଡର),ପୁନେମ୍ କୋସା (ମିଲିସିଆ ସଦସ୍ୟ) ଏବଂ ମଦକାମ୍ ପୋଡିଆ (ମିଲିସିଆ ସଦସ୍ୟ)ଙ୍କୁ ଗିରଫ କରାଯାଇଛି। ସମସ୍ତ ନକ୍ସଲ ଅଭିଯୁକ୍ତ ୨୩ ଜୁନ୍ ୨୦୨୪ ରେ ଜାଗରଗୁଣ୍ଡା ଥାନା ଅନ୍ତର୍ଗତ ଟିମ୍ମାପୁରମ୍ ଗ୍ରାମ ନିକଟରେ ଆଇଇଡି ଲଗାଇବା ଏବଂ ୨୦୧ କୋବ୍ରା କର୍ପସର ଟ୍ରକ୍ ବିସ୍ଫୋରଣ ଘଟଣାରେ ସମ୍ପୃକ୍ତ ଥିଲେ ଯେଉଁଥିରେ ୨ ଜଣ ସୈନିକ ସହିଦ ହୋଇଥିଲେ। ଘଟଣାସ୍ଥଳରୁ ବ୍ୟବହୃତ ଗୋଟିଏ ବ୍ୟାଟେରୀ ଉଦ୍ଧାର କରାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭୋଟବ୍ୟାଙ୍କ ରାଜନୀତିରେ...

ଆଣି ଦେଶରେ ଅରାଜକତା ସୃଷ୍ଟି କରିବାକୁ ଅପଚେଷ୍ଟା କରୁଛନ୍ତି । ସ୍ୱତନ୍ତ୍ର ସଂଶୋଧିତ ଭୋଟର ତାଲିକା (ଏସଆଇଆର) ଭଳି ନିୟମିତ ପ୍ରକ୍ରିୟାକୁ ରାଜନୈତିକ ଅସ୍ତ୍ର କରି ଏହି ଲୋକମାନେ ଅନୁପ୍ରବେଶକାରୀଙ୍କ ସପକ୍ଷରେ ଭୋଟ ବ୍ୟାଙ୍କ ରାଜନୀତି କରୁଛନ୍ତି । ତେବେ ପରିବାର କ୍ଷମତାଚ୍ୟୁତ ହେବା ବାସ୍ତବରେ ସେମାନଙ୍କୁ ଅଧିକ କଷ୍ଟ ଦେଇଛି । ଇଣ୍ଡି ମେଣ୍ଟର ଲୋକମାନେ ବିଶେଷ ଭାବରେ କଂଗ୍ରେସ ଦଳର ନେତା ରାହୁଲ ଗାନ୍ଧୀ ସବୁବେଳେ ସମ୍ବିଧାନର ଦୁହାଇ ଦେଇ ସମ୍ବିଧାନ ବିରୋଧୀ କାମ କରୁଛନ୍ତି । କଂଗ୍ରେସ ପାର୍ଟି ଦିଶାହୀନ ହେବା ରାହୁଲଙ୍କ ପାଇଁ ଦ୍ୱନ୍ଦର କାରଣ ହୋଇଛି । ସେ କହିଛନ୍ତି, ସ୍ୱତନ୍ତ୍ର ସଂଶୋଧିତ ଭୋଟର ତାଲିକା ପ୍ରଥମ ଥର ପାଇଁ ନୁହେଁ ବରଂ ସବୁ ରାଜ୍ୟରେ ଜାତୀୟ ସ୍ତରରେ ନିର୍ବାଚନ କମିଶନଙ୍କ ଏକ ନିୟମିତ ପ୍ରକ୍ରିୟା । ସ୍ୱାଧୀନତା ପରେ ଭୋଟର ତାଲିକାକୁ ସଂଶୋଧିତ ଏବଂ ବ୍ୟବସ୍ଥିତ କରିବା ପାଇଁ ନିର୍ବାଚନ କମିଶନଙ୍କ ଏକ ସ୍ୱତନ୍ତ୍ର ଏବଂ ନିରନ୍ତର ପ୍ରକ୍ରିୟା ରହିଛି । କଂଗ୍ରେସ ଦଳ ପ୍ରଥମେ ଇଭିଏମ ଉପରେ ମିଛ ଅଭିଯୋଗ ଆଣିବା ସହ ସମୟ ସମୟରେ ମହାରାଷ୍ଟ୍ର, ହରିୟାଣାର ପ୍ରସଙ୍ଗ ଉଠାଇ ଦେଶବାସୀଙ୍କ ସାମ୍ନାରେ ମିଛର ପାହାଡ ତିଆରି କରେ । ବିଶେଷ ଭାବରେ ୨୦୧୪, ୨୦୧୯ ଏବଂ ୨୦୨୪ ରେ ଅନେକ ରାଜ୍ୟରେ ଲଗାତାର ପରାଜୟ ଯୋଗୁଁ କଂଗ୍ରେସ ଦଳ ହତାଶାବସ୍ଥାରେ ଅଛି । କଂଗ୍ରେସ ପାଖରେ ନା କୌଣସି ସ୍ପଷ୍ଟ ପ୍ରସଙ୍ଗ ନାହିଁ, ନା କୌଣସି ନୀତି ଅଛି । କେବଳ ଏକ ପ୍ରତିକ୍ରିୟାଶୀଳ ଶକ୍ତି ଭାବରେ ଇଚ୍ଛାନୁସାରେ ନିଜର ରାଜନୈତିକ କାର୍ଯ୍ୟକ୍ରମ ତିଆରି କରୁଛନ୍ତି । ପ୍ରଥମେ କଂଗ୍ରେସ ଇଭିଏମକୁ ପ୍ରସଙ୍ଗ କରିଥିବା ବେଳେ ପରେ ରାଫେଲ ଉପରେ ମିଛ ଟିପ୍ପଣୀ ଦେଇଥିଲା । ତା'ପରେ ସୀମାରେ ଚୀନ୍ ସହିତ ଆମର ବିବାଦ ପ୍ରସଙ୍ଗରେ ଚୀନ୍‌କୁ ସମର୍ଥନ କରିଥିଲା । କଂଗ୍ରେସ ଭାରତୀୟ ସେନା ଏବଂ ଭାରତର ସାର୍ବଭୌମତ୍ୱ ଉପରେ ପ୍ରଶ୍ନ ଉଠାଇଥିଲେ, ଯେଉଁ ପ୍ରସଙ୍ଗରେ ମାନ୍ୟବର ନ୍ୟାୟପାଳିକା ମଧ୍ୟ ସ୍ୱାଧୀନ ଭାରତର କୌଣସି ରାଜନୈତିକ ବ୍ୟକ୍ତିତ୍ୱ ଉପରେ ଏତେ କଠୋର ମନ୍ତବ୍ୟ ଦେବାକୁ ବାଧ୍ୟ ହୋଇଥିଲେ । କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି ଯେ କଂଗ୍ରେସ ଦଳ ଏବଂ ତାଙ୍କର ନେତା ରାହୁଲ ଗାନ୍ଧୀ ଆଜି ବୈଚାରିକ ଦିଶାହୀନ ହୋଇଯାଇଛନ୍ତି । ଦେଶରେ ଅସ୍ଥିରତା ତିଆରି କରିବା ପାଇଁ ସେମାନଙ୍କର ସୁଚିନ୍ତିତ ରଣନୀତିର ଏକ ଅଂଶ ହେଉଛି ଅରାଜକତା ଏବଂ ଅହଂକାରର ସମିଶ୍ରଣ । ସେମାନଙ୍କର ସ୍ପଷ୍ଟ ନୀତି ହେଉଛି ଯେ ଯଦି ସେମାନେ ନିର୍ବାଚନ ଜିତିଯାଆନ୍ତି, ତେବେ ସବୁକିଛି ଠିକ୍ ଅଛି, କିନ୍ତୁ ଯେତେବେଳେ ସେମାନେ ହାରିଯାଆନ୍ତି, ସେତେବେଳେ ବ୍ୟବସ୍ଥାର ତ୍ରୁଟି ଉପରେ ଦୋଷ ଲଦନ୍ତି । ଗତ ଦୁଇ-ତିନି ଦିନ ମଧ୍ୟରେ ହୋଇଥିବା ବିତର୍କ ଏବଂ ବିବାଦ ପାଇଁ ଭାରତୀୟ ଗଣମାଧ୍ୟମକୁ ଧନ୍ୟବାଦ ଜଣାଇଛନ୍ତି ଶ୍ରୀ ପ୍ରଧାନ । ସେ କହିଛନ୍ତି ଗଣମାଧ୍ୟମ ପ୍ରାୟ ସମସ୍ତ ଟିଭି ଚ୍ୟାନେଲ ସତ୍ୟ ଏବଂ ପ୍ରମାଣ ଆଧାରରେ ରାହୁଲ ଗାନ୍ଧୀଙ୍କ ପ୍ରତ୍ୟେକ ମିଛକୁ ପର୍ଦ୍ଦାଫାଶ କରିଛନ୍ତି । ଟେକ୍ନୋଲୋଜି, ନିର୍ବାଚନ କମିଶନର ପ୍ରକ୍ରିୟା ତଥା ଦେଶର ସାଧାରଣ ଜ୍ଞାନ ଉପରେ ରାହୁଲଙ୍କ ଅନଭିଜ୍ଞ ଏଥିରୁ ସ୍ପଷ୍ଟ ଅନୁମେୟ । ଯେତେବେଳେ ନିର୍ବାଚନ କମିଶନ ଏକ ସାମ୍ବିଧାନିକ ଏବଂ ନିରପେକ୍ଷ ସଂସ୍ଥା ଭାବରେ ସେମାନଙ୍କୁ ସଠିକ୍ ତଥ୍ୟ ପ୍ରଦାନ କରନ୍ତି, ସେତେବେଳେ ସେମାନେ ସେହି ନିର୍ବାଚନ ଆୟୋଗଙ୍କୁ ନଷ୍ଟ କରିବା ଦେବା ଭଳି ମନ୍ତବ୍ୟ ଦିଅନ୍ତି । 'ଆମେ ପରମାଣୁ ବୋମା ପକାଇବୁ, ନିର୍ବାଚନ କମିଶନ ଖଣ୍ଡବିଖଣ୍ଡ ହେବା ଭଳି ଭାଷା ମଧ୍ୟ ସେମାନେ ବ୍ୟବହାର କରିବା ଦୁର୍ଭାଗ୍ୟଜନକ । କଂଗ୍ରେସ ଭାରତ ବିରୋଧୀ ଦେଶର ଭାଷା ବ୍ୟବହାର କରୁଛି । ରାଜନୀତି ପ୍ରସଙ୍ଗ ଆଧାରିତ ହେବା ଉଚିତ । କେବଳ ଅନୁପ୍ରବେଶକାରୀ କିମ୍ବା ଏକ ନିର୍ଦ୍ଦିଷ୍ଟ ବର୍ଗର ମନରେ ଭୟ ସୃଷ୍ଟି କରି ରାଜନୀତି କରିବା ଗଣତାନ୍ତ୍ରିକ ମୂଲ୍ୟବୋଧ ବିରୋଧୀ । ରାହୁଲ ଗାନ୍ଧୀ କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ କିମ୍ବା ଦେଶର ଜନସାଧାରଣଙ୍କ ନିଷ୍ପତ୍ତି ବିରୋଧରେ ଟିପ୍ପଣୀ ଦେଉନାହାନ୍ତି ବରଂ ଦେଶର ସାମ୍ବିଧାନିକ ବ୍ୟବସ୍ଥାକୁ ନଷ୍ଟ କରିବା ଭଳି କଥା କହୁଛନ୍ତି । କଂଗ୍ରେସ ସମେତ ବିରୋଧୀ ଦଳ ସଂସଦରେ 'ଅପରେସନ୍ ସିନ୍ଦୂର' ଉପରେ ଆଲୋଚନା ପୂର୍ବରୁ ବହୁତ ହଙ୍ଗାମା କରିଥିଲେ, କିନ୍ତୁ ଯେତେବେଳେ ସଂସଦରେ ଏହା ଉପରେ ବିତର୍କ ହେଲା, ସେତେବେଳେ ସେମାନଙ୍କ ପାଖରେ କୌଣସି ପ୍ରସଙ୍ଗ ନଥିଲା ।

## ସଂସଦରୁ...

ନେତାଙ୍କୁ ପୋଲିସ ଗିରଫ କରିଥିଲା। ଫଳରେ ସାଂସଦମାନେ ପ୍ରତିବାଦକୁ ନିର୍ବାଚନ କମିଶନଙ୍କ ନିକଟକୁ ନେଇପାରି ନଥିଲେ। ସେପଟେ ନିର୍ବାଚନ କମିଶନଙ୍କ ବାହାରେ ଦିଲ୍ଲୀ ପୋଲିସ ସହ ପାରା ମିଲିଟାରୀ ଫୋର୍ସର ଯବାନମାନଙ୍କୁ ମୁତୟନ କରାଯାଇଥିଲା। ଅନେକ ସାଂସଦ ବ୍ୟାରିକେଡ ଉପରେ ଚଢି ଡେଇଁ ପଡ଼ିଥିଲେ। ଟିଏମ୍‌ସି ସାଂସଦ ସାଗରୀକା ଘୋଷ ଓ ମହୁଆ ମୈତ୍ରା ବ୍ୟାରିକେଡ ଉପରେ ଚଢିଥିଲେ। ଏ ନେଇ ରାହୁଲ ଗାନ୍ଧୀ କହିଛନ୍ତି, ସତକଥା ହେଉଛି ସେମାନେ ସତ କହିପାରିବେ ନାହିଁ । ଦେଶ ସାମ୍ନାରେ କିନ୍ତୁ ସତ ରହିଛି। ଏହା କୌଣସି ରାଜନୈତିକ ଲଢେଇ ନୁହେଁ, ଏହା ସମ୍ବିଧାନ ବଞ୍ଚାଇବାର ଲଢେଇ। ଏହା ଜଣେ ବ୍ୟକ୍ତି ଓ ଗୋଟିଏ ଭୋଟର ଲଢେଇ। ଆମେ ଏକ ସ୍ୱଚ୍ଛ ଭୋଟର ତାଲିକା ଚାହୁଁଛୁ। ସେହିପରି ପ୍ରିୟଙ୍କା ଗାନ୍ଧୀ କହିଛନ୍ତି, ସରକାରୀ କଳ ଭୟଭୀତ ହୋଇପଡ଼ିଛି। ଏ ସରକାର ଏକ ଡରୁଆ ସରକାର। ସେହିପରି ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, କେବଳ ୩୦ ନୁହେଁ, ସମସ୍ତ ବିରୋଧୀ ନିର୍ବାଚନ ଆୟୋଗଙ୍କ ପାଖକୁ ଯିବେ। ସେହିପରି ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ କହିଛନ୍ତି, ଆମେ କମିଶନଙ୍କ ନିକଟକୁ ଯିବା ପାଇଁ ପ୍ରସ୍ତୁତ, କିନ୍ତୁ ପୋଲିସ ଯିବାକୁ ଦେଉନାହିଁ । ସୂଚନାଯୋଗ୍ୟ ଯେ ପ୍ରତିବାଦ ପୂର୍ବରୁ ନିର୍ବାଚନ କମିଶନ ବିରୋଧୀ ଦଳର ୩୦ଜଣିଆ ପ୍ରତିନିଧି ଦଳକୁ ସାକ୍ଷାତ ପାଇଁ ଡାକିଥିଲେ। କଂଗ୍ରେସ ସାଂସଦ ଜୟରାମ ରମେଶଙ୍କୁ ଚିଠି ଲେଖି ସୋମବାର ମଧ୍ୟାହ୍ନ ୧୨ଟାରେ ସାକ୍ଷାତ ପାଇଁ ସମୟ ଦେଇଥିଲେ। ଏହା ଉପରେ ବିରୋଧୀ କହିଛନ୍ତି, ଆମେ ସମସ୍ତେ ଯଦି ଆୟୋଗଙ୍କ ପାଖକୁ ଯିବୁ ଯିବୁ, ନହେଲେ କେହି ବି ଯିବୁନି। ବର୍ତ୍ତମାନ ଭୋଟର ତାଲିକାରେ ତ୍ରୁଟିକୁ ନେଇ ସଂଗ୍ରାମ ଜାରି ରହିଛି। ରାହୁଲଙ୍କ ସମେତ ଅନେକ ବିରୋଧୀ ନେତା ନିର୍ବାଚନ ଆୟୋଗଙ୍କ କାର୍ଯ୍ୟଶୈଳୀକୁ ନେଇ ଅନେକ ପ୍ରଶ୍ନ ଉଠାଇଛନ୍ତି। ରାହୁଲ ସିଧାସଳଖ ଆୟୋଗଙ୍କ ଉପରେ ଭୋଟ ଚୋରିର ଆରୋପ ଲଗାଇଛନ୍ତି। ଏଥିପାଇଁ ସେ ଏକ ଅଭିଯାନ ଆରମ୍ଭ କରି ଏକ ୱେବ୍‌ସାଇଟ୍ ମଧ୍ୟ ଲଞ୍ଚ କରିଛନ୍ତି। ଏହା ସହିତ ଏହି ଅଭିଯାନରେ ଯୋଡ଼ି ହେବାପାଇଁ ଲୋକଙ୍କୁ ମଧ୍ୟ ଅପିଲ କରିଛନ୍ତି।

## ଲୋକଙ୍କ ସେବାରେ...

ବ୍ୟକ୍ତିଙ୍କୁ ଜଣ ଜଣ କରି ଭେଟିଥିଲେ ଏବଂ ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଅଭିଯୋଗକାରୀ ମାନଙ୍କ ଅଭିଯୋଗ ଶୁଣିଥିଲେ। ମୁଖ୍ୟମନ୍ତ୍ରୀ, ସାଧାରଣ ଲୋକଙ୍କ ସୁଖ ଦୁଃଖ ଶୁଣିବା ଏବଂ ସମସ୍ୟାର ସମାଧାନ ଉପରେ ସବୁବେଳେ ଗୁରୁତ୍ୱ ଦେଇଥାନ୍ତି । ଆଜି ଆସିଥିବା ଅଭିଯୋଗକାରୀମାନଙ୍କ ମଧ୍ୟରେ କିଛି ଜଣ ନିଜ ନିଜ ସମସ୍ୟାକୁ ନେଇ ବିଚଳିତ ହେଉଥିବାରୁ, ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଭରସା ଓ ଆଶ୍ୱାସନା ଦେଇ ବୁଝାଇଥିଲେ ଏବଂ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଆଶ୍ୱାସନା ଭରା କଥାରେ ଚିନ୍ତିତ ଲୋକମାନଙ୍କ ମୁହଁରେ ଆଶାର କିରଣ ଦେଖାଦେଇଥିଲା ଏବଂ ସେମାନେ ଆଶ୍ୱସ୍ତ ହୋଇ ଫେରିଥିଲେ। ଆଜି ପ୍ରକୋଷ୍ଠ ମଧ୍ୟରେ ଗ୍ରହଣ କରାଯାଇଥିବା ସମସ୍ତ ଅଭିଯୋଗ ଗୁଡିକର ପ୍ରତିବିଧାନ ପାଇଁ ଉପସ୍ଥିତ ସମ୍ପୃକ୍ତ ବିଭାଗର ସଚିବମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମଣ୍ଡଳର ୮ ଜଣ ବରିଷ୍ଠ ମନ୍ତ୍ରୀ ଆଜି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସଚିବ ସ୍ତରୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ। ରାଜ୍ୟ ସରକାରଙ୍କ ଏହି ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ରାଜ୍ୟସ୍ତର ସହିତ ଜିଲ୍ଲାସ୍ତରରେ ମଧ୍ୟ ଅନୁଷ୍ଠିତ ହେଉଛି । ଏହି ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଜରିଆରେ ଅନେକ ଲୋକଙ୍କର ବର୍ଷ ବର୍ଷ ଧରି ପଡି ରହିଥିବା ସମସ୍ୟାର ସମାଧାନ ହୋଇପାରୁଛି। ଆଜି ମୁଖ୍ୟମନ୍ତ୍ରୀଙ୍କ ସହିତ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା ତଥା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ।

### Notice (Above 18 years of age)

By virtue of an affidavit sworn before the Executive Magistrate, Bhubaneswar, dated: 29.07.2025, I Madhumita Mishra, resident at- AIIMS Housing Complex, Sijua, Patrapada, Post-Dumduma, PS-Khandagiri, Bhubaneswar, Dist-Khurda, PIN-751019, declare that I have changed my name from Madhumita Mishra to Madhusmita Mishra. Henceforth, I shall be known as Madhusmita Mishra for all purposes.

### ଦ.ପୂ. ରେଳପଥ-ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ ସିନିୟର ଡିଏସଟିଇ/ଚକ୍ରଧରପୁର/ଦକ୍ଷିଣ ପୂର୍ବ ରେଳପଥ ତଳେ ଉଲ୍ଲେଖିତ ଟେଣ୍ଡର ନମ୍ବର ବିରୁଦ୍ଧରେ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ଟେଣ୍ଡର ୨୯.୦୮.୨୦୨୫ ଦିନ ୧୫.୦୦ ଘଣ୍ଟାରେ ଖୋଲା ରହିବ। ଏହି ଟେଣ୍ଡର ବିରୁଦ୍ଧରେ ମାନୁଆଲ୍ ପ୍ରସ୍ତାବଗୁଡ଼ିକୁ ଅନୁମତି ଦିଆଯାଇ ନାହିଁ ଏବଂ ଏପରି ଯେକୌଣସି ମାନୁଆଲ୍ ପ୍ରସ୍ତାବକୁ ଅଣଦେଖା କରାଯିବ। କ୍ରମିକ. ନଂ.-୧। ଟେଣ୍ଡର ନୋଟିସ୍ ନମ୍ବର: ଏସ୍‌ଟି-ସିକେପି-ଓଟି-୨୫-୨୬-୫୧, ତାରିଖ:୦୭.୦୮.୨୦୨୫। କାର୍ଯ୍ୟର ନାମ: ରାଜଖରସାୱାନ-ନୟାଗଡ଼, ପଡାପାହାର -ବୋଲାନିଖାଦାନ-ଗୁଆ ସେକ୍ସନରେ ଟିଆର୍‌ଆର୍(ପି) ଏବଂ ସିଟିଆର୍(ଏସ୍) ସହିତ ଜଡିତ ଏସ୍‌ଏଣ୍ଡ୍‌ଟି କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ଟ.୧,୨୯,୧୦,୫୨୮.୮୪। ସର୍ବଶ୍ରେଷ୍ଠ ମୂଲ୍ୟ: ଟ.୨,୧୪,୬୦୦। ସମାପ୍ତି ଅବଧି: ୧୫ (ପନ୍ଦର) ମାସ। କ୍ରମିକ.ନଂ.-୨। ଟେଣ୍ଡର ନୋଟିସ ନମ୍ବର: ଏସ୍‌ଟି-ସିକେପି-ଓଟି-୨୫-୨୬-୫୨, ତାରିଖ: ୦୭.୦୮.୨୦୨୫। କାର୍ଯ୍ୟର ନାମ: ରାଜଖରସାୱାନ ଜଙ୍କ-ପଦାପାହାଡ଼ ସେକ୍ସନରେ ଟିଆର୍‌ଆର୍(ପି) ସହିତ ଜଡିତ ଏସ୍‌ଏଣ୍ଡ୍‌ଟି କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ଟ.୧,୧୦,୩୦,୭୪୬:୯୦। ସର୍ବଶ୍ରେଷ୍ଠ ମୂଲ୍ୟ: ଟ.୨,୦୫,୨୦୦। ସମାପ୍ତି ଅବଧି: ୧୫ (ପନ୍ଦର) ମାସ। ୫ଓ.ନଂ.-୩. ଟେଣ୍ଡର ନୋଟିସ ନମ୍ବର: ଏସ୍‌ଟି-ସିକେପି-ଓଟି-୨୫-୨୬-୫୩, ତାରିଖ: ୦୭.୦୮.୨୦୨୫। କାର୍ଯ୍ୟର ନାମ: ଚକ୍ରଧରପୁର ଡିଭିଜନର କାଲୁଙ୍ଗା ଷ୍ଟେସନରୁ ମେସର୍ସ ଟାଇମ୍ସ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ ସେବା ପାଇଁ ପ୍ରସ୍ତାବିତ ପ୍ରାଇଭେଟ୍ ସାଇଡିଂ (ଜିସିଟି) ଉଡ଼ାଣ କରିବ। ଟେଣ୍ଡର ମୂଲ୍ୟ: ଟ.୨୯,୪୧,୩୨୭.୬୮। ସର୍ବଶ୍ରେଷ୍ଠ ମୂଲ୍ୟ : ଟ.୫୮,୮୦୦। ସମାପ୍ତି ଅବଧି: ୦୬ (ଛଅ) ମାସ। କ୍ରମିକ.ନଂ.-୪। ଟେଣ୍ଡର ନୋଟିସ ନମ୍ବର ଏସ୍‌ଟି-ସିକେପି-ଓଟି-୨୫-୨୬-୫୪, ତାରିଖ: ୦୭.୦୮.୨୦୨୫। କାର୍ଯ୍ୟର ନାମ: ଅପ୍ ଏବଂ ଡାଉନ୍ ଗ୍ରୀଡରେ ଗୋଟିଏ ଲୁପ୍ ଲାଇନ ଏବଂ ମାନିକୁଇ ଷ୍ଟେସନରେ ୭୦ ମିଟର ଲମ୍ବ ବିଶିଷ୍ଟ ଗୋଟିଏ ସିକ୍ ସାଇଡିଂ ପାଇଁ ପ୍ରସ୍ତାବ ସହିତ ଜଡିତ ଏସ୍‌ଏଣ୍ଡ୍‌ଟି କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ଟ.୨,୨୫,୮୨,୧୫୯.୦୪। ସର୍ବଶ୍ରେଷ୍ଠ ମୂଲ୍ୟ : ଟ.୨,୬୨,୯୦୦। ସମାପ୍ତି ଅବଧି: ୧୨ (ବାର) ମାସ। ଟେଣ୍ଡର ବିବରଣୀ ୱେବସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ ବିଡରମାନଙ୍କର ତୃତୀୟ ଶ୍ରେଣୀ ଡିଜିଟାଲ୍ ଦସ୍ତଖତ ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଆବଶ୍ୟକ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡର-ଫର୍ମ ମାଗଣାରେ ଜାରି କରାଯିବ।

(PR-502)

### WORKS DEPARTMENT — B-388

OFFICE OF THE SUPERINTENDING ENGINEER,
BHADRAK (R&B) DIVISION
e-mail: - bhadrakrnbdivision@gmail.com
Government of Odisha "e" Procurement Notice
Bid Identification No. SE (R&B) BDK- 10 /2025-26
No. 6251 / dt- 05.08.2025

Nature of work: - - Civil &EI Works
Number of works: -3(Three) No's
Amount put to Tender: - Rs.9.54 to 50.89
Class of Contractor: B Class ,B&C, HT or MV with Authorised Dealer of OEM
Date & Time of availability of bid document in the portal: - 16.08.2025
Last Date / Time of receipt of bid in the portal: ......25.08.2025.......up to 05.00 PM
Date of opening of bid: - Dt......26.08.2025 at 11.30 AM
Name & address of the Office inviting bid: - Superintending Engineer, Bhadrak (R&B) Division.
The bidders have to participate in ONLINE bidding only.
Further details can be seen from the e-procurement portal "http//tendersodisha.gov.in."
All future corrigendum will be available on ONLINE mode only.

Sd/-Superintending Engineer
Bhadrak (R&B) Division

OIPR 34079/11/0026/2526

### A-488

OFFICE OF THE SUPERINTENDING ENGINEER
MINOR IRRIGATION DIVISION, JASHIPUR
GOVERNMENT OF ODISHA
"e"-PROCUREMENT NOTICE
BID IDENTIFICATION No: 03 MID (JSP/2025-26)

1. Name of the Inviting Officer:- Superintending Engineer, Minor Irrigation Division, Jashipur
2. Name of the Work:- Improvement of MIPs in different Blocks of Mayurbhanj District under Impt. To Tank &MIPs, DPIW & Critical for the year 2025-26.
3. No. of Works:- 11 (Eleven) Nos.
4. Tender Amount Varies From:- 12.72 lakhs to 45.95 lakhs
5. Date and Time of Availability of BID Document in the Portal for online Bidding from: - Dt.16.08.2025 10.00hrs to Dt.25.08.2025 17.00hrs
6. Last Date and Time of receipt of Bids in the Portal:- Dt.25.08.2025 upto 17.00hrs
7. Last Date and Time for clarification up to: - Dt.25.08.2025 upto 17.00hrs
8. Date of opening of Bid: - Dt.26.08.2025 at 11.00hrs onwards

The detail tender call notice can also be seen in the DOWR website: http://dowrorissa.gov.in

Name & Address of the OIT : Superintending Engineer, M.I. Division, Jashipur, At/PO-Khairi /Dist: Mayurbhanj PIN-757091, E-Mail:-eemijashipur@yahoo.com

Further details can be seen from the e-Procurement market place. : http://tenderorissa.gov.in

- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/cancel any or all tenders without assigning any reason thereof.

Sd/- superintending Engineer
M.I. Division, Jashipur

OIPR 32282/11/0013/2526

### A-481

GOVERNMENT OF ODISHA
OFFICE OF SUPERINTENDING ENGINEER
MINOR IRRIGATION DIVISION, JEYPORE
E-mail ID: - mijeypore@yahoo.co.in
NOTICE INVITING TENDER
E-Procurement Notice
Bid Identification No. MIDJEY - 04/2025-26
Letter No 1195 Dt. 08.08.2025

The Superintending Engineer, Minor Irrigation Division, Jeypore on behalf of Governor of Odisha invites Percentage rate bids in Single cover system through Online Mode. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in

1. Name of the work : Improvement to MIPs under DPIW and Critical Grant 2025-26.
2. Total Number of work : 15 (Fifteen) Nos.
3. Estimated cost : Approximately Rs. 8.20 to 42.05 lakhs .
4. Period of completion : 02[Two],03[Three] and 04(Four) Calendar Months
5. Class of Contractor : "D", "C" and "B" Class Contractor
6. Date and time of availability of bid documents in the portal : From 10.00 A.M of 16.08.25 to 5.00 PM of 29.08.2025
7. Last date /time for receipt of bids in the portal : 5.00 pm on 29.08.2025
8. Date of opening of bid : At 11.00 A.M on 30.08.2025 in website (www.tendersorissa.gov.in)
9. Submission of Bids : Online mode
10. Name of the Officer inviting Bid : Superintending Engineer, Minor Irrigation Division, Jeypore
11. Further details can be seen from the Government of Odisha Web-site:www.tendersorissa.gov.in

Sd/-Superintending Engineer
M.I. Division, Jeypore

OIPR 32374/11/0013/2526

## ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

ଟାଙ୍ଗୀ (ଭାସ୍କର ନ୍ୟୁଜ): ରାଜସ୍ୱ ଅମଲାମାନଙ୍କ ପ୍ରତି ସରକାର ଙ୍କର ବୈମାତୃକ ମନୋଭାବ ପ୍ରତିବାଦରେ ରାଜ୍ୟ ଅମଲା ସଂଘର ଆହ୍ୱାନ କ୍ରମେ ଖୋର୍ଦ୍ଧା ଜିଲ୍ଲାର ଚିଲିକା ତହସିଲ, ଚିଲିକା ବ୍ଲକ ଏବଂ ବାଣପୁର ତହସିଲ, ବାଣପୁର ବ୍ଲକ ଓ ଟାଙ୍ଗୀ ତହସିଲ-ବ୍ଲକରେ କାର୍ଯ୍ୟରତ ଅମଲା କର୍ମଚାରୀ ମାନେ ଅମଲା ସଂଘ ର ନିଷ୍ପତ୍ତି ଅନୁସାରେ ୧୦ ଦଫା ଦାବିକୁ ନେଇ ଆଜି ଠାରୁ ଆରମ୍ଭ ହୋଇଛି ପେନ୍-ଡାଉନ୍ ଆନ୍ଦୋଳନ । ଦାବି ଅନୁସାରେ ସର୍ତ୍ତ ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ବଳବତ୍ତର ରହିବ ବୋଲି ଆନ୍ଦୋଳନକାରୀ ମାନେ କହିଛନ୍ତି ।

### जिला परिषद कार्यालय, पूर्वी सिंहभूम, जमशेदपुर।

**शुद्धि पत्र**

एतद द्वारा सूचित किया जाता है कि PR 358957 Panchayat Raj (25-26)D के माध्यम से प्रकाशित अति अल्पकालीन ई0 निविदा आमंत्रण सूचना संख्या – ESZP/JSR/Epro-09/2025–26 में संशोधन निम्नवत् है :–

| | | | |
|---|---|---|---|
| 1. | वेबसाईट पर निविदा प्रकाशन की तिथि | – | 08.08.2025 को पूर्वाह्न 11:00 बजे |
| 2. | निविदा प्राप्त करने की अंतिम तिथि | – | 20.08.2025 को अपराह्न 05:00 बजे तक |

नोट – अन्य सभी नियम एवं शर्ते यथावत रहेंगी।

जिला अभियंता,
जिला परिषद, पूर्वी सिंहभूम, जमशेदपुर।

PR 359345 (Panchayati Raj) 25-26 (D)

### कार्यपालक अभियन्ता का कार्यालय ग्रामीण कार्य विभाग, कार्य प्रमण्डल, कोडरमा

**शुद्धि – पत्र**

इस कार्यालय के ज्ञापांक–645, दिनांक–07.08.2025 द्वारा मुख्यमंत्री ग्राम सडक योजना अन्तर्गत आमंत्रित अल्पकालीन ई–पुर्ननिविदा आमंत्रण सूचना संख्यां–05(RI)/2025-26/RWD/EE/KODERMA, दिनांक–07.08.2025, PR-359202 Rural Work Department(2025-26) से प्रकाशित निविदा को अपरिहार्य कारणवश रद्द किया जाता है।

ह0/–
कार्यपालक अभियन्ता,
ग्रामीण कार्य विभाग, कार्य प्रमण्डल, कोडरमा

PR 359312 Rural Work Department(25-26)#D

### ଅତିରିକ୍ତ ଜିଲ୍ଲା ବିଚାରପତି ଙ୍କ ଅଦାଲତ କୁଚିଣ୍ଡା, ଜିଲ୍ଲା- ସମ୍ବଲପୁର

Order 5 Rule 20 C.P.C.
R.F.A. Case No34 /2024

ଶ୍ରୀକାନ୍ତ ଜାମୁଡ଼ାଲିଆ ........ ବାଦୀ
ବନାମ
ତ୍ରିଲୋଚନ ଜୟପୁରିଆ ଓ ଅନ୍ୟମାନେ ........ ପ୍ରତିବାଦୀ

ପ୍ରାପ୍ତେଷୁ,
ପ୍ରତିବାଦୀ ନଂ. ୨- ପ୍ରଫୁଲ୍ଲ ଜୟପୁରିଆ, ବୟସ ୭୫ ବର୍ଷ, ପିତା- ସ୍ୱର୍ଗତ ଖଡ଼ଗର ଜୟପୁରିଆ, [illegible]

ସ୍ୱା/-ଅତିରିକ୍ତ ଜିଲ୍ଲା ବିଚାରପତି ଙ୍କ ଅଦାଲତ କୁଚିଣ୍ଡା, ଜିଲ୍ଲା- ସମ୍ବଲପୁର

### ଅତିରିକ୍ତ ଜିଲ୍ଲା ବିଚାରପତି ଙ୍କ ଅଦାଲତ କୁଚିଣ୍ଡା, ଜିଲ୍ଲା- ସମ୍ବଲପୁର

Order 5 Rule 20 C.P.C.
R.F.A. Case No. 40/2023

[illegible] ........ ବାଦୀ
ବନାମ
[illegible] ........ ପ୍ରତିବାଦୀ

ପ୍ରାପ୍ତେଷୁ,
[illegible] Civil Suit no. 13/ 2015 [illegible]

ସ୍ୱା/-ଅତିରିକ୍ତ ଜିଲ୍ଲା ବିଚାରପତି ଙ୍କ ଅଦାଲତ କୁଚିଣ୍ଡା, ଜିଲ୍ଲା- ସମ୍ବଲପୁର

### ମହକୁମେ, ବରିଷ୍ଠ ଦେୱାନୀ ବିଚାରପତି ଙ୍କ ଅଦାଲତ, କୁଚିଣ୍ଡା, ଜିଲ୍ଲା- ସମ୍ବଲପୁର

Order 5 Rule 20 C.P.C.
ସିଭିଲ ମୋକଦ୍ଦମା ନଂ. ୧୭/୨୦୨୨

[illegible] ........ ବାଦୀ
ବନାମ
[illegible] ........ ପ୍ରତିବାଦୀ

ପ୍ରାପ୍ତେଷୁ,
[illegible] (Partition) [illegible]

ସ୍ୱା/-ବରିଷ୍ଠ ଦେୱାନୀ ବିଚାରପତି କୁଚିଣ୍ଡା, ଜିଲ୍ଲା- ସମ୍ବଲପୁର

### झारखण्ड सरकार कार्यपालक अभियंता का कार्यालय सिंचाई प्रमण्डल, पाकुड़।

अति अल्पकालीन ई– प्रोक्योरमंट सूचना
सूचना संख्या-WRD/IRR.DIV.PAKUR F2-04/2025-26 Date- 08-08-2025
(प्रथम आमंत्रण)

1. विज्ञापन दाता का नाम – कार्यपालक अभियंता, सिंचाई प्रमण्डल, पाकुड़।
2. वेबसाईट पर निविदा प्रकाशित होने की तिथि – 13.08.25 के 11:00 बजे पूर्वाह्न से।
3. निविदा अभिलेख प्राप्ति की अंतिम तिथि एवं समय – 21.08.25 को 5:00 बजे अपराह्न तक।
4. तकनीकी बीड खोलने की तिथि एवं समय – 23.08.25 को 1:00 बजे अपराह्न में।
5. निविदा आमंत्रित करने वाले कार्यालय का नाम एवं पता – सिंचाई प्रमण्डल, पाकुड़।
6. योजना मद का नाम – DMFT
7. प्रोक्योरमंट अधिकारी का संपर्क नं0 – 7677240428
8. ई–प्रोक्योरमंट सेल का हेल्प लाईन नं0 – 8709901543

कार्य का विस्तृत विवरणीः–

| क0 सं0 | ग्रुप सं0 | योजना का नाम | प्रखण्ड का नाम | प्राक्कलित राशि (रु0 में) | अग्रधन की राशि (रु0 में) | परिमाण विपत्र की राशि (रु0 में) | कार्य समाप्ति की अवधी |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | 01 | पंचायत– असकंधा, ग्राम– बोरियो में स्कुल भवन से तुलसीपुर REO रोड तक पी0सी0सी0 सड़क निर्माण। | महेशपुर | 9985400.00 | 200000.00 | 10000.00 | 120 दिन। |
| 2 | 02 | पंचायत– श्रीरामगड़िया, ग्राम– हुलियापाथड़ मे बंद पड़े खदान में जल जमाव से सिंचाई व्यवस्था। | महेशपुर | 2496900.00 | 50000.00 | 50000.00 | 120 दिन। |

9. सिर्फ ई–निविदा ही स्वीकार किये जाएंगे ज्यादा जानकारी http://jharkhand tender.gov.in पर प्राप्त की जा सकती है।
10. केवल ई–निविदा ही स्वीकार्य होगा। प्राक्कलित राशि घट–बढ़ सकता है, तदनुसार अग्रधन की राशि देय होगा।
11. विभागीय पत्रांक–430 दिनांक 19.11.2020 के अनुसार निविदित दर अनुमान्य दर से 10 प्रतिशत से अधिक नीचे दिये जाने पर 10 प्रतिशत से नीचे के दर पर Additional Performance security देय होगी।
12. निविदा शुल्क एवं अग्रधन की राशि का ई– भुगतान जिस खाता से किया जायेगा उसी खाते में अग्रधन की राशि वापस होगी ,अगर खाता को बन्द कर दिया जाता हे तो इसकी सारी जवाबदेही संबंधित निविदादाता की होगी।
13. निविदा प्रपत्र का मूल्य एवं अग्रधन की राशि केवल ऑनलाईन के माध्यम से स्वीकार्य होगा।
14 उपायुक्त, पाकुड़ के आदेश ज्ञापांक 522 दिनांक 12.07.2025 को अक्षरशः लागू किया जाएगा।

कार्यपालक अभियंता
सिंचाई प्रमण्डल, पाकुड़।

PR 359315 Irrigation(25-26)D

### झारखण्ड सरकार, कार्यपालक अभियंता का कार्यालय पेयजल एवं स्वच्छता प्रमंडल, गोन्दा, राँची

**अति अल्पकालिन ई0 प्रोक्योरमेन्ट निविदा सूचना**

T. Reference No. :- 12/O & M /Gonda — Date 11-08-2025

| Si. No. | Name of Work | Estimated Cost (in Lakhs.) | Bid Security (Lakhs.) | Cost of BOQ (Rs.) | Time of Completion |
|---|---|---|---|---|---|
| 1. | Annual Operation & maintenance of Gonda Water treatment plant under town water supply under D. W. & S. Division, Gonda, Ranchi for three Years 3 (Three) Years (2025-26, 2026-27 & 2027-28) | 497.52130 | 10.00000 | 10000.00 | 3 Years |
| 2. | Date of Tender Uploading on Website | 14.08.2025/02.00 PM. | | | |
| 3. | Document Download / Sale Start Date | 14.08.2025/02.00 PM. | | | |
| 4. | Pre-Bid Meeting Date | 18.08.2025/05.00 PM. | | | |
| 5. | Pre-Bid Meeting Place | Regional Chief Engineer, D.W. & S. Department Ranchi Zone Ranchi. | | | |
| 6. | Bid Submission Start Date | 19.08.2025/10.00 AM. | | | |
| 7. | Bid Submission End Date | 25.08.2025/04.00 PM. | | | |
| 8. | Date of Opening of Tender | 26.08.2025/04.00 PM. | | | |
| 9. | Name & Address of Office Inviting Tender | Executive Engineer, Drinking Water & Sanitation Division, Gonda, Ranchi. | | | |
| 10. | Name & Address of Opening Officer | Executive Engineer, Drinking Water & Sanitation Division, Gonda, Ranchi. | | | |
| 11. | Contact No. Of Procurement Office | 9931714236 | | | |

नोटः– 1. निविदा की राशि घट बढ सकती है। विशेष जानकारी के लिये वेबसाईट – http://jharkahndtenders.gov.in पर देखा जा सकता है।
2. परिमाण विपत्र का मूल्य एवं अग्रधन की राशि केवल Online Mode द्वारा स्वीकार्य होगी।
3. परिमाण विपत्र का मूल्य एवं अग्रधन की राशि का ई–भुगतान संवेदक द्वारा जिस बैंक खाता से किया जाएगा, उसी खाते में अग्रधन की राशि वापस होगी। अगर उस बैंक खाता को बन्द कर दिया जाता है तो उसकी सारी जवाबदेही निविदाकार की होगी।

कार्यपालक अभियंता
पेयजल एवं स्वच्छता प्रमंडल, गोन्दा, राँची

PR 359333 Drinking Water and Sanitation (25-26)_D



ନୂଆଦିଲ୍ଲୀ: ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, ସାରା ଦେଶର ନାଗରିକମାନଙ୍କୁ ଭାରତୀୟ ଜାତୀୟ ପତାକା – ତିରଙ୍ଗା – ସେମାନଙ୍କ ଘର ଏବଂ ହୃଦୟରେ ଅବସ୍ଥାପିତ କରିବା ପାଇଁ ପ୍ରେରଣା ଦେବା ନିମନ୍ତେ ଆଜାଦୀ କା ଅମୃତ ମହୋତ୍ସବ ଅଧୀନରେ ଆରମ୍ଭ ହୋଇଥିବା ହର ଘର ତିରଙ୍ଗା ଅଭିଯାନର ଚତୁର୍ଥ ସଂସ୍କରଣ ଗର୍ବର ସହିତ ଘୋଷଣା କରିଛି। କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ କହିଛନ୍ତି, ଚଳିତ ବର୍ଷ, ଆମେ ତିରଙ୍ଗା ଅଭିଯାନର ଚତୁର୍ଥ ସଂସ୍କରଣ ପାଳନ କରିବାକୁ ଯାଉଛୁ, ଯାହା ପାଇଁ ୫ ଲକ୍ଷରୁ ଅଧିକ ଯୁବକ ସ୍ୱେଚ୍ଛାସେବକ ଭାବରେ ପଞ୍ଜିକୃତ ହୋଇଛନ୍ତି। ଏହି ଯୁବକମାନେ ତିରଙ୍ଗା ଅଭିଯାନ ପାଇଁ ଲୋକମାନଙ୍କୁ ପ୍ରେରଣା ଦେବେ। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଉଦବୋଧନ ଦେଇ ଶ୍ରୀ ଶେଖାୱତ କହିଛନ୍ତି ଯେ, ହର ଘର ତିରଙ୍ଗା କେବଳ ଏକ ଅଭିଯାନ ନୁହେଁ – ଏହା ଏକ ଭାବପ୍ରବଣ ଆନ୍ଦୋଳନ ଯାହା ୧୪୦ କୋଟି ଭାରତୀୟଙ୍କୁ ଆମର ଜାତୀୟ ପତାକା ତଳେ ଏକତ୍ରିତ କରେ। ଏହାର ଲକ୍ଷ୍ୟ ହେଉଛି ଦେଶପ୍ରେମକୁ ଜାଗ୍ରତ କରିବା।

# ବିକାଶମୂଳକ କାର୍ଯ୍ୟର ଉଦ୍‌ଘାଟନ କଲେ ବିଷ୍ଣୁଦେବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ସୋମବାର ଶରଣଗଡ-ବିଲାଇଗଡ ଜିଲ୍ଲାରେ ୧୮୬କୋଟି ଟଙ୍କ ବ୍ୟୟରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଉଦ୍‌ଘାଟନ କରିଛନ୍ତି। ଏହି ଉପଲକ୍ଷେ ଶରଣଗଡରଲୋଚନ ପ୍ରସାଦ ପାଣ୍ଡେ କଲେଜ ପରିସରରେ ଆୟୋଜିତ ଏକ ସମାରୋହରେ ବିଷ୍ଣୁଦେବ ସାଏ ୯୬କୋଟି ଟଙ୍କାର ବିଭିନ୍ନ କାର୍ଯ୍ୟର ଉଦ୍‌ଘାଟନ ଓ ୯୦କୋଟି ଟଙ୍କାର ବିଭିନ୍ନ କାର୍ଯ୍ୟର ଭୂମି ପୂଜା କରିଥିଲେ। ଏଥିସହ ସେ ମଞ୍ଚରୁ ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ୧୩.୪୦କୋଟି ଟଙ୍କା ମଞ୍ଜୁର କରିଥିବାର ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ତାଙ୍କ ସମ୍ବୋଧନରେ କହିଥିଲେ ଯେ, ସେ ଏହି ଅଞ୍ଚଳର ସାଂସଦ ଭାବେ ଦୀର୍ଘଦିନ ହେବ କାର୍ଯ୍ୟ କରିଥିଲେ। ସଂପୂର୍ଣ୍ଣ ଉତ୍ସର୍ଗୀକୃତ ମନୋଭାବ ନେଇ ସେ ଲୋକଙ୍କ ସେବା ମଧ୍ୟ କରିଥିଲେ ବୋଲି କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମସ୍ତ ଗ୍ୟାରେଣ୍ଟିକୁ ପୂରଣ କରିବା ପାଇଁ ତାଙ୍କ ସରକାର ପ୍ରତିବଦ୍ଧ ହେବା ସହ ସେହି ଅନୁଯାୟୀ କାର୍ଯ୍ୟ କରି ଚାଲିଛି। ଚାଷୀମାନଙ୍କୁ ଧାନର କ୍ୱିଣ୍ଟାଲ ପିଛା ଏମ୍‌ଏସ୍‌ପି ୩୧୦୦ଟଙ୍କା ପ୍ରଦନା କରାଯାଉଛି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୮ଲକ୍ଷ ଘର ନିର୍ମାଣ କରାଯାଇ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିବା ସେ କହିଥିଲେ। ଅନୁରୂପ ଭାବେ ମହତାରୀ ବନ୍ଦନ ଯୋଜନାରେ ମହିଳାମାନଙ୍କୁ ଅର୍ଥନୈତିକ କ୍ଷେତ୍ରରେ ସମୃଦ୍ଧି ଆଣି ଦେବା ପାଇଁ ୭୦ଲକ୍ଷ ମହିଳାଙ୍କୁ ପ୍ରତି ମାସରେ ତାଙ୍କ ଏକାଉଣ୍ଟକୁ ଏକ ହଜାର ଟଙ୍କା ଲେଖାଏଁ ପଠାଯାଉଛି। ଏହି ଅର୍ଥରେ ମହିଳାମାନେ ବ୍ୟବସାୟୀ କରି ପରିବାର ପ୍ରତିପୋଷଣ କରୁଥିବା ସେ ସୂଚନା ଦେଇଥିଲେ। ଅନ୍ୟ ପକ୍ଷରେ ଦନସରା ଗାଁରେ ମହିଳାମାନେ ମହତରୀ ବନ୍ଦନ ଯୋଜନା ଅର୍ଥରେ ଏକ ରାମ ମନ୍ଦିର ନିର୍ମାଣ ପାଇଁ ମଧ୍ୟ ନିଷ୍ପତ୍ତି ନେଇଛନ୍ତି। ସେହିପରି କେନ୍ଦୁ ପତ୍ର ବିକାଳିଙ୍କୁ ୧୦ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦିଆଯାଉଛି। ରାଜ୍ୟର ଭୂମିହୀନ ଚାଷୀମାନଙ୍କୁ ମଧ୍ୟ ସହାୟତା ପ୍ରଦାନ କରାଯାଉଛି। ଶ୍ରୀ ରାମଲାଲା ଦର୍ଶନ ଯୋଜନାରେ ୨୨ହଜାର ଶ୍ରଦ୍ଧାଳୁଙ୍କୁ ଅଯୋଧ୍ୟା ଧାମ ପରିଦର୍ଶନ କରିବାର ସୁଯୋଗ ଦିଆଯାଉଛି ବୋଲି ଶ୍ରୀ ସାଏ କହିଥିଲେ।

## ବିଏସ୍‌ଏନ୍‌ଏଲ୍ ନୂତନ ପ୍ଲାନ୍ ଲଞ୍ଚ୍

ନୂଆଦିଲ୍ଲୀ: ସରକାରୀ ଟେଲିକମ୍ କମ୍ପାନି ବିଏସଏନଏଲ ଗ୍ରାହକମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ଲାନ୍ ଲଞ୍ଚ କରିଛି। ଯାହାର ମୂଲ୍ୟ ମାତ୍ର ୧୪୯୯ ଟଙ୍କା ରହିଛି। ଏହି ପ୍ଲାନରେ ଉପଭୋକ୍ତାମାନେ ଅସୀମିତ ଭଏସ୍ କଲିଂ, ମୋଟ ୨୪ଜିବି ଡାଟା ଏବଂ ପ୍ରତିଦିନ ୧୦୦ଟି ମାଗଣା ଏସଏମଏସ ସୁବିଧା ପାଇ ପାରିବେ। ଏହି ପ୍ୟାକ୍ ବିଶେଷକରି ସେହି ଗ୍ରାହକମାନଙ୍କ ପାଇଁ ରହିବ ଯେଉଁମାନେ ଇଣ୍ଟରନେଟ୍ ଅଧିକ ବ୍ୟବହାର କରନ୍ତି ନାହିଁ ଏବଂ ମୁଖ୍ୟତଃ କଲ୍ ଏବଂ ମେସେଜିଂ ଉପରେ ବିଶେଷ ଧ୍ୟାନ ଦେଇ ଥାଆନ୍ତି। ବିଏସଏନଏଲ ନିରନ୍ତର ଏହାର ନେଟୱାର୍କକୁ ସୁଦୃଢ଼ କରିବା ପାଇଁ କାମ କରୁଛି। ସମ୍ପ୍ରତି, କମ୍ପାନି ୧ ଲକ୍ଷ ନୂତନ ୪ଜି/୫ଜି ଟାୱାର ସ୍ଥାପନ କରିଛି । ଏହା କଲ୍ ଡ୍ରପ୍, ମନ୍ଥର ଇଣ୍ଟରନେଟ୍ ଏବଂ ଦୁର୍ବଳ ନେଟୱାର୍କ କଭରେଜ୍ ଭଳି ସମସ୍ୟାକୁ ଅନେକାଂଶରେ ସମାଧାନ କରିବ ବୋଲି ଆଶା ରଖାଯାଇଛି। ବିଏସଏନଏଲର ଏହି ୧୪୯୯ ଟଙ୍କାର ଦୀର୍ଘ ବୈଧତା ଅଫର୍ ବଜାରରେ ଏକ ବଡ଼ ଚ୍ୟାଲେଞ୍ଜ ହୋଇପାରେ। ସୁଲଭ ମୂଲ୍ୟ ସହିତ ଉତ୍ତମ କଭରେଜ୍ ସହିତ, ଏହି ଯୋଜନା ସେହି ଗ୍ରାହକମାନଙ୍କ ପାଇଁ ଏକ ଉତ୍କୃଷ୍ଟ ବିକଳ୍ପ ଯେଉଁମାନେ ବାରମ୍ବାର ରିଚାର୍ଜ ନକରି ଦୀର୍ଘ ସମୟ ପାଇଁ ସଂଯୋଗରେ ରହିବାକୁ ଚାହାଁନ୍ତି।

ଶୁଭେଚ୍ଛା ବାର୍ତ୍ତା
'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ
ଅବସରରେ ସୋର ନିର୍ବାଚନ
ମଣ୍ଡଳୀବାସୀଙ୍କୁ
ମୋର ଶୁଭେଚ୍ଛା ଓ ଅଭିନନ୍ଦନ।
ଅଶ୍ୱିନୀ ମହାପାତ୍ର | ପ୍ରଶାନ୍ତ ପଣ୍ଡା | ମାଧବ ଧଡ଼ା
ସୋର ବିଧାୟକ
ବିଜୁ ଜନତା ଦଳ ଗୋପାଳପୁର, ବାହାନଗା







ଶୁଭେଚ୍ଛା ବାର୍ତ୍ତା
'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ
ଅବସରରେ ନନ୍ଦାହାଣ୍ଡି ବ୍ଲକର
ଜୋନ୍-୨ ଜିଲ୍ଲା ପରିଷଦର ସମସ୍ତ
ଅଞ୍ଚଳବାସୀଙ୍କୁ
ଶୁଭେଚ୍ଛା
ଓ ଅଭିନନ୍ଦନ।
ଅରୁଣ କୁମାର ମିଶ୍ର
ଜିଲ୍ଲା ପରିଷଦ, ଜୋନ୍-୨ ,ନନ୍ଦାହାଣ୍ଡି

ଶୁଭେଚ୍ଛା ବାର୍ତ୍ତା
'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ
ଅବସରରେ ସିର୍ଜାପାଲି
ଗ୍ରାମପଞ୍ଚାୟତବାସୀ ତଥା କେସିଙ୍ଗା
ବାସୀଙ୍କୁ ମୋର
ଶୁଭେଚ୍ଛା ଓ
ଅଭିନନ୍ଦନ।
ପ୍ରମୋଦ କୁମାର ଦାସ
ସରପଞ୍ଚ ସିର୍ଜାପାଲି ଗ୍ରାମପଞ୍ଚାୟତ, କେସିଙ୍ଗା

ଓଡ଼ିଶା ଭାସ୍କର ଶୁଭେଚ୍ଛା ବାର୍ତ୍ତା ଓଡ଼ିଶା ଭାସ୍କର
"ଓଡ଼ିଶା ଭାସ୍କର"ର ମା' ତୁଝେ ସଲାମ
ଅବସରରେ ନବରଙ୍ଗପୁର ଜିଲ୍ଲାବାସୀଙ୍କୁ
ଶୁଭେଚ୍ଛା ଓ ଅଭିନନ୍ଦନ ।
With best compliments from :
V. Santosh
SWATI MEDICAL STORE
Opp. SBI ATM-1, Main Road,
Nabarangpur
Deals in : Allopathy, Ayurvedic,
Veterinary, Baby Food available here.

ଶୁଭେଚ୍ଛା ବାର୍ତ୍ତା
'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ ଅବସରରେ
ଓ ୭୯ତମ ସ୍ୱାଧୀନତା ଦିବସ ଅବସରରେ
ଆରାଧ ପ୍ରିୟଦର୍ଶିନୀ ଓ ଅନୀଶ ସ୍ୱଦନଙ୍କୁ
ଜଗନ୍ନାଥଙ୍କ ଆଶୀର୍ବାଦରେ ଭବିଷ୍ୟତ ଉଜ୍ଜ୍ୱଳମୟ
ହେଉ ଏହା ଆମର କାମନା।
ଇଂ ମଲ୍ଲିକ ପରିବାର,
ମୁନିଗୁଡା

ଶୁଭେଚ୍ଛା ବାର୍ତ୍ତା
'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ
ଅବସରରେ ନନ୍ଦାହାଣ୍ଡି ବ୍ଲକର ସମସ୍ତ
ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଅମିତ କୁମାର ମଲ୍ଲିକ
ସହକାରୀ କୃଷି ଅଧିକାରୀ, ନନ୍ଦାହାଣ୍ଡି

ଶୁଭେଚ୍ଛା ବାର୍ତ୍ତା
'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ
ଅବସରରେ ପିମ୍ପଲ ଗ୍ରାମପଞ୍ଚାୟତର
ଜନସାଧାରଣଙ୍କୁ ମୋର
ଶୁଭେଚ୍ଛା
ଓ ଅଭିନନ୍ଦନ।
ଉମାକାନ୍ତ ବାରିକ
ସମାଜସେବୀ, ପିମ୍ପଲ ଗ୍ରାମପଞ୍ଚାୟତ, ରଣପୁର

ଓଡ଼ିଶା ଭାସ୍କର ଶୁଭେଚ୍ଛା ବାର୍ତ୍ତା ଓଡ଼ିଶା ଭାସ୍କର
"ଓଡ଼ିଶା ଭାସ୍କର"ର ମା' ତୁଝେ ସଲାମ
ଅବସରରେ ତଥା ୭୯ତମ ସ୍ୱାଧୀନତା
ଦିବସ ଅବସରରେ ସମସ୍ତ ନବରଙ୍ଗପୁର
ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ଆନ୍ତରିକ ଶୁଭେଚ୍ଛା ସହ,
ଶ୍ରୀ ଗୌରୀଶଙ୍କର ମାଝୀ
ବିଧାୟକ, ନବରଙ୍ଗପୁର

ଶୁଭେଚ୍ଛା ବାର୍ତ୍ତା
'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ
ଅବସରରେ ବିଷମ କଟକ ନିର୍ବାଚନ
ମଣ୍ଡଳୀବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ନୀଳମାଧବ ହିକ୍କା
ବିଧାୟକ, ବିଷମ କଟକ

ଶୁଭେଚ୍ଛା ବାର୍ତ୍ତା
'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ
ଅବସରରେ ସୋର ବାସୀଙ୍କୁ
ମୋର ଶୁଭେଚ୍ଛା ଓ ଅଭିନନ୍ଦନ।
ସୁମତୀ ମହାନ୍ତି
ସଂପାଦିକା, ପୁରବାଇ କନ୍ୟାଶ୍ରମ, ସୋର

ଶୁଭେଚ୍ଛା ବାର୍ତ୍ତା
'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ
ଅବସରରେ
ଲକ୍ଷ୍ମୀନାରାୟଣ ମେଡ଼ିସିନ୍ ଷ୍ଟୋର
ତରଫରୁ ରଣପୁରବାସୀଙ୍କୁ ମୋର
ଶୁଭେଚ୍ଛା
ଓ ଅଭିନନ୍ଦନ।
ବିଶ୍ୱରଞ୍ଜନ ମହାପାତ୍ର
ରଣପୁର

ଶୁଭେଚ୍ଛା ବାର୍ତ୍ତା
'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ
ଅବସରରେ ମୁନିଗୁଡା ବ୍ଲକ୍
ଅଞ୍ଚଳବାସୀଙ୍କୁ ମୋର ଶୁଭେଚ୍ଛା ଓ
ଅଭିନନ୍ଦନ।
ରତନଲାଲ ଜୈନ
ବିଜେଡି ସଭାପତି, ମୁନିଗୁଡା ବ୍ଲକ୍

ଶୁଭେଚ୍ଛା ବାର୍ତ୍ତା
'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ
ଅବସରରେ ରାୟଗଡା ଜିଲ୍ଲା
ଚନ୍ଦ୍ରପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ
ମୋର ଶୁଭେଚ୍ଛା ଓ ଅଭିନନ୍ଦନ।
କଇନ କିୟାକାର
ଅଧ୍ୟକ୍ଷ, ଚନ୍ଦ୍ରପୁର ପଞ୍ଚାୟତ ସମିତି, ରାୟଗଡା

ଶୁଭେଚ୍ଛା ବାର୍ତ୍ତା
'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ
ଅବସରରେ ତୁଣ୍ଡଲା ଗ୍ରାମ
ପଞ୍ଚାୟତବାସୀ ତଥା କେଶିଙ୍ଗା
ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ସରୋଜ ସେଠ୍
ସରପଞ୍ଚ, ତୁଣ୍ଡଲା, କେସିଙ୍ଗା, କଳାହାଣ୍ଡି

ଶୁଭେଚ୍ଛା ବାର୍ତ୍ତା
'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ
ଅବସରରେ ତେନ୍ତୁଳିଖୁଣ୍ଟି
ବ୍ଲକ୍‌ବାସୀଙ୍କୁ
ଶୁଭେଚ୍ଛା
ଓ ଅଭିନନ୍ଦନ।
ମଧୁସ୍ମିତା ପାଣିଗ୍ରାହୀ
ସମିତି ସଭ୍ୟା, ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି



ନୂଆଦିଲ୍ଲୀ : ସ୍ଲୋଭେନିଆନ୍ ଫରୱାର୍ଡ ବେଞ୍ଜାମିନ ସେସ୍କୋଙ୍କୁ ୟୁନାଇଟେଡ୍, ଆର୍ ବି ଲିପଜିଗରୁ ୮୫ ନିୟୁତ ୟୁରୋ (୯୯ ନିୟୁତ ଡଲାର)ରେ ସାଇନ୍ କରିଛି ମାଞ୍ଚେଷ୍ଟର, ଯାହା ଏହି ଅଫ୍ ସିଜନରେ ସେମାନଙ୍କର ତୃତୀୟ ଫରୱାର୍ଡ ସାଇନ୍ ହୋଇଛି, କାରଣ ସେମାନେ ସେମାନଙ୍କର ସବୁଠାରୁ ଖରାପ ପ୍ରିମିୟର ଲିଗ୍ ସିଜନରୁ ମୁକ୍ତ ହେବାକୁ ଲକ୍ଷ୍ୟ ରଖିଛନ୍ତି। ୨୨ ବର୍ଷୀୟ ଏହି ଷ୍ଟ୍ରାଇକର ଶନିବାର କ୍ଲବ ସହିତ ପାଞ୍ଚ ବର୍ଷର ଚୁକ୍ତି ପାଇଁ ରାଜି ହୋଇଛନ୍ତି। ଗତ ସିଜନରୁ ୟୁନାଇଟେଡ୍ ସେମାନଙ୍କର ସ୍କୋରିଂ ସମସ୍ୟାକୁ ସମାଧାନ କରିବାକୁ ଚେଷ୍ଟା କରୁଥିବା ବେଳେ ଏହି ଚୁକ୍ତିନାମା ହୋଇଛି,ଯେଉଁଠାରେ ସେମାନେ ପ୍ରିମିୟର ଲିଗରେ ୧୫ତମ ସ୍ଥାନରେ ରହି ରେଲିଗେସନ୍ ଜୋନ୍ ଠାରୁ ମାତ୍ର ତିନି ସ୍ଥାନ ଉପରେ ରହିଥିଲେ। ଏହା ଆଧୁନିକ ଯୁଗରେ ସେମାନଙ୍କର ସର୍ବନିମ୍ନ ଫଳାଫଳ ଥିଲା, ମାତ୍ର ୪୨ ପଏଣ୍ଟ ସହିତ। କୋଚ୍ ରୁବେନ ଆମୋରିମଙ୍କ ଏକ ବଡ଼ ପରିବର୍ତ୍ତନର ଅଂଶ ଭାବରେ ସେସ୍କୋ ନୂଆ ଫରୱାର୍ଡ ମାଥ୍ୟୁସ୍ କୁନହା ଏବଂ ବ୍ରାୟାନ୍ ମବେଉମୋଙ୍କ ସହ ଯୋଗ ଦେଇଛନ୍ତି। ଦଳର ପୂର୍ବ ଷ୍ଟ୍ରାଇକର, ରାସମୁସ୍ ହୋଜଲୁଣ୍ଡ ଏବଂ ଜୋଶୁଆ ଜିର୍କଜି, ଗତ ସିଜନରେ ସମସ୍ତ ପ୍ରତିଯୋଗିତାରେ ମିଳିତ ଭାବରେ କେବଳ ୧୮ ଗୋଲ୍ କରି ପାରିଥିଲେ। ପ୍ରିମିୟର ଲିଗ ଯୁଗରେ ଦଳଟି କ୍ଲବ ରେକର୍ଡ ୧୮ଟି ପରାଜୟର ସମ୍ମୁଖୀନ ହୋଇଥିଲା। ୧.୯୫ ମିଟର ଉଚ୍ଚତା ବିଶିଷ୍ଟ ସେସ୍କୋଙ୍କର ପୂର୍ବତନ ୟୁନାଇଟେଡ୍ ଷ୍ଟ୍ରାଇକର ଜଲାଟାନ୍ ଇବ୍ରାହିମୋଭିଚ୍‌ଙ୍କ ସହ ତୁଳନା କରାଯାଏ । ଲିପଜିଗ୍‌ରେ ତାଙ୍କର ରେକର୍ଡ ତାଙ୍କ ପ୍ରଥମ ସିଜନ୍‌ରେ ୧୪ ଏବଂ ପରବର୍ତ୍ତୀ ସିଜନ୍‌ରେ ୧୩ ଗୋଲ ରହିଛି। ସେ ଲିପଜିଗ୍ ଓ ସାଲଜବର୍ଗ ପାଇଁ ୨୮ଟି ଚାମ୍ପିଅନ୍ସ ଲିଗ୍‌ରେ ୬ଟି ଗୋଲ କରିଥିଲେ। ଏହାସହ ସ୍ଲୋଭେନିଆ ପାଇଁ ୪୧ଟି ମ୍ୟାଚରେ ୧୬ଟି ଗୋଲ କରିଛନ୍ତି।

### ଖେଳ ପ୍ରଶାସନ ବିଧେୟକ ଲୋକସଭାରେ ପାରିତ

# ସ୍ୱାଧୀନ ଭାରତର ସବୁଠୁ ବଡ଼ ଖେଳ ସଂସ୍କାର: କେନ୍ଦ୍ର ମନ୍ତ୍ରୀ



ନୂଆଦିଲ୍ଲୀ: ବହୁପ୍ରତୀକ୍ଷିତ ରାଷ୍ଟ୍ରୀୟ ଖେଳ ପ୍ରଶାସନ (ନ୍ୟାସନାଲ୍ ସ୍ପୋର୍ଟ୍ସ ଗଭରନାନ୍ସ) ବିଧେୟକ ସୋମବାର ଲୋକସଭାରେ ପାରିତ ହୋଇଯାଇଛି। କେନ୍ଦ୍ର ଖେଳ ମନ୍ତ୍ରୀ ମନସୁଖ ମଣ୍ଡଭିୟ ଏହାକୁ ସ୍ୱାଧୀନତା ପରେ ଭାରତୀୟ ଖେଳର ସବୁଠୁ ବଡ଼ ସଂସ୍କାର ବୋଲି କହିଛନ୍ତି। କେନ୍ଦ୍ରମନ୍ତ୍ରୀ ମାଣ୍ଡଭିୟ ଜୁଲାଇ ୨୩ରେ ଏହି ବିଧେୟକକୁ ଲୋକସଭାରେ ଉପସ୍ଥାପନ କରିଥିଲେ। ଏହି ବିଧେୟକରେ ଉତ୍ତରଦାୟୀ ପାଇଁ ଏକ କଠୋର ବ୍ୟବସ୍ଥା କରିବା ପାଇଁ ଏକ ରାଷ୍ଟ୍ରୀୟ ଖେଳ ବୋର୍ଡ (ଏନ୍ଏସବି) ଗଠନର ପ୍ରାବଧାନ ରହିଛି। ସମସ୍ତ ରାଷ୍ଟ୍ରୀୟ ଖେଳ ମହାସଂଘ (ଏନ୍ଏସ୍ଏଫ)କୁ କେନ୍ଦ୍ର ସରକାରଙ୍କଠାରୁ ଅର୍ଥ ପାଇବାକୁ ହେଲେ ଏନଏସବିଠାରୁ ମାନ୍ୟତା ହାସଲ କରିବାକୁ ପଡ଼ିବ। କେନ୍ଦ୍ର ଖେଳ ମନ୍ତ୍ରୀ କହିଛନ୍ତି, ଏହା ସ୍ୱାଧୀନତା ପରେ ଖେଳ କ୍ଷେତ୍ରରେ ଅଣାଯାଇଥିବା ସବୁଠୁ ବଡ଼ ସଂସ୍କାର ଅଟେ। ଏହି ବିଧେୟକ ଖେଳ ସଂଘରେ ଉତ୍ତରଦାୟୀ, ନ୍ୟାୟ ଓ ଉତ୍ତମ ପ୍ରଶାସନ ସୁନିଶ୍ଚିତ କରିବ। ଭାରତର ଖେଳ ଜଗତରେ ଏହାର ବଡ଼ ଗୁରୁତ୍ୱ ରହିବ। ତେବେ ଏହା ଦୁର୍ଭାଗ୍ୟର କଥା ଯେ ଏତେ ବଡ଼ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଓ ସଂସ୍କାରରେ ବିରୋଧୀଙ୍କ ଭାଗିଦାରୀ ନାହିଁ। ଏହି ବିଲ୍ ଅନୁଯାୟୀ, 'ଜାତୀୟ ସ୍ୱାର୍ଥରେ ନିର୍ଦ୍ଦେଶ ଜାରି କରିବା ଏବଂ ପ୍ରତିବନ୍ଧକ ଲଗାଇବାର କ୍ଷମତା' ସମ୍ବନ୍ଧୀୟ ଧାରା ଅନୁଯାୟୀ କେନ୍ଦ୍ର ସରକାରଙ୍କ ପାଖରେ ସ୍ୱତନ୍ତ୍ର ପରିସ୍ଥିତିରେ ଭାରତୀୟ ଦଳ ଏବଂ ବ୍ୟକ୍ତିଗତ ଖେଳାଳିଙ୍କ ଅନ୍ତର୍ଜାତୀୟ ଅଂଶଗ୍ରହଣ ଉପରେ ଯୁକ୍ତିଯୁକ୍ତ ପ୍ରତିବନ୍ଧକ ଲଗାଇବାର କ୍ଷମତା ରହିବ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ବିଧେୟକରେ ରାଷ୍ଟ୍ରୀୟ ଖେଳ ନ୍ୟାୟାଧିକରଣର ପ୍ରସ୍ତାବ ରହିଛି। ଏହା ଅନୁସାରେ, ଏକ ଦେୱାନୀ କୋର୍ଟ ପାଖରେ ଶକ୍ତି ରହିବ, ଯିଏ ମହାସଂଘ ଓ ଖେଳାଳିଙ୍କ ଚୟନଠାରୁ ଆରମ୍ଭ କରି ବିବାଦର ସମାଧାନ କରିବ । ଥରେ ରାୟ ଆସିବା ପରେ, ନିଷ୍ପତ୍ତିକୁ କେବଳ ସର୍ବୋଚ୍ଚ ନ୍ୟାୟାଳୟରେ ହିଁ ଚ୍ୟାଲେଞ୍ଜ କରାଯାଇପାରିବ।

## ଫିଫା ରାଙ୍କିଙ୍ଗରେ ଉପରକୁ ଉଠିଲା ଭାରତ

ନୂଆଦିଲ୍ଲୀ: ଥାଇଲ୍ୟାଣ୍ଡ ବିପକ୍ଷରେ ଐତିହାସିକ ବିଜୟ ପରେ, ଭାରତୀୟ ମହିଳା ଫୁଟବଲ୍ ଦଳ ସଦ୍ୟତମ ଫିଫା ରାଙ୍କିଙ୍ଗରେ ସାତ ସ୍ଥାନ ଉପରକୁ ଉଠି ୬୩ତମ ସ୍ଥାନରେ ପହଞ୍ଚିଛି। ଏହି ବିଜୟ ସହିତ, ଦଳ ଇତିହାସ ସୃଷ୍ଟି କରିଛି ଏବଂ ଏଏଫସି ମହିଳା ଏସୀୟ କପରେ ମଧ୍ୟ ସ୍ଥାନ ପାଇଛି। ଭାରତୀୟ ମହିଳା ଫୁଟବଲ୍ ଦଳ ଏସୀୟ କପ୍ ଯୋଗ୍ୟତା ପର୍ଯ୍ୟାୟରେ ଥାଇଲ୍ୟାଣ୍ଡକୁ ୨-୧ ଗୋଲରେ ପରାସ୍ତ କରିଛି। ନୂତନ ଫିଫା ରାଙ୍କିଙ୍ଗରେ ଭାରତୀୟ ମହିଳା ଫୁଟବଲ୍ ଦଳ ୬୩ତମ ସ୍ଥାନରେ ଅଛି ଏବଂ ପଏଣ୍ଟ ୧୪୦୮.୨୯ ରହିଛି। ଏହା ପ୍ରାୟ ଦୁଇ ବର୍ଷ ମଧ୍ୟରେ ଭାରତୀୟ ମହିଳା ଦଳର ସର୍ବୋଚ୍ଚ ରାଙ୍କିଙ୍ଗ। ଦଳ ଶେଷ ଥର ପାଇଁ ୨୧ ଅଗଷ୍ଟ ୨୦୨୩ ରେ ୬୧ତମ ସ୍ଥାନରେ ଥିଲା। ଯୋଗ୍ୟତା ପର୍ଯ୍ୟାୟର ଶେଷ ମ୍ୟାଚ୍‌ରେ ଭାରତ ଉଚ୍ଚ ରାଙ୍କିଙ୍ଗ ଥାଇଲ୍ୟାଣ୍ଡକୁ ୨-୧ ଗୋଲରେ ପରାସ୍ତ କରି ଯୋଗ୍ୟତା ପର୍ଯ୍ୟାୟ ମାଧ୍ୟମରେ ପ୍ରଥମ ଥର ପାଇଁ ଏକ ମହାଦେଶୀୟ ଟୁର୍ଣ୍ଣାମେଣ୍ଟରେ ସ୍ଥାନ ପାଇଛି। ଭାରତ ୧୩-୦ ଗୋଲରେ ମଙ୍ଗୋଲିଆକୁ ପରାସ୍ତ କରି ସେମାନଙ୍କର ଯୋଗ୍ୟତା ଅଭିଯାନ ଆରମ୍ଭ କରିଥିଲା ଏବଂ ତା'ପରେ ତିମୋର-ଲେଷ୍ଟେ (୪-୦) ଏବଂ ଇରାକ (୫-୦) ଉପରେ ପ୍ରଭାବଶାଳୀ ବିଜୟ ହାସଲ କରିଥିଲା।

# ଫିଟ୍‌ନେସ୍ ଟେଷ୍ଟ ଦେବେ ପାଣ୍ଡ୍ୟା



ନୂଆଦିଲ୍ଲୀ: ଏସିଆ କପ କ୍ରିକେଟ ସେପ୍ଟେମ୍ବର ୯ରୁ ୨୮ ପର୍ଯ୍ୟନ୍ତ ୟୁଏଇରେ ଖେଳାଯିବ। ଭାରତୀୟ ଚୟନ କମିଟି ଏବେ ଏଥିପାଇଁ ଦଳ ଚୟନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏସିଆ କପରେ ହାର୍ଦ୍ଦିକ ପାଣ୍ଡ୍ୟା ଖେଳିବା ନେଇ ଏବେ ବି ସନ୍ଦେହ ରହିଛି। ଏଥିପାଇଁ ପ୍ରଥମେ ତାଙ୍କୁ ଫିଟନେସ ଟେଷ୍ଟ ଦେବାକୁ ପଡିବ। ଯଦି ସେ ସମ୍ପୂର୍ଣ୍ଣ ଭାବେ ଫିଟ ଥିବେ ତେବେ ଦଳରେ ସ୍ଥାନ ପାଇ ପାରନ୍ତି ବୋଲି ଚୟନ କମିଟିର ଜନୈକ ସଦସ୍ୟ କହିଛନ୍ତି। ପାଖାପାଖି ୨ ମାସ ହେବ ହାର୍ଦ୍ଦିକ କ୍ରିକେଟଠାରୁ ଦୂରରେ ଅଛନ୍ତି। ୧୧ ଓ ୧୨ ଅଗଷ୍ଟରେ ସେ ବେଙ୍ଗାଲୁରରେ ଥିବା ନ୍ୟାଶନାଲ କ୍ରିକେଟ ଏକାଡେମୀରେ ଫିଟନେସ ଟେଷ୍ଟ ଦେବେ । ୨୦୨୪ ଟି୨୦ ବିଶ୍ୱକପ ଓ ୨୦୨୫ ଚାମ୍ପିୟନ୍ସ ଟ୍ରଫି ଜିତିଥିବା ଭାରତୀୟ ଦଳର ସେ ସଦସ୍ୟ ଥିଲେ । ଦଳକୁ ବିଜୟୀ କରାଇବାରେ ସେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ହାର୍ଦ୍ଦିକଙ୍କ ପୂର୍ବରୁ ଶ୍ରେୟାଶ ଆୟାର ତାଙ୍କ ଫିଟନେସ ଟେଷ୍ଟ ଦେଇ ସାରିଛନ୍ତି । ସେ ଡିସେମ୍ବର ୨୦୨୩ ପରଠାରୁ ଆନ୍ତର୍ଜାତୀୟ ଟି୨୦ ଖେଳି ନାହାନ୍ତି । ଟି୨୦ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ହାର୍ଣ୍ଣିଆ ଅପରେଶନ ପରେ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇ ନାହାନ୍ତି । ସେ ଏନସିଏରେ ଏକ ସପ୍ତାହ ମେଡିକାଲ ଟିମ ନଜରରେ ଫିଟ ହେବା ପାଇଁ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରିବେ । ସୂର୍ଯ୍ୟକୁମାର ସୋସିଆଲ ମିଡିଆରେ କ୍ରିକେଟକୁ ଫେରିବା ପାଇଁ ବ୍ୟଗ୍ର ବୋଲି ଲେଖିଛନ୍ତି ।

### ୱାର୍ଲଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ପ୍ରତିଯୋଗିତା

# ପ୍ରଜ୍ଞା, ଅନିମେଷଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ମହିଳା ହର୍ଡଲର ପ୍ରଜ୍ଞା ପ୍ରଶାନ୍ତି ସାହୁ ଇତିହାସ ରଚିଛନ୍ତି। ପ୍ରଥମ ଓଡ଼ିଆ ଭାବେ ବିଶ୍ୱ ଦୌଡ଼କୁଦ କଣ୍ଟିନେଣ୍ଟାଲ ଟୁର (ବ୍ରୋଞ୍ଜ) ସ୍ତରୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ରବିବାର କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ଏହି ପ୍ରତିଯୋଗିତାରେ ପ୍ରଜ୍ଞା ପ୍ରଶାନ୍ତି ମହିଳା ୧୦୦ ମିଟର ବାଧାଦୌଡ଼ରେ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ତାମିଲନାଡୁର ନନ୍ଦିନୀ କଙ୍ଗନ ୧୩.୮୦ ସେକେଣ୍ଡ ସହ ରୌପ୍ୟ ଓ ଅଞ୍ଜଳି ସି ୧୪.୦୦ ସେକେଣ୍ଡ ସହ କାଂସ୍ୟ ପଦକ ଜିତିଛନ୍ତି। ପୁରୁଷ ୨୦୦ ମିଟର ଦୌଡ଼ରେ ଓଡ଼ିଶାର ଅନିମେଷ କୁଜୁର ୨୦.୭୭ ସେକେଣ୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅନିମେଷ ହିଟ୍‌ସରେ ଭଲ ଟାଇମିଂ ହାସଲ କରି ପାରି ନ ଥିବାବେଳେ ଫାଇନାଲରେ ଉନ୍ନତ ପ୍ରଦର୍ଶନ କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ଦକ୍ଷିଣ କୋରିଆର କୋ ସୁଙ୍ଗ ୱାନ ୨୦.୯୫ ସେକେଣ୍ଡ ସହ ରୌପ୍ୟ ଓ ତାମିଲନାଡୁର ଜି ରାଗୁଲ କୁମାର ୨୧.୧୭ ସେକେଣ୍ଡରେ ଅତିକ୍ରମ କରି କାଂସ୍ୟ ପଦକ ଜିତିଛନ୍ତି। ମହିଳା ୪୦୦ମିଟର ଦୌଡ଼ରେ କର୍ଣ୍ଣାଟକର ଜି.କେ ବିଜୟ କୁମାର ସ୍ୱର୍ଣ୍ଣ, ଗୁଜରାଟର ଦିବ୍ୟାନିବା ମହେନ୍ଦ୍ର ରୌପ୍ୟ ଗ୍ରେଟ୍ ବ୍ରିଟେନର ଲୁଇସ୍ ଇଭିନ କାଂସ୍ୟ ପଦକ ଜିତିଛନ୍ତି। ପୁରୁଷ ୪୦୦ ମିଟର ଦୌଡ଼ରେ ଭାରତର ନୋଏଜ ତ୍ରିଭେନ୍ଦ୍ରମସ୍ୱର୍ଣ୍ଣ, ଅମନ ଜାକବ ରୌପ୍ୟ ଓ ଟି ସନ୍ତୋଷ କୁମାର କାଂସ୍ୟ ପଦକ ଜିତିଛନ୍ତି। ପୁରୁଷ ୧୦୦ ମିଟର ଦୌଡ଼ରେ ମାଲେସିଆର ମହମ୍ମଦ ଅଜିମ ବିନ ସ୍ୱର୍ଣ୍ଣ, ଶ୍ରୀଲଙ୍କାର ଚାମୋଦ ଏମ୍ ୱାଧାସିଙ୍ଘେ ରୌପ୍ୟ ଓ ମାଲେସିଆର ଦିନେଶ ଇଫତିକାର ମୁହା କାଂସ୍ୟ ପଦକ ଜିତିଛନ୍ତି। ଏଥିରେ ଓଡ଼ିଶାର ଲାଲୁ ପ୍ରସାଦ ଭୋଇ ଚତୁର୍ଥ ସ୍ଥାନ ହାସଲ କରିଛନ୍ତି। ମହିଳା ଜାଭେଲିନ ଥ୍ରୋର ଭାରତର ଉତ୍ତରପ୍ରଦେଶରୁ ଅନୁ ରାଣୀ ସ୍ୱର୍ଣ୍ଣ, ଶ୍ରୀଲଙ୍କାର ଏନ.ଡିଏଲ ହାଟାରାବାଗଲାଙ୍କା ରୌପ୍ୟ ଓ ଭାରତର ହରିୟାଣାର କରିସ୍ମା ଏସ ସାନିଲ କାଂସ୍ୟ ପଦକ ଜିତିଛନ୍ତି। ମହିଳା ୧୦୦ ମିଟର ଦୌଡ଼ ଫାଇନାଲରେ ଭାରତର ଅବିନ୍ୟା ରାଜାରାଜନ ସ୍ୱର୍ଣ୍ଣ, କର୍ଣ୍ଣାଟକର ଏସ ଏସ୍ ସ୍ନେହା ରୌପ୍ୟ ଓ ତେଲେଙ୍ଗାନାର ନିତ୍ୟା ଗାନ୍ଧି କାଂସ୍ୟ ପଦକ ଜିତିଛନ୍ତି। ଓଡ଼ିଆ ଧାବିକା ଶ୍ରାବଣୀ ନନ୍ଦ ୫ମ ସ୍ଥାନରେ ରହିଥିଲେ। ପୁରୁଷ ୮୦୦ ମିଟର ଦୌଡ଼ରେ ଭାରତର ମହମ୍ମଦ ଆସଫଲ ସ୍ୱର୍ଣ୍ଣ, ମହାରାଷ୍ଟ୍ରର ପ୍ରକାଶ ଗାନ୍ଧି ରୌପ୍ୟ ଓ ହରିୟାଣାର କିଷନ କୁମାର କାଂସ୍ୟ ପଦକ ଜିତିଛନ୍ତି। ମହିଳା ପଞ୍ଜାବର ଅମନଦୀପ କୌର ସ୍ୱର୍ଣ୍ଣ, ହୁଦରାମ ଭୁମିଶ୍ୱର ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ଓ ଛତିଶଗଡ଼ର ତୋଥା ସଂକୀର୍ତ୍ତନ କାଂସ୍ୟ ପଦକ ଜିତିଛନ୍ତି। ମହିଳା ଲଙ୍ଗଜମ୍ପରେ ଉତ୍ତରପ୍ରଦେଶର ସାହିଲ ସିଂହ ସ୍ୱର୍ଣ୍ଣ, ଭାରତୀୟ ରେଲୱେର ଭବାନୀ ଯାଦବ ଭାର୍ଗବ ରୌପ୍ୟ ଓ ଜେଏମ୍‌ଡବ୍ଲ୍ୟୁର ସନ୍ଦ୍ରା ବାବୁ କାଂସ୍ୟ ପଦକ ଜିତିଛନ୍ତି। ପୁରୁଷ ଲଙ୍ଗଜମ୍ପରେ ଭାରତର ମୂରଲୀ ଶ୍ରୀଶଙ୍କର ସ୍ୱର୍ଣ୍ଣ, ଉତ୍ତରପ୍ରଦେଶର ସାହାନବାଜ ଖାଁ ରୌପ୍ୟ ଓ କର୍ଣ୍ଣାଟକର ଲୋକେଶ ସତ୍ୟନାଥନ କାଂସ୍ୟ ପଦକ ଜିତିଛନ୍ତି। ପୁରୁଷ ଟ୍ରିପଲ ଜମ୍ପରେ ଭାରତର ଅବଦୁଲ ଆବୁବେକର ଭାରତର ସ୍ୱର୍ଣ୍ଣ, କାର୍ତ୍ତିକ ଉନ୍ନିକୃଷ୍ଣନ ରୌପ୍ୟ ଓ ଡି ଗାଲି ଭାନିଷ୍ଟର କାଂସ୍ୟ ପଦକ ଜିତିଛନ୍ତି। ମହିଳା ୧୫୦୦ ମିଟର ଦୌଡ଼ରେ ହରିୟାଣାର ପୂଜା ସ୍ୱର୍ଣ୍ଣ, ଉତ୍ତରାଖଣ୍ଡର ଲିଲି ଦାସ ରୌପ୍ୟ ଓ ପଞ୍ଜାବର ଅମନଦୀଦ କୌର କାଂସ୍ୟ ପଦକ ଜିତିଛନ୍ତି। ପୁରୁଷ ଜାଭେଲିନ ଥ୍ରୋରେ ଶ୍ରୀଲଙ୍କାର ରମେଶ ତରଙ୍ଗା ପାଟ୍ ସ୍ୱର୍ଣ୍ଣ, ଭାରତର ଶିଭମ ଲୋହାକାରେ ରୌପ୍ୟ ଓ ଶ୍ରୀଲଙ୍କାର ସୁମିଧା ରଣସିଙ୍ଘେ କାଂସ୍ୟ ପଦକ ଜିତିଛନ୍ତି। ମହିଳା ୨୦୦ ମିଟର ଦୌଡ଼ରେ ଭାରତର ଏମ୍ ଆଞ୍ଜେଲ ସିଲଭିୟା ସ୍ୱର୍ଣ୍ଣ, ନିତ୍ୟା ଗାନ୍ଧି ରୌପ୍ୟ ଓ କର୍ଣ୍ଣାଟକର ଉନ୍ନତି ଆୟାପ୍ପା କାଂସ୍ୟ ପଦକ ଜିତିଛନ୍ତି।

### ଏନ୍‌ସିଏ ନିର୍ଦ୍ଦେଶକ ଭିଭିଏସ୍ ଲକ୍ଷ୍ମଣଙ୍କୁ ଭେଟିଲେ ଓସିଏ ସଭାପତି

# ଓଡ଼ିଶା କ୍ରିକେଟର ବିକାଶ ନେଇ ଆଲୋଚନା



ବେଙ୍ଗାଲୁରୁ/କଟକ (ବ୍ୟୁରୋ): ଓଡ଼ିଶାରେ କ୍ରିକେଟର ବିକାଶ ପାଇଁ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଏବଂ ଏନ୍‌ସିଏ ନିର୍ଦ୍ଦେଶକ ଭିଭିଏସ୍ ଲକ୍ଷ୍ମଣଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ସୋମବାର ଶ୍ରୀ ମହାନ୍ତି ଭିଭିଏସ୍ ଲକ୍ଷ୍ମଣଙ୍କ ସହ ସାକ୍ଷାତ ପରେ ତାଙ୍କର ଆନନ୍ଦ ପ୍ରକାଶ କରିଛନ୍ତି। 'ଭିଭିଏସ୍ ଲକ୍ଷ୍ମଣ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟ ଖେଳାଳି ବର୍ତ୍ତମାନ ଜାତୀୟ କ୍ରିକେଟ ଏକାଡେମୀ ଏବଂ ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସ ବେଙ୍ଗାଲୁରୁର ନିର୍ଦ୍ଦେଶକଙ୍କ ସହିତ ଏକ ସୁଖଦ ମୁହୂର୍ତ୍ତ କଟିଛି,' ମହାନ୍ତି କହିଛନ୍ତି। ରାଜ୍ୟରେ ଯୁବ କ୍ରିକେଟ ପ୍ରତିଭାକୁ ପୋଷଣ କରିବା ପାଇଁ ଶ୍ରୀ ମହାନ୍ତିଙ୍କ ଜାରି ରହିଥିବା ପ୍ରୟାସକୁ ଏହି ଆଲୋଚନା ଏକ ପ୍ରମୁଖ ପ୍ରୋତ୍ସାହନ ଭାବରେ ଆସିଛି। ଓଡ଼ିଶା କ୍ରିକେଟ ସଂଘ (ଓସିଏ)ର ମୁଖ୍ୟ ଏବଂ ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟସର ମୁଖ୍ୟ ଭାବରେ, ଶ୍ରୀ ମହାନ୍ତି ବିଭିନ୍ନ ବୟସ-ଗୋଷ୍ଠୀ କାର୍ଯ୍ୟକ୍ରମର ତଦାରଖରେ ଗଭୀର ଭାବରେ ଜଡିତ, ଏକ ଭୂମିକା ଯାହା ଏନ୍‌ସିଏରେ ଶ୍ରୀ ଲକ୍ଷ୍ମଣଙ୍କ ନିଜସ୍ୱ ଧ୍ୟାନକୁ ପ୍ରତିଫଳିତ କରେ। ଜଣେ ପ୍ରସିଦ୍ଧ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଶ୍ରୀ ଲକ୍ଷ୍ମଣ ଯୁବ ଖେଳାଳିମାନଙ୍କୁ ପରାମର୍ଶ ଦେବାରେ ସିଧାସଳଖ ଜଡିତ ଏବଂ ତାଙ୍କ ମାର୍ଗଦର୍ଶନକୁ ଅମୂଲ୍ୟ ମନେ କରାଯାଏ। ପ୍ରତିଭା ବିକାଶ ପାଇଁ ଜାତୀୟ କ୍ରିକେଟ ବୋର୍ଡର ଦୃଷ୍ଟିକୋଣ ସହିତ ସମନ୍ୱୟ ରଖିବା ପାଇଁ ଓସିଏର ପ୍ରୟାସକୁ ଏହି ବୈଠକ ଗୁରୁତ୍ୱାରୋପ କରେ। ଶ୍ରୀ ମହାନ୍ତି ବେଙ୍ଗାଲୁରୁର ଜାତୀୟ କ୍ରିକେଟ ଏକାଡେମୀରେ ଭାରତୀୟ କ୍ରିକେଟର ବୈଭବ ସୂର୍ଯ୍ୟବଂଶୀଙ୍କୁ ମଧ୍ୟ ଭେଟିଥିଲେ। ଶ୍ରୀ ମହାନ୍ତି ଏକ ଯୁଗାନ୍ତକାରୀ ପଦକ୍ଷେପର ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି, ଗଏଗ ସ୍କୁଲ ଅଫ୍ ସ୍ପୋର୍ଟସ୍ କ୍ରିକେଟରେ ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରୁଛି। ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟସ୍ ଓଡ଼ିଶାରେ ଆକାଂକ୍ଷୀ କ୍ରିକେଟରମାନଙ୍କୁ ବିଶ୍ୱସ୍ତରୀୟ ତାଲିମ ଏବଂ ଭିତ୍ତିଭୂମି ପ୍ରଦାନ କରିବାକୁ ପ୍ରସ୍ତୁତ। ଏହାର ଅତ୍ୟାଧୁନିକ ସୁବିଧା ଏବଂ ଏକ ଆବାସିକ ଏକାଡେମୀ ସହିତ, ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟସ୍ ରାଜ୍ୟରୁ ପରବର୍ତ୍ତୀ ପିଢ଼ିର କ୍ରିକେଟ୍ ତାରକା ସୃଷ୍ଟି କରିବାର ଏକ କେନ୍ଦ୍ର ହେବାକୁ ପ୍ରସ୍ତୁତ, ଶ୍ରୀ ମହାନ୍ତି ଏହି ଦାୟିତ୍ୱର ନେତୃତ୍ୱ ନେଉଛନ୍ତି।

# ଏସିଆ କପ୍ କ୍ରିକେଟ୍: କେକେଆରରୁ ଚୟନ ହେବେ ୪ ଖେଳାଳି !

ନୂଆଦିଲ୍ଲୀ : ସେପ୍ଟେମ୍ବର ୯ରୁ ଆରମ୍ଭ ହେବାକୁ ଯାଉଛି ଏସିଆ କପ୍ କ୍ରିକେଟ। ୟୁଏଇରେ ଖେଳାଯିବାକୁ ଥିବା ଟୁର୍ଣ୍ଣାମେଣ୍ଟରେ ଭାରତ-ପାକିସ୍ତାନ ଉପରେ ସମସ୍ତଙ୍କ ନଜର। ସେପ୍ଟେମ୍ବର ୧୪ରେ ଖେଳାଯିବ ଏହି ମ୍ୟାଚ। ତେବେ ଟିମ୍ ଇଣ୍ଡିଆ ତାର ପ୍ରଥମ ମ୍ୟାଚ ସେପ୍ଟେମ୍ବର ୧୦ରେ ୟୁଏଇ ବିପକ୍ଷରେ ଖେଳିବ। ତେବେ ଏସିଆ କପ୍ ଆଗକୁ ଥିବା ବିଶ୍ୱ ସ୍ତରୀୟ ଟୁର୍ଣ୍ଣାମେଣ୍ଟ ପାଇଁ ବଡ଼ ସୁଯୋଗ ସୃଷ୍ଟି କରିବ। ଅଗଷ୍ଟ ତୃତୀୟ ସପ୍ତାହରେ ଟିମ୍ ଇଣ୍ଡିଆ ସ୍କ୍ୱାଡ ଘୋଷଣା କରିବ ମନୋନୟନ ଟିମ୍ । ବିଶେଷକରି ଆଇପିଏଲର କେକେଆର ଟିମ୍‌ରୁ ୩ ରୁ ୪ ଜଣ ସିଲେକ୍ସନ ହୋଇପାରନ୍ତି । ଶେଷ ଆଇପିଏଲ ସିଜିନ୍‌ରେ କୋଲକାତା ନାଇଟ ରାଇଡର୍ସ ଟାଇଟଲ ହାସଲ କରିଥିବା ବେଳେ ବହୁତ ଯୁବ ତଥା ଷ୍ଟାର ଖେଳାଳି ଅଛନ୍ତି। ରିଙ୍କୁ ସିଂ, ରମଣଦୀପ ସିଂହ, ବରୁଣ ଚକ୍ରବର୍ତ୍ତି, ହରସିତ ରାଣାଙ୍କୁ ସୁଯୋଗ ମିଳିପାରେ ବୋଲି ଚର୍ଚ୍ଚା ହେଉଛି । ପରବର୍ତ୍ତୀ ଟି-୨୦ ୱାର୍ଲ୍ଡ କପ୍ ପାଇଁ ଏସିଆ କପ୍‌ରେ ଖେଳାଳିମାନେ ସେମାନଙ୍କ ଭାଗ୍ୟ ପରୀକ୍ଷା କରିବା ସହ ବଡ଼ ସୁଯୋଗ ଆଣିଦେବ ବୋଲି କ୍ରୀଡ଼ା ବିଶେଷଜ୍ଞ ମତ ଦେଉଛନ୍ତି ।

**OFFICE OF THE CHIEF DISTRICT AGRICULTURE OFFICER,**
**NABARANGPUR**

ନବରଙ୍ଗପୁର ଜିଲ୍ଲା ଏକ କୃଷିବହୁଳ ଜିଲ୍ଲା ଏବଂ ଏଠାରେ ଅଧିକାଂଶ ଲୋକ ଚାଷକୁ ଜୀବିକା ଭାବରେ ଗ୍ରହଣ କରି ନିଜର ଜୀବନଯାପନ କରନ୍ତି। ଏହି ଜିଲ୍ଲାରେ ସର୍ବାଧିକ ଲୋକ ଧାନ ଏବଂ ମକା ଚାଷ କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ଓ କୃଷି ବିଭାଗଙ୍କ ମିଳିତ ଉଦ୍ୟମରେ ଗତବର୍ଷ ଠାରୁ ନବରଙ୍ଗପୁର ଜିଲ୍ଲାରେ ସୁବାସିତ ଧାନ ଓ ଅଣସୁବାସିତ ଧାନର ପ୍ରୋତ୍ସାହନ ନିମନ୍ତେ ଏକ ନୂତନ ଯୋଜନା ଆରମ୍ଭ କରାଯାଇଛି। ଚଳିତ ବର୍ଷ ୨୦୨୫-୨୬ ନିମନ୍ତେ ନବରଙ୍ଗପୁର ଜିଲ୍ଲାରେ ଏହି ଯୋଜନାରେ ସର୍ବମୋଟ ୪୩୦୦ ହେକ୍ଟର ଚାଷ କରାଯାଇଛି। ଏହି ଯୋଜନାରେ ଚାଷୀମାନଙ୍କୁ ବିଭିନ୍ନ କିସମର ବାସନା ଧାନ ଯଥା ବାଦଶାହଭୋଗ, ଗୀତାଞ୍ଜଳି, ସୁଗନ୍ଧା, କେତକୀଯୋହା ଇତ୍ୟାଦି କୃଷି ବିଭାଗ ଦ୍ୱାରା ପ୍ରଦାନ କରାଯାଇଛି। ଓଡ଼ିଶା ସରକାର, କୃଷି ବିଭାଗ, ରାଜ୍ୟ ସ୍ତରୀୟ ସହାୟକ ସଂସ୍ଥା କନକ ବାୟୋ ସାଇନ୍ସ ଓ ରିସର୍ଚ୍ଚ ପ୍ରାଇଭେଟ ଲିମିଟେଡଙ୍କ ମିଳିତ ଉଦ୍ୟମରେ ଚାଷୀଙ୍କୁ ଏହି ଧାନ କିସମ ବଣ୍ଟନ କରାଯାଇଛି। ଏହି ଯୋଜନାରେ ଚାଷୀଙ୍କୁ ବିହନ ସହ ଆର୍ଥିକ ଅନୁଦାନ ବାବଦକୁ ହେକ୍ଟର ପିଛା ୫୦୦୦ ଟଙ୍କା, ଚାଷୀଙ୍କ ଧାନର ବଜାର ଯୋଗାଯୋଗର ମଧ୍ୟ ବ୍ୟବସ୍ଥା ରହିଛି।

ସ୍ୱା/-
ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ନବରଙ୍ଗପୁର

# ଡେରାବିଶ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଡେରାବିଶ (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଗୋଲରାହାଟ ପଂଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ମିନିଷ୍ଟାଡ଼ିୟମ ପରିସରରେ ଆଜି ଡେରାବିଶ କପ୍ ଫୁଟବଲ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ ହୋଇଯାଇଛି। ଆଜି ପ୍ରଥମ ଦିନରେ ଦୁଇଟି କ୍ୱାଟର ଫାଇନାଲ୍ ଓ ଗୋଟିଏ ସେମିଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଆଜି ପୂର୍ବାହ୍ନରେ ଏହାକୁ ଉଦ୍‌ଘାଟନ କରିଥିଲେ ଗୋଲରାହାଟ ସରପଂଚ କାଶିନାଥ କାଣ୍ଡି। ପ୍ରଥମ କ୍ୱାଟର ଫାଇନାଲ୍ ମ୍ୟାଚ୍‌ରେ ଆଳି ଟିମ୍ ଓ ନଗସପୁର ଟିମ୍ ପରସ୍ପରକୁ ଭେଟିଥିଲେ। ଉଭୟ ଟିମ୍‌ର ଖେଳାଳୀମାନେ ଚିତାକର୍ଷକ ଖେଳ ପ୍ରଦର୍ଶନ କରିଥିବା ବେଳେ କେହି କାହାରିକୁ ଗୋଲ ଦେଇପାରିନଥିଲେ । ଶେଷରେ ଟାଇବ୍ରେକର ଜରିଆରେ ନଗସପୁର ଟିମ୍ ଆଳି ଟିମ୍‌କୁ ୩-୨ ଗୋଲ ଦେଇ ସେମିଫାଇନାଲ୍‌କୁ ଉନ୍ନିତ ହୋଇଥିଲା । ଏହା ପରେ ଅନୁଷ୍ଠିତ ଦ୍ୱିତୀୟ କ୍ୱାଟର ଫାଇନାଲ୍ ଗରଦପୁରର ଜାହାନିଆ ଫୁଟବଲ ଟିମ୍ ଓ ଡେରାବିଶ ଫୁଟବଲ୍ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ୨-୦ ଗୋଲରେ ଡେରାବିଶ ଟିମ୍ ଜିତି ସେମିଫାଇନାଲ୍‌କୁ ଉନ୍ନିତ ହୋଇଥିଲା । ଅପରାହ୍ନରେ ନଗସପୁର ଟିମ୍ ଓ ଡେରାବିଶ ଟିମ୍ ମଧ୍ୟରେ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏହି ସେମିଫାଇନାଲ୍ ମ୍ୟାଚ୍‌ରେ ଡେରାବିଶ ଟିମ୍ ନଗସପୁର ଟିମ୍‌କୁ ୧-୦ ଗୋଲରେ ହରାଇ ଫାଇନାଲ୍‌କୁ ଉନ୍ନିତ ହୋଇଥିଲେ । ଆସନ୍ତା ଅଗଷ୍ଟ ୧୫ ତାରିଖରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକମାନେ ପ୍ରକାଶ କରିଛନ୍ତି । ଆଜିର ଟୁର୍ଣ୍ଣାମେଂଟରେ ରେଫରି ଭାବେ ଆଶିଷ ଦାସ, ଲାଇନ୍ସମ୍ୟାନ ଭାବେ ପ୍ରକାଶ ରଞ୍ଜନ ଦୁବେ ଓ ମହେଶ୍ୱର ସେନାପତି ପରିଚାଳନା କରିଥିଲେ । ଏହି ଟୁର୍ଣ୍ଣାମେଂଟକୁ ଆୟୋଜକ କମିଟିର ସତ୍ୟଜିତ ଲେଙ୍କା, ଭବାନୀ ପ୍ରସାଦ ସିଂ, ଦିଲ୍ଲିପ କୁମାର ସେନାପତି, ବିଶ୍ୱଜିତ ନାୟକ, ଭାଗ୍ୟଧର ବାରିକ ପ୍ରମୁଖ ପରିଚାଳନା କରିଥିଲେ ।

**ଏଆର୍‌ଏସ୍‌ଏସ୍ ଇନ୍‌ଫ୍ରାଷ୍ଟ୍ରକଚର ପ୍ରୋଜେକ୍ଟସ୍ ଲିମିଟେଡ୍**
ARSS
**ପଞ୍ଜିକୃତ କାର୍ଯ୍ୟାଳୟ:** ପ୍ଲଟ୍ ନଂ.: ୩୮, ସେକ୍ଟର-ଏ, ଜୋନ୍-ଡି, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୦
**କର୍ପୋରେଟ୍ କାର୍ଯ୍ୟାଳୟ:** ଏଆରଏସ୍‌ଏସ୍ ମଲ, ପ୍ଲଟ୍ ନଂ.: ୪୦, କମ୍ୟୁନିଟି ସେଣ୍ଟର, ବ୍ଲକ୍-ଏ, ପଶ୍ଚିମ ବିହାର, ଜ୍ୱାଲାହେରି ମାର୍କେଟ ବିପରୀତ, ନୂଆ ଦିଲ୍ଲୀ-୧୧୦୦୬୩, ଟେଲିଫୋନ୍ ନଂ.: +୯୧-୦୬୭୪-୨୬୦୨୭୬୩, ଇ-ମେଲ: cs@arssgroup.in, ୱେବ୍‌ସାଇଟ୍: www.arssgroup.in, **CIN: L14103OR2000PLC006230**

**୩୦ଜୁନ୍ ୨୦୨୫ ସୁଦ୍ଧା ଶେଷ ହୋଇଥିବା ତ୍ରୈମାସିକ ପୃଥକ ଏବଂ ଏକିକୃତ ଅଣସମୀକ୍ଷିତ ଆର୍ଥିକ ଫଳାଫଳର ସାରାଂଶ**
ଆର୍ଥିକ ଫଳାଫଳର ମୁଖ୍ୟ ଅଂଶଗୁଡିକ (ଟଙ୍କା ଲକ୍ଷରେ)

| | | ପୃଥକ ଆର୍ଥିକ ବିବରଣୀ (Standalone) | | | | ଏକିକୃତ ଆର୍ଥିକ ବିବରଣୀ (Consolidated) | | | |
|---|---|---|---|---|---|---|---|---|---|
| କ୍ର. ନଂ. | ବିବରଣୀ | ଶେଷ ହୋଇଥିବା ତ୍ରୟମାସ | | | ଶେଷ ହୋଇଥିବା ବର୍ଷ | ଶେଷ ହୋଇଥିବା ତ୍ରୟମାସ | | | ଶେଷ ହୋଇଥିବା ବର୍ଷ |
| | | ୩୦.୦୬.୨୦୨୫ | ୩୧.୦୩.୨୦୨୫ | ୩୦.୦୬.୨୦୨୪ | ୩୧.୦୩.୨୦୨୫ | ୩୦.୦୬.୨୦୨୫ | ୩୧.୦୩.୨୦୨୫ | ୩୦.୦୬.୨୦୨୪ | ୩୧.୦୩.୨୦୨୫ |
| | | (ଅଣସମୀକ୍ଷିତ) | (ସମୀକ୍ଷିତ) ଦ୍ରଷ୍ଟବ୍ୟ-ଗ ଦେଖନ୍ତୁ | (ଅଣସମୀକ୍ଷିତ) | (ସମୀକ୍ଷିତ) | (ଅଣସମୀକ୍ଷିତ) | (ସମୀକ୍ଷିତ) ଦ୍ରଷ୍ଟବ୍ୟ-ଗ ଦେଖନ୍ତୁ | (ଅଣସମୀକ୍ଷିତ) | (ସମୀକ୍ଷିତ) |
| ୧. | କାର୍ଯ୍ୟରୁ ମୋଟ ଆୟ | ୧,୮୬୮.୧୯ | ୨,୫୩୯.୫୧ | ୮,୬୭୭.୫୩ | ୧୬,୫୩୮.୮୦ | ୧,୮୬୮.୧୯ | ୨,୫୩୯.୫୧ | ୮,୬୭୭.୫୩ | ୧୬,୫୩୮.୮୦ |
| ୨. | ଟିକସ ଏବଂ ବିଶେଷ ଏବଂ/କିମ୍ବା ଅସାଧାରଣ ଆଇଟମ୍ ପୂର୍ବରୁ ନେଟ୍ ଲାଭ/(କ୍ଷତି) | (୧୧,୫୧୬.୯୦) | (୯୮୪.୪୮) | ୯୪.୮୧ | (୮୩୫.୬୯) | (୧୧,୫୨୦.୮୭) | (୯୮୬.୫୮) | ୯୪.୮୦ | (୮୩୭.୬୯) |
| ୩. | ଟିକସ ପୂର୍ବରୁ (ବିଶେଷ ଏବଂ/କିମ୍ବା ସାଧାରଣ ଆଇଟମ୍ ପରେ) ନେଟ୍ ଲାଭ/ (କ୍ଷତି) | (୧୧,୫୧୬.୯୦) | (୯୮୪.୪୮) | ୯୪.୮୧ | (୮୩୫.୬୯) | (୧୧,୫୧୮.୭୮) | (୯୦୬.୬୨) | ୧୧୧.୯୭ | (୬୬୨.୯୦) |
| ୪. | ଟିକସ ପରେ (ବିଶେଷ ଏବଂ/କିମ୍ବା ଅସାଧାରଣ ଆଇଟମ୍ ପରେ) ନେଟ୍ ଲାଭ/କ୍ଷତି | (୧୧,୫୫୨.୪୮) | (୧,୦୨୭.୮୦) | ୫୬.୫୫ | (୯୪୯.୩୭) | (୧୧,୫୫୪.୩୬) | (୯୪୯.୯୩) | ୭୩.୭୨ | (୭୭୬.୫୭) |
| ୫. | ସମ୍ପୂର୍ଣ୍ଣ ମୋଟ୍ ଆୟ (ଟିକସ ପରେ ଲାଭ/(କ୍ଷତି) ଏବଂ ଟିକସ ପରେ ଅନ୍ୟ ମୋଟ୍ ଆୟ) | (୧୧,୫୫୨.୪୮) | (୧,୦୨୭.୮୦) | ୫୬.୫୫ | (୯୪୯.୩୭) | (୧୧,୫୫୪.୩୬) | (୯୪୯.୯୩) | ୭୩.୭୨ | (୭୭୬.୫୭) |
| ୬. | ଇକ୍ୟୁଟି ସେୟାର କ୍ୟାପିଟାଲ | ୨,୨୭୩.୮୦ | ୨,୨୭୩.୮୦ | ୨,୨୭୩.୮୦ | ୨,୨୭୩.୮୦ | ୨,୨୭୩.୮୦ | ୨,୨୭୩.୮୦ | ୨,୨୭୩.୮୦ | ୨,୨୭୩.୮୦ |
| ୭. | ସେୟାର ପିଛା ଆୟ (ପ୍ରତ୍ୟେକ ଟ.୧୦/- ରେ) ବେସିକ୍ ଏବଂ ଡାଇଲୁଟେଡ୍ (ଟଙ୍କାରେ) | (୫୦.୮୧) | (୪.୫୨) | ୦.୨୫ | (୪.୧୮) | (୫୦.୮୨) | (୪.୧୮) | ୦.୩୨ | (୩.୪୨) |

ଦ୍ରଷ୍ଟବ୍ୟ:
କ) **୩୦ ଜୁନ୍ ୨୦୨୫** ସୁଦ୍ଧା ଶେଷ ହୋଇଥିବା କମ୍ପାନୀର ଉପରୋକ୍ତ ପୃଥକ ଆର୍ଥିକ ବିବରଣୀ ଏବଂ ଏକିକୃତ ଆର୍ଥିକ ବିବରଣୀ ତ୍ରୈମାସିକ ଏବଂ ବାର୍ଷିକ ଆର୍ଥିକ ଫଳାଫଳ କମ୍ପାନୀର ପରିଚାଳନା ପରିଷଦଦ୍ୱାରା ପ୍ରସ୍ତୁତ ଏବଂ ରିଜୋଲ୍ୟୁସନ୍ ପ୍ରଫେସନାଲ୍ ଦ୍ୱାରା **୧୧ ଅଗଷ୍ଟ ୨୦୨୫** ରିଖରେ ଅନୁମୋଦନ କରାଯାଇଛି। ଏହି ଆର୍ଥିକ ଫଳାଫଳ ସେବି (ଆଇନଗତ ବାଧ୍ୟତା ଏବଂ ପ୍ରକାଶନ ଆବଶ୍ୟକତା) ନିୟମାବଳୀ ୨୦୧୫ ର ନିୟମ ୩୩ ଅନୁଯାୟୀ ପ୍ରକାଶ କରାଯାଉଛି।
ଖ) **୩୦ ଜୁନ୍ ୨୦୨୫** ସୁଦ୍ଧା ଶେଷ ହୋଇଥିବା ଉପରୋକ୍ତ ତ୍ରୈମାସିକ ଏବଂ ବାର୍ଷିକ ପୃଥକ ଏବଂ ଏକିକୃତ ଆର୍ଥିକ ଅଣସମୀକ୍ଷିତ ଫଳାଫଳର ସାରାଂଶ ବିବରଣୀର ସମ୍ପୂର୍ଣ୍ଣ ଫର୍ମାଟ ସେବି (ଆଇନଗତ ବାଧ୍ୟତା ଏବଂ ପ୍ରକାଶନ ଆବଶ୍ୟକତା ସୂଚୀକରଣ) ନିୟମାବଳୀ ୨୦୧୫ର ନିୟମ ୩୩ ଅନୁଯାୟୀ ଷ୍ଟକ୍ ଏକ୍ସଚେଞ୍ଜରେ ନଥିଭୁକ୍ତ କରାଯାଇଅଛି। **୩୦ ଜୁନ୍ ୨୦୨୫** ସୁଦ୍ଧା ଶେଷ ହୋଇଥିବା ତ୍ରୈମାସିକ ଏବଂ ବାର୍ଷିକ ପୃଥକ ଏବଂ ଏକିକୃତ ଆର୍ଥିକ ଅଣସମୀକ୍ଷିତ ଫଳାଫଳର ସାରାଂଶ ବିବରଣୀର ସମ୍ପୂର୍ଣ୍ଣ ଫର୍ମାଟ ଷ୍ଟକ୍ ଏକ୍ସଚେଞ୍ଜ ୱେବ୍‌ସାଇଟ୍- **www.bseindia.com & www.nseindia.com** ଏବଂ କମ୍ପାନୀର ୱେବ୍‌ସାଇଟ୍ - **www.arssgroup.in** ରେ ଉପଲବ୍ଧ ।
ଗ) **୨୦୨୫ ମସିହା ମାର୍ଚ୍ଚ ୩୧** ସୁଦ୍ଧା ଶେଷ ହୋଇଥିବା ତ୍ରୟମାସିକ ଅଙ୍କଗୁଡ଼ିକ ହେଉଛି ପୂର୍ଣ୍ଣ ଆର୍ଥିକ ବର୍ଷ ଗୁଡ଼ିକର ସମୀକ୍ଷିତ ଅଙ୍କ ଏବଂ ସମ୍ପୃକ୍ତ ବର୍ଷମାନଙ୍କ ନିମନ୍ତେ ୨୦୨୪ ମସିହା ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଅଣ ସମୀକ୍ଷିତ ପ୍ରକାଶିତ ବର୍ଷଗୁଡ଼ିକର ଅଙ୍କ ଗୁଡ଼ିକର ଅବଶେଷ ଅଙ୍କ ଯାହାକି ବୈଧାନିକ ସମୀକ୍ଷକଙ୍କ ଦ୍ୱାରା ସମୀକ୍ଷା ସାପେକ୍ଷ।


**The Results can be accessed through the following link or scanning the QR Code**
**http://arssgroup.in/PDF/QuarterlyResult/Board%20Meeting%20Outcome%2030.06.2025.pdf**

ଏଆର୍‌ଏସ୍‌ଏସ୍ ଇନ୍‌ଫ୍ରାଷ୍ଟ୍ରକଚର ପ୍ରୋଜେକ୍ଟସ ଲିମିଟେଡ୍
ତରଫରୁ (ସିଆଇଆରପି ସମୟରେ ବୋର୍ଡ ସସ୍‌ପେଣ୍ଡ)

ସ୍ୱା/-
ରାଜେଶ ଅଗ୍ରୱାଲ
ପରିଚାଳନା ନିର୍ଦ୍ଦେଶକ
"ଡି.ଆଇ.ଏନ୍.- ୦୦୨୧୭୮୨୩"
(ସିଆଇଆରପି ସମୟରେ ସସ୍‌ପେଣ୍ଡ)

ସ୍ୱା/-
ଉଦୟ ନାରାୟଣ ମିତ୍ରା
(ରିଜୋଲ୍ୟୁସନ୍ ପ୍ରଫେସନାଲ) ଆଇପି ପଞ୍ଜିକୃତ ନଂ.: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୦୭୯୩/୨୦୧୭-୧୮/୧୧୩୬୦

ତାରିଖ: ୧୧.୦୮.୨୦୨୫
ସ୍ଥାନ: ଭୁବନେଶ୍ୱର



# ଧୋନୀଙ୍କ ମାନହାନି କେସ୍‌ର ପୁଣି ଶୁଣାଣୀ ଆରମ୍ଭ

ନୂଆଦିଲ୍ଲୀ: ମାଡ୍ରାସ ହାଇକୋର୍ଟ ମହେନ୍ଦ୍ର ସିଂ ଧୋନୀଙ୍କ ୧୦ ବର୍ଷ ତଳର ମାନହାନି କେସର ଶୁଣାଣୀ ପୁନର୍ବାର ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଧୋନୀ ୨ଟି ବଡ ମିଡିଆ ସଂସ୍ଥା ସମେତ ଜନୈକ ପତ୍ରକାର ଓ ଆଇପିଏସ ଅଧିକାରୀଙ୍କ ନାମରେ ମାନହାନି ମୋକଦ୍ଦମା କରିଥିଲେ। ଧୋନୀ ଆଇପିଏଲ ସଟ୍ଟାବାଜ ଦୁର୍ନୀତିରେ ସାମିଲ ଅଛନ୍ତି ବୋଲି ସେମାନେ କହିଥିଲେ । ସୋମବାର ବିଚାରପତି ସିଭି କାର୍ତ୍ତିକେୟନ ଜଣେ ଆୟୁକ୍ତ ନିଯୁକ୍ତ କରିଛନ୍ତି। ଯିଏ କି ଚେନ୍ନାଇର ସମସ୍ତ ପକ୍ଷ ଓ ଧୋନୀ ସମ୍ପର୍କୀତ ପ୍ରମାଣ ଯୋଗାଡ କରିବେ। ଧୋନୀ ନିକଟରେ ଏହି ମାନହାନି କେସର ପୁନର୍ବାର ଶୁଣାଣୀ କରିବା ପାଇଁ ଅନୁରୋଧ କରିଥିଲେ। ୨୦୧୪ରୁ ଏହି କେସ ପଡି ରହିଥିଲା। ୨୦ ଅକ୍ଟୋବର ୨୦୨୫ରୁ ୧୦ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଧୋନୀ ଉପଲବ୍ଧ ରହିବେ ବୋଲି କହିଥିଲେ। ମୁଁ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରସ୍ତୁତ ଅଛି। ହାଇକୋର୍ଟଙ୍କ ସମସ୍ତ ନିର୍ଦ୍ଦେଶ ମଧ୍ୟ ପାଳନ କରିବି ବୋଲି କହିଛନ୍ତି। ୨୦୧୩ରେ ଆଇପିଏଲରେ ସ୍ପଟ ଫିକ୍ସିଂ ହୋଇଥିଲା। ଏଥିରେ ଏସ.ଶ୍ରୀସନ୍ଥ, ଅଜିତ ଚାଣ୍ଡିଲା ଓ ଅଙ୍କିତ ଚୌହ୍ୱାନ ଧରା ପଡିଥିଲେ। ଚେନ୍ନାଇ ସୁପର କିଙ୍ଗସର ମାଲିକ ଏନ.ଶ୍ରୀନିବାସନଙ୍କ ଜାମାତା ଓ ଟିମ ପ୍ରିନ୍ସିପଲ ଗୁରୁନାଥ ମାୟପ୍ପନ୍ନଙ୍କ ନାମ ମଧ୍ୟ ଉଠିଥିଲା। ଏହି ଘଟଣା ପରେ ରାଜସ୍ଥାନ ରୟାଲ୍ସ ଓ ଚେନ୍ନାଇକୁ ୨ ବର୍ଷ ପାଇଁ ବାସନ୍ଦ କରାଯାଇଥିଲା।



ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ବିଶେଷ କରି ବୃତ୍ତିଗତ କ୍ଷେତ୍ରରେ ବ୍ୟକ୍ତି ଚାପଗ୍ରସ୍ତ ରହୁଛି । ଏଥିମଧ୍ୟରେ ମୁଣ୍ଡବିନ୍ଧା ଏକ ସାଧାରଣ ସମସ୍ୟା ଭାବେ ଉଭା ହୋଇଛି । ଏଭଳି ସ୍ଥିତିରେ ବ୍ୟକ୍ତିଙ୍କୁ ଇରିଟେସନ୍ ହୋଇଥାଏ ଏବଂ ତୁରନ୍ତ ମୁଣ୍ଡବିନ୍ଧାରୁ ମୁକ୍ତି ପାଇବା ପାଇଁ ଅଧିକାଂଶ ପେନ୍ କିଲରର ସାହାରା ନେଇଥାନ୍ତି । କିନ୍ତୁ ଏହି ପେନ୍ କିଲର ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବାନୁଯାୟୀ ମୁଣ୍ଡବିନ୍ଧା ହେଲେ ତୁରନ୍ତ ପେନ୍ କିଲର ସେବନ କରିବା ଅନୁଚିତ । ଏହା ଦ୍ୱାରା ପେଟ ସମ୍ବନ୍ଧୀୟ ସମସ୍ୟା ଦେଖାଦେଇପାରେ । ଫଳରେ ପେଟ ଯନ୍ତ୍ରଣା, ଫୁଲା, ଅଲସର ଭଳି ବିଭିନ୍ନ ରୋଗର ଆଶଙ୍କା ବୃଦ୍ଧି ପାଇଥାଏ । କେବଳ ଏତିକି ନୁହେଁ ପେନ୍ କିଲର କିଡନୀ ଉପରେ ମଧ୍ୟ ପ୍ରଭାବ ପକାଇଥାଏ ଫଳରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ହୋଇଥାଏ । ଏହା ବ୍ୟତୀତ ହୃଦରୋଗ ଆଶଙ୍କା ବୃଦ୍ଧି ପାଇଥାଏ । ମୁଣ୍ଡବିନ୍ଧା ଔଷଧ ସେବନ କଲେ ତୁରନ୍ତ ଆରାମ ମିଳିଥାଇପାରେ କିନ୍ତୁ ଦୀର୍ଘ ସମୟରେ ଏହା ଗମ୍ଭୀର ସମସ୍ୟା ସୃଷ୍ଟି କରିପାରେ । ଅପରପକ୍ଷରେ ଓଭର ଦି କାଉଣ୍ଟର ଔଷଧ ସେବନ କରିବାର ମଧ୍ୟ ଏକ ସୀମା ରହିଛି । ଡାକ୍ତରଙ୍କ ବିନା ପରାମର୍ଶରେ ଅତ୍ୟାଧିକ ଔଷଧ ସେବନ କରିବା ଦ୍ୱାରା ବିଭିନ୍ନ ପାଶ୍ୱର୍ପ୍ରତିକ୍ରିୟା ଦେଖାଦେଇଥାଏ ।

# ବିଗ୍‌ବସ୍‌ରେ ନଜର ଆସିବେ ସହିଦଙ୍କ ପତ୍ନୀ ହିମାଂଶୀ ନରୱାଲ୍!



ମେ' ୨୦୨୪ ରେ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ସମସ୍ତଙ୍କୁ ସ୍ତବ୍ଧ କରି ଦେଇଥିଲା । ଏହି ଆକ୍ରମଣରେ ଭାରତୀୟ ସେନାର ଯବାନ ବିନୟ ନରୱାଲ ସହିଦ ହୋଇଥିଲେ । ବିନୟଙ୍କ ପତ୍ନୀ ହିମାଂଶୀ ନରୱାଲଙ୍କ ଫଟୋ ସେହି ସମୟରେ ସୋସିଆଲ ମିଡିଆରେ ବହୁତ ଭାଇରାଲ ହୋଇଥିଲା । ବିବାହ ପରେ ଏହି ଦମ୍ପତି ହନିମୁନ୍ ପାଇଁ ପହଲଗାମରେ ପହଞ୍ଚିଥିଲେ । କିନ୍ତୁ ଆତଙ୍କୀଙ୍କ ଆକ୍ରମଣ ସେମାନଙ୍କୁ ସବୁଦିନ ପାଇଁ ଅଲଗା କରିଦେଲା । ବିନୟଙ୍କ ମୃତ୍ୟୁରେ ହିମାଂଶୀ ଏବଂ ତାଙ୍କ ପରିବାର ସହିତ ସମଗ୍ର ଦେଶ କାନ୍ଦିଥିଲା । ତେବେ ବର୍ତ୍ତମାନ ଖବର ଆସୁଛି ଯେ ହିମାଂଶୀଙ୍କୁ ରିଆଲିଟି ଶୋ' 'ବିଗ୍ ବସ୍ ୧୯' ପାଇଁ ଅଫର୍ ମିଳିଛି । ଟେଲି ଚକ୍କରର ରିପୋର୍ଟ ଅନୁଯାୟୀ, ବିଗ୍ ବସ୍‌ର ନିର୍ମାତା ହିମାଂଶୀଙ୍କୁ ନିଜ ଶୋ'ରେ ଆଣିବାକୁ ଚାହୁଁଛନ୍ତି । କାରଣ ଦର୍ଶକ ତାଙ୍କ ସହିତ ପୂର୍ବରୁ ହିଁ ଯୋଡ଼ି ହୋଇ ରହିଛନ୍ତି । ସୂତ୍ରରୁ ଜଣାପଡ଼ିଛି ଯେ ନିର୍ମାତା କିଛି ଏପରି ଲୋକଙ୍କୁ ଶୋ'ରେ ନେବାକୁ ଚାହୁଁଛନ୍ତି, ଯେଉଁମାନେ ଦର୍ଶକଙ୍କ ସହିତ ତୁରନ୍ତ ଯୋଡ଼ି ହୋଇଯିବେ । ଏଥିପାଇଁ ବିଗ୍ ବସ୍ ୧୯ରେ ହିମାଂଶୀଙ୍କୁ ନେବା ପାଇଁ କଥାବାର୍ତ୍ତା ଚାଲିଛି । ତେବେ ଏହାକୁ ନେଇ ଏବେ କିଛି ସ୍ପଷ୍ଟ ହୋଇନାହିଁ। ଏହି ରିପୋର୍ଟର ବିପରୀତରେ ସୋସିଆଲ ମିଡିଆ ହ୍ୟାଣ୍ଡେଲ୍‌ରେ ଖବର ପ୍ରଚାର ହେଉଛି ଯେ ହିମାଂଶୀଙ୍କୁ 'ବିଗ୍ ବସ୍ ୧୯'ରୁ କୌଣସି ଅଫର୍ ଆସିନାହିଁ । ସେ ଏହି ଶୋ'ର ଅଂଶ ହେବେ ନାହିଁ । ହିମାଂଶୀ ନରୱାଲଙ୍କ ନାମ ପ୍ରଥମ ଥର ପାଇଁ ସେତେବେଳେ ସାମ୍ନାକୁ ଆସିଥିଲା ଯେତେବେଳେ ତାଙ୍କ ସ୍ୱାମୀ ତଥା ନେଭି ଅଫିସର ବିନୟ ନରୱାଲ ପହଲଗାମ ଆକ୍ରମଣରେ ସହିଦ ହୋଇଥିଲେ । ହିମାଂଶୀଙ୍କ ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା, ଯେଉଁଥିରେ ସେ ନିଜ ମୃତ ସ୍ୱାମୀଙ୍କ ପାଖରେ ବସି କାନ୍ଦୁଥିଲେ । ଏହି ଫଟୋ ସମଗ୍ର ଦେଶକୁ ଦୋହଲାଇ ଦେଇଥିଲା । ପରେ ୟୁଟ୍ୟୁବର ଏଲଭିସ୍ ଯାଦବ ହିମାଂଶୀଙ୍କୁ ଚିହ୍ନି କହିଥିଲେ ଯେ ସେ ତାଙ୍କ ସହିତ କଲେଜରେ ପଢୁଥିଲେ । ତେବେ 'ବିଗ୍ ବସ୍ ୧୯'ର ପ୍ରୋମୋ ନିକଟରେ ରିଲିଜ୍ ହୋଇଥିଲା । ଏଥିରେ ସଲମାନ ଖାନଙ୍କୁ ଜଣେ ନେତା ଭାବରେ ଦେଖାଯାଇଥିଲା । ରିପୋର୍ଟ ଅନୁଯାୟୀ,ତାରକ ମେହେତା କା ଉଲଟା ଚଷମା ଫେମ୍ ଷ୍ଟାର୍ସ ଶୈଳେଶ ଲୋଢା, ଗୁରୁଚରଣ ସିଂ, ମୁନମୁନ ଦତ୍ତାଙ୍କୁ ଶୋ'ର ଅଫର୍ ଦିଆଯାଇଛି । ଏହା ବ୍ୟତୀତ ଲତା ସାବରୱାଲ, ଫୈସଲ ଶେଖ, ଜନ୍ନତ ଜୁବେର, ପୂରବ ଝା ଏବଂ ଅପୂର୍ବା ମଖିଜାଙ୍କୁ ଅଫର୍ ମିଳିଥିବାର ଖବର ମଧ୍ୟ ସାମ୍ନାକୁ ଆସିଛି ।





ଗତ ବର୍ଷ ଅଲ୍ଲୁ ଅର୍ଜୁନଙ୍କ ଚଳଚ୍ଚିତ୍ର 'ପୁଷ୍ପା ୨ : ଦି ରୁଲ୍' ମୁକ୍ତିଲାଭ କରିଥିଲା। ଏହା ଭାରତୀୟ ସିନେମାର ସବୁଠାରୁ ଅଧିକ ଆୟ କରିଥିବା ଚଳଚ୍ଚିତ୍ରଗୁଡ଼ିକ ମଧ୍ୟରେ ସ୍ଥାନ ପାଇଥିଲା। ଏହି ଚଳଚ୍ଚିତ୍ର କେବଳ ତେଲୁଗୁ ବେଲ୍ଟରେ ନୁହେଁ, ବରଂ ହିନ୍ଦୀ ମାର୍କେଟରେ ମଧ୍ୟ ବିପୁଳ ବ୍ୟବସାୟ କରିଥିଲା। ଦେଶର ପ୍ରତ୍ୟେକ କୋଣରେ ତାଙ୍କ ନାମ ପହଞ୍ଚିଥିଲା। ସେ ଆଉ କେବଳ ତେଲୁଗୁ ଷ୍ଟାର ନ ରହି ଜାତୀୟ ସ୍ତରରେ ପରିଚିତ ହୋଇଥିଲେ। ତାଙ୍କ ଚଳଚ୍ଚିତ୍ର ସମ୍ବନ୍ଧୀୟ ଯେକୌଣସି ଅପଡେଟ ଆସିଲେ, ହିନ୍ଦୀ ଦର୍ଶକମାନେ ମଧ୍ୟ ତାହା ଉପରେ ନଜର ରଖୁଥାନ୍ତି। ଏଭଳି ପରିସ୍ଥିତିରେ ଅଲ୍ଲୁ ଅର୍ଜୁନଙ୍କର ଏକ ଭିଡିଓ ଭାଇରାଲ ହେଉଛି। ଭିଡିଓ ଦେଖି ଲୋକମାନେ ଲଗାତାର ତାଙ୍କୁ ସମାଲୋଚନା କରୁଛନ୍ତି। କେହି କେହି ଲେଖୁଛନ୍ତି ଯେ ସେ ଅଯଥା ଅହଂକାର ଦେଖାଉଛନ୍ତି।

# ଅଲ୍ଲୁ ଅର୍ଜୁନ ଟ୍ରୋଲ୍

ଏୟାରପୋର୍ଟରୁ ଅଲ୍ଲୁ ଅର୍ଜୁନଙ୍କର ଏକ ଭିଡିଓ ଭାଇରାଲ ହେଉଛି। ସେଠାରେ ଦେଖାଯାଉଛି ଯେ ଜଣେ ସୁରକ୍ଷା ଅଧିକାରୀ ଅଲ୍ଲୁ ଅର୍ଜୁନଙ୍କୁ ପଚରାଉଚୁରା କରୁଛନ୍ତି। ଅଧିକାରୀ ତାଙ୍କୁ ମୁହଁ ଦେଖାଇବାକୁ କହୁଛନ୍ତି। ଅର୍ଜୁନ ଏହା କରୁ ନାହାନ୍ତି। ସେ କେବଳ କଥାବାର୍ତ୍ତା ଜରିଆରେ ଅଧିକାରୀଙ୍କୁ ବୁଝାଇବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ଯେତେବେଳେ ଅଧିକାରୀ ମାନୁ ନାହାନ୍ତି, ଅର୍ଜୁନ ନିଜ ମୁହଁରେ ଲଗାଇଥିବା ମାସ୍କକୁ ଟିକେ ହଟାଇ ନିଜ ମୁହଁ ଦେଖାଉଛନ୍ତି। ଏହି ଭିଡିଓକୁ ନେଇ ହଇଚଇ ହେଉଛି। ଲୋକମାନେ ସୁରକ୍ଷା ଅଧିକାରୀଙ୍କ ପ୍ରଶଂସା କରୁଛନ୍ତି। କହୁଛନ୍ତି ଯେ ଅଧିକାରୀ ଜଣେ ଷ୍ଟାରଙ୍କୁ ମଧ୍ୟ ସାଧାରଣ ବ୍ୟକ୍ତି ଭଳି ବ୍ୟବହାର କରିଛନ୍ତି। ନିୟମକୁ ଅଣଦେଖା କରି ନାହାନ୍ତି। ଅନ୍ୟପଟେ, ଅଲ୍ଲୁ ଅର୍ଜୁନଙ୍କୁ ଟ୍ରୋଲ କରାଯାଉଛି। ଜଣେ ଲେଖିଛନ୍ତି ଯେ ସିଆଇଏସଏଫ ଅଧିକାରୀ ସୁରକ୍ଷା କାରଣରୁ ମୁହଁ ଦେଖାଇବାକୁ କହିଥିଲେ, ଏଥିରେ ଏତେ ଆଟିଚ୍ୟୁଡ ଦେଖାଇବାର କ'ଣ ଆବଶ୍ୟକତା ଥିଲା। ଆଉ ଜଣେ କମେଣ୍ଟ କରିଛନ୍ତି ଯେ ଅଲ୍ଲୁ ଅର୍ଜୁନ ଏହା ଜାଣି ରାଗିଗଲେ ଯେ ତାଙ୍କୁ ସାଧାରଣ ବ୍ୟକ୍ତି ଭଳି ବ୍ୟବହାର କରାଯାଉଛି।

# ଘର ତିଆରି କରୁଥିଲେ....



*ପ୍ରାୟ ପ୍ରତ୍ୟେକ ଲୋକଙ୍କ ସ୍ୱପ୍ନ ଥାଏ ଖଣ୍ଡିଏ ଘର କରିବା। ଘର କରିବା ପାଇଁ ଜଣେ ତା' ଜୀବନର ମୂଲ୍ୟବାନ ସମୟ ଓ ଅର୍ଥ ବିନିଯୋଗ କରିଥାଏ। ତେବେ ଅନେକ ସମୟରେ ଏହି ଘରଟି କେବଳ ବସ୍ତୁବାଚକ ଓ ଭୌଗୋଳିକ ଭାବରେ ଘର ଯାହା ହୋଇଥାଏ ସିନା କିନ୍ତୁ ସେ ଘରଟି 'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର' ସଦୃଶ ହୋଇପାରି ନଥାଏ। ଆସନ୍ତୁ ଘର ତିଆରି ସମ୍ପର୍କରେ ଏକ ଛୋଟିଆ ବାସ୍ତୁ ଆଲୋଚନା ରଖିବା....*

- ଜମିର ଚାରି କୋଣ ୯୦ ଡିଗ୍ରୀ ଥିଲେ ତାହା ଘର ତିଆରି କରିବା ଲାଗି ବେଶ ଉପଯୋଗୀ ।
- ଦକ୍ଷିଣ ଓ ପଶ୍ଚିମ କୋଣ ତୁଳନାରେ ଉତ୍ତର ଓ ପୂର୍ବ କୋଣ ଅଧିକ ଖୋଲା ରହିବା ଦରକାର ।
- ଜମିର ଦକ୍ଷିଣ ଓ ପଶ୍ଚିମ କୋଣରେ ଘର ନିର୍ମାଣ କରନ୍ତୁ ।
- କୂପ, ନଳକୂପ, ପାଣିକୁଣ୍ଡ ଆଦି ଜମିର ଉତ୍ତର-ପୂର୍ବ କୋଣରେ ତିଆରି କରନ୍ତୁ ।
- ଉତ୍ତର ଓ ପୂର୍ବ ଦିଗରେ ଅଧିକ ଖୋଲା ଜାଗା ଛାଡ଼ନ୍ତୁ ।
- ଘରର ପୂର୍ବ, ଉତ୍ତର ଓ ଉତ୍ତର-ପୂର୍ବ କୋଣରେ କୌଣସି ଗଛ ଲଗାନ୍ତୁ ନାହିଁ ବା ରଖନ୍ତୁ ନାହିଁ ।
- ରୋଷେଇ ଘରର ମୁହଁ ପୂର୍ବ ଦିଗକୁ ରଖନ୍ତୁ ।
- ଘର ଉପରେ କୌଣସି ଗଛର ଛାଇ ଯେପରି ନପଡ଼େ ସେଥିପ୍ରତି ଧ୍ୟାନ ଦିଅନ୍ତୁ ।
- ଘରକୁ ପଶ୍ଚିମରୁ ପୂର୍ବ ଅଥବା ଦକ୍ଷିଣରୁ ଉତ୍ତର ଦିଗକୁ ଗଡ଼ାଣିଆ କରନ୍ତୁ ।

# ବଡ଼ପଣ ଦେଖାଇଲେ ଅନୀତା ହସନନ୍ଦିନୀ



ଅନୀତା ହସନନ୍ଦିନୀ ଟିଭି ପରଦାରେ ଜଣେ ବହୁ ଲୋକପ୍ରିୟ ଚେହେରା। ନିଜର ଚମତ୍କାର ଅଭିନୟ ଜରିଆରେ ସେ ଲୋକଙ୍କ ହୃଦୟ ପୂର୍ବରୁ ଜିଣି ସାରିଥିଲେ। ଏବେ ସେ ତାଙ୍କର ବଡ଼ପଣ ପାଇଁ ପୁଣି ଥରେ ଚର୍ଚ୍ଚାର ପରିସର ଭିତରକୁ ଆସିଛନ୍ତି। 'ଛୋରିଆ ଚଲି ଗାଓଁ' ରିଆଲିଟି ସୋ'ରେ ଅଭିନେତ୍ରୀ ଏକ ଗ୍ରାମାଞ୍ଚଳ ପରିବେଶରେ ନିଜର ସମୟ ଅତିବାହିତ କରୁଛନ୍ତି। ସେଠାରେ ସେ ଗ୍ରାମବାସୀମାନଙ୍କର ସମସ୍ୟା ବି ବୁଝୁଛନ୍ତି। ଅନିତା ଯେଉଁ ପରିବାରରେ ରହିଥିଲେ; ସେ ଜାଣିବାକୁ ପାଇଲେ ଯେ ସେହି ପରିବାରର ଜଣେ ମହିଳାଙ୍କର ଦେହାନ୍ତ ହୋଇଯାଇଛି। ତାଙ୍କର ଜଣେ ଛୋଟ ପିଲା ଅଛି। ପିଲାଟି ବିନା ମାଆରେ ବଢୁଛନ୍ତି। ପିଲାଟିର ମାଆର କରେଣ୍ଟରେ ଜୀବନ ଯାଇଛି। ମହିଳା ଜଣକୁ ସକାଳୁ ଗଛ ପୂଜା କରିବାକୁ ଯିବା ବେଳେ ତାର ଉପରେ ଗୋଡ଼ ପଡ଼ିଯିବାରୁ ମହିଳାଙ୍କ ମୃତ୍ୟୁ ହୋଇଛି। ସେହିପରି ଅନ୍ୟ ଜଣେ ମହିଳାଙ୍କର ହସ୍ପିଟାଲ ଅସୁବିଧା ହେତୁ ମୃତ୍ୟୁ ହୋଇଛି। ସେହି ଗାଁରେ କୌଣସି ମାତୃତ୍ୱ ହସ୍ପିଟାଲ ନଥିବାରୁ ମହିଳା ଜଣକ ନିଜ ପିଲାକୁ ଜନ୍ମ ଦେବା ବେଳେ ମୃତ୍ୟୁ ବରଣ କରିଛନ୍ତି। ଏହିଭଳି ଭାବେ ଦୁଇ ମାଆ ଛେଉଣ୍ଡ ପିଲାଙ୍କ ଦୁଃଖ ଶୁଣି ଅନୀତାଙ୍କ ହୃଦୟ କମ୍ପିଉଠିଲା। ସେ ଦୁଇ ପିଲାଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟର ଦାୟିତ୍ୱ ବହନ କରିଛନ୍ତି। ଏହାସହ ଅନୀତା ସେହି ଦୁଇ ପରିବାରକୁ କେଉଁ ବି ପ୍ରକାର ସହଯୋଗ ପାଇଁ ତାଙ୍କୁ କଲ୍ କରିବା ପାଇଁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି।

# ହେଲିକପ୍ଟର ପ୍ୟାରେଣ୍ଟିଂ ପିଲାଙ୍କ ଉପରେ ଖରାପ ପ୍ରଭାବ ପକାଏ



*ପିତାମାତା ଓ ପିଲାଙ୍କ ମଧ୍ୟରେ ସମ୍ପର୍କ ଅତ୍ୟନ୍ତ ନିବିଡ଼। ଖୁସି, ଥଟ୍ଟା, ମଜା, ହସ ଓ କାନ୍ଦରେ ଏହି ସଂପର୍କ ଚାଲିଥାଏ। କିନ୍ତୁ ବେଳେବେଳେ ପିତାମାତାମାନେ ସେମାନଙ୍କ ପିଲାମାନଙ୍କ ଜୀବନରେ ଆବଶ୍ୟକତାଠାରୁ ଅଧିକ ହସ୍ତକ୍ଷେପ କରନ୍ତି । ଏହା କରିବା ପିଲାମାନଙ୍କ ଉପରେ ଖରାପ ପ୍ରଭାବ ପକାଇପାରେ । ସେହି ପିତାମାତାଙ୍କୁ ହେଲିକପ୍ଟର ପ୍ୟାରେଣ୍ଟିଂ ବୋଲି କୁହାଯାଏ। ଆପଣ ହେଲିକପ୍ଟର ପ୍ୟାରେଣ୍ଟିଂ ବିଷୟରେ ଜାଣିଛନ୍ତି କି? ଯଦି ନୁହେଁ ତେବେ ଆମେ ଆପଣଙ୍କୁ ହେଲିକପ୍ଟର ପ୍ୟାରେଣ୍ଟିଂ ବିଷୟରେ କହୁଛୁ...*

## ହେଲିକପ୍ଟର ପ୍ୟାରେଣ୍ଟିଂ କ'ଣ?

ଅଭିଭାବକମାନେ ନିଜ ପିଲାମାନଙ୍କୁ ଭଲ ପରିବେଶରେ ରଖିବାକୁ ଚାହାନ୍ତି, ଯାହାଦ୍ୱାରା ସେମାନଙ୍କର ପିଲା ବୁଦ୍ଧିମାନ ହୁଅନ୍ତି । ଏପରି ପରିସ୍ଥିତିରେ, କିଛି ପିତାମାତା ନିଜ ପିଲାମାନଙ୍କ ଜୀବନରେ ଅତ୍ୟଧିକ ହସ୍ତକ୍ଷେପ କରନ୍ତି । ତାଙ୍କର ଏହି ଅଭ୍ୟାସକୁ ହେଲିକପ୍ଟର ପ୍ୟାରେଣ୍ଟିଂ କୁହାଯାଏ। କେବଳ ଏତିକି ନୁହେଁ, ପିତାମାତାମାନେ ନିଜ ପିଲାମାନଙ୍କ ପାଇଁ ପ୍ରତ୍ୟେକ ଛୋଟ ଏବଂ ବଡ଼ ପ୍ରସଙ୍ଗରେ ନିଷ୍ପତ୍ତି ନିଅନ୍ତି ଏବଂ ନିଜେ ସେମାନଙ୍କର ସମସ୍ୟାର ସମାଧାନ କରନ୍ତି । ଏହାର ଅର୍ଥ ପିତାମାତାମାନେ ନିଜ ପିଲାମାନଙ୍କୁ ସମସ୍ୟାରୁ ରକ୍ଷା କରିବା ପାଇଁ କଠିନ ଚେଷ୍ଟା କରନ୍ତି । ଏହା ହେଲିକପ୍ଟର ପ୍ୟାରେଣ୍ଟିଂ ଅଧୀନରେ ଆସିଥାଏ । ଯାହାଫଳରେ ପିଲାମାନେ ନିଷ୍ପତ୍ତି ନେବାରେ ଅସମର୍ଥ ହୁଅନ୍ତି। ଏହି ଭଳି ଶିଶୁର ପିତାମାତାଙ୍କୁ ହେଲିକପ୍ଟର ପ୍ୟାରେଣ୍ଟିଂ ଭାବରେ ଗଣାଯାଏ । ଏହା ପିଲା ଉପରେ ଖରାପ ପ୍ରଭାବ ପକାଇପାରେ ।

## ହେଲିକପ୍ଟର ପ୍ୟାରେଣ୍ଟିଂର ପ୍ରଭାବ

ହେଲିକପ୍ଟର ପ୍ୟାରେଣ୍ଟିଂ ହେତୁ ପିଲାମାନଙ୍କର ଆତ୍ମବିଶ୍ୱାସର ଅଭାବ ରହିଥାଏ ଏବଂ ସେମାନେ ନିଜେ କିପରି ନିଷ୍ପତ୍ତି ନେବେ ଜାଣନ୍ତି ନାହିଁ । କେବଳ ଏତିକି ନୁହେଁ, ଯଦି ସେ କୌଣସି ସମସ୍ୟାର ସମ୍ମୁଖୀନ କରନ୍ତି, ତେବେ ସେ ସେହି ସମସ୍ୟାର ସମାଧାନ ଖୋଜିବାକୁ ସକ୍ଷମ ନୁହଁନ୍ତି । ଏହି କାରଣରୁ ପିଲା ଅଧିକ ଚାପରେ ରୁହନ୍ତି । କେବଳ ଏତିକି ନୁହେଁ, ପିଲାମାନଙ୍କ କ୍ଷେତ୍ରରେ ସାମାଜିକ ଦକ୍ଷତା ମଧ୍ୟ ବିକଶିତ ହୁଏ ନାହିଁ । ଏପରି ପରିସ୍ଥିତିରେ, ପ୍ରତ୍ୟେକ ପିତାମାତା ପିଲାମାନଙ୍କୁ ସ୍ୱାଧୀନତା ଦେବା ଉଚିତ ଏବଂ ସେମାନଙ୍କୁ ନିଜେ ନିଷ୍ପତ୍ତି ନେବାକୁ ଦିଅନ୍ତୁ । ଏଥିରୁ ପିଲା ବହୁତ କିଛି ଶିଖେ ଏବଂ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ ହୁଏ ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik




କରଞ୍ଜିଆ, (ଭାସ୍କର ନ୍ୟୁଜ୍): ସୋମବାର ଦିନ ପାଞ୍ଚପୀଢ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରାଜ୍ୟ ଓଡ଼ିଶା ରାଜସ୍ୱ ଅମଲା ସଂଘର ଆହ୍ୱାନକ୍ରମେ ପାଞ୍ଚପୀଢ଼ ରାଜସ୍ୱ ଅମଲା ସଂଘ, କରଞ୍ଜିଆ ପକ୍ଷରୁ ୧୦ଦଫା ଦାବି ନେଇ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଆନ୍ଦୋଳନ ଆରମ୍ଭ ହୋଇଛି। ସୋମବାର ପୂର୍ବାହ୍ନ ୧୦ଟା ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସଂଘର କାଯ୍ୟରତ ଅମଲା ଭାଇ ଓ ଭଉଣୀଗଣ ଧାରଣାରେ ବସିଥିଲେ। ଏହି ଧାରଣାରେ ରାଜସ୍ୱ ବିଭାଗର ଅଧୀନରେ ଥିବା ଉପଜିଲ୍ଲାପାଳ, ଆଇଟିଡିଏ, ତହସିଲ, ଆଇସିଡିଏସ, ପଞ୍ଚାୟତ ରାଜର ଅମଲା କର୍ମଚାରୀଗଣ ଏଥିରେ ସାମିଲ ହୋଇଛନ୍ତି। ଉପଖଣ୍ଡର ସମସ୍ତ ବ୍ଲକରେ କାର୍ଯ୍ୟ କରୁଥିବା ଅମଲା କର୍ମଚାରୀ ଗଣ ଧାରଣାରତ ଅଛନ୍ତି। ଗୋଟିଏ ଦିନରେ ଅମଲା ସଂଘ ଆନ୍ଦୋଳନ କରିଥିବାରୁ ସବୁ କାଯ୍ୟାଳୟର କାମ ଠପ୍ ହୋଇଯାଇଛି। ଜିଲ୍ଲା ଉପ ସଭାପତି ସନ୍ତୋଷ କୁମାର ଦେହୁରୀଙ୍କ ନେତୃତ୍ୱରେ କପିଳେନ୍ଦ୍ର ମହାନ୍ତ, ଦିଲୀପ କୁମାର ପଲେଇ, କାମିନୀ କାନ୍ତ ପାତ୍ର, ସନାତନ ସୋରେନ, ପୂଜା ସାହା ପ୍ରମୁଖ ଅମଲା କର୍ମଚାରୀ ଆନ୍ଦୋଳନକୁ ଆଗକୁ ନେଉଛନ୍ତି।

# 'ଭୋଟ ଚୋରି' ଅଭିଯୋଗ ନେଇ କଂଗ୍ରେସର ସାମ୍ବାଦିକ ସମ୍ମିଳନୀ




କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଏବେ ଦେଶରେ ଭୋଟ ଚୋରୀ ନେଇ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ନିର୍ବାଚନ କମିଶନଙ୍କୁ ଟାର୍ଗେଟ କରିଛନ୍ତି। ଦେଶର ବିରୋଧୀ ଦଳ ନେତାଙ୍କ ଏହି ଅଭିଯୋଗ ଉପରେ ସମଗ୍ର ଦେଶ ନଜର ରଖିଛି। ବିଭିନ୍ନ ରାଜ୍ୟରେ ଅଚାନକ ଭୋଟର ସଂଖ୍ୟା ବଢ଼ିଯିବା, ଗୋଟେ ଗୋଟେ ଘରେ ଶହଶହ ଲୋକ ରହିବା, ଘର ଠିକଣା ବଦଳରେ ଶୂନ ଲେଖିବା, ଜଣେଜଣେ ଭୋଟରଙ୍କ ନାମ ଅନେକ ସ୍ଥାନରେ ରହିବା ପରି ସଂଗୀନ ଆରୋପ ରାହୁଲ ଗାନ୍ଧୀ ରଖିଛନ୍ତି। ନିର୍ବାଚନ କମିଶନଙ୍କୁ ରାହୁଲ ଗାନ୍ଧୀ ପାଞ୍ଚଟି ପ୍ରଶ୍ନ କରିଛନ୍ତି, ଯଥା ୧- ନିର୍ବାଚନ ଆୟୋଗ କାହିଁକି ସଠିକ ଭୋଟର ଲିଷ୍ଟ ବିରୋଧୀ ଦଳଙ୍କୁ ଦେଉନାହାନ୍ତି ? ଡିଜିଟାଲ ରିଡ଼େବଲ ଫର୍ମାଟରେ ଦେଲେ ସବୁ ଜନତା ଏହାକୁ ପଢ଼ିପାରନ୍ତେ। ୨- ନିର୍ବାଚନ ସଂକ୍ରାନ୍ତୀୟ ସମସ୍ତ ଭିଡ଼ିଓଗ୍ରାଫି ନିର୍ବାଚନ କମିଶନ ସଂରକ୍ଷିତ ରଖିବା ବଦଳରେ କାହିଁକି ନଷ୍ଟ କଲେ ଉତ୍ତର ଦିଅନ୍ତୁ। ୩- ଭୋଟର ଲିଷ୍ଟରେ ବ୍ୟାପକ ଜାଲିଆତି କିପରି ହେଲା ନିର୍ବାଚନ ଆୟୋଗ ଉତ୍ତର ରଖିବାକୁ ରାହୁଲ କହିଛନ୍ତି। ୪- ନିର୍ବାଚନ କମିଶନ କାହିଁକି ବିରୋଧୀ ଦଳ ନେତାମାନଙ୍କୁ ଧମକ ଦେଉଛନ୍ତି। ୫- ଇଲେକସନ କମିଶନ ବିଜେପି ଦଳର ଏଜେଣ୍ଟ ଭଳି କାମ କରୁଛନ୍ତି ଏହାର କାରଣ କ'ଣ ? ତେଣୁ ଜିଲ୍ଲା କଂଗ୍ରେସ ଭବନରେ ରାହୁଲ ଗାନ୍ଧୀଙ୍କ ପଦକ୍ଷେପ ଜଣାଇ ଦେବାକୁ ଏଥିସହ ନିର୍ବାଚନ ଆୟୋଗର ବେନିୟମ କାର୍ଯ୍ୟର ପର୍ଦାଫାଶ ଲାଗି ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଜିଲ୍ଲା କଂଗ୍ରେସ ସଂଯୋଜିକା ସଂଗୀତା ସିଂହଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକ ଭାବେ ରାଜ୍ୟ କଂଗ୍ରେସ ଆଦିବାସୀ ସେଲ ମୁଖ୍ୟ ପୂର୍ବତନ ସାଂସଦ ଯଶୋବନ୍ତ ନାରାୟଣ ସିଂହ ଲାଗୁରୀ ଭାବେ ଯୋଗ ଦେଇଥିଲା ବେଳେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡ଼ା ଅତିଥି ଭାବେ ଯୋଗ ଦେଇଥିଲେ। ରାହୁଲ ଗାନ୍ଧୀଙ୍କ ଅଭିଭାଷଣ ଓ ଅଭିଯୋଗ ଉପରେ ଏଠାରେ ଡିଜିଟାଲ ପରଦାରେ ଭିଡ଼ିଓ ପ୍ରଦର୍ଶନ କରାଯାଇଥିଲା। ସଂଗୀତା ସିଂହ ଦେଶରେ ଅରାଜକତା ଚାଲିଛି, ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଏହା ବିରୁଦ୍ଧରେ ଲଢେଇ କରୁଛନ୍ତି। ତେଣୁ ତାଙ୍କ ହାତ ମୁଠାକୁ ଟାଣ କରି ଗଣତନ୍ତ୍ରକୁ ରକ୍ଷା ଲାଗି ସେ ଆହ୍ୱାନ ଦେଇଥିଲେ। ଲାଗୁରୀ ଏପରି ମାରାତ୍ମକ ଅଭିଯୋଗ ପାଇବା ପରେ କିପରି ଭାରତର ନିର୍ବାଚନ ଆୟୋଗ ଚୁପ ବସିଛନ୍ତି ପ୍ରଶ୍ନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶହଶହ ସାଂସଦ ପାର୍ଲାମେଣ୍ଟରୁ ପଦଯାତ୍ରା କରି ନିର୍ବାଚନ ଆୟୋଗ ଯାଉଛନ୍ତି ବିରୋଧୀ ଦଳ ନେତା। ତେଣୁ କୋର୍ଟକଚେରୀ ଯାଇ ଭୋଟ ଚୋରୀ ରୋକିବେନି ବରଂ ରାଜନୈତିକ ଉପାୟରେ ଏହାର ସମାଧାନ କରିବେ ସେ କହିଛନ୍ତି। ସେହିପରି ମୋହନ ଚରଣ ପରିଡ଼ା କେନ୍ଦୁଝର ଜିଲ୍ଲାରେ ଭୋଟର ଲିଷ୍ଟରେ ବ୍ୟାପକ ଜାଲିଆତି ଥିବାର ସମ୍ଭାବନା ଥିବାର କଥା କହିଥିଲେ। ଏହି କାର୍ଯ୍ୟକ୍ରମରେ ଦିଲୀପ କୁମାର ସାହୁ, ସୁଜଳ କୁମାର ସେଠୀ, ଉତ୍ତମ କୁମାର ସାହୁ, ଐତିହ୍ୟ ଦିବ୍ୟସିଂହ, ରତ୍ନାକର ଜେନା, ପୂର୍ଣ୍ଣଚନ୍ଦ୍ର ଦାସ ଆଦି ଉପସ୍ଥିତ ଥିଲେ। ଆଗାମୀ ଦିନରେ ଦେଶର ପରିସ୍ଥିତି ନେଇ ନିର୍ବାଚନ ଆୟୋଗ ନିରପେକ୍ଷ ନହେଲେ ବିରୋଧୀ ଦଳ ପ୍ରତି ଦମନ ମୂଳକ ମନୋଭାବ ପରିହାର ନକଲେ ଜିଲ୍ଲାରେ ମଧ୍ୟ ଆନ୍ଦୋଳନ ହୋଇପାରେ ତେଣୁ ସାମ୍ବାଦିକ ବନ୍ଧୁମାନଙ୍କ ସହଯୋଗ କାମନା କରି ସେମାନଙ୍କୁ ଧନ୍ୟବାଦ ଦେଇ ସଭା ସମାପ୍ତ କରାଯାଇଥିଲା।

## ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟ ମନ୍ଥର

# ୨୪ଶହ ପ୍ରକଳ୍ପ ମଧ୍ୟରୁ ୫୪୭ ସମ୍ପୂର୍ଣ୍ଣ



ତିହିଡ଼ି, (ଭାସ୍କର ନ୍ୟୁଜ୍): କେନ୍ଦ୍ର ସରକାରଙ୍କ ଏମ୍‌ଜିଏନ୍‌ଆରଇଜିଏ ଯୋଜନା ଏବେ ଦିଗହରା ହୋଇଛି। ସରକାର ଯେଉଁ ଲକ୍ଷ୍ୟ ନେଇ ଏହି ଯୋଜନା ଆରମ୍ଭ କରିଥିଲେ ତାହା ଫଳପ୍ରଦ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟିକରିଛି। ବିଶେଷଭାବେ ଗ୍ରାମାଞ୍ଚଳର ଶ୍ରମିକମାନଙ୍କୁ ୧୦୦ଦିନର କାମ ଦେବା ପାଇଁ ଏମ୍‌ଜିଏନ୍‌ଆରଇଜିଏ ଯୋଜନା ଆରମ୍ଭ ହୋଇଥିଲା। ଯୋଜନା ଆରମ୍ଭ ଠାରୁ କିଛି ବର୍ଷ ଧରି ଯୋଜନାର ସଫଳ ରୂପାୟନ ହେବା ସହିତ ଶ୍ରମିକମାନେ ଉପକୃତ ହୋଇପାରୁ ଥିଲେ। ମାତ୍ର ଏବେ ଏହି ଯୋଜନାର ସୁଫଳ ମିଳିପାରୁ ନାହିଁ। ଭଦ୍ରକ ଜିଲା ତିହିଡ଼ି ବ୍ଲକର ଯୋଜନା ସମ୍ପୂର୍ଣ୍ଣ ସ୍ଥାଣୁ ପାଲଟିଯାଇଛି। ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ରେ ଯୋଜନାରେ ଗୋଟିଏ ପ୍ରକଳ୍ପର ବି କାର୍ଯ୍ୟ ହୋଇନାହିଁ। ଗତ ୨୦୨୪-୨୫ ବର୍ଷ ପାଇଁ ୨୪ଶହ ପ୍ରକଳ୍ପ ଅନୁମୋନ ଲାଭ କରିଥିଲା। ତନ୍ମଧ୍ୟରୁ ମାତ୍ର ୫୪୭ ପ୍ରକଳ୍ପର କାର୍ଯ୍ୟ ହୋଇଥିଲା। ଏହି ପ୍ରକଳ୍ପ ଗୁଡ଼ିକ ମଧ୍ୟରୁ କେତେକ ପ୍ରକଳ୍ପ ଅଧାପନ୍ତରିଆ ହୋଇ ପଡ଼ି ରହିଥିବା ଜଣାପଡ଼ିଛି। ସେହିପରି ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ରେ ଅନୁମୋଦନ ଲାଭ କରିଥିବା ୫୯୦୦ ପ୍ରକଳ୍ପ ମଧ୍ୟରୁ ଗୋଟିଏ ବି ପ୍ରକଳ୍ପର କାର୍ଯ୍ୟ ହୋଇପାରି ନାହିଁ। ଏମ୍‌ଜିଏନ୍‌ଆରଇଜିଏ ଯୋଜନାରେ ଏପ୍ରିଲ ଠାରୁ କାର୍ଯ୍ୟ ଆରମ୍ଭ ହୋଇ ଜୁନ୍ ୧୪ ପର୍ଯ୍ୟନ୍ତ କାର୍ଯ୍ୟ ହେବାର ନିୟମ ରହିଛି। ମାତ୍ର ଚଳିତ ବର୍ଷ ଏପ୍ରିଲ ମାସ ଠାରୁ ଜୁନ୍ ୧୪ ଶେଷତାରିଖ ପର୍ଯ୍ୟନ୍ତ କୌଣସି ପ୍ରକଳ୍ପର କାର୍ଯ୍ୟ ହୋଇ ନପାରିବା ଦୁର୍ଭାଗ୍ୟଜନକ ବୋଲି ଆଲୋଚନା ହେଉଛି। ତେବେ ବ୍ଲକର ୩୧ଗୋଟି ପଞ୍ଚାୟତରେ ରାଜନୈତିକ ଛକ୍କାପଞ୍ଝା ଓ ଅନ୍ୟାନ୍ୟ କେତେକ ସମସ୍ୟା ପାଇଁ ପ୍ରକଳ୍ପର କାର୍ଯ୍ୟ ହୋଇପାରୁ ନାହିଁ। ବର୍ତ୍ତମାନ ଶ୍ରମିକମାନଙ୍କ ସଂଖ୍ୟା କମି ଯାଇଥିବାରୁ କୌଣସି ଶ୍ରମିକ ପ୍ରକଳ୍ପର କାର୍ଯ୍ୟ କରିବା ପାଇଁ ମିଳୁନାହାନ୍ତି। ଯେଉଁଥିପାଇଁ ଏମ୍‌ଜିଏନ୍‌ଆରଇଜିଏ କାର୍ଯ୍ୟର ସଠିକ୍ ରୂପାୟନ ହୋଇପାରୁ ନାହିଁ। ଫଳରେ ଏମ୍‌ଜିଏନ୍‌ଆରଇଜିଏ ଯୋଜନା ମାଧ୍ୟମରେ ହେବାକୁ ଥିବା ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଯାହାଫଳରେ ଗ୍ରାମାଞ୍ଚଳର ବିକାଶରେ ମଧ୍ୟ ବାଧା ସୃଷ୍ଟି ହେଉଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ତେବେ ଏ ସମ୍ପର୍କରେ ବିଡିଓ ନିରଞ୍ଜନ ବାରିକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏମ୍‌ଜିଏନ୍‌ଆରଇଜିଏ ସରକାରଙ୍କର ଭଲ ଯୋଜନା ମାତ୍ର ତାହା ବିଭିନ୍ନ ସମସ୍ୟା ଯୋଗୁ ମନ୍ଥର ହୋଇଯାଇଛି। ଆଗାମୀ ଦିନରେ ଯୋଜନାର ସଫଳ ରୂପାୟନ ପାଇଁ ପଦକ୍ଷେପ ନିଆଯିବ।

## ଗଁଦିଆ ଅଞ୍ଚଳରେ ଡାକସେବା ଠପ୍

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ଗଁଦିଆ ମୁଖ୍ୟଡାକଘର ଅଧିନରେ ଥିବା ୨୭ଗୋଟି ପଞ୍ଚାୟତର ଗ୍ରାମାଞ୍ଚଳ ଡାକଘରେ ୨୯ ଜୁଲାଇ ଠାରୁ ସମସ୍ତ ସେବାବନ୍ଦ ରହିଥିବାରୁ ଡାକଘର ଗ୍ରାହକମାନେ ଦିନକୁ ଦିନ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି। ଏ ବାବଦରେ ଗଁଦିଆ ମୁଖ୍ୟ ଡାକଘର ଅଧିକାର ମତ ଦିଅନ୍ତି ସଫ୍ଟୱାର କାର୍ଯ୍ୟକ୍ଷମ ହେଉଥିବାରୁ ଏଭଳି ସମସ୍ୟା ଦେଖାଦେଇଛି। ଆହୁରି ୬/୭ଦିନ ଲାଗିବ ସମସ୍ୟାର ସମାଧାନ ପାଇଁ ଓ ଏଥିରେ ମହାଶୟ କିଛି କରିପାରିବେ ନାହିଁ ବୋଲି ମତ୍ ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଗ୍ରାମାଞ୍ଚଳରେ ସରକାରୀ ଯୋଜନାକୁ ଲୋକାଭିମୁଖୀ କରାଇବା ଦିଗରେ ଡାକଘରର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିବାବେଳେ ଏଭଳି ସମସ୍ୟା ଉପୁଜିଥିବାରୁ ଗ୍ରାହକ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି। ଠପ୍ ହୋଇପଡ଼ିଥିବା ଡାକ ସେବାକୁ ତୁରନ୍ତ କାର୍ଯ୍ୟକ୍ଷମ କରାଇବା ପାଇଁ ଢେଙ୍କାନାଳ ଜିଲା ମୁଖ୍ୟ ଡାକ ଅଧିକାରୀ ତଥା ରାଜ୍ୟମୁଖ୍ୟ ଡାକ ଅଧିକାରୀ ଦୃଷ୍ଟିଦେବା ପାଇଁ ଗ୍ରାହକମାନେ ସତୃଷ୍ଣ ନୟନରେ ଚାହିଁ ରହିଛନ୍ତି। କେବେ ସକ୍ଷମ ହେବ ଗଁଦିଆ ଅଞ୍ଚଳରେ ଡାକସେବା।

## ଜଳସମ୍ପଦ ବିଭାଜନ ପକ୍ଷରୁ ରୁଦ୍ରାଭିଷେକ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଆଖୁଆପଦା ଜଳସମ୍ପଦ ବିଭାଜନ ପକ୍ଷରୁ ବିଭାଜନ କାର୍ଯ୍ୟାଳୟ ସମ୍ମୁଖ ଲୋକନାଥ ମନ୍ଦିରରେ ସୋମବାର ରୁଦ୍ରାଭିଷେକ ଓ ଜଳାଭିଷେକ ସହ ପୂଜାର୍ଚ୍ଚନା କରାଯାଇଛି। ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ଶରତଚନ୍ଦ୍ର ଘଡେଇ ଓ ପତ୍ନୀ ନନ୍ଦିତା ପାଇକରାୟ କର୍ତ୍ତାକର୍ତ୍ତୀ ଭାବେ ସଙ୍କଳ୍ପ କରିଥିଲେ। ପୂଜକ ମନୋରଞ୍ଜନ ମିଶ୍ର, ନିରଞ୍ଜନ ବାହିନୀପତି ଓ ଦେବେନ୍ଦ୍ର କୁମାର ସାମନ୍ତରାୟ ବିଧିମତେ ପୂଜାର୍ଚ୍ଚନା କରିଥିଲେ। ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ସମେତ ବହୁ ବ୍ୟକ୍ତି ପୂଜାର୍ଚ୍ଚନାରେ ଯୋଗଦେଇ ମହାଦେବଙ୍କ ଆଶିଷ ଲଭିବା ସହ ପ୍ରସାଦ ସେବନ କରିଥିଲେ। ସ୍ଥାନୀୟ ସହକାରୀ ଯନ୍ତ୍ରୀ ସୁଶାନ୍ତ ଦାସ, ଧାମନଗର ସହକାରୀ ଯନ୍ତ୍ରୀ ନାରଣ ଚନ୍ଦ୍ର ନାୟକ, ଭଦ୍ରକ ସହକାରୀ ଯନ୍ତ୍ରୀ ନରସିଂହ ସୋରେନ, ଭଣ୍ଡାରିପୋଖରୀ କନିଷ୍ଠ ଯନ୍ତ୍ରୀ କିରଣବାଳା ପରିଡା, କନିଷ୍ଠ ଯନ୍ତ୍ରୀ ତପସ୍ୱନୀ ସାହୁ ପ୍ରମୁଖ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ଆଖୁଆପଦା ବିଭାଜନ ଅନ୍ତର୍ଗତ ସମସ୍ତ କର୍ମଚାରୀମାନେ ପୂଜାକାର୍ଯ୍ୟରେ ସହଯୋଗ କରିଥିଲେ।

# ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟିରେ ସମସ୍ତ ରାଜସ୍ୱ ଅମଲା




ଗଜପତି, (ଭାସ୍କର ନ୍ୟୁଜ୍): ବହୁ ପ୍ରତୀକ୍ଷିତ ଦଶ ଦଫା ଦାବି ପୂରଣ କରିବାରେ ରାଜ୍ୟ ସରକାରଙ୍କ ସହ ଆଲୋଚନା ବିଫଳ ହେବା ପରେ ସଂଘର ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ପ୍ରକାରେ ୧୧ ଅଗଷ୍ଟରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ରାଜସ୍ୱ ଅମଲାମାନେ ସାମୂହିକ ଛୁଟିରେ ରହିବା ପରିପ୍ରେକ୍ଷୀରେ ଗଜପତି ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା ମଧ୍ୟ ସାମୂହିକ ଛୁଟିରେ ଅଛନ୍ତି। ପ୍ରକାଶ ଥାଉକି ଗତ ୮ ତାରିଖ ଦିନ ରାଜସ୍ୱ ଅମଲାମାନେ ନିଜନିଜ ଅଧିକାରୀଙ୍କୁ ସମୂହ ଛୁଟି ଦରଖାସ୍ତ ପ୍ରଦାନ କରିଥିଲେ। ଯେତେଦିନ ପର୍ଯ୍ୟନ୍ତ ରାଜ୍ୟ ସରକାର ଦାବି ପୂରଣ କରି ବିଜ୍ଞପ୍ତି ପ୍ରକାଶ କରିବେ ନାହିଁ ସେତେଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଜାରିରହିବ ବୋଲି କହିଥିଲେ। ଏହି ଆନ୍ଦୋଳନ ସମୟରେ ଜନସାଧାରଣ ଯାହା ଅସୁବିଧାର ସମ୍ମୁଖୀନ ହେବେ ସେଥିପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀରହିବେ ବୋଲି ସଂଘର କର୍ମକର୍ତ୍ତା ଚେତାବନୀ ଦେଇଥିଲେ। କିନ୍ତୁ, ଅଗଷ୍ଟ ୧୦ ତାରିଖ ସୁଦ୍ଧା ରାଜ୍ୟ ସରକାର ରାଜସ୍ୱ ଅମଲାମାନଙ୍କର ଦାବିଗୁଡ଼ିକୁ ପୂରଣ କରିବା ତ ଦୂରର କଥା, ସେମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରିବା ସହ ସେମାନଙ୍କୁ ପ୍ରବଳ ଆଘାତ ଦେବା ଭଳି ରାଜସ୍ୱ ସେବା ପଦ୍ଧତିରେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ପଦୋନ୍ନତିକୁ ୪୦% ରୁ ୩୩% କରିବା ସହ ଲେବେଲ-୯ ରେ ଜଣେ ଜିଲ୍ଲାସ୍ତରୀୟ ରାଜସ୍ୱ କର୍ମଚାରୀ ୬ ବର୍ଷ ଦରମା ପାଇଲେ ଯୋଗ୍ୟ ହେବ ବୋଲି ନିର୍ଦ୍ଦେଶାନାମା ଜାରି କରିଥିଲେ। ଯାହାଫଳରେ ସମସ୍ତ ରାଜସ୍ୱ ଅମଲାମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରକାଶ ଥାଉକି, ଜିଲ୍ଲା ସ୍ତରୀୟ ରାଜସ୍ୱ ଅମଲାମାନଙ୍କ ପଦବୀ ପୁନର୍ଗଠନ ଆଳରେ ବର୍ଷବର୍ଷ ଧରି ସାଧାରଣ ପଦୋନ୍ନତିକୁ ଅଟକାଇ ରଖାଯିବା ଫଳରେ ସେମାନଙ୍କ ମଧ୍ୟରୁ ଅନେକ ପଦନ୍ନୋତି ପୂର୍ବରୁ ଅବସର ଗ୍ରହଣ କରିସାରିଛନ୍ତି। ସେମାନେ ତାଙ୍କର ନାର୍ଯ୍ୟ ପ୍ରାପ୍ତିରୁ ସବୁଦିନ ପାଇଁ ବଞ୍ଚିତ ହୋଇଗଲେ। ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାମାନେ ଦକ୍ଷତାର ସହ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଜନହିତକର ଯୋଜନା ତୃଣମୂଳ ସ୍ତରରେ ଲୋକମାନଙ୍କ ପାଖରେ ପହଞ୍ଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ସୀମିତ ସମୟସୀମାରେ ତାଙ୍କର କାର୍ଯ୍ୟଗୁଡ଼ିକୁ କରଆସୁଥିଲେ ମଧ୍ୟ ସରକାର ସେମାନଙ୍କୁ ଅଣଦେଖା କରି ଆସୁଛନ୍ତି। ସେମାନଙ୍କର ଦାବିଗୁଡିକ ମଧ୍ୟରେ ପ୍ରମୁଖ ଦାବିଗୁଡ଼ିକ ହେଲା, ଜିଲ୍ଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ମୂଳ ଦରମା ଓଆର୍‌ଏସ୍‌ପି-୨୦୧୭ ନିୟମ ଅନୁଯାଇ ଲେବେଲ୍- ୯ କୁ ବୃଦ୍ଧି କରାଇବା, ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗର ସଂକଳ୍ପ ପତ୍ର ସଂଖ୍ୟା :- ୮୮୯୮ ତାରିଖ- ୧୫-୦୩-୨୪ ଅନୁଯାୟୀ ତଥା ସମସ୍ତ ୩୦ ଗୋଟି ଜିଲ୍ଲାପାଳମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରାଯିବା, ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ କରାଯିବା, ୧୯୯୦ ମସିହାରେ ଲାଗୁ କରାଯାଇଥିବା ନିୟମାବଳୀ ଅନୁଯାଇ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ କରାଯିବା, ସରକାରୀ କର୍ମଚାରୀଙ୍କୁ ପୁରାତନ ପେନସନ୍ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ଇତ୍ୟାଦି ଅଛି। ଜନସାଧାରଣ ଏହି ଆନ୍ଦୋଳନ ଫଳରେ ସରକାରୀ ସେବା ପାଇବା ପାଇଁ ଯେଉଁ ଅସୁବିଧାର ସମ୍ମୁଖୀନ ହେବେ ସେଥିପାଇଁ ସେ ଜନସାଧାରଣଙ୍କୁ କ୍ଷମା ପ୍ରାର୍ଥନା କରିଛନ୍ତି। ଜିଲ୍ଲାର ସମସ୍ତ ରାଜସ୍ୱ ବିଭାଗର କାର୍ଯ୍ୟରତ ରାଜସ୍ୱ ଅମଲାମାନେ ସମୂହ ଛୁଟିରେ ବସିଥିବା ସେ ପ୍ରକାଶ କରିଛନ୍ତି।

## ୮୦ ପ୍ରତିଶତ ଚାଷୀଙ୍କ ନାମରେ ନାହିଁ ନିଜସ୍ୱ ଜମି

# ମଣ୍ଡିରେ ଧାନ ବିକ୍ରି ପଞ୍ଜିକରଣରେ ସମସ୍ୟା



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଖରିଫ ଧାନ ବିକ୍ରି ପାଇଁ ଚଳିତବର୍ଷ ସେବା ସମବାୟ ସମିତିରେ ଚାଷୀଙ୍କ ନାମ ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଭିନ୍ନ ସେବା ସମବାୟ ସମିତିରେ ଜୁଲାଇ ୧୯ତାରିଖରୁ ପଞ୍ଜିକରଣ ଆରମ୍ଭ ହୋଇଛି। ଏହା ଅଗଷ୍ଟ ୨୦ତାରିଖ ପର୍ଯ୍ୟନ୍ତ ଚାଲିବ। ଧାନ କିଣା ପ୍ରକ୍ରିୟାକୁ ସ୍ୱଚ୍ଛ, ଅବାଧ ଓ ଦୁର୍ନୀତି ମୁକ୍ତ କରିବା ପାଇଁ ସରକାର ଏ ବର୍ଷ ନୂଆ ନିୟମ କରିଛନ୍ତି। ଏହି ନିୟମ ଚାଷୀଙ୍କ ପାଇଁ ସମସ୍ୟା ପାଲଟିଛି। ଧାନ ବିକ୍ରି ପାଇଁ ଯେଉଁ ଚାଷୀ ଆବେଦନ କରୁଛନ୍ତି, ସେମାନଙ୍କ ମଧ୍ୟରୁ ୮୦ପ୍ରତିଶତଙ୍କ ନାମରେ ନିଜସ୍ୱ ଜମି ନାହିଁ। ପୁରୁଷାନୁକ୍ରମେ ପିତୃ ପୁରୁଷଙ୍କ ଜମିରେ ଚାଷ କରିଆସୁଛନ୍ତି। ନୂଆ ନିୟମ ମୁତାବକ ଚାଷୀମାନଙ୍କୁ ଏବେ ଉତ୍ତରାଧିକାରୀ ପ୍ରମାଣପତ୍ର ବାହାର କରିବାକୁ ପଡିବ। ଏଥିପାଇଁ ଅତି କମ୍‌ରେ ସେମାନଙ୍କୁ ୪୦ରୁ ୪୫ଦିନ ଅପେକ୍ଷା କରିବାକୁ ପଡିବ। ପଞ୍ଜିକରଣ ଅବଧି ମାସେ ରହିଥିବାରୁ ଚାଷୀ ଏହି ପ୍ରମାଣପତ୍ର ବାହାର କରିବା ଉପରେ ଗୁରୁତ୍ୱ ଦେଲେ ଚଳିତବର୍ଷ ନାମ ପଞ୍ଜିକରଣରୁ ବଞ୍ଚିତ ହେବାର ଆଶଙ୍କା ଉପୁଜୁଛି। ଚାଷୀ ରୁଆପୋତା କାର୍ଯ୍ୟରେ ବ୍ୟସ୍ତ ଥିଲାବେଳେ ସେବା ସମବାୟ ସମିତି ଆସିବାକୁ ପରୋକ୍ଷରେ ବାଧ୍ୟ କରାଯିବା ନେଇ ପ୍ରଶ୍ନ ଉଠୁଛି। ଏହାରି ମଧ୍ୟରେ ସରକାର ନିୟମରେ କୋହଳ କରିଛନ୍ତି। କୌଣସି ମୃତ ଲୋକଙ୍କ ନାମରେ ଜମିପଟ୍ଟା ଥିଲେ ରାଜସ୍ୱ ନିରୀକ୍ଷକଙ୍କ ସହମତି ପତ୍ର ଦ୍ୱାରା ଏହା ପଞ୍ଜିକରଣ ହେବ। ଭାଗ ଚାଷୀ ହୋଇଥିଲେ ଜମି ମାଲିକ ମଧ୍ୟ ସେବା ସମବାୟ ସମିତିକୁ ଆସି ସହମତି ଫର୍ମରେ ସ୍ୱାକ୍ଷର କରିବେ। ଠାକୁରଙ୍କ ଜମି ହୋଇଥିଲେ ଏହି ପଟ୍ଟାରେ ଥିବା ମାର୍ଫତଦାର କେବଳ ପଞ୍ଜିକରଣ କରିପାରିବେ। ତାଙ୍କ ଉତ୍ତରାଧିକାରୀ ପଞ୍ଜିକରଣରୁ ବଞ୍ଚିତ ରହିବେ। ତେବେ ରାଜସ୍ୱ ନିରୀକ୍ଷକଙ୍କ ସହମତି ପତ୍ର ନିତାନ୍ତ ଆବଶ୍ୟକ। ପ୍ରକୃତ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେଉଥିବା ସମସ୍ୟାର ସମାଧାନ ପାଇଁ ଏ ବର୍ଷ ସରକାର କେଓ୍ୱାଇସି ବାଧ୍ୟତାମୂଳକ କରିଛନ୍ତି। ଯେଉଁ ଚାଷୀ ଉତ୍ତରାଧିକାରୀ ପ୍ରମାଣ ପତ୍ର ଯୋଗାଡ଼ କରି ନ ପାରିଲେ ସେମାନେ ସେବା ସମବାୟ ସମିତିରୁ ସହମତି ଫର୍ମ ନେଇ ରାଜସ୍ୱ ନିରୀକ୍ଷକଙ୍କ ସ୍ୱାକ୍ଷର କରି ଆଣିଲେ ପଞ୍ଜିକରଣ କରିପାରିବେ ବୋଲି କେତେକ ସମବାୟ ସମିତିର ସମ୍ପାଦକ ସୂଚନା ଦେଇଛନ୍ତି। ଚାଷଜମିରେ ଚାଷୀ ବ୍ୟସ୍ତ ଥିବାରୁ ସରକାରଙ୍କ ନିୟମରେ କୋହଳ କରିବା ସହ ଚାଷୀଙ୍କ ପଞ୍ଜିକରଣରେ ସହଯୋଗ କରିବା ପାଇଁ ଚାଷୀକୁଳ ନିବେଦନ କରିଛନ୍ତି।

# ପ୍ରଦେଶ କିଷାନ କଂଗ୍ରେସର ସାଙ୍ଗଠନିକ ସଭା




ଆସିକା, (ଭାସ୍କର ନ୍ୟୁଜ୍): ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କ ନିର୍ଦ୍ଦେଶକ୍ରମେ ପ୍ରଦେଶ କିଷାନ କଂଗ୍ରେସ ରାଜ୍ୟ କିଷାନ ମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକ ଆସିକା ଖମ୍ବେଶ୍ୱରୀ ପାଟଣା ସ୍ଥିତ ପଶ୍ଚିମ କଂଗ୍ରେସ କମିଟି କାର୍ଯ୍ୟାଳୟ ଠାରେ ଆସିକା ନିର୍ବାଚନ ମଣ୍ଡଳୀ ସାଂସଦ ପ୍ରତିନିଧି ଦେବାକାନ୍ତ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କିଷାନ ନେତା ଓ କୃଷକ ଓ କର୍ମୀମାନଙ୍କୁ ନେଇ ଆୟୋଜିତ ହୋଇଥିଲା। ଏହି କୃଷକ ମାନଙ୍କ ଉନ୍ନତି ଓ ବିକାଶକୁ ଦୃଷ୍ଟିରେ ରଖି ତିନୋଟି ପ୍ରମୁଖ ଦାବି ନେଇ ଆଲୋଚନା ହୋଇଥିଲା। ଏହି ବୈଠକରେ ଓଡିଶା କିଷାନ କଂଗ୍ରେସ ସଭାପତି ଅଭୟ ସାହୁ, ଜିଲ୍ଲା ସଂଯୋଜକ ତଥା ଆସିକା ନିର୍ବାଚନ ମଣ୍ଡଳୀ ସାଂସଦ ପ୍ରାର୍ଥୀ ଦେବକାନ୍ତ ଶର୍ମା, କଂଗ୍ରେସ ନେତା ସୁନାରାମ ସାବତ, ସୋରଡା କଂଗ୍ରେସ ନେତା ହରିକୃଷ୍ଣ ରଥ, କଂଗ୍ରେସ ନେତା ଚିତ୍ରସେନ ବେହେରା, ଆସିକା ଯୁବ କଂଗ୍ରେସ ନେତା ଦିପକ କୁମାର ଭୂୟାଁ, ବିନାୟକ ଗୌଡ ପ୍ରମୁଖ ଯୋଗ ଦେଇଥିଲେ। ଚାଷୀର ସମସ୍ତ ବଳକା ଧାନ ସରକାର ସିଧାସଳଖ କୌଣସି ମଧ୍ୟବର୍ତ୍ତୀକାଳୀନ ବ୍ୟବସ୍ଥା ବିନା ଚାଷୀ ଠାରୁ କିଣିବା ଉପରେ ବୈଠକରେ ଜୋର ଧରିଥିଲା। ଏହା ସହିତ କୃଷକ ବୀମାକୁ ସଠିକ ଭାବରେ ଲାଗୁ କରିବା, ଚାଷୀ ପରିବାରର ସମସ୍ତ ସଦସ୍ୟଙ୍କୁ ସ୍ୱାସ୍ଥ୍ୟ ବୀମାଭୁକ୍ତ କରିବା ଓ ବର୍ଷସାରା ଖରାରେ ଓ ତାରାରେ ଶାରିରୀକ ପରିଶ୍ରମ କରୁଥିବା କୃଷକଙ୍କୁ ୫୫ ବର୍ଷ ପରେ ୧୦ ହଜାର ଟଙ୍କା କୃଷକ ଭତ୍ତା ପ୍ରଦାନ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ କୃଷକମାନଙ୍କ ହିତସାଧନ ଉଦ୍ଦେଶ୍ୟରେ ସରକାର ଏସବୁ ଦାବିକୁ ପୂରଣ କରିବାରେ ଅସମର୍ଥ ହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କଂଗ୍ରେସ ଯୁବ ଗୋଷ୍ଠୀ ଭବାନୀ ଭୂଷଣ ଦାଶ, ଧବଳ ନାହକ, ପବିତ୍ର ପାତ୍ର, ପପୁ ଦାଶ, ଗୋପାଳ ଜେନା, ସୁନିଲ ପରିଡା, ସୁଚିତ୍ର ନାୟକ, ଶିବ ଦାଶ ପ୍ରମୁଖ ଯୋଗ ଦେଇ ପରିଚାଳନାରେ ସହ ଯୋଗ କରିଥିଲେ।

## ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ଆଧାତ୍ମିକ କାର୍ଯ୍ୟକ୍ରମ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଚନ୍ଦ୍ରକାଟ ବିନ୍ଧା ଗ୍ରାମ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ପବିତ୍ର ଗହ୍ମା ପୂର୍ଣ୍ଣମୀ ଅବସରରେ ରକ୍ଷାବନ୍ଧନ ପର୍ବ ଓ ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଶ୍ରୀ ଜଗନ୍ନାଥଙ୍କୁ ଅଳତି କରାଯାଇ ସ୍ତୁତିପାଠ କରାଯାଇଥିଲା। ପରେ ଜଗନ୍ନାଥ ପ୍ରଚାର ସମିତିର ମୁଖ୍ୟ ପରିଚାଳକ ଭାଗିରଥି ନନ୍ଦଶର୍ମାଙ୍କ ଅଧ୍ୟକ୍ଷତାରେ ଏକ ଆଧାତ୍ମିକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଚାର ସମିତିର ମୁଖ୍ୟ ଅବାହକ ଶରତ କୁମାର ସାହୁ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶୁଭଦ୍ରା ମଣ୍ଡଳୀର ସେବିକା ଅନୀତା କର ଯୋଗ ଦେଇ ଶ୍ରୀଜଗନ୍ନାଥଙ୍କ ନବଦିନ ଯାତ୍ରା ଯେଭଳି ଉଲ୍ଲସିତ ଓ ପ୍ରମୋଦ ଦାୟକ ହୋଇଥାଏ ସେହିଭଳି ମଣିଷଙ୍କ ସମେତ ଅନ୍ୟ ପ୍ରାଣୀମାନଙ୍କର ଶରୀରର ନବଦ୍ୱାର ନବଗ୍ରହ ନବଦୂର୍ଗା ଓ ନବଧା ଭକ୍ତି ସେହିପରି ସର୍ବଦା ଉଲ୍ଲସିତ ଓ ଆନନ୍ଦ



ଦାୟକ ହୋଇଥିବାର ସୂଚନା ଦିଏ ବୋଲି କହିଥିଲେ। ସମିତିର କୋଷାଧକ୍ଷ ଲକ୍ଷ୍ମୀଧର ଖଟୁଆ, କମଳାକାନ୍ତ ବେହେରାଙ୍କ ସହିତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଜିଲ୍ଲା ଶ୍ରୀ ଜଗନ୍ନାଥ ପାଟ ସେବା ବିକାଶ ପରିଷଦ ପକ୍ଷରୁ ପ୍ରଚାର ସମିତି ମୁଖ୍ୟ ଆବାହକ ଶରତ ସାହୁଙ୍କ ସହଯୋଗରେ ଜଗନ୍ନାଥ ଓ ବଳଭଦ୍ରଙ୍କୁ ପାଟ ସେବା ଯୋଗାଇ ଦିଆଯାଇଥିଲା।

# ପାଚିକାଙ୍କ ମାଡ଼ରେ ୨ୟ ଶ୍ରେଣୀର ଛାତ୍ର ଗୁରୁତର

ଲହୁଣୀପଡ଼ା, (ଭାସ୍କର ନ୍ୟୁଜ୍): ହଷ୍ଟେଲ ପାଚିକାଙ୍କ ମାଡ଼ରେ ୨ୟ ଶ୍ରେଣୀର ଛାତ୍ର ଗୁରୁତର ହେବା ସହ ଥାନରେ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି। ଏଭଳି ଏକ ସ୍ପର୍ଶକାତର ଘଟଣା ଘଟିଛି ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ବ୍ଲକ କୁର୍ଡା ପଞ୍ଚାୟତ ନୋଡାଳ ବିଦ୍ୟାଳୟରେ। ମିଳିଥିବା ସୂଚନାରୁ ପ୍ରକାଶ ଯେ ଲହୁଣୀପଡ଼ା ଥାନା ଅନ୍ତର୍ଗତ କୁର୍ଡା ବିଦ୍ୟାଳୟର ହଷ୍ଟେଲରେ ରହି ରାମାରୁଡ଼ା ଗ୍ରାମର ମାୟାଙ୍ଗ ମୁଣ୍ଡାଙ୍କ ପୁଅ ସଞ୍ଜୁ ମୁଣ୍ଡା (୯) ଦ୍ୱିତୀୟ ଶ୍ରେଣୀ ପାଠ ପଢୁଛି। ଗତ ୦୭ ତାରିଖ ସବୁପିଲା ରାତି ୯ଟା ବେଳେ ଖାଇ ସାରି ବିଦ୍ୟାଳୟ ଅଗଣାରେ ଦୌଡ଼ାଦୌଡ଼ି କରୁଥିବା ବେଳେ ସେହି ବିଦ୍ୟାଳୟର ହଷ୍ଟେଲ ପାଚିକା ସଦାନନ୍ଦ ମହାନ୍ତ (୫୨) ସଞ୍ଜୁ ମୁଣ୍ଡାକୁ ନିସ୍ତୁକ ମାଡ ମାରିଥିଲେ। ଫଳରେ ଶିଶୁଟିର ଦେହହାତ ଗୋଡ଼ ପିଡା ହେବା ସହିତ ଜ୍ୱର ହୋଇଥିଲା। ତିନିଦିନ ପରେ ମାୟାଙ୍ଗ ମୁଣ୍ଡା ଓ ତାଙ୍କ ପତ୍ନୀ ଛୁଆକୁ ଭେଟ କରିବାକୁ ଯିବାବେଳେ ଛୁଆ ମାଆ, ବାପାଙ୍କୁ ଦେଖି କାନ୍ଦିବାକୁ ଲାଗିଲା। ବାପା, ମାଆ ପଚାରିବାରୁ ସବୁ ସତକଥା କହିଥିଲା। ସବୁ କଥା ଶୁଣିବା ପରେ ଛୁଆକୁ ସଙ୍ଗେସଙ୍ଗେ ବଣାଇଁ ଡାକ୍ତରଖାନାକୁ ନେଇ ଚିକିତ୍ସା କରିଥିଲା। ପରବର୍ତ୍ତୀ ସମୟରେ ଲହୁଣୀପଡ଼ା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

# ହୋମଗାର୍ଡଙ୍କୁ ଆକ୍ରମଣ ଘଟଣା, ଥାର୍ ଗାଡି ସହ ୩ ଯୁବକ ଗିରଫ



କନ୍ଧମାଳ, (ଭାସ୍କର ନ୍ୟୁଜ୍): କନ୍ଧମାଳ ଥାନାର ଜଣେ କାର୍ଯ୍ୟରତ ହୋମଗାର୍ଡଙ୍କୁ ମାଡ ମାରି ଜେଲ ଗଲେ ୩ ଯୁବକ। ହୋମଗାର୍ଡଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କନ୍ଧମାଳ ଓ ପରେ ବଲାଙ୍ଗୀର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ଓ ସୂଚନା ମୋତେ କନ୍ଧମାଳ ଥାନାର ହୋମଗାର୍ଡ ଘନଶ୍ୟାମ ସାହୁ ଏକ ବାଇକରେ କନ୍ଧମାଳ ପଟକୁ ଯାଉଥିବା ବେଳେ ଏକ ମହିନ୍ଦ୍ରା ଥାର ଗାଡି ସହ ଦୁର୍ଘଟଣା ହୋଇଥିଲା ଓ ଦୁର୍ଘଟଣାକୁ କେନ୍ଦ୍ର କରି ଗାଡ଼ିରେ ଥିବା ଯୁବକ ମାନେ ହୋମଗାର୍ଡ ଘନଶ୍ୟାମକୁ ଆକ୍ରମଣ କରିଥିଲେ। ଯାହା ଫଳରେ ହୋମଗାର୍ଡ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ କନ୍ଧମାଳ ପରେ ବଲାଙ୍ଗୀର ମେଡିକାଲ ସ୍ଥାନାନ୍ତର କରିଥିବା ଜଣାପଡିଛି। ଏପଟେ ପୋଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ କରି ଆକ୍ରମଣ କରିଥିବା ୩ ଯୁବକକୁ ସୋମବାର ଗିରଫ କରିବା ସହ ଦୁର୍ଘଟଣା ଘଟାଇଥିବା ଥାର ଗାଡିକୁ ଜବତ କରିଛି। ଗିରଫ ଯୁବକମାନଙ୍କ ମଧ୍ୟରୁ ୨ଜଣ କନ୍ଧମାଳ ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ଜଣେ ତରଭା ଅଞ୍ଚଳର ବୋଲି ସୂଚନା ମିଳିଛି। ସୋମବାର ୪ଜଣଙ୍କୁ କୋର୍ଟ ଚାଲାଣ କରିଥିବା କନ୍ଧମାଳ ଥାନା ଅଧିକାରି ଭାବାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି।



ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ବିଭିନ୍ନ ଗାଁ ଗହଳି ସହ ଗଡ଼ପରଜଙ୍ଗ ଗ୍ରାମରେ ବହୁ ପୁରାତନ ଓଷା କୋଠିମାନଙ୍କରେ ଖୁଦୁରୁକୁଣୀ ଓଷାର ପ୍ରଥମ ପାଳି ବ୍ରତାଧାରୀଙ୍କ ଦ୍ୱାରା ରବିବାର ପାଳିତ ହୋଇଯାଇଛି। ଭାଦ୍ରବ ମାସ ପାର୍ବଣ ଋତୁରେ ପରଜଙ୍ଗରେ ଖୁଦୁରୁକୁଣି ଓଷା ବ୍ରତଧାରୀ ଝିଅ ବୋହୂ ମାନଙ୍କର ସ୍ୱତନ୍ତ୍ର ନିଆରା ପରମ୍ପରା ଭାବେ ପ୍ରତ୍ୟେକବର୍ଷ ପରି ଗ୍ରାମରେ ଖୁବ୍ ଆଡମ୍ବର ସହକାରେ ପ୍ରତ୍ୟେକ ସାହିରେ ପୂଜା ମଣ୍ଡପ ସାଜସଜ୍ଜା ସାଙ୍ଗକୁ ରଙ୍ଗ ବେରଙ୍ଗର ଆଲୋକମାଳା, ସୁସଜ୍ଜିତ ତୋରଣ ଦେଖିବାକୁ ମିଳିଥାଏ। ପୂର୍ବରୁ ଯେଉଁ ଓଷା ସମଗ୍ର ଅଞ୍ଚଳରେ ଚହଳ ସୃଷ୍ଟି କରୁଥିଲା ଆଜି ସେହି ଓଷା ଧିରେ ଧିରେ ଲିଭିବାକୁ ବସିଥିବା ବେଳେ ସାହିର କୁଆଁରୀ ଝିଅ ଓ ବୋହୂମାନେ ଆଜିପର୍ଯ୍ୟନ୍ତ ରୀତିନୀତି ଅନୁସାରେ ପୂଜା ଜାରି ରଖିଛନ୍ତି। ଏହି ଅବସରରେ ପରଜଙ୍ଗର ଗଡ଼ଭିତର ସାହି, ସୁବାହୁସିଂହ ସାହି, ବାଲିଚତୁରୀ ସାହି, ପାଟଣା ସାହିର ଝିଅ ବୋହୂମାନେ ସାହି କୋଠ ଘରେ ପୂଜାର୍ଚ୍ଚନା କରିଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ସାହିର ବ୍ରତଧାରୀ ଝିଅ ବୋହୂମାନେ ନିଷ୍ଠାର ସହ ରବିବାର ସନ୍ଧ୍ୟା ସମୟରେ ମା ଠାକୁରାଣୀଙ୍କ ନିକଟରେ ଧୂପଦୀପ ନୈବେଦ୍ୟ ଅର୍ପଣ କରି ବହି ପଠନ କରିଥିବା ବେଳେ, ଘଣ୍ଟ ବାଦ୍ୟ ସାଙ୍ଗକୁ ହୁଳହୁଳିରେ ମା'ଙ୍କ ଆସ୍ଥାନ ସ୍ଥଳି ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

## ଥମୁନି ହାତୀ ଆତଙ୍କ

# ତିନୋଟି ଘର ଭାଙ୍ଗିବା ସହ ବ୍ୟାପକ କ୍ଷୟକ୍ଷତି





କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ ବନ ଖଣ୍ଡରେ ଥମୁନି ହାତୀ ଆତଙ୍କ। ପୃଥକ ପୃଥକ ସ୍ଥାନରେ ଅଛନ୍ତି ୫୭ଟି ହାତୀ। କିନ୍ତୁ ଉପଖଣ୍ଡରେ ଚିନ୍ତା ବଢ଼ାଇଛନ୍ତି ୩୦ ଟିକିଆ ଝାଡଖଣ୍ଡର ହାତୀପଲ। ରବିବାର ବିଳମ୍ବିତ ରାତ୍ରରେ କରଞ୍ଜିଆ ରେଞ୍ଜ ଅନ୍ତର୍ଗତ ହାତୀଦାଣ୍ଡୀ ଗାଁରେ ୩ ଟି ଘର ଭାଙ୍ଗିବା ସହିତ ବ୍ୟାପକ କ୍ଷୟକ୍ଷତି କରିଛି ଗୋଟିଏ ଦନ୍ତା ହାତୀ। ହାତୀପଲ ଏକର ଏକର ଚାଷ ଜମିରେ ଫସଲ ନଷ୍ଟ କରୁଥିବା ବେଳେ ୫୦ରୁ ଊର୍ଦ୍ଧ୍ୱ ଗାଁ'ରେ ଲାଗିରହିଛି ହାତୀ ଆତଙ୍କ। ହାତୀପଲ ଦିନ ବେଳେ ଜଙ୍ଗଲରେ ରହୁଥିବା ବେଳେ ସନ୍ଧ୍ୟାହେଲେ ଗାଁ' ଅଭିମୁଖେ ଆସି ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ହାତୀପଲ ଯେଉଁ ଜଙ୍ଗଲରେ ରହୁଛନ୍ତି ତାର ଆଖପାଖ ଅଞ୍ଚଳରେ ହାତୀର ସୁରକ୍ଷା ପାଇଁ ଘଣ୍ଟାଘଣ୍ଟା ବିଜୁଳି କଟାଯାଉଛି। ଏବେ ୩୦ ଟିକିଆ ହାତୀପଲ ଦୁଧିଆଣି ରେଞ୍ଜ ଅନ୍ତର୍ଗତ ଡୁମୁରିଆ ଜଙ୍ଗଲରେ ଥିବାର ବନବିଭାଗ ପକ୍ଷରୁ ସୂଚନା ମିଳିଛି। ହାତୀ ପଲକୁ ସୁରକ୍ଷା ଦେବା ପାଇଁ ବନବିଭାଗ କର୍ମଚାରୀ ମୁତୟନ ହେଇଛନ୍ତି।

## ଜଙ୍ଗଲରେ ମାଈ ହାତୀ ମୃତ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ସାତକୋଶିଆ ବଣ୍ୟପ୍ରାଣୀ ବନାଞ୍ଚଳର ଭାଲିଆଡାଳ ଗ୍ରାମରେ ଗୋଟିଏ ମାଈ ହାତୀର ମୃତ୍ୟୁଘଟିଛି। ସ୍ଥାନୀୟ ଲୋକଙ୍କ ସୂଚନା ମୁତାବକ ୧୧ ତାରିଖ ଗୋଟିଏ ହାତୀ ବେଣୁଆଦର ନିକଟରେ ବୁଲୁଥିବାର ଦେଖିଥିଲେ। ହାତୀ ଛୋଟେଇ ଛୋଟେଇ ଚାଲୁଥିବାରୁ ଯାଇପାରି ନଥିଲା। ଲୋକମାନେ ରାତି ୧୨ ଟା ସମୟରେ ବନରକ୍ଷୀଙ୍କୁ ଖବର ଦେବାପରେ ବନ କର୍ମଚାରୀ ରାତିଯାକ ଜଗି ରହିଥିଲେ। ହାତୀଟିର ଗୋଡ଼ ଫୁଲିଥିବା କର୍ମଚାରୀ ଲକ୍ଷ୍ୟ କରିଥିଲେ। ତେବେ ଅସୁସ୍ଥ ବୟସ୍କ ମାଈ ହାତୀଟି ଦିନ ୧ ଟା ସମୟରେ ମୃତ୍ୟୁବରଣ କରିଥିଲା। ବନବିଭାଗ ପଶୁ ଡାକ୍ତରଙ୍କୁ ବ୍ୟବଚ୍ଛେଦ ପାଇଁ ଡାକିଥିଲେ ମଧ୍ୟ ଅନ୍ଧାର ପୂର୍ବରୁ ବ୍ୟବଚ୍ଛେଦ ସରିବା ସମ୍ଭାବନା ନଥିବାରୁ ଆସନ୍ତାକାଲି ବ୍ୟବଚ୍ଛେଦ ହେବ ବୋଲି କହିଛନ୍ତି।

# ଜିଲ୍ଲା କଂଗ୍ରେସର ସାମ୍ବାଦିକ ସମ୍ମିଳନୀ




ମାଲକାନଗିରି, (ଭାସ୍କର ନ୍ୟୁଜ୍): ଅଖିଳ ଭାରତୀୟ ଜାତୀୟ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗତ ସାଧାରଣ ନିର୍ବାଚନ ଓ ରାଜ୍ୟ ନିର୍ବାଚନରେ ହୋଇଥିବା ଭୋଟ ଚୋରିର ଯେଉଁ ପର୍ଦ୍ଦାଫାସ କରିଛନ୍ତି ତାହାକୁ ନେଇ ସାରା ଦେଶର ପ୍ରତ୍ୟେକ ଜିଲ୍ଲାରେ ସଦର ମହକୁମାରେ କଂଗ୍ରେସ ପକ୍ଷରୁ ଭୋଟ ଚୋରି ସମ୍ପର୍କରେ ବାର୍ତ୍ତା ଦେବା ନିର୍ଦ୍ଦେଶ ଦେଇଥିଲେ। ଏ ପରିପ୍ରେକ୍ଷୀରେ ମାଲକାନଗିରି ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ସମ୍ବାଦିକ ସମିଳନୀ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା କଂଗ୍ରେସ ସଂଯୋଜକ ଜି ଶ୍ରୀନିବାସ ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମିଳନୀରେ ବିଜେପି ବିରୋଧରେ ଗର୍ଜିଛନ୍ତି। ବିଜେପି ଭୋଟ ଚୋରି କରି କର୍ଣ୍ଣାଟକା, ମହାରାଷ୍ଟ୍ର, ହରିୟାଣା ଆଦି ରାଜ୍ୟରେ ବିଜୟୀ ଲାଭ କରିଛି। ମହାରାଷ୍ଟ୍ର ରାଜ୍ୟରେ ଭୋଟର ଅଡ଼ିସେନ ଯୋଗେ ବିଜେପି ଜିତିଛି ଓ ଆଉ ଏକ ରାଜ୍ୟରେ ଡିଲିସନ ମାଧମରେ କଂଗ୍ରେସ ହରାଇବାରେ ଚକ୍ରାନ୍ତ କରାଗଲା ବୋଲି କଂଗ୍ରେସ ଅଭିଯୋଗ କରିଛି। ସ୍ୱେଶାଲ ଇଣ୍ଟେସିଭ ରିଭିଜନ ନାମରେ ବିହାରରେ କିପରି ୬୫ ଲକ୍ଷ ଭୋଟରଙ୍କୁ ବାଦ ଦିଆଯାଇଛି। ନିର୍ବାଚନ ହେରଫେର ହେଉ ଥିବାର ଆଶଙ୍କା କରି କଂଗ୍ରେସ ଅଭିଯୋଗ କରିଛି। ଓଡିଶାରେ ମଧ୍ୟ ଅନୁରୂପ ଭାବରେ ଜାଲିଆତି ଓ ଭୋଟ ଚଞ୍ଚକତା ବିଜେପି ଜିତିଥିବାର କଂଗ୍ରେସ ଅଭିଯୋଗ କରିଛି। ଦିବା ଲୋକରେ ଗଣତନ୍ତ୍ରର ଅପହରଣ ବୋଲି ଜିଲ୍ଲା କଂଗ୍ରେସ ସଂଯୋଜକ ଜି ଶ୍ରୀନିବାସ ରାଓ ଅଭିଯୋଗ କରି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ପ୍ରେସ ବାର୍ତାରେ କଂଗ୍ରେସର ମାଲା ମାଢ଼ି, ଭିମା ଓ୍ୱାର୍ଷେ, କେଶୁ ରାଓ, ସାରୋଜ ପାତ୍ର, ଇର୍ମା ପଡିଆମୀ, ପର୍ଶୁରାମ ଭକ୍ତ, ପ୍ରାଣ କୃଷ୍ଣ ମଣ୍ଡଳ, କୃଷ୍ଣ ଚନ୍ଦ୍ର ଅନୁଗୁ, ପଦ୍ମ ପାଙ୍ଗି ନେତୃବର୍ଗ ଉପସ୍ଥିତ ରହିଥିଲେ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକଙ୍କ ବିରୋଧରେ ଅଭିଯୋଗ ଘଟଣା

# ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ତଦନ୍ତ ଆରମ୍ଭ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ କମଳାକାନ୍ତ ସ୍ୱାଇଁଙ୍କ ବିରୋଧରେ ମହିଳା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀଙ୍କ ମିଳିତ ଅଭିଯୋଗର ତଦନ୍ତ ଆରମ୍ଭ ହୋଇଛି। ସୋମବାର ଅପରାହ୍ନ ୩.୩୦ମି. ସମୟରେ ମେଡିକାଲର ଜିଲ୍ଲାସ୍ତରୀୟ ଅଭିଯୋଗ କମିଟି ଅଧକ୍ଷା ତଥା ଜିଲ୍ଲା ପରିବାର କଲ୍ୟାଣ ଅଧିକାରୀ ଡା. କନକଲତା ସାହୁ, ସଦସ୍ୟ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ବନହରି ମିଶ୍ର ଓ ଜିଲ୍ଲା ଯକ୍ଷ୍ମାରୋଗ ନିୟନ୍ତ୍ରଣ ଅଧିକାରୀ ଡା. ସନ୍ତୋଷ କୁମାର ପୃଷ୍ଟି ଜିଲ୍ଲା ମେଡିକାଲ ସମ୍ମିଳନୀ କକ୍ଷରେ ମିଳିତ ଭାବେ ତଦନ୍ତ କରିଥିଲେ। ଏଥିପାଇଁ ଗତ ୮ ତାରିଖ ପତ୍ର ସଂଖ୍ୟା ୧୧୭୦୫ ଅନୁଯାୟୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ୫ ଜଣ ଅଭିଯୋଗ କାରୀଙ୍କୁ ୧୧ତାରିଖ ତଦନ୍ତ ପାଇଁ ପଠାଇବାକୁ ଅଧିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିଦିନ ସ୍ଥାନୀୟ ଅଧିକ୍ଷକ ପତ୍ର ସଂଖ୍ୟା ୫୨୮ ଅନୁଯାୟୀ ୫ଜଣ ଅଭିଯୋଗକାରୀଙ୍କ ନାମ ଜିଲ୍ଲା କମିଟିକୁ ସୁପାରିଶ କରିଥିଲେ। ଅଭିଯୋଗର ସମ୍ମୁଖିନ ହୋଇଥିବା ଅଧିକ୍ଷକଙ୍କ ସେହି ଚିଠି ୧୧ ତାରିଖ ଦିନ ୧୦.୩୦ମି. ସମୟରେ ଅଭିଯୋଗକାରୀଙ୍କୁ ହ୍ୱାଟ୍ସ ଆପ ଯୋଗେ ଜଣାଇ ଦିଆଯାଇଥିଲା। ସମୁଦାୟ ଅଭିଯୋଗକାରୀଙ୍କ ମଧ୍ୟରୁ ୫ଜଣଙ୍କୁ ଚୟନ କରିବା ସୁଯୋଗ ଅଧିକ୍ଷକଙ୍କୁ ପ୍ରଦାନ କରାଯିବା ଓ ତଦନ୍ତର ୪ ଦିନ ପୂର୍ବରୁ ହୋଇଥିବା ଚିଠି ତଦନ୍ତ ଦିନ ବିଳମ୍ବରେ ଜଣାଇ ଦିଆଯିବା ଅଭିଯୋଗକାରୀଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିଲା। ପୁନଶ୍ଚ ତଦନ୍ତ ସମୟରେ ଅଭିଯୋଗକାରୀଙ୍କ ଦ୍ୱାରା ସିଡିଏମଓଙ୍କୁ ଡାକଯୋଗେ ପଠାଯାଇଥିବା ଓ ଜିଲ୍ଲାପାଳଙ୍କୁ ଦିଆଯାଇଥିବା ଅଭିଯୋଗ ପତ୍ରକୁ ଆଧାର କରାଯାଇ ନଥିଲା। ସେ ସବୁ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗକୁ ଏଡାଇ ବହୁ ପୂର୍ବରୁ ପୁରୁଣା ଅଭିଯୋଗ ଆଧାରରେ କମିଟି ତଦନ୍ତ କରିଥିଲା। ତଦନ୍ତ ସମୟରେ ଅଭିଯୋଗକାରୀ ଲିଖିତ ବୟାନ ଦେଇ ଅତ୍ୟନ୍ତ ସମ୍ବେଦନଶୀଳ ଅଭିଯୋଗ ଅଧିକ୍ଷକଙ୍କ ବିରୋଧରେ ଉପସ୍ଥାପନ କରିଥିବା ଜଣାଯାଇଛି। ୨୦୧୩ ମସିହାରୁ ଅଧକ୍ଷକଙ୍କ ମନ୍ଦ ଉଦ୍ଦେଶ୍ୟପୂର୍ଣ୍ଣ ରୋଷର ଶିକାର ହୋଇ ଆସୁଥିବା ବୟାନରେ ଉଲ୍ଲେଖ କରିଥିବା ଜଣାଯାଇଛି। ମଙ୍ଗଳବାର ଅନ୍ୟ ୩ ଜଣ ଅଭିଯୋଗକାରୀ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡା.କମଳାକାନ୍ତ ସ୍ୱାଇଁଙ୍କୁ ତଦନ୍ତ ପାଇଁ ଡକାଯାଇଥିବା ଜଣାଯାଇଛି। ତଦନ୍ତ ପାଇଁ ଅଭିଯୋଗ କାରୀଙ୍କୁ ୨ ଗୋଷ୍ଠୀରେ ବିଭାଜିତ କରିବା, ସେମାନଙ୍କ ମଧ୍ୟରୁ ପ୍ରଥମ ୫ଜଣଙ୍କୁ ତଦନ୍ତ ପାଇଁ ପସନ୍ଦ କରିବା ସୁଯୋଗ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡା. ସ୍ୱାଇଁଙ୍କୁ ପ୍ରଦାନ କରାଯିବା, ମୁଖ୍ୟ ଅଭିଯୋଗକୁ ଏଡାଇ ଅପେକ୍ଷାକୃତ ଗୌଣ ଅଭିଯୋଗ ଆଧାରରେ ତଦନ୍ତ କରାଯିବା, ତଦନ୍ତ ଦିନ ବିଳମ୍ବରେ ଅଧିକ୍ଷକଙ୍କ ପତ୍ର ଅଭିଯୋଗ କାରୀଙ୍କୁ ପ୍ରଦାନ କରାଯିବା ଦିଗକୁ ନେଇ ଅଭିଯୋଗକାରୀ ମାନେ ପ୍ରଶ୍ନ ଉଠାଇବା ସହ ତଦନ୍ତ ପ୍ରତି ସନ୍ଦେହ ବ୍ୟକ୍ତ କରିଛନ୍ତି। ତଦନ୍ତକୁ ବିଭ୍ରାନ୍ତି କରିବା ପାଇଁ ହେଉଥିବା ହୀନ ଉଦ୍ୟମକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ଅଭିଯୋଗକାରୀ ମାନେ ଚେତାବନୀ ଦେଇଛନ୍ତି।

## ଜଳିଗଲା ଇଭି ବାଇକ୍

ବୋଲଗଡ, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁର ଗ୍ରାମ ସ୍ଥିତ ନୟାପଟଣା ସାହିର ଏମ ଆଲୋକ କୁମାରଙ୍କର ଇଲେକ୍ଟ୍ରି ଚାଳିତ ସ୍କୁଟିଟି ଜଳିଯାଇଛି। ଓକିନା କମ୍ପାନୀର ପ୍ରାଇସ ପ୍ରୋ ମଡେଲର ଇଲେକ୍ଟ୍ରି ସ୍କୁଟିଟି ରବିବାର ରାତି ୯ଟା ସମୟରେ ଚାର୍ଜ ବସାଇଥିବା ସମୟରେ ସିଟ୍ ତଳୁ ପ୍ରବଳ ଧୂଆଁ ବାହାରିବ ସହିତ ପ୍ରଚଣ୍ଡ ବେଗରେ ଜଳିବାକୁ ଲାଗିଲା। ପରିବାର ଲୋକଙ୍କ ସମେତ ସାହି ଯୁବକମାନଙ୍କ ସହଯୋଗରେ ପ୍ରଚଣ୍ଡ ଅଗ୍ନିକୁ ଆୟତ୍ତ କରିଥିଲେ। ନିକଟରେ ଥିବା ଆସବାବ ପାତ୍ର ନଷ୍ଟ ହେବା ସହିତ କାନ୍ଥବାଡ଼ କଳା ଆବରଣ ହୋଇଯାଇଛି। ସୂଚନା ଥାଉକି ଓକିନା ନାମକ କମ୍ପାନୀର ଇଲେକ୍ଟ୍ରି ଚାଳିତ ବାଇକ ୨ବର୍ଷ ତଳେ ଓଡ଼ିଶାରେ ହଜାର ହଜାର ବାଇକ ବିକ୍ରି କରିଥିବା ବେଳେ ବର୍ତ୍ତମାନ ପ୍ରାୟସ୍ଥାନରେ ଏହି ଓକିନା କମ୍ପାନୀର ସୋରୁମ୍ ବନ୍ଦ ହୋଇପଡିଛି। ତେବେ ବିକ୍ରି ହୋଇଥିବା ଗାଡିଗୁଡିକୁ ସର୍ଭିସିଂ ନଦେବାରୁ ଗ୍ରାହକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାର ଓ କେନ୍ଦ ପ୍ରଦୂଷଣ ପରିବେଶ ପାଇଁ ରାଜ୍ୟ କେନ୍ଦ୍ର ସରକାର ଇ-ବାଇକ ସବସିଡି ବାବଦକୁ କୋଟିକୋଟି ଟଙ୍କା ବ୍ୟୟ କରୁଥିଲେ ମଧ୍ୟ କିଛି ଇ-ବାଇକ କମ୍ପାନୀ ମନମାନୀ ଯୋଗୁଁ ଗ୍ରାହକ ଶୋଷଣର ଶିକାର ହେବାକୁ ପଡିଛି। ଏଥିପ୍ରତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ପରିବହନ ବିଭାଗ ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି।

## ଗୁଡୁପାଳରେ ରାଧାବଲ୍ଲଭ ଜିଉଙ୍କ ଝୁଲଣଯାତ୍ରା



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅଧୀନ ଗୁଡୁପାଳ ଗ୍ରାମର ଶ୍ରୀଶ୍ରୀ ରାଧାବଲ୍ଲଭ ଜୀଉଙ୍କ ଝୁଲଣ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶ୍ରାବଣମାସ ଦ୍ୱାଦଶୀ ତିଥି ଠାରୁ ମହାପ୍ରଭୁଙ୍କ ଝୁଲଣ ଯାତ୍ରା ଆରମ୍ଭ ହୋଇ ପୂର୍ଣ୍ଣିମାରେ ଉଦ୍‌ଯାପିତ ହାଇଯାଇଛି। ଏହି ଝୁଲଣ ଯାତ୍ରା ଗ୍ରାମାବାସୀଙ୍କ ସହଯୋଗରେ ୨୦୦ ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଅଛି। ଚଳିତ ବର୍ଷ ପ୍ରଚଳିତ ପ୍ରଥା ଅନୁସାରେ ଦ୍ୱାଦଶୀ ସଂନ୍ଧ୍ୟାରେ ସଂକୀର୍ତ୍ତନ କରାଯାଇ ଶ୍ରୀ ଜିଉଙ୍କୁ ଝୁଲଣ ମଣ୍ଡପରେ ବିଜେ କରାଯାଇଥିଲା। ତ୍ରୟଦଶୀ ସନ୍ଧ୍ୟା ଠାରୁ ଝୁଲଣ ମଣ୍ଡପକୁ ସୁସଜ୍ଜିତ କରାଯାଇ ରୀତି ନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଝୁଲଣ ଉତ୍ସବରେ ଶ୍ରଦ୍ଧାଳୁମାନେ ସଂକୀର୍ତ୍ତନ କରି ରାଧାକୃଷ୍ଣଙ୍କ ବିଗ୍ରହକୁ ମନ୍ଦିର ପୂଜକ ମଧୁସୂଦନ ଦାଶ ଓ ଚୈତନ୍ୟ ଦାଶ ଝୁଲଣ ମଣ୍ଡପକୁ ଆଣିଥିଲେ। ଶ୍ରୀ ଜିଉଙ୍କୁ ଝୁଲଣ ମଣ୍ଡପରେ ସ୍ଥାପନ ପରେ ଝୁଲଣରେ ଝୁଲା ଯାଇଥିଲା। ତ୍ରୟଦଶୀ, ଚତୁର୍ଦ୍ଦଶୀ ଏବଂ ପୂର୍ଣ୍ଣିମା ପର୍ଯ୍ୟନ୍ତ ୩ଦିନ ଧରି ମଣ୍ଡପରେ ଭଜନ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ପ୍ରତିଦିନ ମହିଳା ଓ ପୁରୁଷ ଶ୍ରଦ୍ଧାଳୁମାନେ ଶ୍ରୀ ଜୀଉଙ୍କୁ ଦର୍ଶନ କରି ଆଶୀର୍ବାଦ କାମନା କରିଥିଲେ। ପୂର୍ଣ୍ଣିମା ଦିନ ରାତିରେ ଠାକୁରଙ୍କ ବଡ଼ଦାଣ୍ଡରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପାଲା ଅନୁଷ୍ଠିତ ହୋଇଥିଲା। ଏହି ଝୁଲଣ ଯାତ୍ରା ଉତ୍ସବକୁ ରାଧାବଲ୍ଲଭ ଜୀଉଙ୍କ ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟକର୍ତ୍ତା ଗଣେଶ ନାୟକଙ୍କ ସମେତ ଠାକୁର ସେବକ ଓ ଗ୍ରାମବାସୀ ପରିଚାଳନା କରିଥିଲେ। ଗ୍ରାମରେ ଥିବା ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସଂକୀର୍ତ୍ତନ କରାଯାଇଥିଲା।

## ଅଙ୍ଗନବାଡ଼ି ସହାୟିକା ପୁନଃନିଯୁକ୍ତି ପାଇଁ ଦାବି

କୋଷାଗୁମୁଡା, (ଭାସ୍କର ନ୍ୟୁଜ୍): ଅଙ୍ଗନବାଡି ସହାୟିକା ମାତ୍ର ୨୧ଦିନ କାର୍ଯ୍ୟ କରିବା ପରେ ସେ ଆଉ କାର୍ଯ୍ୟରେ ଯୋଗ ଦେଲେନାହିଁ। କେନ୍ଦ୍ରର ଅଙ୍ଗନବାଡି କର୍ମୀଙ୍କ ହସ୍ତରେ ଚାବି ଫେରେଇ କାର୍ଯ୍ୟ କରିବିନି କହି ଚାଲିଗଲେ। ତେଣୁ ଅଙ୍ଗନବାଡି କାର୍ଯ୍ୟରେ ଅସୁବିଧା ଦେଖାଯିବାରୁ ଗ୍ରାମବାସୀ ଅନ୍ୟ ଜଣକୁ ନିଯୁକ୍ତି ଦେବାପାଇଁ ଗ୍ରାମବାସୀ ଦାବୀ କରିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ରାଜଡ଼ା ପଞ୍ଚାୟତ ଅନ୍ତର୍ଗତ କୋଟିନିଆଗୁଡା ଗ୍ରାମରେ। ସୂଚନା ଯୋଗ୍ୟ, କୋଟିନିଆଗୁଡା ଅଙ୍ଗନବାଡି କେନ୍ଦ୍ରର ଅଙ୍ଗନବାଡି ସହାୟିକା ବୈଦି ଭତରା ଫେବୃଆରୀ ୨୮ତାରିଖରେ ନିଜ କାର୍ଯ୍ୟରୁ ଅବସର ନେବା ପରେ ଆଇସିଡିଏସ ବିଭାଗ ପକ୍ଷରୁ ନିଯୁକ୍ତି ବିଜ୍ଞାପନ ବାହାରିଥିଲା। ଗ୍ରାମର ଇନ୍ଦୁ ଭତରା ଆବେଦନ କରି ସହାୟିକା ପଦ ହାତେଇ ଜୁଲାଇ ୧ତାରିଖରୁ ୨୧ତାରିଖ ପର୍ଯ୍ୟନ୍ତ କାମ କରିଥିଲେ। ପରେ କେନ୍ଦ୍ରର ଅଙ୍ଗନବାଡି କର୍ମୀ ହରପ୍ରିୟା ମିଶ୍ରଙ୍କୁ କେନ୍ଦ୍ରର ଚାବି ଫେରସ୍ତ କରି କାର୍ଯ୍ୟ କରିବାକୁ ମନା କରିଦେଇଥିଲେ। ସହାୟିକା ନଥିବାରୁ କେନ୍ଦ୍ରରେ ଅନେକ ସମସ୍ୟା ଦେଖା ଦେବାରୁ ଗ୍ରାମବାସୀ ଗ୍ରାମର ଆଉଜଣେ ମହିଳା ସତ୍ୟବତୀ ମାଝୀଙ୍କୁ ସହାୟିକା ଭାବେ ନିଯୁକ୍ତି ଦେବା ପାଇଁ ଦାବି କରିଛନ୍ତି। ଗ୍ରାମର ଉମାକାନ୍ତ ମାଲି, ସୁରେଶ ଭତ୍ରା, ବନମାଳୀ ଭତ୍ରା, ଧନପତି ଭତ୍ରା ପ୍ରମୁଖ ସିଡିପିଓଙ୍କୁ ସାକ୍ଷାତ କରି ଗ୍ରାମର ସତ୍ୟବତୀ ମାଝୀଙ୍କୁ ନିଯୁକ୍ତି କରାଯାଉ ବୋଲି ଦାବି କରିଛନ୍ତି।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି



ପଟ୍ଟାମୁଣ୍ଡାଇ, (ଭାସ୍କର ନ୍ୟୁଜ୍): ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଓ ତୁରନ୍ତ ସମାଧାନ ପାଇଁ ପଟ୍ଟାମୁଣ୍ଡାଇ ଠାରେ ଜିଲ୍ଲାପାଳ ରଘୁରାମ ଆର ଆୟାର ଏବଂ ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆଙ୍କ ନେତୃତ୍ୱରେ ଏକ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୭୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିରୁ ୬୯ଟି ବ୍ୟକ୍ତିଗତ ଏବଂ ୬ଟି ସାମୂହିକ ଅଭିଯୋଗ ରହିଥିଲା। ଏହି ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଡେପୁଟି କଲେକ୍ଟର ତୃପ୍ତି ମହାନ୍ତି ପ୍ରମୁଖ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହା ସହିତ, ଆଗାମୀ ଦିନରେ ମଧ୍ୟ ଏଭଳି ଜନଶୁଣାଣି ଶିବିର ଜାରି ରହିବ। ଆସନ୍ତା ୧୮ ଅଗଷ୍ଟରେ ରାଜକନିକା ବ୍ଲକ କାର୍ଯ୍ୟାଳୟ ଏବଂ ୨୫ ଅଗଷ୍ଟରେ ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟ ଠାରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହି ଶିବିରଗୁଡ଼ିକ ଜନସାଧାରଣଙ୍କ ସମସ୍ୟାର ତୁରନ୍ତ ସମାଧାନ ଓ ପ୍ରଶାସନିକ ସେବାକୁ ସୁଗମ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଏହି ପ୍ରୟାସ ଜିଲ୍ଲା ପ୍ରଶାସନର ଜନସାଧାରଣଙ୍କ ପ୍ରତି ଦାୟିତ୍ୱବୋଧ ଓ ସମସ୍ୟା ସମାଧାନ ପାଇଁ ତତ୍ପରତାକୁ ପ୍ରତିଫଳିତ କରୁଛି।


# ଭାଲୁ ଭୟରେ ଗ୍ରାମବାସୀ ଆତଙ୍କିତ

କାଳିମେଳା, (ଭାସ୍କର ନ୍ୟୁଜ୍): ଭାଲୁ ଉପଦ୍ରବ ବଢିବାରେ ଲାଗିଛି। ଘରେ ପଶି କାନ୍ଥ ତାଡ଼ି ଖାଦ୍ୟପଦାର୍ଥ ଖାଇଦେଉଛି। ରାତିରେ ଏଣେତେଣେ ବୁଲୁଥିବାରୁ ଲୋକଙ୍କ ଚିନ୍ତା ବଢିଯାଇଛି। ଭାଲୁ ଲାଗି ଦୀର୍ଘ ମାସେ ହେଲାଣି ମାଲକାନାଗିରି ଜିଲ୍ଲା କାଳିମେଳା ବ୍ଲକ ଅନ୍ତର୍ଗତ ତେଲରାଇ ପଞ୍ଚାୟତର ଏମଭି-୧୨୬ବାସିନ୍ଦା ଆତଙ୍କିତ ଜୀବନ ବିତାଉଛନ୍ତି। ଭାଲୁ ଧରିବା ଲାଗି ବନବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନି। ଗାଁ' ଲୋକେ କହିଛନ୍ତି, ମାସେ ହେଲାଣି ରାତି ହେଲେ ୩ ଭାଲୁ ପଦାକୁ ବାହାରୁଛନ୍ତି। ଗତ ୯ ତାରିଖ ବିଳମ୍ବିତ ରାତିରେ ସୁନୀଲ ମଣ୍ଡଳ, ବିଜୟ ମଣ୍ଡଳ ଏବଂ ବର୍ଜେନ ମଣ୍ଡଳଙ୍କ ରୋଷେଇ ଘର କାନ୍ଥ ଖୋଳିଥିଲେ ଭାଲୁ। ଘରେ ପଶି ଖାଦ୍ୟ ପଦାର୍ଥ ଖାଇବା ସହ ଅନ୍ୟ ସାମଗ୍ରୀ ନଷ୍ଟ କରିଥିଲେ। ପାଟିତୁଣ୍ଡ ପ୍ରଭାବ ଭାଲୁ ଉପରେ ପଡ଼ିନଥିଲା। ଗ୍ରାମବାସୀ ସମସ୍ତେ ଏକାଠି ହୋଇ ଗୋଡ଼ାଇବାରୁ ସେମାନେ ପଳାଇଥିଲେ। ଭାଲୁ ଉପଦ୍ରବ ବଢୁଥିବାରୁ ଭୟରେ ରହିବାକୁ ପଡୁଛି। ବନବିଭାଗ ପଦକ୍ଷେପ ନନେଲେ ଆକ୍ରମରେ ମୃତାହତ ଆଶଙ୍କା ରହିଛି। ସନ୍ଧ୍ୟା ହେଲେ ଗାଁରେ ତାଟିକବାଟ ପଡ଼ିଯାଉଛି। ଭୟରେ ପିଲାମାନେ ଟ୍ୟୁସନ ଯାଇପାରୁ ନାହାନ୍ତି। ତୁରନ୍ତ ଭାଲୁକୁ ଧରାଯାଇ ଅନ୍ୟତ୍ର ସ୍ଥାନାନ୍ତର କରାଯାଉ। ଏ ସମ୍ପର୍କରେ ବନ ଅଧିକାରୀ ବିଜୟ କୁମାର ନାୟକଙ୍କୁ ଯୋଗାଯୋଗ କରାଯାଇଥିଲା। ସମ୍ଭବ ନହେବାରୁ ତାଙ୍କ ପ୍ରତିକ୍ରିୟା ମିଳି ପାରି ନଥିଲା। ଗାଁ'ଲୋକଙ୍କ ମଧ୍ୟରୁ କିଏ ତିନିଟି ଭାଲୁ ଥିବା କହୁଛି ତ ଆଉ କିଏ ଗୋଟିଏ ବୋଲି କହୁଛନ୍ତି।

## ସଂକୁଳ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ

ନିଆଳି, (ଭାସ୍କର ନ୍ୟୁଜ୍): ସଂକୁଳ ସ୍ତରୀୟ ଜ୍ଞାନବିଜ୍ଞାନ ମେଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଡିଆ ସାହି, କସର୍ଦା ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରକଳ୍ପ, ପ୍ରଶ୍ନ ମଞ୍ଚ, ପତ୍ର ବାଚନ, ପ୍ରୟୋଗ ଆଦି କାର୍ଯ୍ୟକ୍ରମରେ ମୋଟ ୨୧୩ ଶିଶୁ ଭାଇଭଉଣୀ ଅଂଶଗ୍ରହଣ କରିଥିଲେ। ସଭାପତି ପ୍ରମୋଦ କୁମାର ସାହାଣୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ସଂକୁଳ ପ୍ରମୁଖ ଉମାକାନ୍ତ କର, ସମ୍ପାଦକ ଭରତ ଚନ୍ଦ୍ର ପାଇଟାଳ, ପ୍ରାଚୀ ଏକାଡେମୀ, ଅଡଶପୁରର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଜୟ କୁମାର ପାତ୍ର, ଲକ୍ଷ୍ମୀ ନାରାୟଣ ବିଦ୍ୟାପୀଠ, କସର୍ଦାର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରୋଜାଲିନ ସ୍ୱାଇଁ, ଲକ୍ଷ୍ମୀ ନୃସିଂହ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ବାପୁଜୀ ମହାରଣା ପ୍ରମୁଖ ଉପସ୍ଥିତ ରହି ଶିଶୁମାନଙ୍କୁ ମାର୍ଗଦର୍ଶନ କରିବା ସହ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସଂକୁଳର ପ୍ରଧାନ ଆଚାର୍ଯ୍ୟ, ପ୍ରଧାନ ଆଚାର୍ଯ୍ୟଙ୍କ ସହ ୧୯ ଜଣ ଗୁରୁଜୀ, ଗୁରୁମା ସହଯୋଗ କରିଥିଲେ। ସ୍ଥାନୀୟ ଶିଶୁ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମା, ସେବକ ସେବିକା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଗଞ୍ଜାମ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକାରୀଙ୍କ ମିଳିତ ଅଭିଯୋଗ ଶୁଣାଣି




ଆସିକା, (ଭାସ୍କର ନ୍ୟୁଜ୍): ଆସିକା ପଞ୍ଚାୟତ ସମିତି ସଭା ଗୃହ ରେ ଜିଲ୍ଲାସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକାରୀଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ଗଞ୍ଜାମ ଜିଲ୍ଲାପାଳ କୀର୍ତିଭାସନ ଭି. ଅତିରିକ୍ତ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ଦାସ, ଭଞ୍ଜନଗର ଉପଜିଲ୍ଲାପାଳ ଉମା ଶଙ୍କର ବେହେରା, ପ୍ରମୁଖ ଉପସ୍ଥିତ ରହି ୨୦୫ରୁ ଉର୍ଦ୍ଧ ଅଭିଯୋଗ ଶୁଣାଣି କରିଥିଲେ। ଏହି ଜିଲ୍ଲା ସ୍ତରୀୟ ସମ୍ମିଳନୀରେ ୩୧ ଗୋଟି ରାସନ କାର୍ଡ, ୦୮ଜଣ ସୁଭଦ୍ରା, ୦୭ ଜଣ ଟ୍ରାଇ ସାଇକେଲ, ପେନସନ ୩୭ ଜଣ ଆବେଦନ ସମେତ ସାମାଜିକ ସୁରକ୍ଷାର ବିଧବା ଭତ୍ତା, ୮୦ ବର୍ଷରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଏବଂ ବୟସ୍କ ମାନଙ୍କୁ ବର୍ଦ୍ଧିତ ଭତ୍ତା ମିଳିବା, ରାସନ କାର୍ଡ, ଉପରେ ଶୁଣାଣି କରି ଜିଲ୍ଲାପାଳ ୦୪ ଜଣଙ୍କୁ ଟ୍ରାଇ ସାଇକେଲ, ୦୧ ଜଣଙ୍କୁ ହୁଇଲ ଚୈର, ୦୧ ଜଣଙ୍କୁ ବ୍ୟାଟେରୀ ସାଇକେଲ, ପ୍ରଦାନ କରାଯାଇଥିଲା। ସେହିଭଳି ରେଡ଼କ୍ରସ ପାଣ୍ଠିରୁ ଦୁଇଜଣଙ୍କୁ ୧୫ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହି ଶୁଣାଣି ବେଳେ ଆସିକା ବାର ପକ୍ଷରୁ ତାଲୁକା ଛକରେ ନୂତନ କୋର୍ଟ କରିବା, ଆସିକା ସାମ୍ବାଦିକ ସଂଘ ପକ୍ଷରୁ ଆସିକାକୁ ଶୀଘ୍ର ପଟ୍ଟା ପ୍ରଦାନ, ଡଉଗାଁ - ଚିଉର ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟର ଗୁଣବତ୍ତା, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ର ମରାମତି, ପଂଚାୟତ ପ୍ରତିନିଧିମାନଙ୍କ ଦ୍ୱାରା ବ୍ଲକର ଉନ୍ନୟନ ମୂଳକ କାର୍ଯ୍ୟର ବିଲ୍ ପୈଠ ଶୀଘ୍ର କରିବା, ପ୍ରକଳ୍ପ ଗୁଡିକର ସମ୍ପୂର୍ଣକରଣ, ସାନଖୋଲି ଗ୍ରାମକୁ ମୋ ବସ ସେବାରେ ସାମିଲ କରିବା, ପ୍ରଧାନମନ୍ତ୍ରୀ ଅନ୍ତଉଦୟ ଆବାସ ଗୃହରେ ସଠିକ ଲୋକଙ୍କୁ ପ୍ରଦାନ, ଚାରି ମାଇଲ ଠାରୁ ବାଦଗଡ଼ ରାସ୍ତାର ଉନ୍ନତି କରଣ, ପାଣ୍ଡିଆପଥର ପଞ୍ଚାୟତର କେତେକ ଗ୍ରାମକୁ ପଟା ପ୍ରଦାନ, ଆସିକା ଜର୍ଣ୍ଣାଲିଷ୍ଟ ଆସୋସିଏସନ ପକ୍ଷରୁ ଆସିକାରେ ଓଡିଶା ରାଜ୍ୟ ପରିବହନ କାର୍ଯ୍ୟାଳୟ ଖୋଲିବା, ଉତ୍କଳ ଆୟୁର୍ବେଦିକ ଖୋଲିବା, ଜାତୀୟ ଓ ରାଜ୍ୟ ରାଜପଥ କାର୍ଯ୍ୟାଳୟ ଖୋଲିବା, ପ୍ରେସ କ୍ଲବକୁ ଘର ପ୍ରଦାନ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପକ୍ଷରୁ ଭେଟନଇ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଫାର୍ମାସିଷ୍ଟ ଓ କର୍ମଚାରୀ ନିଯୁକ୍ତି, ଔଷଧ ପ୍ରଦାନର ଅଭିଯୋଗ ସମେତ ଅନେକ ଶିକ୍ଷା, ସ୍ୱାସ୍ଥ୍ୟ ଭିତ୍ତିଭୂମି, ଜୀବନ ଜୀବିକା, ରାଜସ୍ୱ ଓ ସାମାଜିକ ସୁରକ୍ଷା ଉପରେ ଅଭିଯୋଗକୁ ଶୁଣାଣି କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆସିକା ବିଡ଼ିଓ ଲିପିନା ଦାସ ସଂଯୋଜନା କରୁଥିବା ବେଳେ ତହସିଲଦାର ସଙ୍ଗୀତା ସେନ, ଜିଲ୍ଲା ମଙ୍ଗଳ ଅଧିକାରୀ ସୁରେଶ ଚନ୍ଦ୍ର ଜିତ ବଡ଼ୁ, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର, ଆସିକା ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡାକ୍ତର ବାଲ ଗୋପାଳ ବେହେରା, ବାଲିସିରା ଡାକ୍ତର ମଧୁ ସୁଦନ ବାରିକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ବିଜୟ ଲକ୍ଷ୍ମୀ ବେହେରା, ସିଡିପିଓ ସୁନୀଲ ପ୍ରଭା ରଥ, ଜିଲ୍ଲା ପଞ୍ଚାୟତ ଅଧିକାରୀ ପ୍ରହଲ୍ଲାଦ ପ୍ରଧାନ, ବିଇଓ ମୁନ ରାଣୀ ମହାନ୍ତି, ରେଞ୍ଜର ପ୍ରମୋଦ କୁମାର ପଣ୍ଡା, ଖଣି ଅଧିକାରୀ ଅକ୍ଷୟ ସାମଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣ ଚନ୍ଦ୍ର ବେହେରା, ଉଦ୍ୟାନ ଉପ ନିର୍ଦ୍ଦେଶକ, ଡଃ କନ୍ଧ ଜେନା, ସହକାରୀ ଉଦ୍ୟାନ ଉପ ନିର୍ଦ୍ଦେଶକ ଇତିଶ୍ରୀ ପ୍ରିୟଦର୍ଶନୀ, ଉଦ୍ୟାନ ଅଧିକାରୀ ଗୀତାଞ୍ଜଳି ସାହୁ, ଜିଲ୍ଲା କୃଷି ଅଧିକାରୀ, ବ୍ଲକ କୃଷି ଅଧିକାରୀ ବାସୁଦେବ ସାହୁ, ମତ୍ସ୍ୟ ଅଧିକାରୀ ଦୁର୍ଗା ମାଧବ ପ୍ରଧାନ, ଡିଆରଏସ ଯୋଗମାୟା ସାବତ, ଏଆର ସି ଏସ ବିଜୟ ସାହୁ, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ, ଆସିକା ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଇ. ଦେବେନ୍ଦ୍ର ପ୍ରଧାନ, ବିଦ୍ୟୁତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇ ଜଗଦୀଶ ଦାସ ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଇ. କାଳି ପ୍ରସାଦ ନନ୍ଦ, କନିଷ୍ଠ ଯନ୍ତ୍ରୀ ଇ. ରାକେଶ ପାତ୍ର, ପୂର୍ତ୍ତ ବିଭାଗର ଇ. ରାମକୃଷ୍ଣ ପାଣିଗ୍ରାହୀ ସମେତ ଅନେକ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

## ଦିବଂଗତ କବି ବଳରାମଙ୍କ ପ୍ରତିମୂର୍ତ୍ତି ଅନାବରଣ

ମାଲକାନାଗିରି, (ଭାସ୍କର ନ୍ୟୁଜ୍): ସ୍ୱର୍ଗତଃ କବି ବଳରାମ ପୂଜାରୀ ସ୍ମୃତି ସଂସଦ, କୁଡୁମୁଲୁଗୁମ୍ମା ତରଫରୁ ସ୍ଥାନୀୟ ନୋଡାଲ ଉଚ୍ଚ ବିଦ୍ୟାଳୟ ନିକଟରେ କବିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି ଅନାବରଣ କରାଯିବା ସହ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଦିନ ୧୧ଘଣ୍ଟିକା ସମୟେ ବହୁ ବିଶିଷ୍ଟ ସାହିତ୍ୟିକ, କବି/କବୟିତ୍ରୀ, ଶିକ୍ଷାବିତ, ପ୍ରଶାସନିକ ଅଧିକାରୀ, ବୁଦ୍ଧିଜୀବୀ ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ କବି ବଳରାମ ପୂଜାରୀଙ୍କ ପିତା ଇନ୍ଦ୍ରମଣି ପୂଜାରୀ ଏବଂ ତାଙ୍କ ଶ୍ୱଶୁର ବାଳକୃଷ୍ଣ ରଣାଙ୍କ କରକମଳରେ କବିଙ୍କ ପ୍ରତିମୂର୍ତ୍ତି ଉଦ୍ଘାଟନ କରାଯାଇଥିଲା। ଏହାପରେ ସ୍ମୃତି ସଭାର ଆୟୋଜନ କରାଯାଇଥିଲା। ସଭାମଞ୍ଚରେ ଅତିଥି ଭାବେ ରାଜେନ୍ଦ୍ର ପାଢ଼ୀ (ଆଦିବାସୀ ସଂସ୍କୃତି ଗବେଷକ / ବୈଶାଖୀ ପରିବାର, କୁଲାବୀର, ପାଡୁଆର ସଭାପତି), ବୁଲୁ ହୋତା (ପୂର୍ବତନ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ, ନବରଙ୍ଗପୁର), ସାଇମନ ବିଡ଼ିକା (ଦେଶିଆ କୁଟୁମ୍ବ ସଭାପତି), କବୀ ଝାନ୍ସୀ ସିଂ (ଅଧକ୍ଷ କଲେଜ, ସେମିଳିଗୁଡା), ଦଣ୍ଡପାଣି ମହାପାତ୍ର (ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀ ମହାସଚିବ, ଗଞ୍ଜାମ), ହେମନ୍ତ ଦଳପତି (ଅଧାପକ ଡାଏଟ୍, ଚିତ୍ରକୋଣ୍ଡା), ରାମହରି ସାହୁ (ବରିଷ୍ଠ ସାମ୍ବାଦିକ, କୁଡୁମୁଲୁଗୁମ୍ମା) ଏବଂ କବିଙ୍କ ଧର୍ମପତ୍ନୀ ପୁଷ୍ପାଞ୍ଜଳି ରଣା ମଞ୍ଚାସୀନ ଥିଲେ। ସମସ୍ତ ଅତିଥି କବିଙ୍କ ସ୍ମୃତିଚାରଣ କରିବା ସହିତ ଆଗାମୀ ଦିନରେ କବିଙ୍କ ନାମରେ ଯେଉଁ ସ୍ମୃତି ସଂସଦ ଗଠନ କରାଯାଇଛି ତାହା କିଭଳି ଭାବରେ ସୁଦୃଢ ହୋଇପାରିବ ସେ ସମ୍ବନ୍ଧରେ ମତବ୍ୟକ୍ତ କରିଥିଲେ। କବି ବଳରାମ ପୂଜାରୀଙ୍କ




ଛଅଗୋଟି କବିତା ସଂକଳନ ପ୍ରକାଶିତ ହୋଇଥିବା ସ୍ଥଳେ ଆହୁରି ଅନେକ ଅପ୍ରକାଶିତ ଲେଖା ରହିଯାଇଛି। ତାହାର ପାଣ୍ଡୁ ଲିପିକୁ ସଂଗ୍ରହ କରି ତାହାର ପ୍ରକାଶନ ଦାୟିତ୍ୱ ହାତକୁ କିପରି ନିଆଯିବ ସେ ସମ୍ବନ୍ଧରେ ମତ ପ୍ରକାଶ ପାଇଥିଲା। କବିଙ୍କ ସ୍ମୃତିକୁ ସବୁଦିନ ଉଜ୍ଜୀବିତ ରଖିବା ପାଇଁ କବିପତ୍ନୀଙ୍କ ଏଭଳି ଉଦ୍ୟମକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ। କବି ବିଜୟାଶ୍ରୀ ପାଣିଗ୍ରାହୀ ମଞ୍ଚ ପରିଚାଳନା ଦାୟିତ୍ୱ ଖୁବ୍ ସୁନ୍ଦର ଭାବରେ ନିଭାଇଥିଲେ। ସମାଜସେବୀ ଭଗବାନ ସାହୁ, ବାଳକୃଷ୍ଣ ପ୍ରଧାନ, ରମେଶ ଚନ୍ଦ୍ର ନେଲୁର, ଅଶୋକ ପ୍ରଧାନ, ରୁଦ୍ରାଭିଷେକ ପୂଜାରୀ, ଗୋପୀ ପାଙ୍ଗି କାର୍ଯ୍ୟକ୍ରମକୁ ସଫଳ କରିବାରେ ମୁଖ୍ୟ ଭୂମିକା ନିଭାଇଥିଲେ। ବଳରାମ ପୂଜାରୀଙ୍କ ନାମରେ ସମସ୍ତେ ଗୋଟିଏ ଲେଖାଏଁ ଗଛ ନେଇ ନିଜ ବାଡ଼ିରେ ଲଗେଇ ଯତ୍ନ ନେବା ପାଇଁ ନଡ଼ିଆ, ଆମ୍ବ, ପିଜୁଳି ଚାରା ବଣ୍ଟନ କରାଯାଇଥିଲା।

## ଭିନ୍ନ ଢଙ୍ଗରେ ଜନ୍ମଦିନ ପାଳିଲେ ସାମାଜିକ କର୍ମୀ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଅଞ୍ଚଳର ସାମାଜିକ କର୍ମୀ ଜନ୍ମଦିନ ମହା ଆଡ଼ମ୍ବରରେ ପାଳନ ନକରି ଏକ ଭିନ୍ନ ଢ଼ଙ୍ଗରେ ଜନ୍ମଦିନକୁ ପାଳନ କରିଥିବା ଜଣାପଡ଼ିଛି। ଏହି ଜନ୍ମଦିନରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଅନେକ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମପଡ଼ା ଯୁବ ବିକାଶ ପରିଷଦ ସମ୍ପାଦକ ତଥା ନିମାପଡ଼ାର ଯୁବ ସାମାଜିକ କର୍ମୀ ଚନ୍ଦ୍ରକାନ୍ତ ବରାଳଙ୍କ ଜନ୍ମଦିନରେ ବୃକ୍ଷ ରୋପଣ ଓ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଅନେକ ବ୍ୟକ୍ତି ନିଜ ଜନ୍ମଦିନ ଆଡ଼ମ୍ବର ସହକାରେ ପାଳନ କରୁଥିବା ବେଳେ ସାମାଜିକ କର୍ମୀ ଚନ୍ଦ୍ରକାନ୍ତ ବରାଳ ତାଙ୍କ ଜନ୍ମଦିନରେ ରକ୍ତଦାନ ଶିବିର ଓ ବୃକ୍ଷରୋପଣ ଭଳି ମହତ୍ କାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ନିମାପଡ଼ା ବ୍ଲକ୍ ଧଳେଶ୍ୱର ଗ୍ରାମରେ ଜନ୍ମିତ ଚନ୍ଦ୍ରକାନ୍ତ ଜଣେ ସାମାଜିକ କର୍ମୀ ଭାବେ ଜଣାଶୁଣା। ବିଭିନ୍ନ ସାମାଜିକ ସଂଗଠନ ସହିତ ଚନ୍ଦ୍ରକାନ୍ତ ଜଡ଼ିତ ରହିଛନ୍ତି। କୌଣସି ବ୍ୟକ୍ତି ଅସୁବିଧାରେ ପଡ଼ିଲେ ସାମାଜିକ କର୍ମୀ ସେଠାରେ ପହଞ୍ଚି ସାହାଯ୍ୟର ହାତ ବଢ଼ାନ୍ତି। ୪୦ତମ ଜନ୍ମ ଦିନରେ ୫୧ ୟୁନିଟ୍ ରକ୍ତ ସଂଗ୍ରହ କରିଥିବା ବେଳେ ନିଜ ଗାଁ ମୁଣ୍ଡରେ ଥିବା ଖେଳ ପଡ଼ିଆ ଚାରିପାଖେ ବୃକ୍ଷରୋପଣ କରିଥିଲେ। ଏହି ରକ୍ତଦାନ ଶିବିରକୁ ଭୁବନେଶ୍ୱର ମହାନଗର ନିଗମ ରକ୍ତ ଭଣ୍ଡାର ତରଫରୁ ରକ୍ତ ସଂଗୃହୀତ ହୋଇଥିଲା। ଉକ୍ତ ଶିବିରକୁ ଚନ୍ଦ୍ରକାନ୍ତଙ୍କ ପିତା ଦାମୋଦର ବରାଳ, ମାଆ ସୌଦାମିନୀ ବରାଳ ଓ ବଡ଼ଭାଇ ସୁଧିରଞ୍ଜନ ବରାଳ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ।

ଓଡ଼ିଶା ଭାସ୍କର ODISHA BHASKAR
# ମହାନଗର



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତୀୟ ରେଳବାଇ ଟ୍ରେନ୍ ନମ୍ବର ୨୦୪୭୨/୨୦୪୭୧ ପୁରୀ-ଲାଲଗଡ଼-ପୁରୀ ସାପ୍ତାହିକ ଏକ୍ସପ୍ରେସ୍‌କୁ ୧୩ ଅଗଷ୍ଟ ୨୦୨୫ଠାରୁ ପୁରୀରୁ ଶ୍ରୀ ଗଙ୍ଗାନଗର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ନିଷ୍ପତ୍ତି ନେଇଛି। ଏହି ସମ୍ପ୍ରସାରଣ ବଙ୍ଗୋପସାଗରକୁ ଥର ମରୁଭୂମି ସହିତ ସୁଗମ ଭାବରେ ସଂଯୋଗ କରିବ, ଯାହା ପୂର୍ବାଞ୍ଚଳ ରାଜ୍ୟ ଓଡ଼ିଶା ଏବଂ ଉତ୍ତର-ପଶ୍ଚିମ ରାଜ୍ୟ ରାଜସ୍ଥାନ ମଧ୍ୟରେ ସାଂସ୍କୃତିକ ଏବଂ ଅର୍ଥନୈତିକ ସମ୍ପର୍କକୁ ଦୃଢ଼ କରିବ। ସାଂସଦ ସମ୍ବିତ ପାତ୍ର ବୁଧବାର ପୁରୀ ରେଳ ଷ୍ଟେସନରେ ବିଧାୟକ ସୁନୀଲ କୁମାର ମହାନ୍ତିଙ୍କ ଉପସ୍ଥିତିରେ ଏହି ଟ୍ରେନର ସମ୍ପ୍ରସାରଣକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବେ। ଏହି ସମାରୋହରେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଆଲୋକ ତ୍ରିପାଠୀ ମଧ୍ୟ ଯୋଗଦେବେ। ପୁରୀ ଏବଂ ଲାଲଗଡ଼ ମଧ୍ୟରେ ଉଭୟ ପାର୍ଶ୍ୱରୁ ସ୍ଥିରୀକୃତ ଷ୍ଟେସନ ଠାରେ ରହଣି ସମୟ ଅପରିବର୍ତ୍ତିତ ରହିବ। ଲାଲଗଡ଼ରୁ ଶ୍ରୀ ଗଙ୍ଗାନଗର ପର୍ଯ୍ୟନ୍ତ ସମ୍ପ୍ରସାରିତ ମାର୍ଗ ବର୍ତ୍ତମାନ ସମୟସୂଚୀରେ ସାମିଲ ହୋଇଛି। ପୁରୀରୁ ଛାଡୁଥିବା ଏହି ଟ୍ରେନ ଲାଲଗଡ଼ରେ ରାତ୍ରି ୮ଘ.୩୩ମି.ରେ ପହଞ୍ଚିବା ପରେ ସେଠାରୁ ରାତ୍ରି ୮ଘ.୩୫ମି.ରେ ଛାଡି ଶ୍ରୀ ଗଙ୍ଗାନଗର ଅଭିମୁଖେ ଯାତ୍ରା କରିବ ଏବଂ ସେଠାରେ ରାତ୍ରି ୦୨ଘ.୦୫ ମି.ରେ ପହଞ୍ଚିବ।



# କ୍ରପ୍ ୱେଦର୍ ୱାଚ୍ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କୃଷି ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ପ୍ରମୁଖ ଶାସନ ସଚିବ ଡ଼. ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ କ୍ରପ୍ ୱେଦର୍ ୱାଚ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟରେ ଫସଲର ସ୍ଥିତି, ପାଣିପାଗ, ସାର ଯୋଗାଣ ସ୍ଥିତି ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଉପଲକ୍ଷେ ଓଡ଼ିଶାରେ ବହୁଳ ମାତ୍ରାରେ ବୃକ୍ଷରୋପଣ ଅଭିଯାନ ଆରମ୍ଭ ହେଉଛି । ଏହି ସବୁଜିମା



ଅଭିଯାନ ଅନ୍ତର୍ଗତ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ୨୩ ଲକ୍ଷ ଚାରା ରୋପଣ କରାଯିବା ପାଇଁ ବିଭାଗ ନିଷ୍ପତ୍ତି ନେଇଛି। ବର୍ତ୍ତମାନ ସମୟରେ ପାଣିପାଗ ଅନୁକୂଳ ଥିବାରୁ ଚାଷ କାର୍ଯ୍ୟ ସୁରୁଖୁରୁରେ ଚାଲିଛି । କେନାଲ ଗୁଡ଼ିକର ମରାମତି କରି ଆବଶ୍ୟକ ପରିମାଣର ପାଣି ଚାଷ ଜମିକୁ ଯୋଗାଇ ଦିଆଯାଇଛି । ସେହିଭଳି, ସାରା ରାଜ୍ୟରେ ସାର ଯୋଗାଣ କରାଯାଉଛି । ଯେଉଁଠାରୁ ସାର ଯୋଗାଣ ନେଇ କିଛି ବି ଅଭିଯୋଗ ଆସୁଛି ବିଭାଗ ତା ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ବୋଲି ଡ଼ ପାଢ଼ୀ ମତବ୍ୟକ୍ତ କରିଛନ୍ତି । ଏହାବ୍ୟତୀତ କୃଷି ସମୃଦ୍ଧି ହେଲ୍ପ ଲାଇନ ମାଧ୍ୟମରେ ଚାଷୀଙ୍କୁ ସଠିକ ସୂଚନା ପ୍ରଦାନ କରାଯାଉଛି । ଆଗାମୀ ସମୟରେ ସାର ଯୋଗାଣକୁ ସୁଦୃଢ଼ କରିବା ନିମନ୍ତେ ଅଧିକ ରେଳ ରେକ୍ ପଏଣ୍ଟ ପାଇଁ ବିଭାଗ ତରଫରୁ ରେଳ ମନ୍ତ୍ରଣାଳୟକୁ ଚିଠି ଲେଖା ଯାଇଛି । ବୈଠକରେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଉଦ୍ୟାନ କୃଷି ନିର୍ଦ୍ଦେଶକ କୁଲାଙ୍ଗେ ଗୋରଖ ୱ୍ୱାମନ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା, କୃଷି ନିର୍ଦ୍ଦେଶକ ଲିଟି ପଟ୍ଟନାୟକ, ପାଣିପାଗ ନିର୍ଦ୍ଦେଶକ ଡ଼ ମନୋରମା ମହାନ୍ତି, କୃଷି ବିଭାଗ, ସମବାୟ ବିଭାଗ, ଜଳସେଚନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

## ମହିଳାଙ୍କୁ ଦୁର୍ବ୍ୟବହାର କଲେ ବିଜେପି ସରକାର ଦଣ୍ଡ ଦେବ: ବାବୁ ସିଂ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଛବିରାଣୀ ହତ୍ୟା କାଣ୍ଡ, ଅଞ୍ଜନା ମିଶ୍ର ଗଣଦୁଷ୍କର୍ମ ଘଟଣାରେ କଂଗ୍ରେସ ସରକାରର ପତନ ହୋଇଥିଲା। ବିଜେଡି ସରକାର ୨୪ ବର୍ଷ କାଳ ମହିଳା ମାନଙ୍କୁ ନିର୍ଯ୍ୟାତନା ଦେଲେ। କୌଣସି ସରକାର କେଉଁଠି କାଣ୍ଡ କରନ୍ତି ନାହିଁ କିନ୍ତୁ ଦୋଷୀଙ୍କ ଘଣ୍ଟ ଘୋଡ଼ାଇଲେ ନିଶ୍ଚିତ ଭାବରେ ସେ ସମାଲୋଚନା ହେବେ। ବିଜେପି ସରକାର ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଅତୀତରେ ବେବେନା, ପରୀ, ମମିତା ମେହେର, ସ୍ମିତା ରାଣୀ, ମାଧବୀ ଲତା ସବୁ ପ୍ରସଙ୍ଗରେ ବିଜେଡି ନେତାଙ୍କ ସଂପୃକ୍ତି ରହିଛି। ଯାହାକୁ ଜନସାଧାରଣ ଜାଣିବା ପରେ ବିଜେଡିକୁ ସରକାରରୁ ବାହାରକୁ ବାହାର କରିଛନ୍ତି । ଏବେ ସେମାନେ ବିରୋଧି ଦଳରେ। ମହିଳାଙ୍କ ପ୍ରତି ଯିଏ ଦୁର୍ବ୍ୟବହାର କରିବ ତାକୁ ବିଜେପି ସରକାର ନିଶ୍ଚିତ ଭାବରେ ଦଣ୍ଡ ଦେବ। ଏଥିରେ କୌଣସି ସନ୍ଦେହ ନାହିଁ ବୋଲି ବିଜେପି ବିଧାୟକ ବାବୁ ସିଂ କହିଛନ୍ତି। ବିରୋଧୀ ଦଳର ପଦଯାତ୍ରା ପ୍ରସଙ୍ଗରେ ପ୍ରତିକ୍ରିୟା ପ୍ରକାଶ କରି ସେ କହିଛନ୍ତି ଯେ, ଯେଉଁ ପ୍ରସଙ୍ଗ ନେଇ ବିରୋଧୀ ପଦଯାତ୍ରା କରୁଛନ୍ତି ତାହା ସାଧାରଣ ଲୋକଙ୍କ ଉପରେ ପ୍ରଭାବ ପକାଇବ ନାହିଁ। ବିଧାନସଭା ଯେତିକି ଦିନ ଚାଲିବା କଥା ସେତିକି ଦିନ ଚାଲିଛି। ଗତ ସରକାରରେ ଗୃହ ଚାଲି ପାରୁନଥିଲା। ବିରୋଧୀଙ୍କ ଅଭିଯୋଗ ଲଙ୍କାରେ ହରି ଶବ୍ଦ ଭଳି।

## ସମ୍ଭାବ୍ୟ ଲଘୁଚାପ ପାଇଁ ଆଗୁଆ ପ୍ରସ୍ତୁତ ରହିବାକୁ ରାଜସ୍ୱ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସମ୍ଭାବ୍ୟ ଲଘୁଚାପ ପାଇଁ ଆଗୁଆ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିବା ନେଇ ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୁଜାରୀ । ସେ କହିଛନ୍ତି ଯେ ଆଉ ଏକ ଲଘୁଚାପର ପୂର୍ବାନୁମାନ କରାଯାଇଛି । ଯାହାର ପ୍ରଭାବ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଦେଖିବାକୁ ମିଳିବ । ତେଣୁ ଜିଲ୍ଲାପାଳଙ୍କୁ ସଂପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯେକୌଣସି ପରିସ୍ଥିତି ଆସୁ ସାମ୍ନା କରିବା ସହ କ୍ଷତିଗ୍ରସ୍ତ ଏବଂ ପ୍ରଭାବିତ ଲୋକଙ୍କ ସୁରକ୍ଷା ଉପରେ ପ୍ରାଥମିକତା ।

## ତୁରନ୍ତ ହଷ୍ଟେଲ ଛାଡିବାକୁ ଅଣଛାତ୍ରଙ୍କୁ ନୋଟିସ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଅଣଛାତ୍ର ମୃତ୍ୟୁ ପରେ ସମସ୍ତ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଚିଠି ଲେଖିଛି ଉତ୍କଳ ବିଶ୍ୱବିଦ୍ୟାଳୟ। ପିଜି ହଷ୍ଟେଲରେ ସମସ୍ତ ଅବୈଧ ପ୍ରବେଶକାରୀ ଓ ସେମାନଙ୍କ କାର୍ଯ୍ୟକଳାପ ଉପରେ ପଦକ୍ଷେପ ନେବାକୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ କୋଠରୀକୁ ଯାଞ୍ଚ କରାଯିବ। ଅଣଛାତ୍ର ମାଡ଼ି ବସିଥିବା ହଷ୍ଟେଲ ଗୁଡ଼ିକର ଯାଞ୍ଚ ହେବ। ଯେଉଁଗୁଡିକ ବେଆଇନ ଭାବେ ବା ରାଜନୀତିକ କୋଠରୀ ଭାବେ ଜବରଦଖଲ ହୋଇଛି ସେ ରୁମ୍ କାନ୍ଥରେ ନୋଟିସ ଲାଗିବ। ସୋମବାର ଦିନ ୪ଟା ସୁଦ୍ଧା ହଷ୍ଟେଲ ଛାଡ଼ିବାକୁ ନୋଟିସ ଜାରି ହୋଇଛି। ହଷ୍ଟେଲ ଭିତରକୁ ଅଣଛାତ୍ରଙ୍କ ଗାଡ଼ି ଛାଡ଼ିବାକୁ ମନା କରାଯାଇଛି। ପାର୍କିଂ ହୋଇଥିବା ଗାଡ଼ି ଗୁଡ଼ିକର ତଥ୍ୟ ସହିତ ନଗର ପୋଲିସ ଥାନାରେ ଦିଆଯିବ।

# ଭୋଟ ଅସଙ୍ଗତି ନେଇ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବ ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୮ ମାସ ତଳେ ବିଜୁ ଜନତା ଦଳ ତରଫରୁ ଗତ ନିର୍ବାଚନରେ ପରିଲକ୍ଷିତ ଭୋଟ ଅସଙ୍ଗତିକୁ ନେଇ ନିର୍ବାଚନ କମିସନରଙ୍କ ନିକଟରେ ତଥ୍ୟ ପ୍ରଦାନ କରାଯାଇ ଉତର ମଗାଯାଇଥିଲା, ଯାହାର ସନ୍ତୋଷଜନକ ଉତର ଏପର୍ଯ୍ୟନ୍ତ ମିଳିନାହିଁ । ତେଣୁ, ବିଜୁ ଜନତା ଦଳ ଏହି ମାମଲାକୁ ନେଇ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହେବ ବୋଲି ଆଜି ସୂଚନା ଦେଇଛି । ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ପୂର୍ବତନ ରାଜ୍ୟସଭା ସାଂସଦ ତଥା ଦଳର ମୁଖପାତ୍ର ଅମର ପଟ୍ଟନାୟକ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ ଓ ବିଧାୟକ ଧ୍ରୁବ ଚରଣ ସାହୁ ଏହି ସୂଚନା ଦେଇଛନ୍ତି । ଅମର ପଟ୍ଟନାୟକ କହିଥିଲେ, ଗତ ନିର୍ବାଚନରେ ଭୋଟ ଶେଷ ହେବା ପରେ ନିର୍ବାଚନ କମିସନରଙ୍କ ଦ୍ୱାରା ଦିଆଯାଇଥିବା ତଥ୍ୟକୁ ଅନୁଶୀଳନ କରିବା ପରେ ଅନେକ ତାରତମ୍ୟ ପରିଲକ୍ଷିତ ହୋଇଥିଲା । ରାଜ୍ୟର ସମସ୍ତ ସଂସଦ କ୍ଷେତ୍ରରେ, ଇଭିଏମରେ ପଡ଼ିଥିବା ଭୋଟ ସଂଖ୍ୟା ଅପେକ୍ଷା ଗଣତି ହୋଇଥିବା ଭୋଟ ସଂଖ୍ୟା ଅଧିକ ଥିଲା। ସଂସଦ କ୍ଷେତ୍ରର ଭୋଟ ସଂଖ୍ୟା ଅପେକ୍ଷା ଏହା ମଧ୍ୟରେ ଆସୁଥିବା ବିଧାନସଭାର ସମୁଦାୟ ଭୋଟ ସଂଖ୍ୟା ମଧ୍ୟରେ ଉଲ୍ଲେଖନୀୟ ତାରତମ୍ୟ ରହିଥିଲା। ନିର୍ବାଚନ ସମୟ ଶେଷ ହୋଇଯିବା ପରେ ଭୋଟ ପଡିବା ସଂଖ୍ୟା ପ୍ରାୟ ୭ ପ୍ରତିଶତରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ରହିଥିଲା । ପଚାଶ ପ୍ରତିଶତ ବିଧାନସଭା ଆସନରେ ଏହି ତାରତମ୍ୟ ୧୫ରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ରହିଥିଲା । ଶ୍ରୀ ପଟ୍ଟନାୟକ କହିଥିଲେ, ୨୦୨୪ ମସିହା ଡିସେମ୍ବର ୧୯ ତାରିଖରେ ବିଜେଡି ତରଫରୁ ଏହି ସମ୍ବନ୍ଧରେ ଅଭିଯୋଗ ଦାଖଲ କରାଯାଇ, ଏହାର ଉତ୍ତର ରଖିବାକୁ ଅନୁରୋଧ କରାଯାଇଥିଲା । ଏହାଛଡା, ନିର୍ବାଚନ ପ୍ରକ୍ରିୟାକୁ ଅଧିକ ପାରଦର୍ଶିତା କରିବା ପାଇଁ, ଭୋଟର ଲିଷ୍ଟ ପ୍ରସ୍ତୁତିରୁ ଆରମ୍ଭ କରି ଭୋଟ ଗଣତି ଶେଷ ହେବା ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟାକୁ ଅଡିଟ୍ କରିବା ପାଇଁ ମଧ୍ୟ ଅନୁରୋଧ କରାଯାଇଥିଲା । ନିର୍ବାଚନ ପ୍ରକ୍ରିୟାର ଏପରି ଅଡିଟ୍ ବ୍ୟବସ୍ଥା ସମସ୍ତ ବିକଶିତ ରାଷ୍ଟ୍ର ମାନଙ୍କରେ ରହିଛି । ସେହିପରି ଭିଭିପ୍ୟାଡ଼ ବ୍ୟବସ୍ଥାରେ, କେବଳ ୫%ରେ ସୀମିତ ନରଖି, ସମସ୍ତ ଭୋଟ ପାଇଁ ଲାଗୁ କରାଯାଉ ବୋଲି ଅନୁରୋଧ କରାଯାଇଥିଲା । ନିୟମ ଅନୁଯାୟୀ ନିର୍ବାଚନ ପରେ, ଫର୍ମ ୧୭ ସି ନିର୍ବାଚନ କମିସନଙ୍କ ଦ୍ୱାରା ପ୍ରଦାନ କରାଯିବା କଥା, କିନ୍ତୁ, ନିର୍ବାଚନ କମିସନ ତାହା ଦେଉନାହାନ୍ତି । ଶ୍ରୀ ପଟ୍ଟନାୟକ କହିଥିଲେ, ନିକଟରେ ରାହୁଲ ଗାନ୍ଧୀ ନିର୍ବାଚନରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇବା ପରେ ରାଜ୍ୟରେ କଂଗ୍ରେସ ମଧ୍ୟ ପ୍ରଶ୍ନ କରିଛି । କିନ୍ତୁ, ଏହାର ବହୁ ପୂର୍ବରୁ ବିଜୁ ଜନତା ଦଳ ଏହି ପ୍ରସଙ୍ଗ ଉଠାଇଥିଲା । ବିଜେଡି ଦ୍ୱାରା ପୂର୍ବରୁ ଦାବି କରାଯାଇଥିବା ଅଡିଟ୍ ବ୍ୟବସ୍ଥାକୁ ମଧ୍ୟ ରାହୁଲ ଗାନ୍ଧୀ ଦୋହରେଇଛନ୍ତି । ନିର୍ବାଚନ ଫଳାଫଳକୁ ନେଇ ରାଜ୍ୟବାସୀଙ୍କ ମନରେ ନିର୍ବାଚନର ସ୍ୱଚ୍ଛତାକୁ ସୃଷ୍ଟି ହୋଇଥିବା ସନ୍ଦେହକୁ ଦୂର କରିବାରେ ନିର୍ବାଚନ କମିସନ ସକ୍ଷମ ହୋଇପାରି ନାହାନ୍ତି, ଯେଉଁଥିପାଇଁ ବିଜୁ ଜନତା ଦଳ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହେବାକୁ ଯାଉଛି ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ଶର୍ମିଷ୍ଠା ସେଠି କହିଥିଲେ, ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ପରଦିନ ମୁଁ ନିର୍ବାଚନ କମିସନଙ୍କୁ ଯାଜପୁର ସଂସଦ କ୍ଷେତ୍ରର ଫର୍ମ ୧୭ ସି ପାଇଁ ଆବେଦନ କରିଥିଲି । ଏହା ମୋତେ ପ୍ରଦାନ କରା ନ ଯିବାରୁ, ମୁଁ ଭାରତର ନିର୍ବାଚନ କମିସନଙ୍କୁ ଚିଠି ଲେଖିଥିଲି, କିନ୍ତୁ, ମୋତେ ସନ୍ତୋଷଜନକ ଉତ୍ତର ମିଳି ନଥିଲା । ଯାହା ଫଳରେ, ମୁଁ ବାଧହୋଇ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲି । ଏବେ ତାହା ବିଚାରାଧୀନ ରହିଛି ।

# ସଂକୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଚଳିତବର୍ଷ ଶିକ୍ଷା ବିକାଶ ସମିତି ଯୋଜନା ଆଧାରେର ନୀଳାଦ୍ରିବିହାର ସଂକୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଜୟଦେବ ବିହାର ପରିସରେର ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ବ୍ରଜ କିଶୋର ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ସୁଶାନ୍ତ କୁମାର ବଡମାଳି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ସଂକୁଳ ସଂଯୋଜକ ନେତ୍ରାନନ୍ଦ ଜେନା, ସଂକୁଳ ପ୍ରମୁଖ ବାଞ୍ଛାନିଧି ସାହୁ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଏହି ଅବସରେର ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ଓଝା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ନୀଳାଦ୍ରିବିହାର ସଂକୁଳର ୭ ଟି ବିଦ୍ୟାଳୟ ଯଥା, ଆଦିମାତା, ପଟିଆ, ଗଣ୍ଡରପୁର, ପ୍ରଶାନ୍ତ ବିହାର, ନୀଳାଦ୍ରି ବିହାର, ବିଡିଏ ଓ ଜୟଦେବ ବିହାରର ବିଭିନ୍ନ ବିଭାଗେର କିଶୋର, ବାଲ ଓ ଶିଶୁବଗର୍ର ମୋଟ ୨୧୩ଜଣ ଶିଶୁ ଅଂଶ ଗ୍ରହଣ କରିଥିଲେ। ତେବେ ଆୟୋଜିତ ହୋଇଥିବା ବିଭିନ୍ନ ବିଭାଗ ମଧ୍ୟରୁ ଗଣିତ ପ୍ରଶ୍ନ ମଞ୍ଚ, ବିଜ୍ଞାମ ପ୍ରଶ୍ନ ମଞ୍ଚ, ସଂସ୍କୃତିଜ୍ଞାନ ପ୍ରଶ୍ନ ମଞ୍ଚ, ମୃତ୍ତିକଳା, ସଂଗୀତ, ନୃତ୍ୟ, କଥା-କଥନ, ତତ୍କାଳିକ ଭାଷଣେର ଭାଗ ନେଇ କୃତୀତ୍ୱ ହାସଲ କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଜୟଦେବ ବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିଚାଳନା କମିଟିର ଉପସଭାପତି ଶାନ୍ତି ବେହେରା, ସଂପାଦକ ତଥା ଆଇନ୍‌ଜୀବି ବାଣୀବ୍ରତ ତ୍ରିପାଠୀ, ପରିଚାଳନା କମିଟିର ସଦସ୍ୟ ଓ ସଦସ୍ୟା, ସଂକୁଳ ଅନ୍ତର୍ଗତ ସମସ୍ତ ପ୍ରଧାନାଚାର୍ଯ୍ୟ ଓ ସମସ୍ତ ସେବାବ୍ରତୀ ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିପରି ଅଭିଭାବକ, ସ୍କାଉଟ ଗାଇଡ, ବାଲ ଭାରତୀ, କନ୍ୟା ଭାରତୀ ଭାଇ ଓ ଭଉଣୀମାନଙ୍କ ସହେଯାଗେର କାର୍ଯ୍ୟକ୍ରମ ସଫଳ ହୋଇଥିଲା।

## କଳାବିକାଶ କେନ୍ଦ୍ରର ୭୩ତମ ପ୍ରତିଷ୍ଠା ଦିବସ

କଟକ(ଭାସ୍କର ନ୍ୟୁଜ୍): କଳାବିକାଶ କେନ୍ଦ୍ରର ୭୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ଆୟୋଜିତ ଉତ୍ସବକୁ ହାଇକୋର୍ଟର ବିଚାରପତି ଶଶୀକାନ୍ତ ମିଶ୍ର ଉଦ୍‌ଘାଟନ କରି କହିଲେ, କଳା-ସଙ୍ଗୀତ-ନୃତ୍ୟରୁ ଜାତିର ପରିଚୟ ମିଳେ। ଜାତୀୟ ଚେତନାକୁ ବିକଶିତ କରିବା ପାଇଁ କଳାବିକାଶ କେନ୍ଦ୍ର ଦୀର୍ଘ ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱ କାଳ ଧରି କାର୍ଯ୍ୟ କରୁଛି। ଏଠାରେ ନୃତ୍ୟର ଦିବ୍ୟସ୍ପନ୍ଦନ ଅନୁଭୂତ ହୁଏ। ସମ୍ମାନିତ ଅତିଥି ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି କହିଲେ, କଳାବିକାଶ କେନ୍ଦ୍ରର ଇତିହାସ ଗରିମାମୟ। ଅନୁଷ୍ଠାନର ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ର ନାଥ ମହାନ୍ତି କହିଲେ, ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କ ସହଯୋଗ ହିଁ କଳାବିକାଶ କେନ୍ଦ୍ରକୁ ଆଗେଇ ନେବ। କେନ୍ଦ୍ରର ସଭାପତି ଡ. ବିଜୟାନନ୍ଦ ସିଂ ଅଧକ୍ଷତା କରି କହିଲେ, କଳାର ଉଜ୍ଜ୍ୱଳ ପ୍ରତୀକ ହେଉଛି କଳାବିକାଶ କେନ୍ଦ୍ର। ଏହି ଅବସରରେ କେନ୍ଦ୍ରର ପୁରାତନ ଛାତ୍ରୀ ତଥା ଖ୍ୟାତିସମ୍ପନ୍ନ ନୃତ୍ୟାଙ୍ଗନା ଶ୍ୱେତପଦ୍ମା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧାରଣ ସମ୍ପାଦକ କାମାକ୍ଷା ପ୍ରସାଦ ମହତାବ ଧନ୍ୟବାଦ ଦେଇଥିଲେ। ଡ. ସ୍ନେହଲତା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ବିଏମ୍‌ସି ପକ୍ଷରୁ ୧୦୮ ବେଲ ଉଦ୍ୟାନ ସୃଷ୍ଟି



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ପୋଖରୀପୁଟ ସ୍ଥିତ ଝରା ପୋଖରୀ ହୁଡାରେ ୧୦୮ ବେଲ ଚାରା ରୋପଣ କରାଯାଇଛି। ଭୁବନେଶ୍ୱରର ସାଂସ୍କୃତିକ ପରମ୍ପରାକୁ ଖାପ ଖୁଆଇବା ଭଳି ଏହା ଏକ ଅଭିନବ ବୃକ୍ଷ ରୋପଣ ଅଭିଯାନ ବୋଲି କହିଛନ୍ତି ସ୍ଥାନୀୟ ବାସିନ୍ଦା । ସଂପ୍ରତି ମା' ପାଇଁ ଗଛଟିଏ ବାର୍ତ୍ତାନେଇ କରାଯାଉଥିବା ବୃକ୍ଷରୋପଣ ଘରେ ଘରେ ସବୁଜିମାର ବାର୍ତ୍ତା ଦେଉଥିବା ବେଳେ, ବେଲ ଗଛ ଲଗାଇବା ଏକ ଦୀର୍ଘକାଳୀନ ପ୍ରୟାସ । ଏକାମ୍ର କ୍ଷେତ୍ରର ମହନୀୟତାକୁ ଏହା ପ୍ରତିପାଦନ କରିଛି । ଆଗାମୀ ଦିନ ଗୁଡିକରେ ନାଗରିକ ମାନଙ୍କର ସହଯୋଗ ଏଭଳି ପ୍ରୟାସକୁ ଆଗେଇ ନେଉ ବୋଲି ବିଏମ୍‌ସି ପକ୍ଷରୁ ନିବେଦନ କରାଯାଇଛି । ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କଁଅର, କମିଶନର ଚଞ୍ଚଳ ରାଣାଙ୍କ ସମେତ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ୍, ସ୍ଥାନୀୟ କର୍ପୋରେଟର ଏବଂ ସ୍ଥାନୀୟ ଜନ ସାଧାରଣ ଉପସ୍ଥିତ ଥିଲେ ।

## ନୂଆ ବିସ୍ଥାପନ ଏବଂ ଥଇଥାନ ନୀତି ଆଣିବେ ସରକାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ ସରକାର ନୂଆ ବିସ୍ଥାପନ ଏବଂ ଥଇଥାନ ନୀତି ଆଣିବେ । ୨୦୨୫ ରେ ଏହି ନୀତି ଆଣିବାକୁ ସରକାରୀ ସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି । ରାଜସ୍ୱ ମନ୍ତ୍ରୀ ସୁରେଶ ପୁଜାରୀ ସାମ୍ବାଦିକ ମାନଙ୍କ ସହ କଥାବାର୍ତ୍ତା ବେଳେ ଏହି ସୁଚନା ଦେଇଛନ୍ତି । ସେ କହିଛନ୍ତି ଯେ, ସରକାର ଆଧୁନିକ ବିସ୍ଥାପନ ଏବଂ ଥଇଥାନ ନେଇ ଚିନ୍ତା କରୁଛନ୍ତି । କ୍ଷତିଗ୍ରସ୍ତ ଚାହିଁଲେ କ୍ଷତିପୂରଣ ବଦଳରେ ପ୍ରକଳ୍ପରେ ଅଂଶୀଦାର ରହିପାରିବେ । ସେ ନେଇ ସରକାର ଚିନ୍ତା କରୁଛନ୍ତି । ଜମି ହରାଉଥିବା ଲୋକଙ୍କୁ ବିକଳ୍ପ ସୁଯୋଗ ଦିଆଯିବ । ଜମି ବଦଳରେ ଜମି ବି ଯୋଗାଇ ଦେବେ ସରକାର । ଅର୍ଥ ଦେବାରୁ ତାହା ଖର୍ଚ୍ଚ ହେଇଯାଉଛି ।ଜନଜାତିଙ୍କର ଇଚ୍ଛା ଜମି ବଦଳରେ ଜମି । ଏହାସହ ସେମାନେ ଚାହିଁଲେ ପ୍ରକଳ୍ପରେ ଅଂଶୀଦାର ମଧ୍ୟ ହେବେ । କ୍ଷତିପୂରଣ ଜାଗାରେ ସେହି ପରିମାଣରେ ଅଂଶୀଦାର ରହିବେ । ସମାନୁପାତିକ ଲାଭ ସେମାନେ ନେଇପାରିବେ । ଲୋକ ଯେଉଁ ବିକଳ୍ପ ଦେବେ ସେହି ଅନୁସାରେ ନୀତି କାର୍ଯ୍ୟକାରୀ ହେବ । ସରକାର କାହା ଉପରେ କୌଣସି ନିଷ୍ପତ୍ତି ଲଦିବେ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି ।

## ନୂଆ ବିସ୍ଥାପନ ନୀତିକୁ ବିଜେଡିର ସମାଲୋଚନା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ନୂଆ ବିସ୍ଥାପନ ନୀତିକୁ ନେଇ ବିଜେଡି ସମାଲୋଚନା କରିଛି। ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି ସରକାର ଯାହା କହୁଛନ୍ତି ଯେ ଜମି ବଦଳରେ ଜମି, ତାଙ୍କୁ ପ୍ରଶ୍ନ ଯେ ଭିଟାମାଟି କାହିଁକି କିଏ ଛାଡିବ? ସରକାର କି ମୂଲ୍ୟବାନ ଜମି ଦେବେ? କମ୍ପାନୀର କି ଅଂଶୀଦାର କରିବେ ଜମିହରାଙ୍କୁ? ସୁନ୍ଦରଗଡ଼ରେ ଜମିହରାଙ୍କୁ ବୁଲଡୋଜର ଲଗାଇ ମାରିଲେ। ସିଜୁମାଳିରେ ଗିରଫ କଲେ। ମୟୁରଭଞ୍ଜ କୁସୁମୀରେ ଖଣି ପାଇଁ ଲୋକଙ୍କୁ ମାଡ଼ ମରାଗଲା। ଗ୍ରାମସଭା ଠିକ୍ ସେ ହେଉଛି ତ ? ନିପନ ଆନ୍ଧ୍ର ମୁହାଁ, ଇଭି କମ୍ପାନୀ ପଳେଇଲା। କାହିଁକି ଏବେ କମ୍ପାନୀ ମୁହଁ ଫେରାଉଛନ୍ତି । ଜମିହରାଙ୍କୁ କମ୍ପାନୀର ଯଦି ଅଂଶୀଦାର କରିବେ, ଠିକ କଥା। ହେଲେ ବାହାନା ଦେଖାଇ ଲୋକଙ୍କୁ କିକ୍ ମାରିବାକୁ ଆମେ ବରଦାସ୍ତ କରିବୁ ନାହିଁ ବୋଲି କହିଛନ୍ତି ଅରୁଣ ସାହୁ।

## ବନ୍ୟା କ୍ଷତିଗ୍ରସ୍ତ ୫ ଜିଲ୍ଲାକୁ କ୍ଷତିପୂରଣ ରାଶି ପଠାଇଲେ ସରକାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ପାଂଚଟି ଜିଲ୍ଲା ଯାଜପୁର, ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ ଓ କେନ୍ଦୁଝର ଜିଲ୍ଲାକୁ ସରକାର ସହାୟତା ରାଶି ପଠାଇଛନ୍ତି । ରାଜସ୍ୱ ମନ୍ତ୍ରୀ ସୁରେଶ ପୁଜାରୀ କହିଛନ୍ତି ଯେ କେନ୍ଦୁଝର, ବାଲେଶ୍ୱର, ମୟୁରଭଞ୍ଜ, ଯାଜପୁର ଓ ଭଦ୍ରକର ବନ୍ୟା କ୍ଷୟକ୍ଷତି ରିପୋର୍ଟ ଆସିବା ପରେ କ୍ଷତିପୂରଣ ରାଶି ପଠାଯାଇଛି । ସମୁଦାୟ ୬ କୋଟି ୬୬ ଲକ୍ଷ ୧୭ ହଜାର ୫୫ ଟଙ୍କା ସହାୟତା ରାଶି ସରକାର ଦେଇଛନ୍ତି । ରାଜ୍ୟ ସରକାର ବାଲେଶ୍ୱର ପାଇଁ ୨ କୋଟି ୧ ଲକ୍ଷ ୧୪,୬୯୭ ଟଙ୍କା, ଯାଜପୁର ପାଇଁ ୩ କୋଟି ୪୫ ଲକ୍ଷ ୯୩,୨୯୦, ମୟୂରଭଞ୍ଜ ପାଇଁ ୬୭ଲକ୍ଷ ୪୮ ହଜାର ୧୪୮, ଭଦ୍ରକ ପାଇଁ ୫୧ ଲକ୍ଷ ୩୧,୮୨୦ ଓ କେନ୍ଦୁଝର ପାଇଁ ୨ ଲକ୍ଷ ୯୧ ହଜାର ଟଙ୍କା ସହାୟତା ପଠାଇଛନ୍ତି । ଜିଲ୍ଲାପାଳ ମାନେ କ୍ଷତିଗ୍ରସ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ଯାଂଚ କରିଛନ୍ତି । ରିଲିଫ ଖର୍ଚ୍ଚ ହୋଇଛି । ଫସଲ ନଷ୍ଟ ପାଇଁ କ୍ଷତିପୂରଣ ବି ଜିଲ୍ଲାପାଳ ମାନଙ୍କୁ ପଠାଯାଇଛି । ପାଣି ବିଶୋଧନ ଅର୍ଥ ବି ପଠାଯାଇଛି । ଘର ନଷ୍ଟ, ଲୁଗା, ବାସନ, ମତ୍ସ୍ୟଜୀବୀ, ଉଦ୍ଧାର କାର୍ଯ୍ୟ ଖର୍ଚ୍ଚ ବି ଜିଲ୍ଲାପାଳଙ୍କୁ ଦିଆଯାଇଛି ।

## ସେଟଲମେଣ୍ଟ କେସ୍‌ଗୁଡିକର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜସ୍ୱ ମନ୍ତ୍ରୀ ସୁରେଶ ପୁଜାରୀ ସେଟଲମେଣ୍ଟ କେସ ଗୁଡିକର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେ କ୍ଟୋବର ସୁଦ୍ଧା ବିଚାରଧୀନ ସମସ୍ତ ବନ୍ଦୋବସ୍ତ ସମସ୍ୟାର ସମାଧାନ ପାଇଁ ରାଜସ୍ୱ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜସ୍ୱ ମନ୍ତ୍ରୀ ଯୁଦ୍ଧକାଳୀନ ଭିତରେ ସବୁ ମାମଲାକୁ ଶୁଣାଣି କରି ସମାଧାନ କରିବାକୁ କହିଛନ୍ତି । ବର୍ଷ ବର୍ଷ ଧରି ବିଚରାଧୀନ ରହିଛି ଅନେକ ବନ୍ଦୋବସ୍ତ ସମ୍ପର୍କିତ ଅଭିଯୋଗ । ବାପା କରିଥିବା ମାମଲାକୁ ପୁଅ ଲଢୁଥିବା ଦେଖିବାକୁ ମିଳୁଛି । ସେଥିପାଇଁ ଅକ୍ଟୋବର ଭିତରେ ସବୁ ସମସ୍ୟା ଶୁଣି ସମାଧାନ କରିବାକୁ ଅଧିକାରୀ ମାନଙ୍କୁ କୁହାଯାଇଛି । ଏହା ସହ ରାଜସ୍ୱ କୋର୍ଟ କେମିତି ବୃଦ୍ଧି ହେବ ସେ ପ୍ରତି ବି ରାଜସ୍ୱ ବିଭାଗ ଗୁରୁତ୍ୱ ଦେଉଛି ।

## ପୀଡିତ ଓ ପୀଡିତା ଆଇନଗତ ଦିଗକୁ ଆପଣାନ୍ତୁ: ଆଇନ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବରଗଡ଼ ନାବାଳିକା ପୋଡ଼ି ଘଟଣାକୁ ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ ସରକାର ଘଟଣାକୁ ଗୁରୁତର ସହ ନେଇ ପଦକ୍ଷେପ ନେଇଛନ୍ତି । ଏଭଳି ଘଟଣା କିଛି ଦିନ ହେବ ଯାହା ଘଟିଛି ସରକାର ସେ ନେଇ ଗୁରୁତ୍ୱ ଦେଉଛନ୍ତି। ଆତ୍ମହତ୍ୟା କୌଣସି ସମସ୍ୟାର ସମାଧାନ ନୁହେଁ। ପୀଡିତ ଓ ପୀଡିତାଙ୍କୁ ଅନୁରୋଧ ଆଇନଗତ ଦିଗକୁ ଆପଣାନ୍ତୁ। ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଦ୍ୱାର ଖୋଲା ଅଛି। ଏଭଳି ଘଟଣାର ନିରାକରଣ କିଭଳି ହେବ ସରକାର ସେ ନେଇ ପଦକ୍ଷେପ ନେଉଛନ୍ତି। ବିରୋଧୀ କାମ ହେଲା ସତ ମିଛ କହି ସରକାରକୁ ଟାର୍ଗେଟ କରିବା। ଆମେ ବିରୋଧୀଙ୍କ ପାଇଁ ବ୍ୟଥିତ ନାହୁଁ। ଆମେ ବ୍ୟଥିତ ଏଥିପାଇଁ ଯେ ଯେଭଳି ଜୀବନହାନୀ ହେଉଛି। ପୋଲିସ ଯେଉଁ ସ୍ଥାନରେ ଏଫଆଇଆର ରଖୁନାହିଁ ସେ ଘଟଣା ସାମ୍ନାକୁ ଆସିଲେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇଛି ଏବଂ ଆଗକୁ ମଧ୍ୟ ନିଆଯିବ ।

# ୪୨ମୌଜା ଥାନା ଅଧିକାରୀଙ୍କୁ କଂଗ୍ରେସର ସମ୍ବର୍ଦ୍ଧନା

କଟକ(ଭାସ୍କର ନ୍ୟୁଜ୍): ରାଜ୍ୟ ପୋଲିସ ପକ୍ଷରୁ ଇନ୍ସପେକ୍ଟରଙ୍କ କାର୍ଯ୍ୟ ଦକ୍ଷତା ସୁଚକାଙ୍କ ଜାରି ହୋଇଛି। ରାଜ୍ୟରେ ଥାନା ୱାରି ହୋଇଥିବା ବିଭାଗୀୟ କାର୍ଯ୍ୟ ଦକ୍ଷତା ପ୍ରଦର୍ଶନୀରେ ରାଜ୍ୟର ୬୧୨ ଗୋଟି ଥାନାରେ କାର୍ଯ୍ୟରତ ଇନ୍ସପେକ୍ଟର ପ୍ରଦର୍ଶନୀ ରିପୋର୍ଟ ପୋଲିସ ମୁଖ୍ୟାଳୟ ପକ୍ଷରୁ ପ୍ରସ୍ତୁତ କରାଯାଇଛି । ମାମଲାର ତଦନ୍ତ ଶେଷ କରିବା ଠାରୁ ଆରମ୍ଭ କରି ଅପରାଧ ନିୟନ୍ତ୍ରଣ ଓ ପୋଲିସ ଅଧିକାରୀଙ୍କ ବ୍ୟବହାରକୁ ମାପ ଦଣ୍ଡ ଭାବରେ ନିଆଯାଇଥିଲା ସିସିଟିଏନଏସ ତଥ୍ୟ ଓ ରାଜ୍ୟ କ୍ରାଇମ୍ ରେକର୍ଡ ବ୍ୟୁରୋ ତଥ୍ୟ ଆଧାରରେ ରାଜ୍ୟର ସମସ୍ତ ଥାନାକୁ ନମ୍ବର ବା ପ୍ରତିଶତ ମିଳିଥିଲା । ଯେଉଁଥିରେ କଟକ କମିଶନରେଟ ଅନ୍ତର୍ଗତ ୪୨ମୌଜା ଥାନା ଇନ୍ସପେକ୍ଟର ଗିରିଶ ଚନ୍ଦ୍ର ମହାରଣା ସର୍ବୋଚ୍ଚ ୮୮-୫୬ ପ୍ରତିଶତ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଏହି ଅବସରରେ କଟକ ସଦର କଂଗ୍ରେସ ପକ୍ଷରୁ ବରିଷ୍ଠ କଂଗ୍ରେସ ନେତା ତଥା ସଦର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ଗୋଚ୍ଛାୟତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ବୟାଳିସମୌଜା ଥାନାକୁ ଯାଇ ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣାଙ୍କୁ ସାକ୍ଷାତ୍ କରି ଉତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି । ତାଙ୍କର ଏହି କୃତିତ୍ୱ ପାଇଁ ସାଧୁବାଦ ଜଣେଇବା ସହ ଥାନାର ସମସ୍ତ କର୍ମଚାରୀଙ୍କ ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ପ୍ରତିନିଧିମଣ୍ଡଳୀରେ ଜିଲ୍ଲା କଂଗ୍ରେସର ଉପସଭାପତି ଶିଶିର ରଥ, ମନୋଜ ବିଶ୍ୱାଳ ଓ ରାଜେଶ ସ୍ୱାଇଁ, ନଗର (ଜିଲ୍ଲା) କଂଗ୍ରେସ ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ଦୁର୍ଗା ଶଙ୍କର ଦାସ, ମଧୁସୂଦନ ସେନାପତି, ପ୍ରଭାତ କୁମାର ଖଟୁଆ, ନଗର କଂଗ୍ରେସ ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ, ନାରାୟଣ ତ୍ରୀପାଠୀ, ସୀତାକାନ୍ତ ପଣ୍ଡା, ରଜନୀ କାନ୍ତ ବସ୍ତିଆ ଓ ଋଷି କାଣ୍ଡି, ଜିଲ୍ଲା ସାଧାରଣ ସମ୍ପାଦକ ଉଗ୍ରସେନ ଭୂୟାଁ, ନିହାର ରଜ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ ।

# 'ସଂଗ୍ରାମୀ ବଂଶୀଧର ମିଶ୍ରଙ୍କ ଜୀବନୀ ପ୍ରେରଣାଦାୟୀ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସଂଗ୍ରାମୀ ବଂଶୀଧର ମିଶ୍ରଙ୍କ ଜୀବନୀରେ ଅନେକ ମହାପୁରୁଷଙ୍କ ଜୀବନୀର ପ୍ରଭାବ ଦେଖିବାକୁ ମିଳେ ଓଡ଼ିଶା ଭଳି ସ୍ଥାନରୁ ଯାଇ ବିଶ୍ୱ ନାବିକ ସଂଘର ସାଧାରଣ ସଚିବ ଓ ବ୍ରିଟିସ୍ ଲେବର ପାର୍ଟିର ସଦସ୍ୟ ହୋଇପାରିଥିଲେ। ଏଭଳି ଜଣେ ବିଶିଷ୍ଟ ବ୍ୟକ୍ତି ଭାରତକୁ ଫେରିବା ପରେ ତାଙ୍କୁ ଆମେ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିପାରୁନାହୁଁ । ଏଣୁ ରାଜଧାନୀରେ ସ୍ୱର୍ଗତ ମିଶ୍ରଙ୍କୁ ସମ୍ମାନ ଜଣାଇ ତାଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ସହିତ ପାର୍କ ଓ ରାସ୍ତାକୁ ନାମକରଣ କରାଯିବାର ଆବଶ୍ୟକତା ରହିଛି। ବୁଦ୍ଧମନ୍ଦିର ସଭାଗୃହରେ ରନ୍‌ଚିରା ପବ୍ଲିକେସନ୍ସ




ଦ୍ୱାରା ପ୍ରକାଶିତ ପ୍ରଫେସର ସଂଘମିତ୍ରା ମିଶ୍ରଙ୍କ ସଂଗ୍ରାମୀ ବଂଶୀଧର: ଇତିହାସର ହଜିଲା ଖିଅ' ପୁସ୍ତକର ଉନ୍ମୋଚନ ସମାରୋହରେ ଯୋଗଦେଇ ବିଶିଷ୍ଟ କଥାକାର ଗୌରହରି ଦାସ ଏହା କହିଛନ୍ତି। ଉତ୍ସବରେ ସଭାପତିତ୍ୱ କରି ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର କହିଲେ, ସ୍ୱର୍ଗତ ମିଶ୍ରଙ୍କ ଜୀବନୀକୁ ଆଧାର କରି ଉପନ୍ୟାସ, ନାଟକ ରଚନା ହୋଇପାରିବ। ସଂଗ୍ରାମୀମାନଙ୍କ ଜୀବନୀ ଉତ୍ତର ପିଢ଼ି ପାଇଁ ଅମୂଲ୍ୟ ସମ୍ପଦ ବୋଲି ବିଶିଷ୍ଟ ସ୍ତମ୍ଭକାର ପ୍ରହ୍ଲାଦ ସିଂହ କହିଥିଲେ। ଗାଳ୍ପିକ ଦେବପ୍ରସାଦ ଦାଶ ଓ ଅଧ୍ୟାପକ ଜ୍ଞାନୀ ଦେବାଶିଷ ମିଶ୍ର ସ୍ୱର୍ଗତ ବଂଶୀଧରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ପୁସ୍ତକର ଲେଖିକା ପ୍ରଫେସର ସଂଘମିତ୍ରା ମିଶ୍ର ଲେଖକୀୟ ଅଭିବ୍ୟକ୍ତି ବର୍ଣ୍ଣନା କରିଥିଲେ। ରନ୍‌ଚିରାର ସମ୍ପାଦିକା ସ୍ନେହଲତା ପୃଷ୍ଟି ମଞ୍ଚ ସଂଯୋଜନା କରିଥିଲା ବେଳେ ଅପରାଜିତା ମହାପାତ୍ର ଧନ୍ୟବାଦ ଦେଇଥିଲେ । ପୁସ୍ତକ ଉନ୍ମୋଚନ ସମୟରେ ପ୍ରକାଶକ କରୁଣାକର ପୃଷ୍ଟିଙ୍କ ସମେତ ବହୁ ସାହିତ୍ୟାନୁରାଗୀ ଉପସ୍ଥିତ ଥିଲେ ।



# ଆମ କଳାହାଣ୍ଡି





## ପାର୍ବତିଗିରି ବୃହତ ଉଠା ଜଳସେଚନ ପ୍ରକଳ୍ପରୁ ଚାଷୀଙ୍କୁ ମିଳୁନି ପାଣି



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍): ଜମିରେ ବର୍ଷକୁ ଦୁଇଥର ଚାଷ କରିବା ଲକ୍ଷ୍ୟରେ ଗୋଲାମୁଣ୍ଡା ବ୍ଲକ ଚପ୍ରିଆ ଉଦନ୍ତି ନଦୀ କୂଳରେ ରାଜ୍ୟ ସରକାର କୋଟି କୋଟି ଟଙ୍କା ବିନିମୟରେ ପାର୍ବତିଗିରି ବୃହତ ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ କରିଥିଲେ। ଏହି ପ୍ରକଳ୍ପରୁ ବର୍ଷକୁ ଦୁଇ ଥର ଚପ୍ରିଆ, ତୁରେଛଡା, ସାନଚେରଗାଁ, ଖଲିଆପାଲି, ବାଞ୍ଜିପଦର, ଟିଙ୍ଗିପଦର ଅଞ୍ଚଳର ହଜାର ହଜାର ଏକର ଚାଷ ଜମିରେ ପାଣି ଯୋଗାଣ ହେବା କଥା। ଚଳିତବର୍ଷ ଗୋଲାମୁଣ୍ଡା ବ୍ଲକରେ କମ ବୃଷ୍ଟିପାତ ଯୋଗୁଁ ଚାଷ ଜମିରେ ପାଣି ନିଅଣ୍ଟ ହେଉଥିବା ବେଳେ ଉକ୍ତ ପ୍ରକଳ୍ପରୁ ଚାଷୀ ନିଜ ଜମିକୁ ପାଣି ମଡାଇବାକୁ ଚାହୁଁ ଥିଲେ ମଧ୍ୟ ଉକ୍ତ ପ୍ରକଳ୍ପରୁ ପାଣି ମିଳୁନଥିବା ଚପ୍ରିଆ ଗ୍ରାମର ଚାଷୀ ଅଭିଯୋଗ କରିଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ ହୋଇ ଗତ ବର୍ଷ ସୀମିତି ସମୟ ପାଇଁ ଚାଷୀଙ୍କୁ ପାଣି ଯୋଗାଣ ହୋଇଥିଲା। କିନ୍ତୁ ଚଳିତବର୍ଷ ବର୍ତ୍ତମାନ ପର୍ଯ୍ୟନ୍ତ ଚାଷୀଙ୍କୁ ପାଣି ମିଳି ପାରିନାହିଁ। ଏହି ବିଷୟରେ ଉକ୍ତ ପ୍ରକଳ୍ପରେ କାର୍ଯ୍ୟରତ କର୍ମଚାରୀଙ୍କୁ ପଚାରିଲେ ନଦୀରେ ଜଳସ୍ତର କମ୍ ଥିବାରୁ ପ୍ରକଳ୍ପକୁ ପାଣି ଉଠାଇ ପାରୁନାହିଁ। ଏଣୁ ଚାଷୀଙ୍କୁ ପାଣି ଯୋଗାଣ ହୋଇ ପାରୁନାହିଁ ବୋଲି ପ୍ରକାଶ କରିଥିଲେ। ଏଠାରେ ପ୍ରଶ୍ନ ଉଠେ ଯେ ସରକାର ବର୍ଷକୁ ଦୁଇ ଥର ଚାଷ କରିବା ଲକ୍ଷ୍ୟରେ କୋଟି କୋଟି ଟଙ୍କାରେ ଏହି ପ୍ରକଳ୍ପ ନିର୍ମାଣ କରିଥିବା ବେଳେ ବର୍ଷା ଦିନରେ ଚାଷୀଙ୍କୁ ପାଣି ମିଳୁନଥିବା ବେଳେ କିପରି ଖରା ସମୟରେ ଚାଷୀଙ୍କୁ ପାଣି ମିଳିବ। ଏ ଦିଗରେ ଜଳ ସମ୍ପଦ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଯାଥାଶୀଘ୍ର ଚାଷ ଜମିକୁ ପାଣି ଯୋଗଇ ଦେବାକୁ ଚପ୍ରିଆ ଅଞ୍ଚଳର ଚାଷୀ ସୁଶିଳ ଦାସ, ଚିତ୍ରସେନ ଦାସ, ପ୍ରସନ୍ନ ଦାସ, ବିଭୁତି ମାଝୀ, ରେଜେନ୍ଦ୍ର ମାଝୀ, ଭୁବନେ ମାଝୀ, ମାରୁତି ମହେର, ସହଦେବ ଦାଶ, ରକ୍ଷିମଣି ଦାସ, ସୁନ୍ଦର ବାଗ, ପିତାମ୍ବର ଦାସ, ଦୁଲମଣି ଦାସ, ଜଗମୋହନ ଦାସ, ଉପେନ୍ଦ୍ର ଚନ୍ଦନ, ପିତାମ୍ବର ଚନ୍ଦନ, ମକାରୁ ବାଗ, ହରେରାମ ଚନ୍ଦନ, ପିତାମ୍ବର ମାଝୀ, ରୁମାଞ୍ଚଳ ଜାନୀ, କମଲ ମାଝୀ, ଶାନ୍ତନୁ ଗହିର ପ୍ରମୁଖ ଦାବୀ କରିଛନ୍ତି। ଆଗାମୀ ଏକ ସପ୍ତାହ ମଧ୍ୟରେ ଚାଷ ଜମିକୁ ପାଣି ଯୋଗାଣ ନହେଲେ ଚାଷୀ ଏହି ପ୍ରକଳରେ ତାଲା ମାରି ଆନ୍ଦୋଳନ କରିବୁ ବୋଲି ଚେତାବନୀ ଦେଇଛନ୍ତି ।

## ଚିତ୍ରାଙ୍କନ ପ୍ରତିଯୋଗିତା ସହ ପୁରସ୍କାର ବିତରଣ ଉତ୍ସବ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଇଣ୍ଡିଆନ୍ କ୍ରିଏଟିଭ୍ ଆର୍ଟିଷ୍ଟ ନେଟୱାର୍କ ଟ୍ରଷ୍ଟ (ଆଇକେନ୍ ଟ୍ରଷ୍ଟ) ପକ୍ଷରୁ ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଲୁକ୍କାୟିତ ଚିତ୍ରକଳା ପ୍ରତିଭାର ଅନ୍ୱେଷଣ ଲକ୍ଷ୍ୟ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଭବାନୀପାଟଣାରେ ଥିବା 'ବଚପନ୍' ପବ୍ଲିକ୍ ଏକାଡେମୀକ୍ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା। ଏହି ଚିତ୍ରାଙ୍କନ ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୧୨୦ ଜଣରୁ ଅଧିକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା। କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିବା ପାଇଁ ଅପରାହ୍ନରେ ଆଇକେନ୍ ଟ୍ରଷ୍ଟର ସଭପତି ଡ.ଅଜୟ ମିଶ୍ରଙ୍କ ସଭାପତିତ୍ୱରେ ବଚପନ୍ ସ୍କୁଲ ପରିସରରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସ୍ୱତନ୍ତ୍ର ଅତିଥି ଭାବେ ବଚପନ୍ ପବ୍ଲିକ୍ ଏକାଡେମୀକ୍ ବିଦ୍ୟାଳୟରେ ଅଧକ୍ଷା ମମତା ପଟ୍ଟନାୟକ, ଅନ୍ୟତମ ଅତିଥି ଭାବେ ବରିଷ୍ଠ ଚିତ୍ରଶିଳ୍ପୀ ସଂଗ୍ରାମ କେଶରୀ ସରାଫ୍ ଯୋଗ ଦେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଜିଲ୍ଲାର ଅନ୍ୟତମ ବରିଷ୍ଠ ଚିତ୍ରଶିଳ୍ପୀ ତଥା ଅବସରପ୍ରାପ୍ତ ଶିକ୍ଷକ ମୁକୁନ୍ଦ ରେଡ୍ଡିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟ୍ରଷ୍ଟର ଉପସଭାପତି ଶିଳ୍ପୀ ତରୁଣ ମହାପାତ୍ର, ସମ୍ପାଦକ ଅଭିଜିତ୍ ମିଶ୍ର ଓ ଅନ୍ୟାନ୍ୟ ଶିଳ୍ପୀ ମାନେ ପ୍ରତିଯୋଗିତା ତଥା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଉପସ୍ଥିତ ଛାତ୍ରଛାତ୍ରୀ, ଅଭିଭାବକ, ନିମନ୍ତ୍ରିତ ଅତିଥିମାନଙ୍କୁ ଏବଂ ବଚପନ୍ ସ୍କୁଲର ସମସ୍ତ କର୍ମକର୍ତ୍ତାଙ୍କୁ ସେମାନଙ୍କ ସଂପୂର୍ଣ୍ଣ ସହଯୋଗ ନିମନ୍ତେ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ପିଏମ୍‌ଶ୍ରୀ ଅନନ୍ତ ପ୍ରସାଦ ଦାସ ଉଚ୍ଚ ବିଦ୍ୟାଳୟରେ ସ୍ୱର୍ଣ୍ଣ ଜୟନ୍ତୀ ପାଳନ ନେଇ ବୈଠକ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଧର୍ମଗଡ ବ୍ଲକ ପର୍ଲା ପିଏମ୍‌ଶ୍ରୀ ଅନନ୍ତ ପ୍ରସାଦ ଦାସ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ରବିବାର ଦିନ ସ୍ୱର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନବ କୁମାର ସୁନାରୀଙ୍କ ଅଧକ୍ଷତାରେ ଆୟୋଜିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ତାର ୫୦ବର୍ଷ ପୂର୍ତ୍ତି ଅବସରରେ ସ୍ୱର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଯାଉଛି। ୧୯୭୫ମସିହା ଅଗଷ୍ଟ ୧ତାରିଖ ଦିନ ଉକ୍ତ ବିଦ୍ୟାଳୟ ସ୍ଥାପିତ ହୋଇଥିଲା। ବର୍ତ୍ତମାନ ସରକାରୀ ମାନ୍ୟତା ପାଇବା ସହ +୨ବିଜ୍ଞାନକୁ ଉନ୍ନୀତ ହୋଇଛି। ସ୍ୱର୍ଣ୍ଣ ଜୟନ୍ତୀ ପାଳନ ଓ ତାର କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସମସ୍ତ ବିବରଣୀ ବୈଠକରେ ଆଲୋଚନା ହୋଇଥିଲା। ଏହାକୁ ପରିଚାଳନା କରିବାକୁ ଏକ କମିଟି ଗଠନ କରାଯାଇଛି। ସମସ୍ତଙ୍କ ଉପସ୍ଥିତି ଓ ସହମତିରେ ପର୍ଲା ଗ୍ରାମ ପଞ୍ଚାୟତ ସରପଞ୍ଚ ବ୍ରିଜଲାଲ ନାଏକଙ୍କୁ ସଭାପତି, ଉପ ସଭାପତି ଭାବେ ନବିନ କୁମାର ପୁରୋହିତ, ସମ୍ପାଦକ-ଗୌରା ଚାନ୍ଦ ଶବର ସହ ସମ୍ପାଦକ ସୁଧୀର ବାଗ ଓ କୋଷାଧକ୍ଷ -ଶୁସାନ୍ତ କୁମାର ଦାସ ଓ ସାଧୁରାମ ଶବରଙ୍କୁ ମନୋନୀତ କରାଯାଇଛି। ବୈଠକକୁ ଶିକ୍ଷକ ତେଜେଶ୍ୱର ସାହୁ ପରିଚାଳନା କରିଥିବାବେଳେ ମୁଖ୍ୟ ଆକର୍ଷଣୀୟ ଅତିଥି ଭାବେ ନଳୀନ କୁମାର ଦାସ ଉପସ୍ଥିତ ରହିଥିଲେ। ପଞ୍ଚାୟତବାସୀ ତଥା ପୂର୍ବତନ ଛାତ୍ରଛାତ୍ରୀ ବୈଠକରେ ଅଂଶ ଗ୍ରହଣ କରି ନିଜ ନିଜ ମତ ରଖିଥିଲେ।

## ବିରୁପାକ୍ଷ ଶିବ ମନ୍ଦିରର ଭୂମିପୂଜନ ଉତ୍ସବ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ପାଣିମୁଣ୍ଡା ବୈରାଗୀ ଡୁଙ୍ଗରିଠାରେ ଆଜି ଶ୍ରୀ ଶ୍ରୀ ବିରୁପାକ୍ଷ ଶିବ ମନ୍ଦିରର ଭୂମି ପୂଜନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିରୁପାକ୍ଷ ମନ୍ଦିର ପରିଚାଳନା କମିଟି ଦ୍ୱାରା ଆୟୋଜିତ ଏହି ସମାରୋହରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ, ଲାଞ୍ଜିଗଡ଼ ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ଘଡେଇ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଟଙ୍କଧର ମାଝୀ, ବରିଷ୍ଠ ନାଗରିକ ଦୀପକ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଭୂମି ପୂଜନ କାର୍ଯ୍ୟକ୍ରମରେ ଦୈତାରୀ ଶବର, ଅଶୋକ ବିଶ୍ୱାଳ, ଜଗମୋହନ ଛତର, ଭାଗିରଥୀ ମିର୍ଦ୍ଧା, ସନ୍ତୋଷ ବିଶ୍ୱାଳ ସପତ୍ନୀକ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ପୂଜକ ଭାବେ ମଧୁସୂଦନ ପାଢ଼ୀ ଦାୟିତ୍ୱ ତୁଲାଇଥିବାବେଳେ ଡିଲେଶ ବାଗ ସହଯୋଗ କରିଥିଲେ। ପାଣିମୁଣ୍ଡା ସହିତ ଗୋବର୍ଦ୍ଧନପୁର, ବାଙ୍କେଲ, ଲକଟାଖମନ, ଭାଲୁଟଞ୍ଚରା ଆଦି ବିଭିନ୍ନ ଅଞ୍ଚଳରୁ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଓ ଶ୍ରଦ୍ଧାଳୁ ଏଥିରେ ସାମିଲ ହୋଇଥିଲେ। କମିଟିର ସଭାପତି ତପନ କୁମାର ମାଝୀ, ଉପସଭାପତି କୁମାର ଗୌରବ ପରିଡ଼ା ଓ ଧର୍ମରାଜ ବାଗ, ସାଧାରଣ ସମ୍ପାଦକ ଦିଲୀପ କୁମାର ପଧାନ, ସମ୍ପାଦକ ଅମିତ କୁମାର ଭୋଇ, ଭୁଜନ ହାତୀ, କୋଷାଧକ୍ଷ ନେତ୍ରାନନ୍ଦ ମହାରଣା, ସହ କୋଷାଧକ୍ଷ ବେଣୁଧର ଶବରଙ୍କ ସହିତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବିଧାୟକ ପ୍ରଦୀପ କୁମାର ଦିଶାରୀ ବିଧାୟକ ପାଣ୍ଠିରୁ ବିରୁପାକ୍ଷ କମ୍ୟୁନିଟି ହଲ ନିର୍ମାଣ ପାଇଁ ଆର୍ଥିକ ଅନୁଦାନ ଯୋଗାଇଦେବେ ବୋଲି ତାଙ୍କ ପ୍ରତିନିଧି ଶ୍ରୀ ଘଡେଇ ସୂଚନା ଦେଇଥିଲେ।



## ଯବାନଙ୍କ ହାତରେ ରାକ୍ଷୀ ବାନ୍ଧିଲେ କଲେଜ ଛାତ୍ରୀ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ଭାଇ ଭଉଣୀଙ୍କ ଅପୂର୍ବ ସ୍ନେହ ଶ୍ରଦ୍ଧାର ଅତୁଟ ପବିତ୍ର ସମ୍ପର୍କକୁ ଆହୁରି ନିବିଡ କରିବାର ଶକ୍ତି ଯେ ଖିଅଟିଏ ରଙ୍ଗୀନ ସୂତାରେ ରହି ଆସିଛି ତାହାକୁ କାହିଁ କେଉଁ ଅନାଦି କାଳରୁ ପ୍ରମାଣିତ କରିଆସୁଛି ଆମ ଜଗନ୍ନାଥ ସଂସ୍କୃତି। ଏହି ପବିତ୍ର ରାକ୍ଷୀବନ୍ଧନ ଉତ୍ସବ ପାଳନ ଅବସରରେ ସାରା ରାଜ୍ୟ ଉତ୍ସବମୁଖର ହୋଇ ଉଠିଥିଲା ବେଳେ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ଶାସ୍ତ୍ରୀଜୀ ମହିଳା ମହିଳା ମହାବିଦ୍ୟାଳୟ ଛାତ୍ରୀମାନେ ସ୍ଥାନୀୟ ଅଟାଙ୍ଗଗୁଡା ଠାରେ ଥିବା ସିଆରପିଏଫ୍ ଶିବିରରେ ପହଞ୍ଚି ସେଠାରେ ଉପସ୍ଥିତ ଅଧିକାରୀ ଓ ଯବାନମାନଙ୍କ ହାତରେ ରାକ୍ଷୀ ବାନ୍ଧି ସେମାନଙ୍କ ଶୁଭ ମନାସିଥିଲେ। ଘର, ପରିବାର ତଥା ନିଜ ରାଜ୍ୟ ଠାରୁ ଅନେକ ଦୂରରେ ରହି ନିଜ ଜୀବନକୁ ବାଜି ଲଗାଇ ଆମମାନଙ୍କୁ ସୁରକ୍ଷା ଯୋଗାଇଦେବା ପାଇଁ ଦିନରାତି କର୍ମବ୍ୟସ୍ତ ରହୁଥିବା ଯବାନମାନଙ୍କ ହାତରେ ରାକ୍ଷୀ ବାନ୍ଧି ସେମାନଙ୍କୁ ଆହୁରି ଅଧିକ କର୍ତ୍ତବ୍ୟ ପରାୟଣ ହେବାପାଇଁ ଆମର ଏହି ପ୍ରୟାସ ଓ ବହୁ ପୂର୍ବରୁ ଏଥିପାଇଁ ଆମେ ସିଆରପିଏଫ୍ ଅଧିକାରୀଙ୍କ ଠାରୁ ଅନୁମତି ନେଇଥିଲୁ ବୋଲି ଶାସ୍ତ୍ରୀଜୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ଏହାର ଚେୟାରପର୍ସନ ନମିତା ସାହୁ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ମହାବିଦ୍ୟାଳୟର ଛାତ୍ରୀମାନେ ୬୪ବାଟାଲିୟନ ସିଆରପିଏଫ୍ କମାଣ୍ଡାଣ୍ଟ ଅଜୟ କୁମାର, ସିଏମ୍‌ଓ ସଞ୍ଜୟ ରଜକ୍, ସିଏମ୍‌ଓ (ଓଜି.)ଏସ୍ ଡି ନାଗ ମାଲେଶ୍ୱର ରାଓ, ଡେପୁଟି କମାଣ୍ଡାଣ୍ଟ ଜିତବାହାନ୍ ଓରାନ୍, ଡେପୁଟି କମାଣ୍ଡାଣ୍ଟ ସଚ୍ଚିଦାନନ୍ଦ ପାତ୍ର ପ୍ରମୁଖଙ୍କ ହାତରେ ରାକ୍ଷୀ ବାନ୍ଧି ସେମାନଙ୍କ ଶୁଭ ମନାସି ତାଙ୍କ ଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ନିଆରା ଦୃଶ୍ୟ ଯବାନ ଓ ଛାତ୍ରୀମାନଙ୍କ ସହ ସମସ୍ତଙ୍କୁ ଅଭିଭୂତ କରିଥିଲା।

## ସିଲେଇ କେନ୍ଦ୍ରରେ ନିର୍ଯ୍ୟାତନା ଅଭିଯୋଗ

### ବ୍ଲକ ଉପାଧ୍ୟକ୍ଷଙ୍କ ଉଦ୍ୟମରେ ଫେରିଲେ ତିନି ଯୁବତୀ

କୋକସରା, (ଭାସ୍କର ନ୍ୟୁଜ୍) : ତାମିଲନାଡୁ ତ୍ରିପୁରକୁ ସିଲେଇ କରିବାକୁ ଯାଇ ନିର୍ଯାତିତ ହେଉଥିବା କୋକସରା ଅଞ୍ଚଳର ୩ଜଣ ଯୁବତୀଙ୍କୁ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ଉଦ୍ୟମରେ ଉଦ୍ଧାର କରାଯାଇଛି। ସୂଚନା ଅନୁସାରେ, କୋକସରା ଅଞ୍ଚଳର କିଛି ଯୁବତୀଙ୍କ ସହିତ ଏହି ଯୁବତୀମାନେ ଗତ ୮ ମାସ ତଳେ ତାମିଲନାଡୁ ତ୍ରିପୁରକୁ ସିଲେଇ କରିବା ପାଇଁ ଯାଇଥିଲେ। ଏବଂ ସେଠାକାର ଏକ ସିଲେଇ କେନ୍ଦ୍ରରେ କାମ କରୁଥିଲେ। ହେଲେ ସିଲେଇ କେନ୍ଦ୍ରରେ ସେମାନଙ୍କୁ ଅଳ୍ପ କିଛି ଟଙ୍କା ଦେଇ ୧୨ ଘଣ୍ଟାରୁ ଉର୍ଦ୍ଧ୍ୱ ପରିଶ୍ରମ କରାଇ ଆସୁଥିଲେ। ଏହା ସହିତ ସେମାନଙ୍କ ସ୍ୱାସ୍ଥ୍ୟ ଖରାପ ହେଲେ କିମ୍ବା ଘରକୁ ଯିବାକୁ କହିଲେ ଛୁଟି ନଦେଇ ମାନସିକ ନିର୍ଯ୍ୟାତନା ଦେଉଥିଲେ। ଏନେଇ ଯୁବତୀମାନେ ତାଙ୍କ ଘର ଲୋକଙ୍କୁ ଜଣାଇବା ସହିତ କୋକସରା ବ୍ଲକ ଉପାଧ୍ୟକ୍ଷଙ୍କୁ ମଧ୍ୟ ଜଣାଇଥିଲେ। ବ୍ଲକ ଉପାଧ୍ୟକ୍ଷ ଶ୍ରୀଅଗ୍ରୱାଲ ଉକ୍ତ ଯୁବତୀ ମାନଙ୍କୁ ଉଦ୍ଧାର କରିବା ପାଇଁ ଜିଲ୍ଲା ପ୍ରଶାସନ ସହିତ ଆଲୋଚନା କରି ସିଲେଇ କେନ୍ଦ୍ରର ମାଲିକଙ୍କୁ ଯୋଗାଯୋଗ କରିଥିଲେ। ଏହାପରେ ଯୁବତୀଙ୍କ ଭାଇଙ୍କୁ ତ୍ରିପୁର ପଠାଇ ସେମାନଙ୍କୁ ଉଦ୍ଧାର କରାଯାଇଛି। ଏବେ ସେମାନେ ନିଜ ଗାଁକୁ ଫେରିଥିବା ଜଣାପଡିଛି।

## ବିଶ୍ୱ ଆଦିବାସୀ ଦିବସ ପାଳିତ



ଜୁନାଗଡ଼, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକର ବହୁ ପୁରାତନ ନାମ ଟିମୁକା ପ୍ରଗଣା, ମାଡାଅଞ୍ଚଳ ଦେଦର, ଦୁନ୍ଦେଲମାଳ, ବାଙ୍କପଲାସ, ଚାରଭାଟି, ବୁଢୀଦରର ସାମୁହିକ ଆଦିବାସୀଙ୍କୁ ନେଇ, ଗ୍ରାମପଞ୍ଚାୟତ ଦୁଦେଲମାଳ ଧାନମଣ୍ଡି ଠାରେ ବିଶ୍ୱ ଆଦିବାସୀ ଦିବସ ପାଳନ ହୋଇଯାଇଛି। ସଭାପତି ଜୟସେନ ମାଝୀଙ୍କ ଅଧ୍ୟକ୍ଷତାରେ ସଭା ଆୟୋଜନ ହୋଇଥିଲା। ଉକ୍ତ ସଭାରେ ଆଦିବାସୀ ମାନଙ୍କର ଅଧିକାର ଓ ସୁରକ୍ଷା ବାବଦରେ କିଭଳି ଲୋକଙ୍କୁ ସଚେତନ କରାଯାଇ ପାରିବ ଓ ଆଗାମୀ ଦିନରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ସଂସ୍କୃତି, ଓ ପରମ୍ପରା କିପରି ସ୍ଥାୟୀତ୍ୱ ହେବ ସେ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରାଯାଇ ଥିଲା। ସ୍ଥାନୀୟ ସମର୍ଥକ ମଧ୍ୟରୁ ଉଭୟ ଦେଦର ଓ ଦୁନ୍ଦେଲମାଳ ଗ୍ରାମ ପଞ୍ଚାୟତକୁ ସରକାର ଭୁତଳ ଜଳ ଯୋଜନାରେ ସାମିଲ କରିବା, ଦେଦର ଡାକ୍ତରଖାନାରେ ସ୍ଥାୟୀ ଡାକ୍ତର ନିଯୁକ୍ତି, କଟିଙ୍ଗପଦର କୁରଲୁମୁଣ୍ଡା ଡେମ ଉନ୍ନତିକରଣ, ବଣ୍ଡୋଗୁଡା ଠାରୁ ସୁପେଲ ରାସ୍ତାର ଉନ୍ନତିକରଣ, ସାନଟିକ୍ରାଗୁଡା ଠାରୁ ଦୁଣ୍ଡା ରାସ୍ତାର ଉନ୍ନତି କରଣ, କରିବା ନିମନ୍ତେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା ହୋଇଥିଲା। ଉକ୍ତ ବିଶ୍ୱ ଆଦିବାସୀ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବରେ ଜୁନାଗଡ଼ ବ୍ଲକ ଆଦିବାସୀ ସଂଘ ସଭାପତି, ହୃଦାନନ୍ଦ ମାଝୀ, ମୁଖ୍ୟବକ୍ତା ଅନନ୍ତ ଶବର କରଲାମୁଣ୍ଡା ଯୁକ୍ତ ଦୁଇ କଲେଜ ଅଧ୍ୟାପକ, ଉପସଭାପତି ପଦ୍ମ କେଶରୀ ଶବର, ଜଗଦୀଶ ମାଝୀ, ଦଲଗଞ୍ଜନ ମାଝୀ, ତ୍ରିନାଥ ମାଝୀ ଉପଦେଷ୍ଟା, ସମ୍ପାଦକ ମୀନକେତନ ଦଳପତି, କୋଷାଧକ୍ଷ ପଦ୍ମ ଲୋଚନ ନାଏକ, ଅନନ୍ତ ଶବର, କୈଳାଶ ଭୋଇ, ବାଲେଶ୍ୱର ମାଝୀ, ବିଜୟ ଯାନୀ ମହେନ୍ଦ୍ର ମାଝୀ, ଜୀର୍ଣ୍ଣଭୋଇ, ଯୋଗେନ୍ଦ୍ର ମାଝୀ ଜୋତିଶ ମାଝୀ, ସମୂହ ଉପସ୍ଥିତ ଥିଲେ ସଭାରେ ହରେକୃଷ୍ଣ ମାଝୀ ସଭା ପରିଚାଳନା କରିଥିବା ବେଳେ ଶେଷରେ ବାଲେଶ୍ୱର ମାଝୀ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

## ଭୂତ କୋଠୀ ପାଲଟିଛି କେଗାଁ ରାଜସ୍ୱ ବିଭାଗ ବଙ୍ଗଳା



### ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିବାକୁ ଦାବି


ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : ରାଜ୍ୟ ରାଜ କୋଷରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି ରାଜ୍ୟ ରାଜସ୍ୱ ବିଭାଗ କିନ୍ତୁ ରାଜସ୍ୱ ବିଭାଗ ଅଧିକାରୀଙ୍କ ଖମଖିଆଲି ମନୋଭାବ ତଥା ଆନ୍ତରିକତାର ଅଭାବ ଯୋଗୁଁ ସରକାରୀ ଜିନିଷରେ ନଷ୍ଟ ହୋଇ ପଡୁଥିବା ନଜରକୁ ଆସୁଥିବା ବେଳେ କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ବ୍ଲକ କେଗାଁଠାରେ ଥିବା ରାଜସ୍ୱ ବିଭାଗର ବଙ୍ଗଳା ନିଜର ଅସ୍ତିତ୍ୱ ହରାଇ ଭୁତ କୋଠୀ ପାଲଟିଛି। ଦିନ ଥିଲା ରାଜା ରାଜୁଡା ଲୋକେ, ନେତା, ମନ୍ତ୍ରୀ, ଅଫିସର କେଗାଁ ଅଞ୍ଚଳକୁ ଆସିଲେ ଦିନ ହେଉ ବା ରାତ୍ରୀ ଏହି ବଙ୍ଗଳା ଆତିଥ୍ୟ ପ୍ରଦାନ କରିଛି। ବହୁ ପୁରାତନ ଏହି ବଙ୍ଗଳା ବର୍ତ୍ତମାନ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତାର ଅଭାବ ଯୋଗୁଁ ନିଜର ଅସ୍ତିତ୍ୱ ହରାଉଛି। ଜିଲ୍ଲାର ଏହି ଅଞ୍ଚଳର ବିଗତ ଦିନରେ ଦୁର୍ଗମ ଥିବା ବେଳେ ନେତା, ମନ୍ତ୍ରୀ ଓ ଅଫିସରମାନେ ଏହି ଅଞ୍ଚଳକୁ ଆସୁଥିବା ବେଳେ ଏଠାରେ ରାତ୍ରୀ ଯାପନ ପାଇଁ ଏକ ବଙ୍ଗଳାର ରହିବାର ହୃତବୋଧ କରି ସ୍ୱାଧିନତା ସମୟରେ ଏହି ବଙ୍ଗଳା ନିର୍ମାଣ କରାଯାଇଥିଲା। ବର୍ତ୍ତମାନ ଉକ୍ତ ବଙ୍ଗଳରା ରକ୍ଷଣା ବେକ୍ଷଣ ପାଇଁ କାହାରିକି ନିଯୁକ୍ତି ଦିଆଯାଇ ନଥିବା ବେଳେ ସ୍ଥାନୀୟ କେଗାଁ ରାଜସ୍ୱ ବିଭାଗ ପକ୍ଷରୁ ବଙ୍ଗଳା ଗେଟରେ ଏକ ତାଲା ଝୁଲାଇ ଦିଆଯାଇଛି କିନ୍ତୁ ରାଜସ୍ୱ ବିଭାଗ ପକ୍ଷରୁ ବଙ୍ଗଳା ପରିଶରରେ ସଫେଇ କରାଯାଉନଥିବା ବେଳେ ବଙ୍ଗଳା ମଧ୍ୟରେ ଛୋଟ ବଡ ଗଛ ଉଠିବା ସହିତ ସାରିସୃପର ରହଣୀ ସ୍ଥଳି ପଲଟିଛି। ଏପରିକି ବଙ୍ଗଳାକୁ ମଧ୍ୟ ସଫା କରାଯାଉନଥିବାରୁ ବଙ୍ଗଳାଟି ଅପରିଷ୍କାର ଦେଖାଯିବା ସହିତ ଭୂତ କୋଠୀ ପାଲଟିଛି। ବିଗତ ଦିନରେ ୨/୩ ଥର ଉକ୍ତ ବଙ୍ଗଳାର ମରାମତି ହୋଇଥିବା ବେଳେ ବଙ୍ଗଳା ତାର ପୂର୍ବ ସୌନ୍ଦର୍ଯ୍ୟ ଫେରି ପାଇଥିଲା। କିନ୍ତୁ ବର୍ତ୍ତମାନ ୫ ବର୍ଷ ହେଲା ବଙ୍ଗଳାର ରକ୍ଷଣା ବେକ୍ଷଣ ଅଭାବ ଯୋଗୁଁ ତାହା ଭୂତକୋଠୀ ପରି ପଡି ରହିବା ଘଟଣା ସ୍ଥାନୀୟ ଲୋକେ ସହଜରେ ଗ୍ରହଣ କରି ପାରୁ ନାହାନ୍ତି। ସ୍ଥାନୀୟ ଲୋକେ ଅନେକବାରେ ରାଜସ୍ୱ ବିଭାଗକୁ ଏ ସଂକ୍ରାନ୍ତରେ ଦୃଷ୍ଟି ଆକର୍ଷଣ କଲେ ସୁଦ୍ଧା କୌଣସି ସୁଫଳ ମିଳୁନଥିବାରୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବୀ ହେଉଛି। ଏସଂକ୍ରାନ୍ତରେ ଗୋଲାମୁଣ୍ଡା ତହସିଲଦାର ମନିଷ ଦାସଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ମୋବାଇଲ ନଲାଗିବାରୁ ତାଙ୍କର ମତାମତ ମଳିପାରି ନାହିଁ। ପୂର୍ତ୍ତ ବିଭାଗ ଅନେକ ବଙ୍ଗଳାର ରକ୍ଷଣାବେକ୍ଷଣ କରି କରୁଥିବା ବେଳେ ଏହି ବହୁ ପରୁତନ ବଙ୍ଗଳାର ପୁନଃରୁଦ୍ଧାର ପାଇଁ ଏହାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ରାଶିଫଳ


ମଙ୍ଗଳବାର, ୧୨ ଅଗଷ୍ଟ ୨୦୨୫



**ମେଷ:** କାର୍ଯ୍ୟକ୍ଷେତ୍ରରେ ଏକ ଉତ୍ତମ ପରିବେଶରେ ବାସ କରି ବହୁତ ଖୁସି ହେବେ। ଚାକିରୀରେ ପଦୋନ୍ନତିର ସମ୍ଭାବନା ରହିଛି। କାର୍ଯ୍ୟାଳୟର ଉଚ୍ଚ ପଦାଧିକାରୀମାନେ ଆପଣଙ୍କ କାର୍ଯ୍ୟକୁ ପ୍ରଶଂସା କରିବେ। ପରିବାରରେ ଆନନ୍ଦର ବାତାବରଣ ରହିବ। ମା'ଙ୍କଠାରୁ ଲାଭ ମିଳିବ।



**ବୃଷ:** ଆଜି ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଅନେକ ଥକ୍କା ଏବଂ ଅଳସୁଆ ଅନୁଭବ କରିବେ। ଯେଉଁଥିପାଇଁ ଉତ୍ସାହର ଅଭାବ ରହିବ। ଏହାର ପ୍ରଭାବ ବାଣିଜ୍ୟିକ କ୍ଷେତ୍ରରେ ଦେଖାଯିବ ଏବଂ ଏହା ସମସ୍ୟା ସୃଷ୍ଟି କରିପାରେ। ଉଚ୍ଚ ପଦାଧିକାରୀଙ୍କ ଆଚରଣ ଆପଣଙ୍କ ପ୍ରତି ନକାରାତ୍ମକ ହେବ।



**ମିଥୁନ:** ଆଜି ଆପଣଙ୍କୁ କୌଣସି ନୂତନ କାର୍ଯ୍ୟ ଆରମ୍ଭ ନ କରିବାକୁ ଏବଂ ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ପ୍ରତିକ୍ରିୟାଶୀଳ ହେବାକୁ ପରାମର୍ଶ ଦିଆଯାଇଛି। କଫ ଏବଂ ପେଟ ସମ୍ବନ୍ଧୀୟ ରୋଗ ଆପଣଙ୍କୁ କଷ୍ଟ ଦେଇପାରେ। ଜଳ କ୍ଷେତ୍ରଠାରୁ ଦୂରରେ ରୁହନ୍ତୁ।



**କର୍କଟ:** ଆଜି ଦୈନନ୍ଦିନ କାର୍ଯ୍ୟ ସହିତ, ଆପଣ ମନୋରଞ୍ଜନ ଏବଂ ସଭାରେ ସମୟ ବିତାଇବେ। ଆପଣ ସ୍ୱାଦିଷ୍ଟ ଖାଦ୍ୟ ପାଇବେ ଏବଂ ସାଙ୍ଗମାନଙ୍କ ସହିତ ବୁଲିବାକୁ ଯିବେ। ଆପଣ ବିପରୀତ ଲିଙ୍ଗ ସାଙ୍ଗମାନଙ୍କ ସହିତ ଏକ ଭଲ ସମୟ ଅତିବାହିତ କରିବେ। ଶକ୍ତିଶାଳୀ ଧନ ହେଉଛି ଲାଭର ପରିମାଣ। ଆପଣଙ୍କର ବ୍ୟବସାୟ ବଢିବ।



**ସିଂହ:** କାର୍ଯ୍ୟରେ ସଫଳତା ପାଇବା ପାଇଁ ଆଜି ସର୍ବୋତ୍ତମ ଦିନ। ଆପଣ କରିଥିବା କାର୍ଯ୍ୟ ଦ୍ୱାରା ଆପଣ ଖ୍ୟାତି ପାଇବେ। ପରିବାରରେ ଏକ ଆନ୍ତରିକ ପରିବେଶ ରହିବ। ଶରୀର ଏବଂ ମନ ସହିତ ତୁମେ ସତେଜତା ଏବଂ ଆନନ୍ଦ ଅନୁଭବ କରିବ।




**କନ୍ୟା:** ଆଜି ଆପଣଙ୍କର କଳ୍ପନା ଶକ୍ତି ପୁରା ଭଲ ରହିବ। ସାହିତ୍ୟ ସୃଷ୍ଟି ପାଇଁ ଆଜି ଏକ ଭଲ ଦିନ। ଛାତ୍ରମାନେ ଶିକ୍ଷଣରେ ଭଲ ପ୍ରଦର୍ଶନ କରିବାକୁ ସମର୍ଥ ହେବେ। ଭାବପ୍ରବଣତା ଏବଂ ଯୌନତା ଆପଣଙ୍କ ପ୍ରକୃତିରେ ଅଧିକ ରହିବ। ପେଟ ଯନ୍ତ୍ରଣା ହେବାର ସମ୍ଭାବନା ଅଛି। ମନରେ ଭୟ ରହିବ। ମାନସିକ ସନ୍ତୁଳନ ବଜାୟ ରଖନ୍ତୁ।



**ତୁଳା:** ଆଜି ଆପଣଙ୍କର ବହୁତ ଭାବନା ରହିବ, ଯେଉଁ କାରଣରୁ କାହାର ଶବ୍ଦ କିମ୍ବା ଆଚରଣ ଦ୍ୱାରା ଆଘାତ ପାଇପାରନ୍ତି। ମାତାର ସ୍ୱାସ୍ଥ୍ୟ ଖରାପ ହେତୁ ବହୁତ ବିବ୍ରତ ହେବେ। ଆପଣଙ୍କର ଆତ୍ମ ସମ୍ମାନ ଆଘାତ ପାଇପାରେ। ଦୋଷତ୍ରୁଟି ଅନୁଭବ କରିବେ।



**ବିଛା:** ଆଜି ବହୁତ ଭାବପ୍ରବଣ ଏବଂ ସମ୍ବେଦନଶୀଳ ହେବ, ଯେଉଁଥିପାଇଁ ତୁମର କଳ୍ପନା ଏବଂ ସୃଜନଶୀଳତା ଉତ୍ପନ୍ନ ହେବ। ଆପଣ ଆଜି ସାହିତ୍ୟ ଲେଖା ଏବଂ କଳା କ୍ଷେତ୍ରରେ ସହଯୋଗ କରିବାକୁ ସମର୍ଥ ହେବେ। ପରିବାର ସଦସ୍ୟ ବିଶେଷ କରି ମା ସହିତ ସମ୍ପର୍କ ବୃଦ୍ଧି ପାଇବ। ସେଠାରେ ଛୋଟ ଯାତ୍ରା କିମ୍ବା ଭ୍ରମଣ ହୋଇପାରେ। ଆର୍ଥିକ ବିଷୟ ଉପରେ ଧ୍ୟାନ ଦେବେ।



**ଧନୁ:** ଆଜି ପ୍ରାରମ୍ଭରେ ଅସୁବିଧା ହୋଇପାରେ, ଆପଣଙ୍କର ନିର୍ଦ୍ଧାରିତ କାର୍ଯ୍ୟ ସମାପ୍ତ ହେବ ଏବଂ ଯାହା ବହୁତ ଖୁସି କରିବ। ଆର୍ଥିକ ଯୋଜନା ହେତୁ, ଆପଣଙ୍କର ଅନେକ ଅସୁବିଧା କମିବା ଆରମ୍ଭ କରିବ। ଚାକିରି ବ୍ୟବସାୟରେ ଆପଣଙ୍କର ସହକର୍ମୀମାନେ ସମର୍ଥିତ ହେବେ। ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ସାକ୍ଷାତ କରିବା ଆପଣଙ୍କ ଖୁସି ବଢାଇବ।



**ମକର:** ଆଜି ଆପଣଙ୍କର ବନ୍ଧୁ, ପରିବାର ସହିତ ଆପଣଙ୍କ ଦିନ ବହୁତ ଭଲ ହେବ। ସେମାନଙ୍କଠାରୁ ଉପହାର ଆପଣଙ୍କ ଖୁସିକୁ ଦ୍ୱିଗୁଣିତ କରିବ। ଭ୍ରମଣ ପାଇଁ ଏକ କାର୍ଯ୍ୟକ୍ରମ ହେବ ଏବଂ ସ୍ୱାଦିଷ୍ଟ ଖାଦ୍ୟ ପାଇବାର ସୁଯୋଗ ମିଳିବ। ଆଜି ଭଲ ଖବର ପାଇବେ ଏବଂ ଆର୍ଥିକ ଲାଭ ମଧ୍ୟ ଉପଲବ୍ଧ ହେବ। ନିଜ ସାଥୀଙ୍କ ସହିତ ଭଲ ସମୟ ଅତିବାହିତ କରନ୍ତୁ।



**କୁମ୍ଭ:** ଆଜି ଆପଣଙ୍କୁ କୋର୍ଟ ମାମଲା ଠାରୁ ଦୂରରେ ରହିବାକୁ ପରାମର୍ଶ ଦିଆଯାଇଛି। ମନରେ ଅସ୍ଥିରତା ରହିବ ଏବଂ ବିଭିନ୍ନ ଚିନ୍ତା ସୃଷ୍ଟି କରିବ। ସ୍ୱାସ୍ଥ୍ୟ ଖରାପ ହୋଇପାରେ। ବକ୍ତବ୍ୟ ଏବଂ ଆଚରଣରେ ନିଜକୁ ସଂଯମ କରିବା ଆବଶ୍ୟକ, ନଚେତ୍ କାହା ସହିତ କଳହ ହୋଇପାରେ। ଆଜି ଆପଣ ବହୁତ ଭାବପ୍ରବଣ ହେବେ। ଖର୍ଚ୍ଚ ପରିମାଣ ଅଧିକ ହେବ।



**ମୀନ:** ଆଜି, ଆପଣ ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଏବଂ ଲାଭ ପାଇବେ। ଲକ୍ଷ୍ମୀଜୀଙ୍କ ଆଶୀର୍ବାଦ ଆପଣଙ୍କ ଉପରେ ରହିବ। ପୁରୁଣା ସାଙ୍ଗମାନଙ୍କ ସହିତ ଆପଣ ଦିନକୁ ଉପଭୋଗ କରିବେ। ଏକ ଭ୍ରମଣ ଯାଇପାରନ୍ତି। ଆଜି ପତ୍ନୀ ଏବଂ ପିଲାମାନଙ୍କ ସହିତ ଭଲ ସମୟ କଟାନ୍ତୁ। ଆପଣ ବିବାହିତ ଜୀବନରେ ଆନନ୍ଦ ପାଇବେ।



ସଙ୍କଳନ ଓ ପ୍ରସ୍ତୁତି


ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯